ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 8/2023 Page 16 ₹ 7.00

୪୯ଶ ଭାଗ ୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 46 ମୂଲ୍ୟ₹୭/-





# Air Connectivity in Odisha gets a major boost under UDAN scheme of Government of India

*"Aviation was once considered as the domain of a select few, but that has changed now with the advent of 'UDAN'. A common man who travels in 'Hawai Chappal' should also be seen in 'Hawai Jahaz'. This is my dream."*

Narendra Modi,
Prime Minister of India

## SAIL's Rourkela Airport operationalised

### Flights on Rourkela-Bhubaneswar-Rourkela route have been started by Alliance Air

- The Rourkela Airport has been revived with allocation of more than Rs. 64 Crore through Ministry of Civil Aviation under the *UDAN* scheme
- Rourkela-Kolkata route has also been awarded for operationalisation under *UDAN*
- Rourkela Airport is open for connecting all other cities of the country

## Thank you Shri Narendra Modi, Prime Minister of India for the visionary leadership

SAIL thanks Shri Jyotiraditya M Scindia, Union Minister for Civil Aviation and Steel for operationalization of the airport and guidance and Shri Dharmendra Pradhan, Minister of Education and Minister of Skill Development & Entrepreneurship for the support. SAIL also thanks the Government of Odisha for the help.



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩

**ଛାତ୍ରଙ୍କୁ ୧ କି.ମି. ଘୋଷାଡ଼ିନେଲା କାର୍**

ଉତ୍ତର ପ୍ରଦେଶର ହାର୍ଦୋଇରେ ୧୫ ବର୍ଷର ଛାତ୍ରଙ୍କୁ କାର୍ ୧ କି.ମି. ଦୂର ଘୋଷାଡ଼ି ନେଇଛି। ୯ମ ଶ୍ରେଣୀ ଛାତ୍ର କେତନ କୋଚିଂ ଯାଉଥିବା ବାଟରେ ତାଙ୍କ ସାଇକେଲ ଏକ କାର୍ ସହ ପିଟି ହୋଇଯାଇଥିଲା। ସେ ଖସିପଡ଼ିବାରୁ ଗୋଡ଼ କାର୍‌ରେ ଫସିଯାଇଥିଲା। କାର୍ ଡ୍ରାଇଭର କେତନଙ୍କୁ ପାଖାପାଖି ୧ କି.ମି. ଘୋଷାଡ଼ି ନେଇଥିବାବେଳେ କେତେଜଣ ଲୋକେ କାର୍‌ର ପିଛାକରି ତାକୁ ଅଟକାଇଥିଲେ। ଉତ୍ତେଜିତ ଲୋକେ କାର୍ ଚାଳକଙ୍କୁ ପିଟିଥିବାବେଳେ ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ଶାନ୍ତ କରିଥିଲା।



## ସଂକ୍ଷେପରେ

### ପଞ୍ଜାବ ମନ୍ତ୍ରୀ ଫୌଜ ସିଂଙ୍କ ଇସ୍ତଫା

**ବଲବୀର ସିଂ ନୂଆ ମନ୍ତ୍ରୀ**


ଫୌଜ ସିଂ ସରାର

**ଚଣ୍ଡିଗଡ଼,୭।୧:** ଦୁର୍ନୀତିରେ ସମ୍ପୃକ୍ତ ଅଭିଯୋଗରେ ପଞ୍ଜାବ ଉଦ୍ୟାନ କୃଷିମନ୍ତ୍ରୀ ଫୌଜ ସିଂ ସରାରି ଶନିବାର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। କିଛି ମାସ ତଳେ ସେ ଏକ ବଟି ଆଦାୟ ଡିଲ୍ ଧାର୍ଯ୍ୟ କରୁଥିବାର ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ପ୍ରଘଟ ହେବା ପରେ ବିବାଦ ଘେରକୁ ଆସିଥିଲେ। ଫୌଜ ସିଂଙ୍କ ଇସ୍ତଫା ପତ୍ରକୁ ମୁଖ୍ୟମନ୍ତ୍ରୀ ମାନ୍ ଗ୍ରହଣ କରିନେଇଛନ୍ତି। ଫୌଜ ସିଂ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି। ତେବେ ସେ ଦଳର ଜଣେ ଅନୁଗତ ସୈନ୍ୟ ଥିଲେ ଓ ରହିବେ ବୋଲି କହିଛନ୍ତି। ଅବସରପ୍ରାପ୍ତ ପୋଲିସ ଅଫିସର ଫୌଜ ସିଂ ଫିରୋଜପୁରର ଗୁରୁ ହର ସହାଇ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଫୌଜ ସିଂଙ୍କ ଇସ୍ତଫା ପରେ ପଟିଆଲା ଗ୍ରାମାଞ୍ଚଳ ଆସନର ଏଏପି ବିଧାୟକ ଡ. ବଲବୀର ସିଂଙ୍କୁ ଶନିବାର ନୂଆ ମନ୍ତ୍ରୀ ଭାବେ କ୍ୟାବିନେଟରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମାନ୍‌ଙ୍କ ଉପସ୍ଥିତିରେ ରାଜ୍ୟପାଳ ଭୱାଁରିଲାଲ ପୁରୋହିତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଆଖି ଡାକ୍ତର ବଲବୀର କଂଗ୍ରେସ ନେତା ବ୍ରହ୍ମ ମହିନ୍ଦ୍ରାଙ୍କ ପୁଅ ମୋହିତ ମହିନ୍ଦ୍ରାଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

### ବିରିୟାନି ଖାଇ ଯୁବତୀଙ୍କ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ

**ଥିରୁଭାନନ୍ତପୁରମ, ୭।୧:** କେରଳ ପେରୁମ୍ବଲାରେ କୁଝିମନ୍ଠି (କେରଳରେ ମିଳୁଥିବା ବିରିୟାନି) ଖାଇ ଯୁବତୀଙ୍କ ମୃତ୍ୟୁ ଘଟିଛି। ଗତ ଡିସେମ୍ବର ୩୧ରେ ଅଞ୍ଜୁ ଶ୍ରୀପାର୍ବତୀ ଅନ୍‌ଲାଇନ୍‌ରେ ରୋମାନ୍ସିଆ ରେଷ୍ଟୁରାଣ୍ଟରୁ ବିରିୟାନି ମଗେଇ ଖାଇଥିବା ପୋଲିସ କହିଛି। ଶନିବାର ସକାଳେ ଅଞ୍ଜୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ଘର ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଅଞ୍ଜୁଙ୍କ ଘରଲୋକ ଥାନାରେ ଅଭିଯୋଗ କରିଥିଲେ। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ଛାତ୍ରୀଙ୍କୁ ଲଭ୍ ଲେଟର ଦେଇ ଶିକ୍ଷକ ନିଲମ୍ବିତ

**କାନ୍ନୁଜ, ୭।୧:** ଉତ୍ତର ପ୍ରଦେଶ ବଲ୍ଲାରପୁରର ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଲଭ୍ ଲେଟର ଲେଖିଥିବା ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ସମ୍ପୃକ୍ତ ଶିକ୍ଷକ ହରିଓମ୍ ସିଂଙ୍କ ବିରୋଧରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଡିସେମ୍ବର ୩୦ରେ ହରିଓମ୍ ଛାତ୍ରୀଙ୍କୁ ଏକ ଗ୍ରୀଟିଙ୍ଗସ୍ କାର୍ଡ ଦେଇଥିଲେ। ସେ ଘରକୁ ଯାଇ ଦେଖିଲାବେଳେକୁ ସେଥିରେ ଶିକ୍ଷକ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ପରେ ଜିଲା ଶିକ୍ଷା ଅଧିକାରୀ କୌସ୍ତୁଭ ସିଂ ହରିଓମ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ବିଇଓ ଘଟଣାର ତଦନ୍ତ କରୁଛନ୍ତି।

# ମେକାର୍ଥି ହାଉସ୍ ସ୍ପିକର

**ୱାଶିଂଟନ,୭।୧**

■ବିବାଦ ମଧ୍ୟରେ ୧୫ତମ ଭୋଟରେ ଜିତିଲେ

■ଚାଇନା କମ୍ୟୁନିଷ୍ଟ ପାର୍ଟିର ଉତ୍‌ଥାନ ରୋକିବାକୁ ପ୍ରତିଶ୍ରୁତି


କେଭିନ୍ ମେକାର୍ଥି

ବହୁ ବାଦବିବାଦ ମଧ୍ୟରେ ରିପବ୍ଲିକାନ ସଦସ୍ୟ କେଭିନ୍ ମେକାର୍ଥି ଆମେରିକା ପ୍ରତିନିଧି ସଭାର ୫୫ତମ ସ୍ପିକର ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ମଧ୍ୟରାତ୍ର ପରେ ଐତିହାସିକ ୧୫ତମ ଭୋଟରେ ମେକାର୍ଥିଙ୍କୁ ଗୃହର ପ୍ରଭାବଶାଳୀ ପଦବୀକୁ ନିର୍ବାଚିତ କରାଯାଇଛି। ଫଳରେ କିଛିଦିନ ହେଲା ଦେଶର ରାଜନୀତିରେ ଦେଖାଦେଇଥିବା ଅଚଳାବସ୍ଥାର ଅବସାନ ହେବା ଆଶା କରାଯାଉଛି।

ଡେମୋକ୍ରାଟିକ୍ ପାର୍ଟିର ୮୨ ବର୍ଷୀୟ ସ୍ପିକର ନାନ୍ସି ପେଲୋସିଙ୍କ ସ୍ଥାନ ନେଇଛନ୍ତି ୫୭ ବର୍ଷୀୟ ରିପବ୍ଲିକାନ୍ ପ୍ରାର୍ଥୀ ମେକାର୍ଥି। ଗତ ନଭେମ୍ବର ୮ରେ ଅନୁଷ୍ଠିତ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ସଂଖ୍ୟାଗରିଷ୍ଠତା ହରାଇଥିଲା। ୪୩୫ ଆସନ ବିଶିଷ୍ଟ ହାଉସ୍‌ରେ ରିପବ୍ଲିକାନ୍ ୨୨୨ ଆସନ ଜିତିଥିବାବେଳେ ଡେମୋକ୍ରାଟିକ୍ ପାର୍ଟିକୁ ୨୧୨ ଆସନ ମିଳିଥିଲା। ଗତ ବିଳମ୍ବିତ ରାତିରେ ୧୫ତମ ପର୍ଯ୍ୟାୟ ଭୋଟରେ ୫୨ ବର୍ଷୀୟ ହାକିମ୍ ସେକୋଉ ଜେଫ୍ରିସ୍‌ଙ୍କୁ ମେକାର୍ଥି ୨୧୬-୨୧୨ ଭୋଟରେ ହରାଇଥିଲେ। ସ୍ପିକର ନିର୍ବାଚନ ପାଇଁ ଏହା ଥିଲା ଦୀର୍ଘତମ ପ୍ରତିଦ୍ୱନ୍ଦ୍ୱିତା। ରିପବ୍ଲିକାନ୍‌ର ୬ ଜଣ ବିଦ୍ରୋହୀ ସଦସ୍ୟ ମେକାର୍ଥିଙ୍କ ସପକ୍ଷରେ ଭୋଟ ନ ଦେଇ 'ଉପସ୍ଥିତ' ଲେଖିବାରୁ ମ୍ୟାଜିକ୍ ସଂଖ୍ୟା ୨୧୮ରୁ ୨୧୫କୁ ହ୍ରାସ ପାଇଥିଲା। ଏହା ପୂର୍ବରୁ ଆମେରିକା ଇତିହାସରେ ସବୁଠୁ ଦୀର୍ଘତମ ଭୋଟିଂ ୧୮୫୫ରେ ହୋଇଥିଲା। ସେତେବେଳେ ସ୍ପିକର ନିର୍ବାଚନ ଲାଗି ୨ ମାସରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ୧୩୩ ଥର ଭୋଟିଂ କରାଯାଇଥିଲା।

ସ୍ପିକର ଦୌଡ଼ରେ ମେକାର୍ଥି ଆଗରେ ରହିଥିଲେ ମଧ୍ୟ ତାଙ୍କୁ ଦଳ ଭିତରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶୁକ୍ରବାର ମଧ୍ୟରାତ୍ର ପୂର୍ବରୁ ୧୪ତମ ରାଉଣ୍ଡରେ ଜିତିଯିବେ ବୋଲି ମେକାର୍ଥି ଆଶାବାଦୀ ଥିଲେ। ୪୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଭୋଟ ଦେଇଥିଲେ ମଧ୍ୟ ମେକାର୍ଥିଙ୍କର ଗୋଟିଏ ଭୋଟ କମ୍ ହୋଇଥିଲା। ତୀବ୍ର ବିରୋଧୀ ଭାବେ ଜଣାଶୁଣା ମାଟ୍ଟ ଗେଟ୍‌ଜ ତାଙ୍କ ସପକ୍ଷରେ ୧୪ ଓ ୧୫ତମ ରାଉଣ୍ଡରେ ଭୋଟ ଦେବାକୁ ମନା କରିଦେଇଥିଲେ। ସେ କାହା ସପକ୍ଷରେ ଭୋଟ ନ ଦେଇ 'ଉପସ୍ଥିତ' ବୋଲି ଲେଖିଥିଲେ। ଅନ୍ୟ ୫ ଜଣ ବିଦ୍ରୋହୀ ସଦସ୍ୟ ମଧ୍ୟ ଅନୁରୂପ ପଦକ୍ଷେପ ନେଇଥିଲେ। ଚତୁର୍ଦ୍ଦଶ ରାଉଣ୍ଡ ଭୋଟିଂ ପରେ ମେକାର୍ଥି ଗେଟ୍‌ଜଙ୍କ ପାଖକୁ ଯାଇ ତାଙ୍କୁ ବୁଝାଶୁଝା କରି ଭୋଟ ଦେବା ଲାଗି ଅନୁରୋଧ କରୁଥିବା ଦେଖାଯାଇଥିଲା। ଏହାକୁ ନେଇ ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସ୍ପିକର ନିର୍ବାଚିତ ହେବା ପରେ ମେକାର୍ଥି ତାଙ୍କର ପ୍ରଥମ ଅଭିଭାଷଣରେ କହିଛନ୍ତି, ଚାଇନା ସହ ଆର୍ଥିକ ପ୍ରତିଯୋଗିତାରେ ଆମେରିକା ବିଜୟୀ ହେବା ସେ ଚାହାନ୍ତି। ଆମେରିକାର ଦୀର୍ଘମିଆଦୀ ଚ୍ୟାଲେଞ୍ଜ ଯଥା ଋଣ ଏବଂ ଚାଇନା କମ୍ୟୁନିଷ୍ଟ ପାର୍ଟିର ଉତ୍‌ଥାନକୁ ରୋକିବା ଲାଗି ଗୃହ କାର୍ଯ୍ୟ କରିବ। ଏହିସବୁ ପ୍ରସଙ୍ଗରେ ଗୃହର ସ୍ୱର ଗୋଟିଏ ହେବ ବୋଲି ସ୍ପିକର କହିଛନ୍ତି। ଚାଇନାକୁ ଚାଲିଯାଉଥିବା ଲକ୍ଷ ଲକ୍ଷ ନିଯୁକ୍ତିକୁ କିପରି ଛଡ଼ାଇ ଅଣାଯାଇପାରିବ, ତାହା ଅନୁଧ୍ୟାନ କରିବାକୁ ଏକ ଦ୍ୱିଦଳୀୟ ଚୟନ କମିଟି ଗଠନ କରାଯିବ। ଏହାଦ୍ୱାରା ଚାଇନା ବିରୋଧରେ ଅର୍ଥନୈତିକ ଲଢ଼େଇ ଜିତାଯାଇପାରିବ ବୋଲି ମେକାର୍ଥି କହିବା ବେଳେ ଗୃହର ସଦସ୍ୟମାନେ ଏହାର ପ୍ରଶଂସା କରିଥିଲେ।

## ସିଜେଆଇଙ୍କୁ ଗ୍ଲୋବାଲ ଲିଡରଶିପ୍ ଆୱାର୍ଡ


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

**ନୂଆଦିଲ୍ଲୀ,୭।୧**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ହାର୍ଭାର୍ଡ ଲ' ସ୍କୁଲ୍ ସେଣ୍ଟର ଗ୍ଲୋବାଲ ଲିଡରଶିପ୍ ଆୱାର୍ଡ ପ୍ରଦାନ କରିବାକୁ ଯାଉଛି। ଆସନ୍ତା ୧୧ ତାରିଖରେ ଏକ ଅନ୍‌ଲାଇନ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ। ଦେଶ ତଥା ସାରା ବିଶ୍ୱରେ ଆଇନ ଅଧିବସାୟ ପ୍ରତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କର ଜୀବନବ୍ୟାପୀ ସେବାର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପାଇଁ ଚୟନ କରାଯାଇଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଆମେରିକାର ହାର୍ଭାର୍ଡ ଲ' ସ୍କୁଲ୍‌ରୁ ଜୁରିଡିକାଲ ସାଇନ୍ସେସ୍‌ରେ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ଓ ଡକ୍ଟରେଟ୍ ହାସଲ କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଗତବର୍ଷ ନଭେମ୍ବର ୯ରେ ଭାରତର ୫୦ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ।

## ଜୋଶୀମଠରୁ ଲୋକଙ୍କୁ ସ୍ଥାନାନ୍ତର


ଜୋଶୀମଠ ସହରରେ ମାଟି ଦବିଯିବାରୁ ଏକ ଘର ଭୂଶୁଡ଼ି ପଡିଛି।

**ନୂଆଦିଲ୍ଲୀ,୭।୧**

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ଜୋଶୀମଠ ସହର ଦବୁଥିବାରୁ ପାଖାପାଖି ୬୦୦ ଘରେ ଏବଂ ରାସ୍ତାରେ ବିପଜ୍ଜନକ ଫାଟ ସୃଷ୍ଟି ହୋଇଛି। ଗୋଟିଏ ମନ୍ଦିର ଓ କେତେକ ଘର ଭୁଶୁଡ଼ି ପଡ଼ିଥିବାବେଳେ ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଶନିବାର ଜୋଶୀମଠ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ଡେଞ୍ଜର ଜୋନ୍ (ବିପଜ୍ଜନକ ଅଞ୍ଚଳ)ରେ ରହିଥିବା ୬୦୦ ପରିବାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ବିସ୍ଥାପନ କରାଯାଉଛି। ଏଥିପାଇଁ ହେଲିକପ୍ଟରକୁ ଷ୍ଟାଣ୍ଡବାଏ ରଖାଯାଇଛି। ଭୂବିଜ୍ଞାନୀମାନେ ମାଟି ଦବିବା ଘଟଣାର ଅନୁଧ୍ୟାନ କରୁଛନ୍ତି। ବିଶେଷଜ୍ଞ କମିଟି ଜନବସତି ଅଞ୍ଚଳରେ ଭୂମି ଦବିବା, ଘର, ରାସ୍ତାଘାଟରେ ଫାଟ ସୃଷ୍ଟି ହେବାର କାରଣ ଖୋଜିବେ। ସ୍ଥିତି ଅନୁଧ୍ୟାନ ପରେ ଜୋଶୀମଠ ଅଞ୍ଚଳର ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ଦୀର୍ଘମିଆଦୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହେବ ବୋଲି ଧାମି କହିଛନ୍ତି।

## ଇରାନରେ ଆଉ ୨ ଜଣଙ୍କୁ ଫାଶୀ

**ଦୁବାଇ,୭।୧**

**ସରକାର ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଅଟକଥିଲେ**

ଇରାନରେ ହିଜାବ ବିବାଦ ପରେ ଦେଶର ଧର୍ମତନ୍ତ୍ରକୁ ଚ୍ୟାଲେଞ୍ଜ କରି ଚାଲିଥିବା ସରକାର ବିରୋଧୀ ଆନ୍ଦୋଳନକୁ ଚପାଇଦେବା ପାଇଁ ଶନିବାର ଆଉ ୨ ଜଣଙ୍କୁ ଫାଶୀ ଦିଆଯାଇଛି। ସେମାନେ ସରକାର ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ସୁରକ୍ଷା ବଳ ଦ୍ୱାରା ଅଟକ ରହିଥିଲେ। ବିକ୍ଷୋଭ ବେଳେ ଅର୍ଦ୍ଧସାମରିକ ସ୍ୱେଚ୍ଛାସେବୀଙ୍କୁ ହତ୍ୟା କରିବା ଅଭିଯୋଗରେ ସେମାନଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା ବୋଲି ଇରାନ କହିଛି। ଫାଶୀ ପାଇଥିବା ୨ ଜଣ ହେଲେ ମହମ୍ମଦ ମେହଦି କରାମି ଏବଂ ମହମ୍ମଦ ହୋସେଇନି। ଏମାନଙ୍କୁ ମିଶାଇ ସରକାରଙ୍କ ବିରୋଧରେ ଆନ୍ଦୋଳନରେ ସମ୍ପୃକ୍ତ ମୋଟ ୪ ଜଣଙ୍କୁ ଫାଶୀ ଦିଆଗଲାଣି। ମହସା ଅମିନିଙ୍କ ମୃତ୍ୟୁ ପରେ ଗତବର୍ଷ ସେପ୍ଟେମ୍ବରରେ ଇରାନରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ରୁଦ୍ଧଦ୍ୱାର ଅଦାଲତରେ ବିଚାର କରାଯାଇ ଆନ୍ଦୋଳନକାରୀଙ୍କୁ ଫାଶୀଦେବା ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ନିନ୍ଦା କରାଯାଇଛି।

## ବିମାନରେ ପରିସ୍ରା କରିଥିବା ଅଭିଯୁକ୍ତ ଜେଲ ଗଲେ

**ନୂଆଦିଲ୍ଲୀ,୭।୧**


ଶଙ୍କର ମିଶ୍ରା

ଏୟାର ଇଣ୍ଡିଆ ବିମାନରେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିବା ଅଭିଯୁକ୍ତ ଶଙ୍କର ମିଶ୍ରାଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀ ପୋଲିସ ତାଙ୍କୁ ବେଙ୍ଗାଲୁରୁରୁ ଗିରଫ କରି ଦିଲ୍ଲୀ ଆଣିବା ପରେ କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ୩ ଦିନ ରିମାଣ୍ଡରେ ନେଇ ଜେରା କରିବାକୁ ଦିଲ୍ଲୀ ପୋଲିସ ଆବେଦନ କରିଥିଲା। ତେବେ ଅଦାଲତ ପୋଲିସର ନିବେଦନକୁ ଅଗ୍ରାହ୍ୟ କରିଦେଇ ଶଙ୍କରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଗତ ନଭେମ୍ବର ୨୬ରେ ଏୟାର ଇଣ୍ଡିଆ ବିମାନର ବିଜ୍‌ନେସ କ୍ଲାସ୍‌ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଶଙ୍କର ନିଶାସକ୍ତ ଅବସ୍ଥାରେ ଜଣେ ବୟସ୍କା ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ଗତ ୪ ତାରିଖରେ ପୋଲିସ ତାଙ୍କ ନାମରେ ମାମଲା ଦାଏର କରିଥିଲା। ପରିସ୍ରା କରିବା ମାମଲାରେ ଡିଜିସିଏ ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବାବେଳେ ଇତିମଧ୍ୟରେ ଉକ୍ତ ଏୟାରଲାଇନ୍ସର ୩ ଜଣ କ୍ରିଉ ସଦସ୍ୟ ଜେରାର ସମ୍ମୁଖୀନ ହୋଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଗୁଳିକଲେ ୬ ବର୍ଷୀୟ ଛାତ୍ର

**ନର୍‌ଫକ୍,୭।୧:** ଆମେରିକାର ଭର୍ଜିନିଆସ୍ଥିତ ରିଚ୍‌ନେକ୍ ଏଲିମେଣ୍ଟାରି ସ୍କୁଲ୍‌ରେ ଜଣେ ୬ ବର୍ଷର ଛାତ୍ର ଶୁକ୍ରବାର ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଆହତ ଶିକ୍ଷୟିତ୍ରୀ ଏବେ ଚିକିତ୍ସାଧୀନ ଅଛନ୍ତି। ଫାଷ୍ଟ ଗ୍ରେଡ୍ ଶ୍ରେଣୀରେ ଶିକ୍ଷୟିତ୍ରୀଙ୍କ ସହ ବଚସା ପରେ ଛାତ୍ର ଜଣକ ଗୁଳି ଚଳାଇଥିଲେ ବୋଲି ପୋଲିସ ଓ ସ୍କୁଲ୍ କର୍ମଚାରୀ କହିଛନ୍ତି। ଗୁଳିମାଡ଼ରେ କୌଣସି ପିଲା ଆହତ ହୋଇନାହାନ୍ତି। ଛାତ୍ର ଜଣକ ସ୍କୁଲ୍‌କୁ ହ୍ୟାଣ୍ଡଗନ୍ ଆଣି ଆସିଥିଲେ। ତେବେ ସେ କେଉଁଠୁ ବନ୍ଧୁକ ପାଇଲେ, ତାହା ଉପରେ ପୋଲିସ ତଦନ୍ତ କରୁଛି।

## ବିହାରରେ ଜାତିଭିତ୍ତିକ ଜନଗଣନା ଆରମ୍ଭ


ପାଟନାରେ ଗଣନାକାରୀ ଅଧିକାରୀମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି।

■ସବୁ ସମ୍ପ୍ରଦାୟର ଆର୍ଥିକ ସ୍ଥିତି ଆକଳନ କରିବା ଏହାର ଉଦ୍ଦେଶ୍ୟ: ନୀତୀଶ

■ଐତିହାସିକ ପଦକ୍ଷେପ କହିଲେ ତେଜସ୍ୱୀ

**ପାଟନା,୭।୧**

ବିହାରରେ ଶନିବାରଠାରୁ ବହୁପ୍ରତୀକ୍ଷିତ ଜାତିଭିତ୍ତିକ ଜନଗଣନା ଆରମ୍ଭ ହୋଇଛି। ଗଣନାକାରୀ ଅଧିକାରୀମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ସବୁ ସମ୍ପ୍ରଦାୟର ଆର୍ଥିକ ସ୍ଥିତି ଆକଳନ କରିବା ସହିତ ବିକାଶମୂଳକ କାର୍ଯ୍ୟରେ ସହାୟତା କରିବା ଏହି ଜନଗଣନାର ଉଦ୍ଦେଶ୍ୟ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦୋହରାଇଛନ୍ତି। ଜାତିଭିତ୍ତିକ ଜନଗଣନା ପାଇଁ ଆରମ୍ଭରୁ ଆମେ ଦାବି କରିଆସୁଛୁ। ୨୦୧୧ ଜନଗଣନା ପରେ ସରକାର ଜାତିଭିତ୍ତିକ ଗଣନା ଆରମ୍ଭ କରିଥିଲେ ହେଁ ତାହା ଠିକ୍ ଭାବେ ହୋଇପାରି ନ ଥିଲା। ବିହାରର ସମସ୍ତ ଦଳ ଏକାଠି ବସି ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ଚାହାନ୍ତି ନାହିଁ। ତେବେ କୌଣସି ରାଜ୍ୟ ଏହା କରିବାକୁ ଚାହିଁଲେ କରିପାରିବ ବୋଲି କେନ୍ଦ୍ର କହିଥିଲା। ବିହାରରେ ଜାତିଭିତ୍ତିକ ଜନଗଣନା ଏକ ଐତିହାସିକ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି। ସମାଜର ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ଏଥିରୁ ବିଜ୍ଞାନସମ୍ମତ ତଥ୍ୟ ମିଳିପାରିବ ବୋଲି ଆର୍‌ଜେଡି ନେତା ମତ ଦେଇଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ | Bhubaneswar, Sunday, January 8/2023 | ପୃଷ୍ଠା-୧




## ସାନିଆ ମିର୍ଜାଙ୍କ ଅବସର ନିଷ୍ପତ୍ତି

ଭାରତର ଭେଟେରାନ ମହିଳା ଡବଲ୍ସ ଖେଳାଳି ସାନିଆ ମିର୍ଜା ଟେନିସ୍‌ରୁ ଅବସର ନେବା ଲାଗି ନିଷ୍ପତ୍ତି ନେଇଛନ୍ତି।

୧୪

୦୯

## ରାହା ମାନେ ଖୁସି: ଆଲିଆ

ଝିଅ ରାହାଙ୍କ ନାଁ'ର ମାନେ ଖୁସି ବୋଲି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି କହିଛନ୍ତି।





ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପରିବହନ ମନ୍ତ୍ରୀ ଟୁକୁନି ସାହୁ ରାଉରକେଲାକୁ ବିମାନ ସେବାର ଶୁଭାରମ୍ଭ କରୁଛନ୍ତି।

# ଭୁବନେଶ୍ୱର-ରାଉରକେଲା ବିମାନସେବା ଆରମ୍ଭ

- ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ
- ୧୨ରୁ ଦୈନିକ ଉଡ଼ାଣ କରିବ

**ଭୁବନେଶ୍ୱର, (ବ୍ୟୁରୋ)/ ରାଉରକେଲା ଅଫିସ, ୭।୧**

କେନ୍ଦ୍ର ସରକାରଙ୍କ ଉଡ଼ାନ ଯୋଜନାରେ ଭୁବନେଶ୍ୱର-ରାଉରକେଲା ବିମାନସେବା ଆରମ୍ଭ ହୋଇଛି। ଶନିବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଭର୍ଚୁଆଲରେ ଏହାର ଉଦ୍‌ଘାଟନ କରିଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟାରେ ☞ପୃଷ୍ଠା-୨

# ୪ ଜଣଙ୍କୁ ଦଳିଦେଲା ହାତୀ

**ଶୀତୁଆ ସକାଳ। ଅନ୍ଧାର ମଧ ଛାଡ଼ି ନ ଥିଲା ଭଲଭାବେ। ୪ଟି ଗାଁର ୪ଜଣଙ୍କ ମୃତ୍ୟୁ ଦୂତ ସାଜି ପହଞ୍ଚିଯାଇଥିଲା ଏକ ମାଈହାତୀ। ସମ୍ମୁଖକୁ ଆସିବା ମାତ୍ରେ କରିଥିଲା ଆକ୍ରମଣ। କାହାକୁ ଗୋଡ଼ରେ ଦଳି ଫୋପାଡ଼ି ଦେଇଥିଲା ତ ଆଉ କାହାକୁ ମାରି ଅଧା ଶରୀରକୁ ପୂରାଇ ଦେଇଥିଲା ମାଟିରେ। ମାତ୍ର ୨ ଘଣ୍ଟା ମଧ୍ୟରେ ଅନୁଗୋଳ ବନଖଣ୍ଡର ୪ ଗ୍ରାମରେ ଏପରି ଆତଙ୍କ ଖେଳାଇଥିଲା ଦଳରୁ ଅଲଗା ହୋଇଯାଇଥିବା ୨୦ ବର୍ଷୀୟା ମାଈହାତୀ।**

- ୪ ଗାଁରେ ପଶି ଜୀବନ ନେଲା
- ଅନୁଗୋଳ ବନଖଣ୍ଡରେ ଆତଙ୍କ
- ଚାକିରି, କ୍ଷତିପୂରଣ ଦାବିରେ ଆନ୍ଦୋଳନ
- ବନ ବିଭାଗ ଅବହେଳାକୁ ଦାୟୀ କଲେ ଲୋକେ

**ଅନୁଗୋଳ ଅଫିସ, ୭।୧**

ଅନୁଗୋଳ ବନଖଣ୍ଡରେ ହାତୀକୁ ନେଇ ଶନିବାର ଖେଳିଯାଇଛି ଭୟର ବାତାବରଣ। ଜିଲାର ସଦର ଥାନା ଓ ବଅଁରପାଳ ଥାନା ଅଞ୍ଚଳରେ ପଶି ୪ ଜଣଙ୍କ ଜୀବନ ନେଇଛି ଏକ ମାଈ ହାତୀ। ମୃତକ ହେଲେ ଅନୁଗୋଳ ସଦର ଥାନା ଛେଳିଆପଡ଼ାର ସୁବାସ ସାହୁ(୫୫), ଅଙ୍ଗାରବନ୍ଧର ଅନିରୁଦ୍ଧ ସାହୁ(୫୫), ବାରସିଂହା ଅଞ୍ଚଳର ରମେଶ ଚନ୍ଦ୍ର ସ୍ୱାଇଁ(୬୦) ଓ ବଅଁରପାଳ ଥାନା ଗଡ଼ସନ୍ତ୍ରୀ ଗାଁର ଅଜୟ ସାମଲ(୫୫)। ସକାଳ ୬ଟାରୁ ୮ଟା ମଧ୍ୟରେ ଘଟିଥିବା ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦେଖାଦେଇଛି ତୀବ୍ର ଉତ୍ତେଜନା। ହାତୀ ଉପଦ୍ରବରୁ ଗାଁକୁ ସୁରକ୍ଷା ସହ ଉପଯୁକ୍ତ କ୍ଷତିପୂରଣ, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଦେବା ଆଦି ଦାବି ନେଇ ଅପରାହ୍ନରେ ଆନ୍ଦୋଳନକୁ ଓହ୍ଲାଇଥିଲେ ଲୋକେ। ତେବେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରାଯାଇ ରେଡ୍‌କ୍ରସ୍, ବନ ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ୫୫ ହଜାର ଟଙ୍କା ଏବଂ ସରକାରଙ୍କ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ମଧ୍ୟରୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ଢେଙ୍କାନାଳରୁ ଚାଲି ଆସିଥିବା ୨୫ଟି ହାତୀ ଅନୁଗୋଳ ବନଖଣ୍ଡର ମନ୍ଦରଗିରି ନିକଟରେ ଶୁକ୍ରବାର ରାତିରେ ରହିଥିଲେ। ସେଥିରୁ ଏକ ମାଈ ହାତୀ ଅଲଗା ହୋଇ ଶନିବାର ଭୋର ସାଢ଼େ ୫ଟାରେ ଢେଙ୍କାନାଳ ସୀମାନ୍ତ କଣ୍ଡିଗାଡ଼ିଆ ମୁହାଁ ହୋଇଥିଲା। ତେବେ ମନ୍ଦରଗିରିଠାରୁ ☞ପୃଷ୍ଠା-୨

## ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ମୃତ୍ୟୁ

**ନୂଆଦିଲ୍ଲୀ,୭।୧**

**ଜଙ୍ଗଲ କ୍ଷୟର ଗମ୍ଭୀର ପରିଣାମ**

ଜଙ୍ଗଲ କ୍ଷୟର ଗମ୍ଭୀର ପରିଣାମ ଓଡ଼ିଶା ସମେତ ସାରା ଦେଶରେ ଅନୁଭୂତ ହୋଇଛି। ଜଙ୍ଗଲ ହ୍ରାସ ପାଇବା ଯୋଗୁ ହାତୀଗୁଡ଼ିକ ଜନବସତିମୁହାଁ ହୋଇଛନ୍ତି। ଫଳରେ ଓଡ଼ିଶାରେ ହାତୀ-ମଣିଷ ଲଢ଼େଇର ଅନ୍ତ ହେବା ଭଳି ଦେଖାଯାଉନାହିଁ। ପରିସଂଖ୍ୟାନ ଅନୁଯାୟୀ ଗତ ୩ ବର୍ଷରେ ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ଭାରତରେ ହାତୀ ଆକ୍ରମଣରେ ମୋଟ ୧,୫୭୮ ଜୀବନ ଯାଇଛି, ଯହିଁରୁ ଓଡ଼ିଶାରେ ସର୍ବାଧିକ ୩୨୨ ଜଣଙ୍କ ମୃତ୍ୟୁ ହୋଇଛି। ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନରେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ଗୃହକୁ ଏହି ସୂଚନା ଦେଇଥିଲେ। ତାଙ୍କ କହିବା ଅନୁଯାୟୀ ଓଡ଼ିଶାରେ ୨୦୧୯-୨୦ ବର୍ଷରେ ୧୧୭ ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବାବେଳେ ୨୦୨୦-୨୧ରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ମାନସିକତା ବଦଳିନି

## ଶିମିଳିପାଳରେ ତୁଷାରପାତ

୩

# ଶିବସୁନ୍ଦର ଜାତୀୟ ଦଳର ଚୟନକର୍ତ୍ତା

**ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**



ଶିବସୁନ୍ଦର ଦାସ

ବିସିସିଆଇ କ୍ରିକେଟ ଉପଦେଷ୍ଟା କମିଟି ପକ୍ଷରୁ ଶନିବାର ୫ ଜଣିଆ ଜାତୀୟ ଚୟନକର୍ତ୍ତା ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ତଥା ଓଡ଼ିଶା ଖେଳାଳି ଶିବସୁନ୍ଦର ଦାସଙ୍କୁ ସିନିୟର ଦଳର ଚୟନକର୍ତ୍ତା ଭାବରେ ମନୋନୀତ କରାଯାଇଛି। ଚେତନ ଶର୍ମାଙ୍କ ନେତୃତ୍ୱରେ ଗଠିତ ଚୟନ କମିଟିରେ ଶିବସୁନ୍ଦରଙ୍କୁ କେନ୍ଦ୍ରାଞ୍ଚଳ ଜୋନ୍‌ରୁ ମନୋନୀତ କରାଯାଇଛି। ଶିବସୁନ୍ଦରଙ୍କ ବ୍ୟତୀତ ସଲିଲ ଅଙ୍କୋଲା, ସୁବ୍ରତୋ ବାନାର୍ଜୀ ଓ ସିଦ୍ଧାର୍ଥ ଶରଥ ଏହି କମିଟିର ସଦସ୍ୟ ରହିଛନ୍ତି। ଶିବସୁନ୍ଦର ବର୍ତ୍ତମାନ ଭାରତୀୟ ମହିଳା ଦଳର ବ୍ୟାଟିଂ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୦୨ରେ ଅନ୍ତର୍ଜାତୀୟ ପଦାର୍ପଣ ☞ପୃଷ୍ଠା-୨







ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩

**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ ଭାରତ ଯୋଡ଼ୋ ଯାତ୍ରା କରାଯାଉ ନାହିଁ। ୨୦୨୪ ସାଧାରଣ ନିର୍ବାଚନ ସହ ଏହି ପଦଯାତ୍ରାର କୌଣସି ସମ୍ପର୍କ ନାହିଁ।"
- ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା



## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମିନ ଗାଁରେ ମାଇଲେ ମେଖ
ପୋଲାଖିଆଙ୍କର ମଲାଟି ଭୋକା**

ଅମିନ ଜମି ମପାମପି କାମ କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଫଳସ୍ୱରୂପ ଲୋକଙ୍କୁ ଭୁଆଁ ବୁଲେଇ ହାତ ବିକ୍ରଣ କରୁଥିବା ଟାଉଟର, ମାମଲେକାର ବ୍ୟକ୍ତିଙ୍କ ଉପୁରିର ବାଟ ବନ୍ଦ ହୋଇଯାଏ। ପରୋକ୍ଷରେ ପେଞ୍ଚ କାଢ଼ିବାକୁ ଅସମର୍ଥ ବ୍ୟକ୍ତି ନିଜ ଦୋଷ ଦୁର୍ବଳତାକୁ ଘୋଡ଼େଇବାକୁ ଯାଇ ରୁଚ୍ଚା ବାହାଦୁରି ଦେଖଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲେ ପଷ୍ଟୁ ମଇଲେ ମଶା
ଗୋଡ଼ ଫାଟୁ ଦେଲେ ପୁରୁଳି ହସା।**

ପଷ୍ଟୁ ପୂର୍ଣ୍ଣମା ପରେ ଶୀତ ବଢ଼ିଥାଏ। ମଶା ଥଣ୍ଡା ସହି ପାରନ୍ତି ନାହିଁ। ଥଣ୍ଡା ପଡ଼ିଲେ ମଶା ମରିଯା'ନ୍ତି। ସେମାନଙ୍କ ଉପଦ୍ରବ କମିଯାଏ। ସେହିପରି ଶୀତ ହେତୁ ଲୋକଙ୍କର ଗୋଡ଼ ଚଳିପା ଫାଟେ, ଚାଲିଲା ବେଳେ ଗୋଡ଼କୁ କାଟେ। ଏପରିସ୍ଥଳେ ଗୋଡ଼କୁ କାଟୁଛି ପଚାରିଲେ ଉକ୍ତ ବ୍ୟକ୍ତି ଲାଜରେ କିଛି ନ କହି ପାରି କେବଳ ମୁରୁକି ହସିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଓଡ଼ିଶାକୁ ଇ-ଅବକାରୀ ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର

ଭୁବନେଶ୍ୱର,୭।୧(ବ୍ୟୁରୋ)- ଜାତୀୟ ସ୍ତରରେ ଓଡ଼ିଶା ପୁଣି ପୁରସ୍କୃତ ହୋଇଛି। ରାଜ୍ୟ ସରକାରଙ୍କ ଇ-ଅବକାରୀକୁ 'ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର' ପ୍ରଦାନ କରାଯାଇଛି। ଶନିବାର ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। 'ଡିଜିଟାଲ ଇନିସିଏଟିଭ୍ ଫର୍ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ' ବର୍ଗରେ ଓଡ଼ିଶାକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ରାଜ୍ୟ ଅବକାରୀ ବିଭାଗ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ସମେତ ନିରବଚ୍ଛିନ୍ନ ଅନ୍‌ଲାଇନ ସେବା ଯୋଗାଇ ଦେବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅବକାରୀ ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି, ଅବକାରୀ ଆୟୁକ୍ତ ଆଶିଷ କୁମାର ସିଂହ, ଅତିରିକ୍ତ ଅବକାରୀ ଆୟୁକ୍ତ ରାମଚନ୍ଦ୍ର ପାଲତା, ଅବକାରୀ ବିଭାଗର ଅତିରିକ୍ତ ସଚିବ ସାଇଦର ବିପ୍ଳବ କେଶରୀ ପ୍ରଧାନ ଏବଂ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ନୀହାର ରଞ୍ଜନ ବିଶ୍ୱାଳ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ନୀତି ଆଧାରରେ ଅବକାରୀ ବିଭାଗ ୨୦୧୯-୨୦ରୁ ରାଷ୍ଟ୍ରୀୟ ସୂଚନା ସହାୟତାରେ ୩୦ରୁ ଅଧିକ ଅନ୍‌ଲାଇନ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛ, ଅବାଧ, ସ୍ୱଳ୍ପ ସମୟ, ନିରବଚ୍ଛିନ୍ନ ଏବଂ ସମୟାନୁବର୍ତ୍ତୀ ସେବା ଦେଉଛି।

## ହାଜତ ମୃତ୍ୟୁ: ବଡ଼ଚଣା ଥାନା ଅଧିକାରୀଙ୍କୁ ବଦଳି

ଚଣ୍ଡିଖୋଲ,୭।୧(ଡି.ଏନ୍.ଏ.): ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ଫାଣ୍ଡିରେ ହାଜତ ମୃତ୍ୟୁ ମାମଲାରେ ନୂଆ ଏସ୍‌ପି ବିନୀତ ଅଗ୍ରୱାଲ ଶନିବାର ସନ୍ଧ୍ୟାରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ସିଦ୍ଧପୁର ଗ୍ରାମର ଈଶ୍ୱର ସେଠୀଙ୍କ ଧାନମଣ୍ଡଳ ଫାଣ୍ଡି ହାଜତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଈଶ୍ୱରଙ୍କ ବାପା


ସୁଶୀଲ କୁମାର ନାୟକ

ପବନ ସେଠୀ ଦେଇଥିବା ଏତଲାରେ ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଛନ୍ତି। ଏସ୍‌ପି ଅଗ୍ରୱାଲ ଥାନା ଅଧିକାରୀ ନାୟକଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ନାୟକଙ୍କୁ ତୁରନ୍ତ ଥାନା ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଥାନାର ଦାୟିତ୍ୱ ତୁଲାଇବାକୁ ଏସ୍‌ଆଇ ମହମ୍ମଦ ସୁରଜଙ୍କୁ ପତ୍ରସଂଖ୍ୟା-୬୯ରେ କୁହାଯାଇଛି। ସୂଚନା ଅନୁଯାୟୀ ଦଳିତ ମହାସଂଘ ଏବଂ ଅଲ୍ ଓଡ଼ିଶା ଏସ୍‌ସି, ଏସ୍‌ଟି, ଓବିସି, ମାଇନୋରିଟି ୟୁନାଇଟେଡ୍ ଫୋରମ୍ ପକ୍ଷରୁ ଏକ ଟିମ୍ ଶନିବାର ଯାଜପୁର ଏସ୍‌ପିଙ୍କୁ ଭେଟି ହାଜତ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲା।

# ଆମ ଦେଶରେ ହସ୍ପିଟାଲକୁ ଲୋକେ ମନ୍ଦିର ମାନନ୍ତି: ମାଣ୍ଡବ୍ୟ


ଏମ୍ସର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଏମ୍ସର ବିଶେଷଜ୍ଞ ଡାକ୍ତର ଏବଂ ଅଧିକାରୀଗଣ।

**ଏମ୍ସର ସମାବର୍ତ୍ତନ ଉତ୍ସବ**

■ ବର୍ନ ସେଣ୍ଟର ଲୋକାର୍ପିତ, କ୍ରିଟିକାଲ କେୟାର ହସ୍ପିଟାଲ ବିଲ୍ଡିଂର ଶିଳାନ୍ୟାସ

ଭୁବନେଶ୍ୱର,୭।୧(ବ୍ୟୁରୋ)

ଆମ ଦେଶରେ ହସ୍ପିଟାଲକୁ ଲୋକେ ମନ୍ଦିର ବୋଲି ମାନନ୍ତି। ଡାକ୍ତରଙ୍କ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ବିଶ୍ୱାସ ରହିଛି। ସେମାନେ ଡାକ୍ତରଙ୍କୁ ଭଗବାନ ରୂପରେ ଦେଖିଥାନ୍ତି। ଏଥିପାଇଁ ଆମର ହସ୍ପିଟାଲଗୁଡ଼ିକ ହେଉଛି ମନ୍ଦିର। ଏଠାକୁ ଆସୁଥିବା ରୋଗୀ ଆମ ପାଇଁ ଭଗବାନ। ଈଶ୍ୱରଙ୍କ ସେବା ଓ ପୂଜା ପାଇଁ ଆମେ ଡାକ୍ତର ରୂପରେ ଜଣେ ଜଣେ ପୂଜାରୀ। ଚିକିତ୍ସା ବ୍ୟବସ୍ଥା ହେଉଛି ପ୍ରଥମେ ଏକ ସେବା, ତା' ପରେ ବ୍ୟବସାୟ ବୋଲି ଶନିବାର ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ଚତୁର୍ଥ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମନସୁଖ ମାଣ୍ଡବ୍ୟ କହିଛନ୍ତି। ଏଥିସହିତ ସ୍ୱର୍ଣ୍ଣପଦକ ପାଇଥିବା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ଦେଶମାତୃକାର ସେବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ।

ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର ଯୋଗଦେଇ କହିଥିଲେ, ଔଷଧ ରୋଗ ଭଲ କରେ। ହେଲେ ଡାକ୍ତର ରୋଗୀଙ୍କୁ ଭଲ କରିଥାନ୍ତି। ରୋଗୀଙ୍କ ସହ ଡାକ୍ତର ଦୁଇପଦ ମିଠା କଥା ହେଲେ ଅଧା ରୋଗ ଦୂର ହୋଇଯାଇଥାଏ। କିଡ୍‌ନୀ ପ୍ରତିରୋପଣ କ୍ଷେତ୍ରରେ ଅବଦାନ ପାଇଁ ଏମ୍ସକୁ ସେ ଧନ୍ୟବାଦ ଜଣାଇବା ସହ ଗବେଷଣା କ୍ଷେତ୍ରରେ ଆହୁରି ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱର ଓ ଆଇଆଇଟି ଭୁବନେଶ୍ୱର ମିଳିତ ଭାବରେ ଡୁଆଲ ଡିଗ୍ରୀ ବ୍ୟବସ୍ଥା କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡବ୍ୟଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଥିଲେ। ସେହିପରି ପ୍ରତିବର୍ଷ ଏମ୍ସ ପରିସରରେ ୫ହଜାର ଗଛ ଲଗାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଆହ୍ୱାନ କରିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଦେଶର ୨୬ ଶ୍ରେଷ୍ଠ ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଥିବା ଏମ୍ସ ଭୁବନେଶ୍ୱର ଆଗାମୀ ଦିନରେ ଏକ ନମ୍ବର ହେବ ବୋଲି ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ଏନ୍‌ଟିପିସି ସହଯୋଗରେ ନିର୍ମିତ ୩୬ ଶଯ୍ୟାବିଶିଷ୍ଟ ଏକ ଅତ୍ୟାଧୁନିକ ବର୍ନ ସେଣ୍ଟର ଲୋକାର୍ପିତ ହୋଇଥିଲା। ଏହାସହ ଏମ୍ସ ଭୁବନେଶ୍ୱରରେ ଦେଢଶହ ଶଯ୍ୟାବିଶିଷ୍ଟ ଏକ ଅତ୍ୟାଧୁନିକ କ୍ରିଟିକାଲ କେୟାର ହସ୍ପିଟାଲ ବିଲ୍ଡିଂର ଶିଳାନ୍ୟାସ କରାଯାଇଥିଲା। ବିଭିନ୍ନ ବର୍ଗରେ ଉତ୍ତୀର୍ଣ୍ଣ ହୋଇଥିବା ଶ୍ରେଷ୍ଠ ୨୭ ଛାତ୍ରୀଛାତ୍ରଙ୍କୁ ୪୦ ସ୍ୱର୍ଣ୍ଣପଦକ ଅତିଥିମାନେ ପ୍ରଦାନ କରିଥିଲେ। ଶ୍ରେଷ୍ଠ ବିଦାୟୀ ଏମବିବିଏସ୍ ଗ୍ରାଜୁଏଟ୍ ଭାବରେ ଡା. ଅନିଲ ଦାସ ଏବଂ ଶ୍ରେଷ୍ଠ ବିଏସ୍‌ସି(ସମ୍ମାନ) ନର୍ସିଂ ଗ୍ରାଜୁଏଟ୍ ଭାବେ ଶୁଭ୍ରଜ୍ୟୋତି ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଅନୁଷ୍ଠାନର ଆଗାମୀ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମାଣ୍ଡିଆକୁ ନେଇ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ପୁସ୍ତକ 'ହ୍ୟାଣ୍ଡବୁକ୍ ଅଫ୍ ମିଲେଟ୍ ଅନ୍ ହେଲ୍‌ଥ ବେନିଫିଟ୍ସ ଆଣ୍ଡ୍ ଡିଜିଜ୍'ର ଉନ୍ମୋଚନ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର ଏକ ଦଶନ୍ଧିର ସଫଳ ଯାତ୍ରାକୁ ନେଇ ପ୍ରସ୍ତୁତ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ପ୍ରେସିଡେଣ୍ଟ ଡା. ସୁବ୍ରତ ଆଚାର୍ଯ୍ୟ, ଡିନ୍ ଡା. ପି. ଆର୍. ମହାପାତ୍ର, କୁଳସଚିବ ବି ବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଚାରପତି ପ୍ରଭାବିତ ନ ହେବା ଉଚିତ୍'


ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ବିଚାରପତିଙ୍କ ସହ ୫୦ ନୂତନ ସିଭିଲ୍ ଜଜ୍।

**ଶପଥ ନେଲେ ୫୦ ନୂତନ ସିଭିଲ୍ ଜଜ୍**

କଟକ ଅଫିସ,୭।୧

ନବନିଯୁକ୍ତ ୫୦ ଜଣ ସିଭିଲ୍ ଜଜ୍‌ଙ୍କ ଶପଥ ଗ୍ରହଣ ଉତ୍ସବ କଟକସ୍ଥିତ ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ସିଭିଲ ଜଜ୍‌ମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ସେ କହିଥିଲେ, ବିଚାରପତି ବୃତ୍ତି ଏକ ନୀରବଚ୍ଛିନ୍ନ ଶିକ୍ଷା ଆହରଣର ପ୍ରକ୍ରିୟା। କୋର୍ଟରେ ମାମଲାର ବିଚାର କଲାବେଳେ ଜଣେ ବିଚାରପତି ନିଜର ବ୍ୟକ୍ତିଗତ ଜୀବନ ଓ ପାରିବାରିକ ପରିସ୍ଥିତି ଦ୍ୱାରା ପ୍ରଭାବିତ ନ ହେବା ଉଚିତ୍। ଜଣେ ବିଚାରପତି ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରହିବା ସହ ଆବେଗପୂର୍ଣ୍ଣ ହେବା ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ଜୁଡିସିଆଲ୍ ଏକାଡେମୀ ତାଲିମ୍ ସମିତିର ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଯୋଗଦେଇ ନ୍ୟାୟିକ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ନବନିଯୁକ୍ତ ଜଜ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜୁଡିସିଆଲ୍ ଏକାଡେମୀ ତାଲିମ ସମିତିର ସଦସ୍ୟ ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର, ବିଚାରପତି ଭି. ନରସିଂହ, ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ସମେତ ଜୁଡିସିଆଲ୍ ଏକାଡେମୀ ଟ୍ରେନିଂ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ସିଭିଲ୍ ଜଜ୍‌ମାନଙ୍କ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଜୁଡିସିଆଲ୍ ଏକାଡେମୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଦ୍ୱିଜା ନକ୍ଷତ୍ରର ପାରିବାରିକ ସୁଖ, ସମୃଦ୍ଧିଜନିତ ଖୁସି ରହିବା ସାଙ୍ଗକୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଟି ଦ୍ୱାରା କାମ ହାସଲ ସହ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି।

**ବୃଷ** - କୃତ୍ତିକା ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନିତ ହେବେ, କିନ୍ତୁ ନିଜ ଲୋକଙ୍କ ପରୋକ୍ଷ ସମାଲୋଚନାରୁ ମୁକୁଳି ପାରିବେ ନାହିଁ। ଆଶା କରିନଥିବା କ୍ଷେତ୍ରରୁ ସହସା ଧନପ୍ରାପ୍ତି ହୋଇପାରେ। ଅପରାହ୍ନେ କିଛି ଜିନିଷ ହଜାଇବା କାରଣରୁ ମାନିକ ଅଶାନ୍ତି ଅନୁଭବ କରିବେ। ଆତ୍ମୀୟଙ୍କ ପ୍ରତି ଅନୁରାଗ ବଢ଼ିବ ଓ ତାଙ୍କ କଥାରେ ହଁ ଚାଲିବେ।

**ମିଥୁନ** - ଆର୍ଦ୍ରା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲହେବ। ଦୀର୍ଘ ଦିନରୁ ଅପେକ୍ଷା କରି ରହିଥିବା ପ୍ରତିକ୍ଷିତ ଖବରଟି ଶୁଣି ଖୁସି ହେବେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପଡ଼ୋଶୀଙ୍କୁ କଥା ପ୍ରସଙ୍ଗରେ କୌଣସି ଗୋପନ କଥା କହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**କର୍କଟ** - ଅଶ୍ଳେଷା ନକ୍ଷତ୍ରର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କୋର୍ଟକଚେରି ମାମଲାର ଆଶୁ ଶୁଣାଣି ହୋଇଯିବାର ସମ୍ଭାବନା ରହିଛି। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠିରେ ଦରଜ ଜନିତ ପୀଡ଼ା ଅନୁଭବ କରିବେ। ସଭାସମିତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସମ୍ମାନିତ ହୋଇ ପାରନ୍ତି।

**ସିଂହ** - ଆଜି ହାତେ ମାପି ଚାଖଣ୍ଡେ ଚାଲନ୍ତୁ, ନତୁବା ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପୂର୍ବା ଫାଲ୍‌ଗୁନୀ ସକାଶେ ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାର କରଜ କରିବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** - ଶାରୀରିକ ଅସୁସ୍ଥତା କାରଣରୁ ସାମୟିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ହିତୈଷୀମାନେ ପୂର୍ବରୁ ଥିବା ସମସ୍ୟା ସମାଧାନ କରିବା ଦିଗରେ ତତ୍ପରତା ପ୍ରକାଶ କରିବେ।

**ତୁଳା** - ବିଶାଖା ନକ୍ଷତ୍ରର ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବାର ଆଶା ରଖି ମନକୁ ବୁଝାଇ ନେବେ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ଆପଣାଛାଏଁ ପାଖରେ ଆସି ଜୁଟିବ।

**ବିଛା** - ଜ୍ୟେଷ୍ଠା ନକ୍ଷତ୍ର ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଶିଳ୍ପ, ବାଣିଜ୍ୟ ତଥା ବ୍ୟବସାୟରେ ଖିଲାପ କରି ଦଣ୍ଡିତ ହୋଇପାରନ୍ତି। ସାଧାରଣ କଥାରେ ଅସହିଷ୍ଣୁ ମନୋଭାବ ପୋଷଣ କରି ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବା କାରଣରୁ ମନ ଖୁସି ରହିବ।

**ଧନୁ** - କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମୂଳା ନକ୍ଷତ୍ର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି କ୍ଷେତ୍ରରେ, ସାଙ୍ଗଠନିକ ସ୍ତରରେ ଲକ୍ଷ୍ୟ ହାସଲ କରିବେ। କଥାରେ ସ୍ଥିରତା ନଥିବା ହେତୁ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ।

**ମକର** - ପାରିବାରିକ ସ୍ଥିତି ଭଲ ରହିବ ଓ ପ୍ରିୟଜନଙ୍କ ଆଦରଣୀୟ ହେବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅସନ୍ତୁଷ୍ଟ ରହିବେ। ଗୃହ ନିର୍ମାଣ, ଜମିଜମା କାରବାର, ଯାନବାହନ ମରାମତି, ବେପାର, ପରିବହନ କ୍ଷେତ୍ରରେ ସମସ୍ୟା ଆସିବ। ଶିକ୍ଷା, ପରୀକ୍ଷା, ଆଲୋଚନା, ସଭାସମିତି, ଚୁକ୍ତିପତ୍ର କ୍ଷେତ୍ରରୁ ସଫଳତା ପାଇପାରନ୍ତି।

**କୁମ୍ଭ** - ଶତଭିଷା ନକ୍ଷତ୍ର ଅନ୍ୟମନସ୍କ ହେତୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯିବା ସୂଚନା ରହିଛି। ଗଣଯୋଗାଯୋଗ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** - କର୍ମକ୍ଷେତ୍ରରେ ଆଗାମୀ ସମୟ ସକାଶେ ନୂତନ ଖସଡ଼ା ପ୍ରସ୍ତୁତ କରିପାରନ୍ତି। ଅର୍ଥଲାଭ ସାଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ। ଅଫିସରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଉତ୍ତର ଭାଦ୍ରବ ନକ୍ଷତ୍ର ଆଶା କରିଥିବା ଜିନିଷ ଲାଭ କରି ଖୁସି ହେବେ।

ଆଜି ମାଘ କୃଷ୍ଣ ପ୍ରତିପଦା ରବିବାର, ଜାନୁୟାରୀ ୮ ତାରିଖ, ପୁଷ୍ୟାଭିଷେକ, ଶ୍ରୀନଅରରେ ଉତ୍ସବ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୦ ଗତେ ଘ.୦୯।୨୦ ମଧ୍ୟେ, ଘ.୦୧।୧୪ ଗତେ ଘ.୦୩।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୭ ଗତେ ଘ.୦୫।୧୯ ମଧ୍ୟେ ରାହୁକାଳ ॥

**ପ୍ରଥମ ପୃଷ୍ଠାରୁ...**

## ୪ ଜଣଙ୍କୁ ଦଳିଦେଲା ...

ଅଳ୍ପ ଦୂର ଆସିବା ପରେ ହାତୀଟି ଅନୁଗୋଳ ସଦର ଥାନା ଛେଳିଆପଡ଼ା ଗାଁ ସୀମାରେ ପହଞ୍ଚି ଯାଇଥିଲା। କିନ୍ତୁ ବନ ବିଭାଗ ପକ୍ଷରୁ କୌଣସି ଆଗୁଆ ସୂଚନା ଦିଆଯାଇ ନ ଥିବାରୁ ଲୋକେ ହାତୀର ଉପସ୍ଥିତି ସମ୍ପର୍କରେ ଜାଣିପାରି ନ ଥିଲେ। ଫଳରେ ଚାଷ ଜମି ଜଗିଥିବା ଗାଁର ଚାଷୀ ସୁବାସ ପ୍ରଥମେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ବିଲରେ କାମ କରୁଥିବା ସୁବାସଙ୍କୁ ମାଈହାତୀଟି ପାଦରେ ଦଳିଦେବା ସହ ତାଙ୍କ ମୁଣ୍ଡକୁ ମାଟିରେ ପୋତି ଦେଇଥିଲା। ଏହାପରେ ନରହନ୍ତା ହାତୀଟି ଅଙ୍ଗାରବନ୍ଧ ଅଞ୍ଚଳରେ ପହଞ୍ଚିଥିବା ବେଳେ ଚାଷୀ ଅନିରୁଦ୍ଧଙ୍କୁ ଆକ୍ରମଣ କରିଥିଲା। ଅନିରୁଦ୍ଧ କୋବି କିଆରିରେ ଥିବାବେଳେ ହାତୀ ସହ ମୁହାଁମୁହିଁ ହୋଇଯାଇଥିଲେ। ସେଠାରୁ ହାତୀଟି ବାରସିଂହା ଆଡ଼େ ପଳାଇଯାଇଥିଲା। ଏହି ସମୟରେ ଶୌଚ ପାଇଁ ଏକ ନାଳ ନିକଟକୁ ଆସିଥିବା ବାରସିଂହାର ରମେଶଙ୍କୁ ଉକ୍ତ ହାତୀ ଦଳି ଦେଇଥିଲା। ଅନୁଗୋଳ ସଦର ଥାନା ଅଞ୍ଚଳରେ ୩ ଜଣଙ୍କୁ ଆକ୍ରମଣ କରିବା ପରେ ବି ଏହି ଆତଙ୍କ ଶେଷ ହୋଇ ନ ଥିଲା। ଏହାପରେ ମାଈ ହାତୀଟି ବଅଁରପାଳ ଥାନା ସନ୍ତ୍ରୀ ଗାଁ ଭିତରକୁ ପଶିଯାଇଥିଲା। ଏହି ସମୟରେ ଲୋକଙ୍କ ପାଟି ଶୁଣି ଘରେ ଶୋଇଥିବା ଅଜୟ ହଠାତ୍ ବାହାରକୁ ଚାଲି ଆସିଥିଲେ। ହେଲେ ତାଙ୍କ ଘର ନିକଟରେ ଥିବା ମାଈ ହାତୀ ଅଜୟଙ୍କୁ ଦଳିଦେଇଥିଲା। ମାତ୍ର ୨ ଘଣ୍ଟା ମଧ୍ୟରେ ପାଖାପାଖି ୨୦ କିଲୋମିଟର ଅଞ୍ଚଳରେ ହାତୀଟି ଆତଙ୍କ ଖେଳାଇ ଦେଇଥିବାରୁ ଲୋକେ ଘରୁ ବାହାରିବାକୁ ଭୟ କରିଥିଲେ। ଆଖପାଖ ଗାଁ ଲୋକେ ମଧ୍ୟ ଆତଙ୍କିତ ହୋଇପଡ଼ିଥିଲେ। ବନ ବିଭାଗର ଅବହେଳା ପାଇଁ ୪ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ କରି ଗାଁରେ ଉତ୍ତେଜନା ଦେଖାଦେଇଥିଲା। ତେବେ ସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ବନ ବିଭାଗ କର୍ମଚାରୀ, ପୋଲିସ ପହଞ୍ଚି ୪ ଜଣଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ୨ ମୃତଦେହ ଧରି ସେମାନଙ୍କ ପରିବାର ଓ ସମ୍ପର୍କୀୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଚାଲିଆସିଥିଲେ। ଜିଲା କାର୍ଯ୍ୟାଳୟ ପୋର୍ଟିକୋ ତଳେ ମୃତଦେହ ରଖି ଉପଯୁକ୍ତ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ ସହ ଦାୟୀ ବନ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ଆଦି ଦାବିରେ ଆନ୍ଦୋଳନ କରିଥିଲେ। ଦୀର୍ଘ ୨ ଘଣ୍ଟାର ଆନ୍ଦୋଳନ ପରେ ଅନୁଗୋଳ ଡିଏଫ୍‌ଓ ବିବେକ୍ କୁମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଉପଜିଲାପାଳ ବଇତୁରା ଦୀପ, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ଅନୁଗୋଳ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ, ନିଶା ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ବନ୍ତଲା ରେଞ୍ଜ ଅଧିକାରୀ ମାଧବ ନାୟକ, ଅନୁଗୋଳ ରେଞ୍ଜ ଅଧିକାରୀ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ପ୍ରତି ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୨୫ ହଜାର, ବନ ବିଭାଗ ପକ୍ଷରୁ ୧୦ ହଜାର ଓ ବ୍ଲକ ପ୍ରଶାସନ ପକ୍ଷରୁ ୨୦ ହଜାର ଲେଖାଏ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦିଆଯାଇଥିଲା। ଏଥିସହ ସରକାରୀ ନିୟମ ଅନୁଯାୟୀ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବାକୁ ଥିବାବେଳେ ସେଥିରୁ ୧ ଲକ୍ଷ ଟଙ୍କା ଲେଖାଏ ଘଟଣାସ୍ଥଳରେ ପ୍ରଦାନ କରାଯାଇଥିଲା। ବାକି ୩ ଲକ୍ଷ ଟଙ୍କା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦିଆଯିବ ବୋଲି ବନ ବିଭାଗ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଦୋଷୀ ବନ କର୍ମଚାରୀଙ୍କ ନାମରେ ଏତଲା ଓ ହାତୀ ଉପଦ୍ରବରୁ ଗାଁକୁ ସୁରକ୍ଷା ଦେବା ନେଇ ପଦକ୍ଷେପ ନିଆଯିବ ବୋଲି କୁହାଯିବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ବିବେକ କୁମାର କହିଛନ୍ତି, ନରହନ୍ତା ମାଈହାତୀଟି କଣ୍ଟିଗାଡ଼ିଆ ଅଞ୍ଚଳରେ ରହିଛି। ବନ କର୍ମଚାରୀମାନେ ତାହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯଦି ହାତୀର ଗତିବିଧି ଠିକ୍ ନ ରୁହେ ଓ ଲୋକଙ୍କ ଜୀବନ ହାନିର ଆଶଙ୍କା ଦେଖାଦିଏ, ତା'ହେଲେ ହାତୀକୁ ଟ୍ରାଙ୍କୁଲାଇଜ କରି କାବୁ କରାଯିବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଛନ୍ତି ସମ୍ପର୍କୀୟ।

## ହାତୀ ଆକ୍ରମଣରେ ଓଡ଼ିଶାରେ ...

୯୩ ଏବଂ ୨୦୨୧-୨୨ରେ ୧୧୨ ଜଣଙ୍କ ଜୀବନ ଯାଇଛି। ଉପରୋକ୍ତ ୩ ବର୍ଷରେ ଶିକାରୀଙ୍କ ଗୁଳିମାଡ଼, ବିଦ୍ୟୁତ୍ ତାର ଲାଗି ଏବଂ ଟ୍ରେନ୍ ଓ ସଡ଼କ ଦୁର୍ଘଟଣା ଆଦି ବିଭିନ୍ନ କାରଣରୁ ଓଡ଼ିଶାରେ ୨୪୫ ହାତୀଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ ବର୍ଷରେ ୮୨ ହାତୀ ମରିଥିବାବେଳେ ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ ହାତୀଙ୍କ ଜୀବନ ଯାଇଛି। ଉକ୍ତ ୩ ବର୍ଷରେ କେବଳ ଢେଙ୍କାନାଳ ବନ ଖଣ୍ଡରେ ୩୫ ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ କେନ୍ଦୁଝର ଡିଭିଜନରେ ୨୧ ଏବଂ ଅନୁଗୋଳରେ ୧୨ ହାତୀ ମରିଛନ୍ତି। ସେହିପରି ଗତ ୩ ବର୍ଷରେ ଦେଓଗଡ଼ ଏବଂ ଆଠମଲ୍ଲିକ ବନଖଣ୍ଡରେ ୧୧ଟି ଲେଖାଏ ହାତୀ ମରିଥିବାବେଳେ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନ, କଳାହାଣ୍ଡି (ଦକ୍ଷିଣ) ଏବଂ ଖୋର୍ଦ୍ଧା ଡିଭିଜନରେ ୧୦ଟି ଲେଖାଏ ହାତୀଙ୍କ ଜୀବନ ଯାଇଛି। ୨୦୧୨-୧୩ରୁ ୨୦୨୧-୨୨ ଦଶବର୍ଷ ମଧ୍ୟରେ ଓଡ଼ିଶାରେ ମୋଟ ୭୮୪ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ଦୁର୍ଘଟଣାରେ ୩୬ ହାତୀ ମରିଥିବାବେଳେ ଶିକାରୀଙ୍କ ଗୁଳି ଓ ଅନ୍ୟ କାରଣରୁ ୩୪ ହାତୀ ମରିଛନ୍ତି। ୩୬ ଦୁର୍ଘଟଣା ମୃତ୍ୟୁ ମଧ୍ୟରୁ ୩୦ ହାତୀ ଟ୍ରେନ୍ ଧକ୍କାରେ ଏବଂ ୬ଟି ସଡ଼କ ଦୁର୍ଘଟଣାରେ ମରିଛନ୍ତି। ତେବେ ରିପୋର୍ଟ ହୋଇ ନ ଥିବା ହାତୀ ମୃତ୍ୟୁକୁ ମିଶାଇଲେ ଏହି ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି। ଗତ ଜୁନ୍, ଜୁଲାଇରେ କଟକ ଜିଲା ଆଠଗଡ଼ ଫରେଷ୍ଟ ରେଞ୍ଜରୁ ପୋଲିସ ୫ଟି ହାତୀର କଙ୍କାଳ ଜବତ କରିଥିଲା। ଏହା ହାତୀ-ମଣିଷ ଲଢ଼େଇର ସ୍ପଷ୍ଟ ସୂଚନା ଦେଉଛି। ହାତୀ ଆକ୍ରମଣରେ କେବଳ ମଣିଷ ମରିନାହାନ୍ତି, ବହୁ ଘରଦ୍ୱାର ଓ ଫସଲ ମଧ୍ୟ ନଷ୍ଟ ହୋଇଛି। ରାଜ୍ୟରେ ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ଅବକ୍ଷୟ, ଲୋକଙ୍କ ଆଚରଣ ଆଦି କାରଣରୁ ହାତୀ-ମଣିଷ ଲଢ଼େଇ ବଢ଼ୁଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଶିବସୁନ୍ଦର ଜାତୀୟ ...

କରିଥିବା ଶିବସୁନ୍ଦର ଭାରତ ପାଇଁ ୨୩ ଟେଷ୍ଟ ଓ ୪ଟି ଦିନିକିଆ ଖେଳିଛନ୍ତି। ଚେତନ ଶର୍ମା କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି କମିଟିର ମୁଖ୍ୟ ରହିଥିବା ବେଳେ ଅନ୍ୟ ସମସ୍ତେ ପ୍ରଥମ ଥର ସାମିଲ ହୋଇଛନ୍ତି। ଓଡ଼ିଶା ପକ୍ଷରୁ କ୍ୟାରିୟରର ସର୍ବାଧିକ ସମୟ ଖେଳିଥିଲେ ମଧ୍ୟ ଅନ୍ତିମ ସିଜନରେ ବିଦର୍ଭ ପକ୍ଷରୁ ଖେଳିଥିବାରୁ ଶିବସୁନ୍ଦରଙ୍କୁ ପୂର୍ବାଞ୍ଚଳ ପରିବର୍ତ୍ତେ କେନ୍ଦ୍ରାଞ୍ଚଳର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି।

## ଭୁବନେଶ୍ୱର-ରାଉରକେଲା ...

ଆଲାଏନ୍ସ ଏୟାରୱେଜ୍‌ର ପ୍ରଥମ ବିମାନ ଏଟିଆର୍-୭୨ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରିଥିଲା। ଏହା ରାଉରକେଲାରେ ୧୧ଟା ୪୦ରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଲାଏନ୍ସ ଏୟାର ପକ୍ଷରୁ ଏହି ବିମାନସେବା ଆରମ୍ଭ ହୋଇଛି। ବିମାନରେ ଏକକାଳୀନ ୭୨ଜଣ ଯାତ୍ରୀ ଯାଇପାରିବେ। ଆସନ୍ତା ୧୨ ତାରିଖରୁ ଏହି ବିମାନ ନିୟମିତ ଉଡ଼ାଣ କରିବ। ପ୍ରତିଦିନ ଅପରାହ୍ନ ୨ଟା ୫୫ରେ ବିମାନଟି ଭୁବନେଶ୍ୱରରୁ ଛାଡ଼ି ୩ଟା ୫୦ରେ ରାଉରକେଲାରେ ପହଞ୍ଚିବ। ସେହିପରି ରାଉରକେଲାରୁ ଅପରାହ୍ନ ୪ଟା ୧୫ରେ ବାହାରି ଭୁବନେଶ୍ୱରରେ ୫ଟା ୧୦ରେ ପହଞ୍ଚିବ। ଭୁବନେଶ୍ୱରରୁ ରାଉରକେଲା ବିମାନ ଭଡ଼ା ୨,୮୦୩ ଟଙ୍କା ରହିଥିବାବେଳେ ରାଉରକେଲାରୁ ଭୁବନେଶ୍ୱର ବିମାନର ଟିକେଟ୍ ମୂଲ୍ୟ ୨,୭୨୧ ଟଙ୍କା ରଖାଯାଇଛି। ଏହି ବିମାନସେବା ଆରମ୍ଭ ହେବା ପରେ ବହୁଦିନର ଆଶା ପୂରଣ ହୋଇଛି ବୋଲି ମତ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ବିମାନବନ୍ଦରରେ ମଧ୍ୟ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଭର୍ଚୁଆଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ବିଧାୟକ ସୁବ୍ରତ ତରାଇ, ସାରଦା ପ୍ରସାଦ ନାୟକ, ଭବାନୀ ଶଙ୍କର ଭୋଇ, ବିଧାୟିକା କୁସୁମ ଟେଟେ, ସୁନ୍ଦରଗଡ ଏମ୍‌ପିଙ୍କ ପ୍ରତିନିଧି ଲତିକା ପଟ୍ଟନାୟକ, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟେନସାରେ ୧ ଡିଗ୍ରୀ

ଟେନସା,୭ା୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲାର ଟେନ୍‌ସା ନିକଟ ଜିରୋ ପଏଣ୍ଟରେ ଶୁକ୍ରବାର ରାତିରେ ପ୍ରଥମ ତୁଷାରପାତ ହୋଇଛି। କୋଇଡା ଅଞ୍ଚଳର କେତେକ ସ୍ଥାନରେ ମଧ ତୁଷାରପାତ ହୋଇଥିବାର ଦେଖିବାକୁ ମିଳିଛି। ଜିରୋ ପଏଣ୍ଟର ତାପମାତ୍ରା ୧ଡିଗ୍ରୀ ଥିବା ବେଳେ ତନ୍କରା ନିକଟ ଜିନ୍ଦଲ ଖଣି ନିକଟରେ ତାପମାତ୍ରା ୪ ଡିଗ୍ରୀ, ଟେନସାରେ ୬ ଡିଗ୍ରୀ, କୋଇଡାରେ ୫ରୁ ୬ଡିଗ୍ରୀ ରହିଥିଲା। ପ୍ରବଳ ଥଣ୍ଡା ଯୋଗୁ ରାତି ୭ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଦିନତମାମ କୋହଲା ପାଗ ଲାଗି ରହୁଥିବାରୁ ଲୋକେ ଶୀତବସ୍ତ୍ର ଦେହରୁ ବାହାର କରୁନାହାନ୍ତି। ସନ୍ଧ୍ୟା ସମୟରେ ଲୋକେ ନିଆଁ ଜାଳି ବସୁଛନ୍ତି। ହାଡଭଙ୍ଗା ଶୀତରେ ଗରିବ ଆଦିବାସୀଙ୍କ ଦୁଃଖ କଥା କହିଲେ ନ ସରେ। ଅଭାବ ଅନଟନରେ ଦିନ କାଟୁଥିବା ଗରିବ ଲୋକେ ଶୀତ ବସ୍ତ୍ର ଅଭାବରୁ ରାତି ସାରା ନିଆଁ ଜାଳି ଚାରିପାଖରେ ବସି ରହୁଥିବାର ଦେଖିବାକୁ ମିଳିଛି।




# ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଫୁଲ୍ଲ କୁମାର ଦାସଙ୍କ ପରଲୋକ

ଭୁବନେଶ୍ୱର,୭ା୧ (ବ୍ୟୁରୋ)



ଡ. ପ୍ରଫୁଲ୍ଲ କୁମାର ଦାସ

୧୯୬୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ତଥା ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପ୍ରଫୁଲ୍ଲ କୁମାର ଦାସଙ୍କ ଶୁକ୍ରବାର ଗାନ୍ଧୀନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ଡ. ଦାସ ୧୯୪୧ ଜୁନ୍ ୧୧ରେ ସୁନ୍ଦରଗଡ଼ ସହରରେ ଜନ୍ମଗ୍ରହଣକରିଥିଲେ। ସେ ସୁନ୍ଦରଗଡ଼ ଜିଲାର ପ୍ରଥମ ଆଇଏଏସ୍ ଅଫିସର ଥିଲେ। ତାଙ୍କ ପିତା ହେଉଛନ୍ତି ଜଣାଶୁଣା ଚିକିତ୍ସକ ସ୍ୱର୍ଗତ ଡାକ୍ତର ନିରଞ୍ଜନ ଦାସ। ମୃତ୍ୟୁ ପୂର୍ବରୁ ଡ. ଦାସ ସୁନ୍ଦରଗଡ଼ ସହର ଅନ୍ତର୍ଗତ ମହାନ୍ତିପଡ଼ାସ୍ଥିତ ପୈତୃକ ଘରକୁ ଆସିବାକୁ ଚାହିଁଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ସେ ଗୁଜରାଟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବାବେଳେ ୧୯୯୯ ମହାବାତ୍ୟା କବଳିତ ଓଡିଶାକୁ ଗୁଜରାଟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ରିଲିଫ ଓ ଅନ୍ୟାନ୍ୟ ସହାୟତା ବ୍ୟବସ୍ଥା କରିଥିଲେ। ଏଥିସହ ସେ ୨୦୦୫-୦୬ ପର୍ଯ୍ୟନ୍ତ ଗୁଜରାଟର ପ୍ରଥମ ମୁଖ୍ୟ ସୂଚନା ଆୟୁକ୍ତ ଭାବେ କାର୍ଯ୍ୟ କରିଥିଲେ।

### ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

ଡ. ଦାସଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଦାସ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ବିଭିନ୍ନ ପଦପଦବୀ ଓ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସଂସ୍ଥାଗତ ପାଣ୍ଠି ଯୋଗାଣ ଏବଂ ଶକ୍ତି କ୍ଷେତ୍ରରେ ତାଙ୍କର ଯୋଗଦାନ ରହିଥିଲା। ଗୁଜରାଟ ଇଲେକ୍ଟ୍ରିସିଟି ବୋର୍ଡ (ଜିଇବି)ରେ ତାଙ୍କ ସହ କାର୍ଯ୍ୟ କରିବାର ସମୟକୁ ଡ. ମିଶ୍ର ସ୍ମରଣ କରିବା ସହ ଦାସଙ୍କ ପରଲୋକ ତାଙ୍କ ପାଇଁ ବ୍ୟକ୍ତିଗତ ବଡ଼ କ୍ଷତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇବର୍ଷ ତଳେ ଡ. ଦାସଙ୍କ ସ୍ତ୍ରୀ ବିନ୍ଦୁଦେବୀଙ୍କ ପରଲୋକ ହୋଇଥିଲା।

# ଶିମିଳିପାଳରେ ତୁଷାରପାତ

### ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ

ବାରିପଦା ଅଫିସ, ୭ା୧




ଦିନକୁ ଦିନ ଶୀତ ଲହରୀ ବୃଦ୍ଧି ପାଉଥିବାବେଳେ ମୟୂରଭଞ୍ଜ ଜିଲାରେ ଏହାର ପ୍ରକୋପ ଅଧିକ ଅନୁଭୂତ ହେଉଛି। ଜୈବମଣ୍ଡଳ ଶିମିଳିପାଳରେ ପାରଦ ଖସୁଛି। ଜିଲାରେ ସର୍ବନିମ୍ନ ୮ଡିଗ୍ରୀ ତାପମାତ୍ରା ଥିବାବେଳେ ଶିମିଳିପାଳରେ ୫ ଡିଗ୍ରୀ ସେଲସିୟସ ରହିଛି। ଅଭୟାରଣ୍ୟର ଉପର ବାରହାକାମୁଡା, ଦେବସ୍ଥଳୀ, ଜେନାବିଲ, ତାରାଣୀବିଲା ଓ କୁମ୍ଭାରୀଠାରେ ସ୍ଥାନେ ସ୍ଥାନେ ତୁଷାରପାତ ଜାରି ରହିଛି, ଯାହାକି ଚଳିତବର୍ଷର ଅଦ୍ୟାବଧି ସର୍ବନିମ୍ନ ତାପମାତ୍ରା। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ ପଡ଼ିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ଶିମିଳିପାଳ ଅଭୟାରଣ୍ୟର ପର୍ବତମାଳା ଘେରା ଜିଲାରେ ଥିବା ୨୬ ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ୪ ଦିନ ଧରି ଜିଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଗତ ୨୪ଘଣ୍ଟା ମଧ୍ୟରେ ସର୍ବନିମ୍ନ ୮.୨ଡିଗ୍ରୀ ତଳକୁ ଖସି ୮.୫ ଡିଗ୍ରୀ ସେଲିସିୟସ ଥିବା ରେକର୍ଡ ହୋଇଛି। ବିଗତ ବର୍ଷଗୁଡ଼ିକରେ ଏହି ଅଭୟାରଣ୍ୟରେ ଶୂନ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଚଳିତବର୍ଷ ତାପମାତ୍ରା ଆହୁରି ଖସିବ ବୋଲି ଆକଳନ କରାଯାଇଛି। ଶିମିଳିପାଳ ଭିତରେ ରହୁଥିବା ପର୍ଯ୍ୟଟକଙ୍କ ଗାଡ଼ି, ନେଚର କ୍ୟାମ୍ପ ଓ ଘାସ ଗାଲିଚା ଉପରେ ତୁଷାରପାତ ଦେଖି ପର୍ଯ୍ୟଟକମାନେ ଖୁସି ହେବା ସହ ମଜା ଉଠାଉଛନ୍ତି। ରାତି ହେଲେ ଗାଁ ଗଣ୍ଡା ଲୋକେ ଚୁଲି ମୂଳେ କିମ୍ବା ଖୋଲା ସ୍ଥାନରେ ନିଆଁ ଜାଳି ବସିରହୁଛନ୍ତି। ଉତ୍ତର-ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ଶୀତ ବଢ଼ିବାରେ ଲାଗିଛି। ସପ୍ତାହେ ପର୍ଯ୍ୟନ୍ତ ଏହି ଶୀତ ଜାରି ରହିବ ବୋଲି ଜରୁରୀକାଳୀନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଆଉ ୨ ଦିନ ଥରାଇବ ଶୀତ

### ୩ରୁ ୫ ଡିଗ୍ରୀ ପାରଦ ଖସିବ

- ଝାରସୁଗୁଡ଼ାରେ ୫.୬ ଡିଗ୍ରୀ
- ୧୦ ଡିଗ୍ରୀ ତଳେ ୧୭ ସହର

ଭୁବନେଶ୍ୱର,୭ା୧(ବ୍ୟୁରୋ)

ସଞ୍ଜ ନଇଁଲେ ମାଡ଼ିଆସୁଛି କାଠୁଆ ଜାଡ଼। ଗାଁଗଣ୍ଡା, ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଛି। ଗତ ଦୁଇଦିନ ହେବ ପ୍ରବଳ ଶୀତରେ ସାରା ରାଜ୍ୟ ଥରୁଛି। ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ବାୟୁ ପରିବେଶକୁ ଆହୁରି କାଲୁଆ କରିଦେଇଛି। ଡିସେମ୍ବରରେ ଶୀତ ଗାଏବ ହୋଇଗଲା। ୧୨୨ ବର୍ଷର ଉତ୍ତପ୍ତ ମାସରେ ପରିଣତ ହେଲା। ସ୍ୱାଭାବିକଠାରୁ ୧ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧିପାଇଲା। ତେବେ ଗତ ଦୁଇଦିନ ହେବ ଅଚାନକ ପ୍ରବଳ ଶୀତ ସମଗ୍ର ରାଜ୍ୟକୁ କବଳିତ କରିଛି। ମଣିଷଠାରୁ ଆରମ୍ଭ କରି ଜୀବଜନ୍ତୁ ଶୀତ ପ୍ରକୋପରେ ଅସ୍ତବ୍ୟସ୍ତ ହୋଇଛନ୍ତି। ଆକାଶ ମେଘମୁକ୍ତ ରହିବା ସହ ଉତ୍ତର-ପୂର୍ବ ଦିଗରୁ ଶୁଷ୍କ ଥଣ୍ଡାବାୟୁ ରାଜ୍ୟକୁ ପ୍ରବାହିତ ହେଉଛି। ଫଳରେ ସାରା ରାଜ୍ୟରେ ଶୀତର ପ୍ରକୋପ ବଢ଼ିଯାଇଛି। ଆହୁରି ଦୁଇ ଦିନ ରାଜ୍ୟର ଅଧିକାଂଶ ଜିଲାରେ ଶୀତଲହରି ପ୍ରବାହିତ ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ରାତିର ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ତଳକୁ ଖସିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ ଓ ଢେଙ୍କାନାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଶୀତ ଲହରି ଅନୁଭୂତ ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ପ୍ରବଳ ଜାଡ଼ ଯୋଗୁ ଜ୍ୱର, ଥଣ୍ଡା, କାଶ, ନାକରୁ ପାଣି ବାହାରିବା, ଛିଙ୍କ ପ୍ରଭୃତି ହେବାର ସମ୍ଭାବନା ରହିଛି। ବୟସ୍କ ଓ ଛୋଟ ପିଲାଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ସହ ଯଥାସମ୍ଭବ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଶନିବାର ରାଜ୍ୟର ୧୭ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୫.୬ ଏବଂ କଟକରେ ସର୍ବାଧିକ ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ରାଜ୍ୟରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡିପିଆଇସି ସେଣ୍ଟର



ଭୁବନେଶ୍ୱର, ୭ା୧(ବ୍ୟୁରୋ)

ରାଜ୍ୟରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡାଟା, ପଲିସି ଆଣ୍ଡ ଇନୋଭେଶନ୍ ସେଣ୍ଟର (ଡିପିଆଇସି)। ଏଥିପାଇଁ ଶନିବାର ଓଡ଼ିଶା ସରକାର ଭାରତର ଶିକାଗୋ ଟ୍ରଷ୍ଟ ବିଶ୍ୱବିଦ୍ୟାଳୟ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଏହା ଇକୋନୋମେଟ୍ରିକ୍ସ, ଡାଟା ସାଇନ୍ସ ଏବଂ ମେଶିନ୍ ଲର୍ନିଂ ପରି ନୂତନ ଜ୍ଞାନକୌଶଳ ଉପଯୋଗରେ ପ୍ରମାଣ ଭିତ୍ତିକ ଶାସନକୁ ସକ୍ଷମ କରିବ। ଏହି ସହଭାଗିତାରେ ଶିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନୀମାନେ ନିୟୋଜିତ ହୋଇ ରାଜ୍ୟ, ଜିଲା ଓ ବ୍ଲକସ୍ତରରୁ ଓଡ଼ିଶା ସରକାରଙ୍କ ଯୋଜନା ଏବଂ ନୀତି ସମ୍ବନ୍ଧରେ ବିଶ୍ଳେଷଣାତ୍ମକ ତଥା ମୂଲ୍ୟାଙ୍କନ ଭିତ୍ତିକ ତଥ୍ୟ ପ୍ରଦାନ କରିବ। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, କ୍ରୀଡ଼ା, ଯୁବସେବା ଓ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଓକାକ୍‌ର ଏମ୍‌ଡି ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ସିଇଓ ମନୋଜ ପଟ୍ଟନାୟକ ଓ ଶିକାଗୋ ବିଶ୍ୱବିଦ୍ୟାଳୟ ସେଣ୍ଟର ଇନ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲେନି ଚୌଧୁରୀଙ୍କ ମଧ୍ୟରେ ଭୁବନେଶ୍ୱରଠାରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ସିଇଓ ପଟ୍ଟନାୟକ କହିଛନ୍ତି, ଓଡ଼ିଶାକୁ ଏକ ଅଗ୍ରଣୀ ଡାଟା ସେଣ୍ଟର ହବ୍‌ରେ ପରିଣତ କରିବାକୁ ଆମେ ଉତ୍ସାହିତ। ପ୍ରମାଣ ସମର୍ଥିତ ଅନୁସନ୍ଧାନ ବ୍ୟବହାର କରି ଆମେ ଆଶା କରୁଛୁ ଡିପିଆଇସି ଅନେକ ଉତ୍ସରୁ ବଡ ତଥ୍ୟ ସଂଗ୍ରହ କରିବ, ସମସାମୟିକ ଅର୍ଥନୀତି ଏବଂ ପରିସଂଖ୍ୟାନ ମଡେଲ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ ଓ ଆବଶ୍ୟକ ସୃଜନଶୀଳ ନୀତି ଉତ୍ପାଦନ ସହ ଏହା ଉତ୍କର୍ଷର କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀମାନେ ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ, ପରିମଳ ଇତ୍ୟାଦି କ୍ଷେତ୍ରରେ ଅନୁସନ୍ଧାନ, ମନିଟରିଂ, ପ୍ରଭାବ ମୂଲ୍ୟାଙ୍କନ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ସରକାରଙ୍କୁ ସାହାଯ୍ୟ କରିବେ। ଶିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତି ନୀତି ପ୍ରତିଷ୍ଠାନର ବରିଷ୍ଠ ତଥା ଏହି ପ୍ରକଳ୍ପର ବୈଷୟିକ ଅନୁସନ୍ଧାନ ପରାମର୍ଶଦାତା ଡ. ଅନନ୍ତ ସୁଦର୍ଶନ କହିଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରମାଣଭିତ୍ତିକ ଶାସନକୁ ସକ୍ଷମ କରିବାକୁ ଆମେ ବିଶ୍ଳେଷଣ କରିଥିବା ତିନି-ପ୍ରଗତିଶୀଳ ରଣନୀତି ବେଶ୍ ସହାୟକ ହେବ। ଏହା ସାମର୍ଥ୍ୟ ବୃଦ୍ଧି ତଥା ସ୍ୱାସ୍ଥ୍ୟ ଏବଂ ପରିବେଶ ସମସ୍ୟାକୁ ହ୍ରାସ କରିବ। ଡ. ଲେନି ଚୌଧୁରୀ କହିଛନ୍ତି, ଆମେ ପୂର୍ବରୁ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଅଭିନବ ଷ୍ଟାର୍ ରେଟିଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ସହ ହାତ ମିଶାଇ ଥିଲୁ। ବର୍ତ୍ତମାନର ସହଭାଗିତା ମାଧ୍ୟମରେ ବୃହତ୍ ଡାଟା ବ୍ୟବହାରରେ ନୂଆ ତଥା ଅଭିନବ ସମାଧାନ ଆଣିବା ନେଇ ବହୁତ ଉତ୍ସାହିତ ଅଛୁ।

### ଶିକାଗୋ ବିଶ୍ୱବିଦ୍ୟାଳୟ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

# ଏସ୍ଏସ୍‌ବିରେ କିସ୍‌ର ୨୬ ଛାତ୍ରୀଛାତ୍ର କୃତକାର୍ଯ୍ୟ



ଭୁବନେଶ୍ୱର, ୭ା୧(ବ୍ୟୁରୋ)

ଚଳିତବର୍ଷ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍ଏସ୍‌ବି) ପରୀକ୍ଷାରେ କିସ୍‌ର ୨୬ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅଧ୍ୟାପନା ପାଇଁ ମନୋନୀତ ହୋଇଛନ୍ତି। ଶନିବାର କିସ୍ ପରିସରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରୀଛାତ୍ରମାନେ ରାଜ୍ୟର ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଓଡ଼ିଆ, ଇତିହାସ, ବାଣିଜ୍ୟ, ଶିକ୍ଷା, ଅର୍ଥନୀତି, ଦର୍ଶନ ଓ ଗଣିତ ଆଦି ବିଷୟରେ ଅଧ୍ୟାପନା କରିବେ। ଏମାନଙ୍କ ମଧ୍ୟରେ ଆଦିମ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ମଧ୍ୟ ରହିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଶୈକ୍ଷିକ ପରିବେଶ ଯୋଗୁଁ ପ୍ରତିବର୍ଷ ଶତାଧିକ ଛାତ୍ରୀଛାତ୍ରମାନେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇ ପ୍ରତିଷ୍ଠିତ ହୋଇପାରୁଛନ୍ତି। ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ ଡାକ୍ତର, ଇଞ୍ଜିନିୟର, ଫରେଷ୍ଟ ରେଞ୍ଜର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ସିଭିଲ ଜଜ୍, ବ୍ୟାଙ୍କ, ଓପିଟିସିଏଲ୍, ପୋଲିସ୍ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସଫଳତାର ସହ ଅବସ୍ଥାପିତ ହୋଇପାରିଛନ୍ତି। ପ୍ରତିଷ୍ଠାତା ଡ. ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିସ୍‌ରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଯତ୍ନ ଯୋଗୁ କିସ୍‌ର ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇପାରୁଛନ୍ତି ବୋଲି କହିଛନ୍ତି।

# ଶ୍ରୀକ୍ଷେତ୍ର ଆସି କ୍ଷମା ମାଗିଲେ କଂସ

- ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ
- ସମୁଦ୍ରରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ କଲେ

ପୁରୀ ଅଫିସ,୭ା୧



ବରଗଡ଼ରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଶୁକ୍ରବାର ପୌଷ ପୂର୍ଣ୍ଣିମା ଅବସରରେ କଂସ ବଧ ସହ ଯାତ୍ରା ଶେଷ ହୋଇଛି। କଂସ ବଧ ପରେ କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁଙ୍କୁ ଗାଳି କରିଥିବାରୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଶରଣରେ କ୍ଷମା ପ୍ରାର୍ଥନା କରିଛନ୍ତି। କୃଷ୍ଣ ଭଗବାନ କଟୁ କଥା କହିଥିବାରୁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ ହୃଷୀକେଶ ଭୋଇ। ଯାତ୍ରା ସରିବା ପରେ ଶନିବାର ସେ ପୁରୀ ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦର୍ଶନ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ୧୧ଦିନ ଧରି କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁ ଶ୍ରୀକୃଷ୍ଣଙ୍କୁ କଟୁ କଥା କହିବା ସହ ମାରିବା ପାଇଁ ଉଦ୍ୟମ କରି ମହାପାପ କରିଥିବାରୁ ପ୍ରାୟଶ୍ଚିତ୍ତ ପାଇଁ ପୁରୀ ଆସି କ୍ଷମା ମାଗିଛନ୍ତି ହୃଷୀକେଶ। ପ୍ରଥମେ ସେ ଗୋବର୍ଦ୍ଧନ ମଠ ଯାଇ ଶଙ୍କରାଚାର୍ଯ୍ୟଙ୍କୁ କ୍ଷମା ପ୍ରାର୍ଥନା କରିବା ପରେ ସମୁଦ୍ରକୁ ଯାଇ ବୁଡ଼ ପକାଇବା ସହ ପଇତା ବିସର୍ଜନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଓ ନମସ୍କାର କରିଥିଲେ। ପରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅଭିନୟରେ କରିଥିବା ପାପ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ।

କଂସ ଭୂମିକାରେ ଅଭିନୟ କରିଥିବା ଭୋଇଙ୍କ କହିବା ଅନୁଯାୟୀ, ଅଧର୍ମ ଉପରେ ଧର୍ମର ଜୟ ହୋଇଛି। ଅଧର୍ମର ବିନାଶ ଲାଗି କୃଷ୍ଣଙ୍କ ରୂପରେ ଆସି ଭଗବାନ ବିଷ୍ଣୁ ମଥୁରା ନରେଶ କଂସ ମହାରାଜାଙ୍କୁ ନିଧନ କରିଛନ୍ତି। ଏହାସହିତ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଶେଷ ହୋଇଛି। ଧନୁଯାତ୍ରାରେ ପରମ୍ପରା ଅନୁଯାୟୀ, ଯେତେବେଳେ ୧୧ଦିନ ଧରି ଯାତ୍ରା ଚାଲିଥାଏ ସେତେବେଳେ କଂସ ମହାରାଜା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ କ୍ରୋଧାନ୍ୱିତ ହୋଇଥାନ୍ତି। ଭଗବାନ କୃଷ୍ଣଙ୍କୁ ହତ୍ୟା କରିବା ଲାଗି ସେ ଯୋଜନା କରିଥାନ୍ତି। କୃଷ୍ଣ ନାମ ଉଚ୍ଚାରଣ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଅତ୍ୟାଚାର କରିଥାନ୍ତି। ଯେତେବେଳେ ଧନୁଯାତ୍ରାର ଜବନିକା ଘଟେ, ଏହାପରେ ଶ୍ରୀକ୍ଷେତ୍ର ଆସିଥାନ୍ତି ମହାରାଜା କଂସଙ୍କ ଭୂମିକାରେ ଅଭିନୟ କରିଥିବା କଳାକାର। ଏଥିଲାଗି ସେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ କ୍ଷମା ମାଗିଥାନ୍ତି। ତେବେ ଭୋଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟିବା ଅବସରରେ ସେ କହିଛନ୍ତି, ଲୋକ ପରମ୍ପରାର ଆଦର କରିବା ଉଚିତ। ୧୧ ଦିନରେ ତାଙ୍କର ମହାରାଜ କଂସଙ୍କ ଅଭିନୟ ଶେଷ ହୋଇଛି। ଏବେ ତାଙ୍କ ଦାୟିତ୍ୱ ହେଉଛି ତାଙ୍କ ଅଞ୍ଚଳରେ ଗୋ ବଂଶର ସୁରକ୍ଷା, ଗୋ ବଂଶର ହତ୍ୟା ଉପରେ ରୋକ ଲଗାଇବା, ହିନ୍ଦୁଙ୍କୁ ଯେପରି ଖ୍ରୀଷ୍ଟିଆନ ନ କରାଯିବ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି।




ଚିର ଅବିଶ୍ୱାସୀ ଏଇ ମଣିଷ। ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ। ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପଥ ବିପଥରେ। ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର। ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ। -ଶ୍ରୀଅରବିନ୍ଦ



# ମାନସିକତା ବଦଳିନି



ଆକାର ପଟେଲ

ଦକ୍ଷିଣ ଏସୀୟ ଦେଶଗୁଡ଼ିକ ସହ ଆନ୍ତଃ ଦେଶୀୟ ବାଣିଜ୍ୟ ପାଇଁ ଭାରତ ସରକାର ଓ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଆଲୋଚନା କରିଛନ୍ତି ବୋଲି ଚଳିତ ସପ୍ତାହରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ହେଲେ କେଉଁ ଦେଶ ସହ ଏବଂ କେଉଁ ସ୍ଥିତିରେ ଭାରତ ଆଲୋଚନା କରିଥିଲା ସେ ସମ୍ପର୍କିତ ସବିଶେଷ ବିବରଣୀ ଦେଇ ନାହାନ୍ତି। ତଥାପି ଏଭଳି ଆଲୋଚନା କରାଯିବା ଏକ ଉତ୍ତମ ପଦକ୍ଷେପ। କାରଣ, ଦକ୍ଷିଣ ଏସିଆରେ ଆମେ କିମ୍ବା ଆହୁରି ସ୍ପଷ୍ଟ ଭାବେ କହିବାକୁ ଗଲେ ଅବିଭକ୍ତ ଭାରତ ପାରସ୍ପରିକ ବାଣିଜ୍ୟଠାରୁ ଦୂରେଇ ରହିବା ଦ୍ୱାରା ନିଜର କ୍ଷତି କରୁଛନ୍ତି। ବିଶ୍ୱବ୍ୟାଙ୍କ ପ୍ରକାଶ କରିଛି ଯେ,ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ ଏସିଆର ମୋଟ ଆଞ୍ଚଳିକ ବାଣିଜ୍ୟର ମାତ୍ର ୫ ପ୍ରତିଶତ। ତୁଳନାତ୍ମକ ଭାବେ ଦେଖିଲେ ଜଣାଯାଏ ଯେ, ଆସୋସିଏଶନ ଅଫ୍ ସାଉଥ୍‌ଇଷ୍ଟ ଏସିଆନ ନେସନ୍ସ(ଆସିଆନ) ବା ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଘ (ବ୍ରୁନେଇ,କାମ୍ବୋଡିଆ, ଇଣ୍ଡୋନେସିଆ, ଲାଓସ, ମ୍ୟାଲେସିଆ, ମ୍ୟାନ୍‌ମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଏବଂ ଭିଏତ୍‌ନାମ)ର ଆନ୍ତଃ ଆଞ୍ଚଳିକ ବାଣିଜ୍ୟ ଦକ୍ଷିଣ ଏସିଆ ଦେଶଗୁଡ଼ିକଠାରୁ ୫ଗୁଣ ଅଧିକ । ଅର୍ଥାତ୍ ମୋଟ ଆଞ୍ଚଳିକ ବାଣିଜ୍ୟର ଏହା ୨୫ ପ୍ରତିଶତ। ଅନ୍ୟପକ୍ଷରେ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ଏବକାର ମୋଟ ବାଣିଜ୍ୟ ଆକାର ହେଉଛି ମାତ୍ର ୨୩ ବିଲିୟନ ଆମେରିକୀୟ ଡଲାର, ଯାହା ଅତିକମ୍ ୬୭ ବିଲିୟନ ଡଲାର ହେବା କଥା । ଏଭଳି ବିପୁଳ କ୍ଷତିରେ ଆମ ଭାଗ ଅଧିକ। ବାଂଲାଦେଶ ସହ ଭାରତର ୧୮ ବିଲିୟନ ଡଲାର ବାଣିଜ୍ୟରେ ରପ୍ତାନିର ପରିମାଣ ରହିଛି ୧୬ ବିଲିୟନ ଡଲାର। ସେହିଭଳି ପାକିସ୍ତାନକୁ ରପ୍ତାନି ସାମଗ୍ରୀର ମୂଲ୍ୟ ୧ ବିଲିୟନ ଡଲାରରୁ କମ୍ ଏବଂ ଆମଦାନୀ ୧୦୦ ମିଲିୟନ ଡଲାର ନିମ୍ନରେ ରହିଛି। ତଥାପି ଆମ ସାମଗ୍ରୀର ମାର୍କେଟ ଓ ସେବା ବଢ଼ାଇବା ଲାଗି ଆମେ ଅଧିକ କିଛି କରିନାହୁଁ। ଅବଶ୍ୟ ଏହା କରିବା ପାଇଁ ସେମାନଙ୍କ ସକାଶେ ଆମ ସୀମା ଉନ୍ମୁକ୍ତ କରିବାକୁ ହେବ। କିନ୍ତୁ ସମସ୍ୟା ହେଉଛି ଏଥିପାଇଁ ଆମ ଇଚ୍ଛାଶକ୍ତିର ଅଭାବ ରହିଛି।

ବିଶ୍ୱ ବ୍ୟାଙ୍କ ମତରେ, ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ସୀମା ସମସ୍ୟା ରହିଛି। ବାଣିଜ୍ୟ କ୍ଷେତ୍ରରେ ସଡ଼କ, ସମୁଦ୍ର କିମ୍ବା ଆକାଶପଥ ଭିତ୍ତିଭୂମିକୁ ଦେଖିଲେ ଏହା ସହଜରେ ବୁଝିହେବ। ପାକିସ୍ତାନ ସହ ବାଣିଜ୍ୟ ପାଇଁ ସବୁଠୁ ଉପଯୋଗୀ ଏବଂ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେଉଛି ସଡ଼କ ପଥ। ସେଥିପାଇଁ ୱାଘା ବର୍ଡର ଦେଇ ରେଳପଥରେ ଏହା କରାଯାଉଥିଲା। କିନ୍ତୁ ଗତ ୪ ବର୍ଷ ହେଲା ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ରେଳପଥ କିମ୍ବା ଆକାଶପଥରେ ସମ୍ପର୍କ ନାହିଁ। କେବଳ କୋଲକାତାରୁ ସାମଗ୍ରୀ ସମୁଦ୍ର ପଥରେ ସିଙ୍ଗାପୁର ଦେଇ କରାଚୀକୁ ଯାଉଛି। ଘରୋଇ ଶିଳ୍ପକୁ ସୁରକ୍ଷିତ ରଖିବା ପାଇଁ ଲାଗୁ କରାଯାଇଥିବା ଟାରିଫ୍‌କୁ ନେଇ ମଧ୍ୟ ସମସ୍ୟା ରହିଛି। ସଡ଼କ ପଥରେ ପାକିସ୍ତାନକୁ କେବଳ ୧୩୭ଟି ଉତ୍ପାଦର ଅନୁମତି ଦିଆଯାଇଥିଲା। ହେଲେ ପୁଲ୍‌ୱାମା ଆକ୍ରମଣ ପରେ ୨୦୧୯ରେ ପାକିସ୍ତାନର ସମସ୍ତ ସାମଗ୍ରୀ ଉପରେ ସୀମାଶୁଳ୍କ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ବ୍ୟବସାୟୀ ଏବଂ ରପ୍ତାନିକାରୀ ଓ ଆମଦାନିକାରୀମାନଙ୍କୁ ଭିଜା ପ୍ରଦାନରେ ମଧ୍ୟ ବାଧା ରହିଛି। ନିବେଶରେ କଟକଣା ଯୋଗୁ ବି ବାଣିଜ୍ୟିକ କ୍ଷତି ହେଉଛି। ଏପରିକି ଟ୍ରେନ୍ ଚଳାଚଳକୁ ନେଇ ସମସ୍ୟା ରହିଆସିଛି। ଏହାବାଦ୍ ସମସ୍ୟା ରହିଛି ପେମେଣ୍ଟରେ। ବିକ୍ରେତାଙ୍କୁ ଠିକ୍ ସମୟରେ ଏବଂ ଉଚିତ ପରିମାଣର ଦେୟ ଦେବା ଲାଗି ପାକିସ୍ତାନୀ ବ୍ୟାଙ୍କଗୁଡ଼ିକ ତରଫରୁ ଦିଆଯାଉଥିବା ପେମେଣ୍ଟ ସଂକ୍ରାନ୍ତୀୟ ଡକ୍ୟୁମେଣ୍ଟକୁ ଭାରତରେ ଗ୍ରହଣ କରାଯାଉନାହିଁ । ସମାନ ଭାବେ ଭାରତରୁ ଦିଆଯାଉଥିବା ପେମେଣ୍ଟ ଡକ୍ୟୁମେଣ୍ଟକୁ ପାକିସ୍ତାନୀ ବ୍ୟାଙ୍କ୍‌ଗୁଡ଼ିକ ବି ଗ୍ରହଣ କରୁନାହାନ୍ତି। ଇ-ଫାଇଲିଂ ମାଧ୍ୟମରେ ପାକିସ୍ତାନରୁ ସଡ଼କ ପଥରେ ଆସୁଥିବା ରପ୍ତାନି ସାମଗ୍ରୀର କାଗଜପତ୍ର ପ୍ରସ୍ତୁତ କରି ଦାଖଲ କରିବା ବି ସମ୍ଭବ ହେଉନାହିଁ। ଆମ ସୀମାଶୁଳ୍କ ଅଧିକାରୀମାନେ ବହୁ ସମୟରେ ସୁରକ୍ଷା କେନ୍ଦ୍ର କରି ଏବଂ ଲମ୍ବା ସମୟ ଧରି ସାମଗ୍ରୀଗୁଡ଼ିକୁ ଅଟକାଇ ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଭାରତ ତା' ଅଞ୍ଚଳ ଦେଇ ବାଂଲାଦେଶ ଓ ନେପାଳକୁ ପରିବହନ ପାଇଁ ପାକିସ୍ତାନକୁ ଅନୁମତି ଦେଇନାହିଁ। ଜାତୀୟ ସୁରକ୍ଷା ଲାଗି ଏହା କେବଳ କରାଯାଇଛି ତାହା ନୁହେଁ, ବରଂ ଆମେ ପାକିସ୍ତାନ ସହିତ ବାଣିଜ୍ୟିକ ସମ୍ପର୍କ ଚାହୁଁ ନ ଥିବା ମନୋଭାବକୁ ଏହା ଦର୍ଶାଉଛି। ଏଥିରୁ ବୁଝାପଡୁଛି, ଆମେ ଆମର ରପ୍ତାନିକୁ କ୍ଷତିକରୁଛୁ।

ବାସ୍ତବରେ ଆମର ଏହି ପ୍ରକାର ମାନସିକତାକୁ ଲକ୍ଷ୍ୟ କରି ମୁଁ କହୁଛି ଯେ, ଆନ୍ତଃ ଦେଶୀୟ ବାଣିଜ୍ୟ ବଢ଼ାଇବା ସକାଶେ ଯାହା ଚିନ୍ତା କରାଯାଉଛି ତାହା ଭଲ । କିନ୍ତୁ ପ୍ରଶ୍ନ ହେଉଛି,ଆମେ ଦୁଇଟି ବିଷୟ ଉପରେ ବିଚାର କରିଛୁ କି ନାହିଁ ତାହା ଦେଖିବାକୁ ହେବ। ପ୍ରଥମରେ ଆମେ ଯାହା ନେଉଛେ ତାହା ଆମକୁ ଦେବାକୁ ପଡ଼ିବ। ଅତୀତରେ ଅଧିକାଂଶ କ୍ଷେତ୍ରରେ ଆମ ନେବା ଓ ଦେବା ପ୍ରକ୍ରିୟା ନକାରାତ୍ମକ ରହିଆସିଛି। ସେଥିପାଇଁ ବାଣିଜ୍ୟ ଧିମା ହୋଇଛି, ଯାହା ବିଶ୍ୱବ୍ୟାଙ୍କ ବି ଦର୍ଶାଇଛି। ଦ୍ୱିତୀୟରେ ଏକ ସ୍ଥାୟୀ ଶତ୍ରୁ ସହ କାରବାର କରୁଛୁ ବୋଲି ଆମର ଯେଉଁ ମାନସିକତା ରହିଛି ତାହା ଛାଡ଼ିବାକୁ ହେବ। ଜାତୀୟ ସୁରକ୍ଷାକୁ ନେଇ ପଶ୍ଚିମ ସୀମା ଉପରେ ଭାରତର ଥିବା କଡ଼ା ନଜର ଗତ ଅଢ଼େଇ ବର୍ଷରେ ପୂର୍ବସୀମାକୁ ଆଡ଼କୁ ଚାଲିଯାଇଛି। ହେଲେ ଚାଇନା ସହ ଆମ ବାଣିଜ୍ୟିକ କାରବାର ବଢ଼ିବାରେ ଲାଗିଛି। ଏଥିରେ ଆମର କିଛି ଲାଭ ହେଉନାହିଁ, କାରଣ ଆମେ ଅତ୍ୟଧିକ ଚାଇନା ଜିନିଷ ଆମଦାନୀ କରୁଥିବାବେଳେ ରପ୍ତାନି ବହୁତ କମ୍ କରୁଛୁ। ୨୦୨୨ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ଚାଇନା ଭାରତକୁ ୧୦୮ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଛି; ଯାହା ଗତବର୍ଷ ତୁଳନାରେ ୨୪ ପ୍ରତିଶତ ଘଟିଛି। ଏହି ସମୟରେ ଭାରତର ରପ୍ତାନି (ଚାଇନାକୁ) ୩୮ ପ୍ରତିଶତ ହ୍ରାସ ପାଇ ୧୬ ବିଲିୟନ ଡଲାରରେ ପହଞ୍ଚିଛି। ଜାତୀୟ ସୁରକ୍ଷା ପ୍ରତି ଚାଇନା ବିପଦ ବୋଲି ଆମେ ସମସ୍ତେ ଜାଣି ମଧ୍ୟ ତା' ସହ ବାଣିଜ୍ୟରେ ମାତିଛୁ। ଅପରପକ୍ଷରେ ଅନ୍ୟ ପଡ଼ୋଶୀଙ୍କୁ ନେଇ ଆମ ସ୍ଥିତିରେ ଆମେ ପରିବର୍ତ୍ତନ ଆଣୁଥିବା ମନେହେଉଥିଲେ ବି କେତେକ କାରଣରୁ ଆମ ଦୃଷ୍ଟିକୋଣ ବା ମାନସିକତା ବଦଳିନି।

Email:aakar.patel@gmail.com

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 7 | | | 9 | 2 | 8 | | | |
| | 3 | 8 | | | | | | |
| | | 6 | | | | | | |
| | | | 5 | 3 | 7 | | 2 | |
| | | | | | 4 | | | |
| | | | | | 6 | 7 | | 1 |
| | | 4 | | | | 6 | 8 | |
| 6 | | | | | | | | 9 |
| 3 | 2 | | 6 | | 5 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 7 | 2 | 6 | 5 | 1 | 9 | 3 |
| 9 | 5 | 6 | 8 | 3 | 1 | 4 | 7 | 2 |
| 3 | 1 | 2 | 4 | 7 | 9 | 8 | 6 | 5 |
| 1 | 9 | 3 | 7 | 5 | 4 | 2 | 8 | 6 |
| 6 | 8 | 5 | 1 | 2 | 3 | 7 | 4 | 9 |
| 2 | 7 | 4 | 6 | 9 | 8 | 5 | 3 | 1 |
| 4 | 2 | 8 | 3 | 1 | 6 | 9 | 5 | 7 |
| 5 | 6 | 1 | 9 | 8 | 7 | 3 | 2 | 4 |
| 7 | 3 | 9 | 5 | 4 | 2 | 6 | 1 | 8 |

ଗତକାଲିର ଉତ୍ତର

# ନାସ୍ତିକର ପ୍ରାର୍ଥନା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆରମ୍ଭରୁ ଗପଟିଏ। ଜଣେ ରାଜା ଥରେ ଗୁରୁତର ଅସୁସ୍ଥ ହୋଇପଡ଼ିଲେ। ସେଇ ରାଜ୍ୟର ରାଜବୈଦ୍ୟଙ୍କଠୁ ଆରମ୍ଭ କରି ପଡ଼ୋଶୀ ରାଜ୍ୟର କୁଶଳୀ ବୈଦ୍ୟମାନଙ୍କ ବହୁବିଧ ଚିକିତ୍ସା ସତ୍ତ୍ୱେ ରାଜା ରୋଗମୁକ୍ତ ହେଲେ ନାହିଁ। ମାସ ମାସ ବିତିଗଲା। କ୍ରମେ କ୍ଷୀଣରୁ କ୍ଷୀଣତର ହୋଇ ସେ ବଞ୍ଚିବାର ଆଶା ହରାଇ ବସିଲେ। ନିରୋଳାରେ ମନ ଭରି କାନ୍ଦିଲେ ରାଜା ଓ ସେମିତି କାନ୍ଦି କାନ୍ଦି ଶୋଇପଡ଼ିଲେ। ନିଦ୍ରାଚ୍ଛନ୍ନ ଅବସ୍ଥାରେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ସେ। କେହି ଜଣେ ଦିବ୍ୟପୁରୁଷ ତାଙ୍କ ଆଗରେ ଆବିର୍ଭୂତ ହୋଇ ବ୍ୟାଧିମୁକ୍ତ ହେବାର ଉପାୟ ବତାଇ ଦେଉଛନ୍ତି। କହୁଛନ୍ତି, ''ଜୀବନରେ କେବେ କିଛି ଈଶ୍ୱରଙ୍କୁ ମାଗି ନ ଥିବା ଲୋକ ଯଦି ତୁମକୁ ରୋଗମୁକ୍ତ କରିବାକୁ ପ୍ରାର୍ଥନା କରେ, ତେବେ ତୁମେ ସୁସ୍ଥ ହୋଇଯିବ।'' ରାଜାଙ୍କ ସ୍ୱପ୍ନ ଦର୍ଶନ କଥା ଅବିଳମ୍ବେ ରାଷ୍ଟ୍ର ହୋଇଗଲା ସମଗ୍ର ରାଜ୍ୟରେ। ଗୁରୁତ୍ୱର ସହ ଏ କଥା ପ୍ରଚାରିତ ହେଲା ଯେ, କେବଳ ସେଇମାନଙ୍କ କଥା ଈଶ୍ୱରଙ୍କ କାନରେ ପଡ଼ିବ, ଯେଉଁମାନେ କେବେ ବି କୌଣସି କାମନା ନେଇ ତାଙ୍କ ପାଖରେ ହାତ ପାତିନାହାନ୍ତି। ରାଜାନୁଗତ ବିଶାଳ ପ୍ରଜାକୁଳ ମଧ୍ୟରୁ ଥୋକେ ଅତୀତ ରୋମନ୍ଥନ କରି ଈଶ୍ୱରଙ୍କୁ ସେମାନେ କେବେ କିଛି ମାଗିଛନ୍ତି କି ନାହିଁ ମନେ ପକାଇଚାଲିଲେ। ଆଉ ଥୋକେ ଆରମ୍ଭ କରିଦେଲେ ତତ୍କାଳ ପ୍ରାର୍ଥନା। ମାତ୍ର କହିବା ଲୋଡ଼ାନାହିଁ ଯେ, ତଥାପି ସୁସ୍ଥ ହେଲେନାହିଁ ରୋଗଗ୍ରସ୍ତ ରାଜା। ଏମିତି ସମୟରେ ଜଣେ ବିଜ୍ଞ ପାରିଷଦ ହଠାତ୍ କହିଲେ, ''ଧନୀ ହୁଅନ୍ତୁ କି କାଙ୍ଗାଳ, ଏମିତି କ୍ୱଚିତ ଥିବେ, ଯିଏ ଈଶ୍ୱରଙ୍କୁ କେବେ କିଛି ମାଗି ନ ଥିବେ। ସୁତରାଂ, ଈଶ୍ୱରଙ୍କୁ ବିଶ୍ୱାସ କରୁ ନ ଥିବା ନାସ୍ତିକଟିଏ ଲୋଡ଼ା। ସେଭଳି ଲୋକଟିଏ ଯଦି ମିଳିଗଲା ଓ ରାଜାଙ୍କ ପାଇଁ ପ୍ରାର୍ଥନା କରିବାକୁ ରାଜି ହେଲା, ତେବେ ଆମ ରାଜାଙ୍କ ଜୀବନରକ୍ଷା ସମ୍ଭବ ହେବ।''

ଏ ଏକ ବିଚିତ୍ର ବିରୋଧାଭାସ। ଯିଏ ନାସ୍ତିକ, ଈଶ୍ୱରଙ୍କ ଅସ୍ତିତ୍ୱରେ ଯାହାର ବିଶ୍ୱାସ ନାହିଁ, ସେ ବା କାହିଁକି ଆଗେଇ ଆସିବ ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ରାଜାଙ୍କ ଜୀବନ ରକ୍ଷା ପାଇଁ! ଈଶ୍ୱର କିଏ ବୋଲି ଯିଏ ଜାଣେ ନାହିଁ, ଈଶ୍ୱର ପ୍ରାର୍ଥନା ପୂରଣ କରନ୍ତି ବୋଲି ଯିଏ ମାନେନାହିଁ, ସେ କାହିଁକି ରାଜି ହେବ ଏଇ ଅର୍ଥହୀନ ବୃଥା କସରତ ପାଇଁ! ତଥାପି ଖୋଜା ଚାଲିଲା ରାଜ୍ୟସାରା ଓ ଶେଷରେ ଠାବ କରାଗଲା ସେମିତି ଏକ ଲୋକକୁ। ବଡ଼ ଅଦ୍ଭୁତ ସେ ଲୋକ। ଦେବାଳୟ ସହ ସମ୍ପର୍କ ନାହିଁ କି ପୂଜାପାଠ, ପ୍ରାର୍ଥନା, ଆରାଧନା ପାଇଁ ଆଗ୍ରହ ନାହିଁ। ଈଶ୍ୱରଙ୍କ ଶକ୍ତି ଉପରେ ଜମା ବିଶ୍ୱାସ ନାହିଁ। ଏମିତି ଜଣେ ଲୋକ ରାଜାଙ୍କ ପ୍ରାଣରକ୍ଷା ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ ଅମାତ୍ୟଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର



ଯଥେଷ୍ଟ କାରଣ ଥିଲା। ମାତ୍ର ସେ ତାହା କଲେ ନାହିଁ। କହିଲେ, ''ଈଶ୍ୱରଙ୍କୁ ଯେତେବେଳେ ମୁଁ ବିଶ୍ୱାସ କରେନାହିଁ, ସେତେବେଳେ କିଛି ମାଗିବାର ପ୍ରଶ୍ନ ଉଠିବ ବା କାହିଁକି! ତେବେ ମୋ ମାଗିବା ଦ୍ୱାରା ଯଦି ରାଜାଙ୍କ ଜୀବନ ବଞ୍ଚିଯିବ, ତେବେ ଈଶ୍ୱରଙ୍କୁ ଶହେବାର ମାଗିବାକୁ ମୁଁ ପ୍ରସ୍ତୁତ ଅଛି।'' ଆଖି ମୁଦି ତନ୍ମୟ ଚିତ୍ତରେ ଜୀବନର ପ୍ରଥମ ପ୍ରାର୍ଥନା ପେସ୍ କଲେ ସେ, ସେଇ ଅଦୃଶ୍ୟ ଶକ୍ତି ନିକଟରେ; ଯାହାଙ୍କ ପ୍ରତି ତାଙ୍କର କେବେବି ବିଶ୍ୱାସ ନ ଥିଲା। ଆଶ୍ଚର୍ଯ୍ୟ! ପରିଣାମ ହେଲା ଅତ୍ୟନ୍ତ ଅପ୍ରତ୍ୟାଶିତ। ରୋଗଶଯ୍ୟାରୁ ଉଠି ବସିଲେ ରାଜା। ସ୍ତବ୍ଧ ଚକିତ ହୋଇ ରହିଗଲେ ପରିବାର, ପାରିଷଦବର୍ଗଙ୍କ ସମେତ ତଥାକଥିତ ଆସ୍ତିକଗଣ। ପ୍ରଶ୍ନଟିଏ ମୁଣ୍ଡ ଟେକିଲା। ଈଶ୍ୱର କ'ଣ ସେଇମାନଙ୍କ ଡାକ ଶୁଣନ୍ତି, ଯେଉଁମାନେ ତାଙ୍କୁ କେବେ ବି ଡାକନ୍ତି ନାହିଁ? ଆଉ ଗୋଟିଏ କଥା ବି ସ୍ପଷ୍ଟ ହୋଇଗଲା- ନିଜ ପାଇଁ କିଛି ମାଗିଲେ ଈଶ୍ୱର ହୁଏତ ଶୁଣି ନ ପାରନ୍ତି। ମାତ୍ର ଅନ୍ୟ କାହା ପାଇଁ ମାଗିଲେ ସେ ନ ଶୁଣି ରହିପାରନ୍ତି ନାହିଁ! ପ୍ରକୃତରେ ବଡ଼ ଅବୋଧ, ରହସ୍ୟମୟ ସେଇ ଈଶ୍ୱର।

ବହୁ ବର୍ଷ ପୂର୍ବରୁ କେବେ କେଉଁଠି ପଢ଼ିଥିବା ଏଇ ଗପଟି ଏବେ ସ୍ମରଣକୁ ଆସିବାର ଏକ ବିଶେଷ କାରଣ ରହିଛି। କେଇଦିନ ତଳେ ନୂଆ ବର୍ଷଟିକୁ ଆବାହନ କରିବା ଅବସରରେ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ଦର୍ଶନ ପାଇଁ ଅସ୍ୱାଭାବିକ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହି ଦର୍ଶନାର୍ଥୀଙ୍କ ଲମ୍ବା ଧାଡ଼ି ଭିତରେ ଜଣେ ବିଶେଷ ବନ୍ଧୁ ଛିଡ଼ା ହୋଇଥିବାର ଖବର ପାଇ ଆଶ୍ଚର୍ଯ୍ୟରେ ସେଦିନ ଏ ଲେଖକର ଆଖି ଖୋସି ହୋଇ ଯାଇଥିଲା। ଆଶ୍ଚର୍ଯ୍ୟ ଯେ, ସେହି ବନ୍ଧୁ ଜଣକ ଥିଲେ ପରମ ନାସ୍ତିକ। ଅନ୍ୟ ବହୁ ନାସ୍ତିକଙ୍କ ପରି ସେ ଈଶ୍ୱରଙ୍କୁ ଅବଜ୍ଞା କରୁ ନ ଥିଲେ କି ଈଶ୍ୱରବିଶ୍ୱାସୀଙ୍କ ବିଶ୍ୱାସକୁ ଆଘାତ ଦେଉ ନ ଥିଲେ। ମାତ୍ର ସେ ବ୍ୟକ୍ତିଗତ ଭାବେ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରୁ ନ ଥିଲେ। ତାଙ୍କୁ ଏ ସମ୍ପର୍କରେ ପଚାରି ଯାହା ଉତ୍ତର ମିଳିଲା, ତାହା ଥିଲା ଯେପରି ମାର୍ମିକ, ସେପରି ପ୍ରଣିଧାନଯୋଗ୍ୟ। ପ୍ରଥମେ ଅତ୍ୟନ୍ତ ହାଲୁକା ପରିହାସରେ ବନ୍ଧୁ କୈଫିୟତ ଦେଲେ, ''ପତ୍ନୀ ଓ ପରିବାର ସଦସ୍ୟଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଡ୍ରାଇଭର ହୋଇ ପୁରୀ ଯାଇଥିଲି। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଚଣ୍ଡ ଭିଡ଼ରେ ସେମାନଙ୍କୁ କଲବଲ ହେଉଥିବାର ଲକ୍ଷ୍ୟ କରି ସେମାନଙ୍କ ସହାୟକ ଭୂମିକା ନିର୍ବାହ କରିବାକୁ ଭିଡ଼ ଭିତରେ ପଶିବାକୁ ପଡ଼ିଲା।'' ବନ୍ଧୁ କଥା ଯୋଡ଼ି ମନ୍ତବ୍ୟ ଦେଲେ, ''ଗୋଟିଏ ଅଦୃଶ୍ୟ ଶକ୍ତି ନିକଟରେ ମଣିଷର କି ଅଦ୍ଭୁତ ଆସ୍ଥା!''

ଈଶ୍ୱରଙ୍କ ପ୍ରତି ବନ୍ଧୁଙ୍କ ଏପରି ଅନାସ୍ଥାଭାବକୁ କଟାକ୍ଷ କରି ଏ ଲେଖକ ମନ୍ତବ୍ୟ ଦେଲା, ''ଏତେ କଷ୍ଟ ସହି, ଘଣ୍ଟା ଘଣ୍ଟା ଧାଡ଼ିରେ ରହି ଜଗନ୍ନାଥ ଦର୍ଶନ କରିବାକୁ ଗଲେ। କିଛି ମାଗିଲେ କି ନାହିଁ?'' ବନ୍ଧୁଙ୍କ ଉତ୍ତର ଥିଲା ଚମତ୍କୃତ କଲା ଭଳି। କହିଲେ- କେବଳ ଓଡ଼ିଶାର ନୁହେଁ କି ଭାରତର ନୁହେଁ, ସମଗ୍ର ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀ ନବବର୍ଷ ପ୍ରାରମ୍ଭରେ ଅନ୍ତତଃ ଏଇ ବର୍ଷଟି ପାଇଁ କେତେ କ'ଣ ମାଗି ନ ଥିବେ! ସମସ୍ତଙ୍କ ମାଗୁଣି ଶୁଣି ଶୁଣି କେତେ ବିବ୍ରତ, ବିଳିତ ହୋଇ ନ ଥିବେ ସେ! ମୁଁ ମୋ ନିଜ ପାଇଁ ଆଉ କିଛି ମାଗି ତାଙ୍କୁ ଅଧିକ ଭାରାକ୍ରାନ୍ତ କଲିନାହିଁ। ଗତ କେଇଦିନ ଧରି ଟିଭିରୁ କରୋନାର ପୁନଶ୍ଚ କାୟା ବିସ୍ତାର କଥା ଶୁଣିବାକୁ ମିଳୁଛି। ପୁଣି କରୋନା, ପୁଣି ମୃତ୍ୟୁ ଭୟ; ପୁଣି ଲକ୍‌ଡାଉନ୍‌ରେ ବିପର୍ଯ୍ୟସ୍ତ ଜୀବନ। ସୁତରାଂ, ସମସ୍ତଙ୍କ ତରଫରୁ ପ୍ରାର୍ଥନା କଲି, ''ହେ ଜଗନ୍ନାଥ! ଗତ ଦୁଇବର୍ଷ କରୋନା ଏ ମଣିଷଜାତିକୁ ଢେର କଲବଲ କଲାଣି। ତୁମ ପ୍ରତି ସମର୍ପିତ ଏଇ ବିଶାଳ ଭିଡ଼କୁ ଏଇ ମହାମାରୀ କବଳରୁ ରକ୍ଷା କର ପ୍ରଭୁ! କରୋନାର ଚତୁର୍ଥ ଲହରକୁ ପ୍ରତିହତ କରି ତୁମ ଅଲୌକିକ ଶକ୍ତିର ପରିଚୟ ଦିଅ ଜଗନ୍ନାଥ।''

ନବବର୍ଷର ପ୍ରଥମ ଦିବସରେ ସଭିଏଁ ନିଜ ନିଜ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିବା ବେଳେ ସମସ୍ତ ମଣିଷଙ୍କ ମଙ୍ଗଳ ମନାସିଥିବା ନାସ୍ତିକ ବନ୍ଧୁଙ୍କ ମୁହଁ ଅନ୍ୟ ବହୁ ଈଶ୍ୱରବିଶ୍ୱାସୀ ଆସ୍ତିକମାନଙ୍କ ମୁହଁଠାରୁ ବେଶ୍ ଉଜ୍ଜ୍ୱଳ ଦିଶୁଥିଲା। ଆମ ଜଗନ୍ନାଥଙ୍କ ଅନୁଭବ କିଛି ଭିନ୍ନ ହୋଇ ନ ଥିବ ବୋଲି ବିଶ୍ୱାସ!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫**

# ସିଆଚେନ୍‌ର ଶିବଶକ୍ତି

ପୃଥିବୀର ଉଚ୍ଚତମ ଯୁଦ୍ଧକ୍ଷେତ୍ର ସିଆଚେନ୍ ଗ୍ଲେସିଅର। ୨୦ ହଜାର ଫୁଟ ଉଚ୍ଚତା ବିଶିଷ୍ଟ ଏହି ସ୍ଥାନରେ ଭାରତ ଓ ପାକିସ୍ତାନ ୧୯୮୪ରୁ ଅନିୟମିତ ବ୍ୟବଧାନରେ ଯୁଦ୍ଧ କରିଛନ୍ତି। ଜଣେ ମହିଳା ସେଭଳି ହିମପାହାଡ଼ ଉପରେ ନିୟୋଜିତ ହୋଇ ଭାରତ ପାଇଁ କାର୍ଯ୍ୟ କରିବା ନିଶ୍ଚିତ ପୁରୁଷ କେନ୍ଦ୍ରିକ ମାନସିକତା ନେଇ ବଞ୍ଚୁଥିବା ସତ୍ତାକୁ ବରଫରେ ସମାଧି ଦେବା ଭଳି ପ୍ରତୀୟମାନ ହୋଇଛି। ଜୀବନ ଯାତ୍ରାରେ ପଡ଼ିଉଠି ସଫଳତା ପାଇଥିବା କ୍ୟାପ୍ଟେନ ଶିବା ଚୌହାନ ଆଜି ଯୁବପିଢ଼ିଙ୍କ ପାଇଁ ଆଇକନ୍ ପାଲଟିଛନ୍ତି। ଗୁଗଲ ପେଜ୍‌ରେ ହେଉ ବା ଚଳଚ୍ଚିତ୍ର ପରଦାରେ ସିଆଚେନ୍ ଦୃଶ୍ୟ ଦେଖିଲା ବେଳେ ଆଚମ୍ବିତ ହେଉଥିବା ସାଧାରଣ ମଣିଷ ପାଇଁ ଶିବାଙ୍କ ସାମର୍ଥ୍ୟ ପ୍ରଦର୍ଶନ ତାଙ୍କୁ 'ଶିବଶକ୍ତି' ଆଖ୍ୟା ଦେଇଛି। ୨ ଜାନୁୟାରୀ ୨୦୨୩ରେ ଭାରତୀୟ ସେନାର ପ୍ରଥମ ମହିଳା ଅଧିକାରୀ ରୂପେ ସିଆଚେନ୍‌ର 'କୁମାର ପୋଷ୍ଟ'ରେ ଶିବାଙ୍କ ନିଯୁକ୍ତି ତାଙ୍କୁ ସାହସୀ ଲଳନା କରିଦେଇଛି।

ଶିବା ୧୮ ଜୁଲାଇ ୧୯୯୭ରେ ରାଜସ୍ଥାନ ଉଦୟପୁରରେ ଜନ୍ମଗ୍ରହଣ କରିଥିଲେ। ପିତା ରାଜେନ୍ଦ୍ର ସିଂ ଚୌହାନ ଓ ମାତା ଅଞ୍ଜଳି ଚୌହାନ। ଶିବାଙ୍କୁ ଯେତେବେଳେ ମାତ୍ର ୧୧ ବର୍ଷ ସେତେବେଳେ ପିତାଙ୍କ ଦେହାନ୍ତ ହୋଇଥିଲା। ରାଜେନ୍ଦ୍ରଙ୍କର ରେଡିୟମ୍ ନମ୍ବର ପ୍ଲେଟ୍ ଦୋକାନ ଥିଲା। ସେଥିରୁ ମିଳୁଥିବା ଅର୍ଥରେ ପରିବାର ପ୍ରତିପୋଷଣ ହେଉଥିଲା। ତାଙ୍କ ମୃତ୍ୟୁ ପରେ ପରିବାରବର୍ଗ ଭାଙ୍ଗିପଡ଼ିଥିଲେ। ଆର୍ଥିକ ଅନଟନ ଯୋଗୁ ମାତା ଅଞ୍ଜଳି ଛୋଟମୋଟ କାମ କରିବାକୁ ବାଧ୍ୟ ହେଲେ। ଏପରି କି ବଡ଼ ଭଉଣୀ ଶୁଭାମ ଓ ନିଜ ପଢ଼ା ଖର୍ଚ୍ଚ ମେଣ୍ଟାଇବା ଲାଗି ଶିବା ଷ୍ଟାଣ୍ଡାର୍ଡ ୯ରେ ପଢୁଥିଲା ବେଳେ ଟ୍ୟୁଶନ କରିଥିଲେ। ସେଣ୍ଟ୍ ଆନ୍ଥୋନୀ ସିନିୟର ସେକେଣ୍ଡାରି ସ୍କୁଲରୁ ଉତ୍ତୀର୍ଣ୍ଣ ହେବା ପରେ ସେ ଉଦୟପୁର ଏନ୍‌ଜେଆର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜିରୁ ସିଭିଲ୍ ଇଞ୍ଜିନିୟରଂରେ ଡିଗ୍ରୀ ହାସଲ କରିଥିଲେ। ପିଲାଟି ବେଳୁ ଭାରତୀୟ ସେନାରେ ଯୋଗଦେବାର ଲକ୍ଷ୍ୟ ରଖିଥିବା ଶିବା ପଢ଼ା ଶେଷ ପରେ ଭାରତୀୟ ସ୍ଥଳସେନା, ନୌସେନା ଓ ତଟରକ୍ଷୀ ବାହିନୀ ପାଇଁ ଉଦ୍ଦିଷ୍ଟ ପରୀକ୍ଷା ଦେଇଥିଲେ। ଅତ୍ୟନ୍ତ ପ୍ରତିଭାଶାଳୀ ହୋଇଥିବାରୁ ସେ ୩ଟି କ୍ଷେତ୍ରରୁ ସୁଯୋଗ

ବ୍ୟକ୍ତିତ୍ୱ



କ୍ୟାପ୍ଟେନ ଶିବା ଚୌହାନ

ପାଇଥିଲେ। କିନ୍ତୁ ସେ ସ୍ଥଳସେନାକୁ ବାଛିଥିଲେ। ୨୦୨୦ରେ ବିଧିବଦ୍ଧ ଭାବେ ଚେନ୍ନାଇସ୍ଥିତ ଅଫିସର୍ସ ଟ୍ରେନିଂ ଏକାଡେମୀରେ ଯୋଗ ଦେଇଥିଲେ। ୧୪ତମ ଫାୟାର ଆଣ୍ଡ ଫ୍ୟୁରି କର୍‌ରେ କ୍ୟାପ୍ଟେନ୍ ହେବା ପରେ ୧୮ ଜୁଲାଇ ତାଙ୍କ ଜନ୍ମଦିନରେ ଲେହଠାରେ ସେ ପ୍ରଥମ ନିଯୁକ୍ତି ପାଇଥିଲେ। ତାହା ତାଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ ଆଣିଦେଇଥିଲା ବୋଲି ସେ କହିଥାଆନ୍ତି। କ୍ୟାପ୍ଟେନ୍ ଭାବେ ଗଲ୍‌ୱାନ୍‌ରେ ଚାଇନା ସେନାକୁ ପରାସ୍ତ କରିବାରେ ତାଙ୍କ ପ୍ରମୁଖ ଭୂମିକା ମଧ୍ୟ ରହିଥିଲା। ମେ' ୨୦୨୧ରେ ସେ ବେଙ୍ଗଲ ସାପର୍ ଅଫିସର ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ଜାନୁୟାରୀ ୨୦୨୩ରେ ସିଆଚେନ୍‌ରେ ନିଯୁକ୍ତି ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ବିକଶିତ କରିଛି।

କର୍ ଅଫ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ମେକାନିକାଲ ଇଞ୍ଜିନିୟର୍ସର ଅଫିସର ରାଜପୁତ କନ୍ୟା ଶିବାଙ୍କ ଦୁଃସାହସିକ ପଦକ୍ଷେପ ତାଙ୍କୁ ସର୍ବଦା ଚର୍ଚ୍ଚାରେ ରଖିଆସିଛି। କାର୍‌ଗିଲ ବିଜୟ ଦିବସରେ ସୁରା ସୋଇ ସାଇକେଲ ଅଭିଯାନର ନେତୃତ୍ୱ ନେଇ ସେ ସିଆଚେନ୍ ୱାର୍ ମେମୋରିଆଲ୍‌ରୁ କାର୍‌ଗିଲ ୱାର୍ ମେମୋରିଆଲ୍ ଯାତ୍ରା କରିଥିଲେ। କଦାପି ଜିରୋ ଡିଗ୍ରୀରୁ ଊର୍ଦ୍ଧ୍ୱକୁ ଯାଉ ନ ଥିବା ଏବଂ ଶୀତ ଦିନେ ମାଇନସ୍ ୪୦ରୁ ମାଇନସ୍ ୬୦ ଡିଗ୍ରୀ ରହୁଥିବା ପ୍ରବଳ ଥଣ୍ଡା ଅଞ୍ଚଳ ସିଆଚେନ୍‌ରେ ରହି ଦେଶ ପାଇଁ କାମ କରୁଥିବା ଶିବା ସର୍ବାଦା ଦୃଢ଼ମନା। ତାଙ୍କ ସାହସିକତାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଚ୍ଚ ପ୍ରଶଂସା କରିଛନ୍ତି। ଶିବାଙ୍କ ସଫଳତା ଆସନ୍ତା ଦିନଗୁଡ଼ିକରେ ଅଧିକ ମହିଳାଙ୍କୁ ସଶସ୍ତ୍ର ବାହିନୀରେ ଯୋଗଦେବା ଲାଗି ପ୍ରେରଣା ଯୋଗାଇବ ବୋଲି ସିଂ ଆଶା ବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ରାଜନେତା, ଉଦ୍ୟୋଗୀ, ସାମାଜିକ କର୍ମୀଙ୍କଠାରୁ ଆରମ୍ଭ କରି ସମାଜର ସବୁ ବର୍ଗ ଶିବାଙ୍କ ପ୍ରତିଭା ଓ ଶାରୀରିକ ପ୍ରଦର୍ଶନକୁ ପ୍ରଶଂସା କରି ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ନିଯୁକ୍ତି ପରିବାରର ଆର୍ଥିକ ସମସ୍ୟା ଦୂର କରିବାରେ ସକ୍ଷମ ହୋଇଛି। ବଡ଼ ଭଉଣୀ ଶୁଭାମ୍ ଏବେ ନ୍ୟାୟିକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ସାନ ହୋଇ ପରିବାରରେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ସହ ଦେଶ ପାଇଁ ଶିବା କାର୍ଯ୍ୟ କରି ଯୁବପିଢ଼ିଙ୍କ ସକାଶେ ଏବେ ପ୍ରେରଣାର ଉତ୍ସ ପାଲଟିଛନ୍ତି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଅସହାୟ ଓ ଗରିବଙ୍କ ପାଇଁ ଏକ ସମର୍ପିତ ଜୀବନ ଜିଉଛନ୍ତି ଶିମ୍‌ଲାର ସରବ୍‌ଜିତ ସିଂ। ସେ ରୋଗୀ ଓ ଅସହାୟଙ୍କ ସାହାରା ପାଲଟିଛନ୍ତି। ସରବ୍‌ଜିତ ଶବବାହକ ସାଜି ମୃତ ବ୍ୟକ୍ତିଙ୍କୁ ଶ୍ମଶାନକୁ ବିନା ଦେୟରେ ତାଙ୍କ ଗାଡ଼ିରେ ନେଉଛନ୍ତି। ଗରିବ ରୋଗୀଙ୍କୁ ମାଗଣାରେ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି। ଏତଦ୍‌ବ୍ୟତୀତ ସେ ରୋଗୀ ଓ ଭୋକିଲାମାନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ନିଜ ଖର୍ଚ୍ଚରେ ମେଡିକାଲ ସହଯୋଗରେ ବ୍ଲଡ୍‌କ୍ୟାମ୍ପର ଆୟୋଜନ ମଧ୍ୟ କରୁଛନ୍ତି। ତାଙ୍କର ଶିମ୍‌ଲାରେ ଏକ ଛୋଟ ଚପଲ ଦୋକାନ ଅଛି। ସରବ୍‌ଜିତ ସିଂ ବର୍ତ୍ତମାନ ସୁଦ୍ଧା ୧ ହଜାରରୁ ଊର୍ଦ୍ଧ୍ୱ ମୃତଦେହ ଶ୍ମଶାନକୁ ନେଇସାରିଲେଣି। ସେ 'ଅଲ୍‌ମାଇଟ୍ ବ୍ଲେସିଂସ୍' ସଂସ୍ଥା ଗଠନ କରି ସହରର ୪ଟି ସ୍ଥାନରେ କ୍ୟାଣ୍ଟିନ ଖୋଲିଛନ୍ତି। ପୂରା ହିମାଚଳର ବିଭିନ୍ନ ହସ୍ପିଟାଲକୁ ଆସୁଥିବା ରୋଗୀ ଏବଂ ସ୍ୱଜନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ତାଙ୍କୁ ଲୋକେ ବବି ନାମରେ ଜାଣନ୍ତି। ସମୟ ଥିଲା, ତାଙ୍କୁ ଲୋକେ ବି ବେଲା (ଜମା କାମ କରୁ ନ ଥିବା ଲୋକ) ଡାକୁଥିଲେ। ତେବେ ବେଲା ହୁଅନ୍ତୁ କି ବବି, କମ୍ ଆୟରେ ଏତେସବୁ କାର୍ଯ୍ୟ କରୁଥିବାରୁ ସେ ଶିମ୍‌ଲା କାହିଁକି ପୂରା ରାଜ୍ୟ ଓ ଦେଶରେ ସ୍ୱତନ୍ତ୍ର ପରିଚିତି ପାଇପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୮

- ଅତ୍ୟାବଶ୍ୟକ ସାମଗ୍ରୀ ବିନିମୟରେ ତୈଳ ବିକ୍ରି କରିବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଇରାକ୍‌କୁ ଅନୁମତି ପ୍ରଦାନ।
- ଆଗାମୀ ଲୋକସଭା ନିର୍ବାଚନରେ ମେଘାଳୟରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବା ପାଇଁ ରାଜ୍ୟପାଳ ପଦରୁ ପି.ଆର୍. କାଣ୍ଡିଆଙ୍କ ଇସ୍ତଫା ପ୍ରଦାନ।
- ପଶ୍ଚିମ ଓଡ଼ିଶାର ନେତା, କଂଗ୍ରେସ ଦଳର ପୂର୍ବତନ ସଭାପତି ଓ ପୂର୍ବତନ ସାଂସଦ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ନିତ୍ୟାନନ୍ଦ ମିଶ୍ରଙ୍କ ବିଜୁ ଜନତା ଦଳରେ ଯୋଗଦାନ।

# ପାଠକ ଶ୍ରେଷ୍ଠ ବିଚାରକ

## ସାବଧାନତା ସହ ପଶୁପକ୍ଷୀଙ୍କୁ ଦେଖନ୍ତୁ

ମହାଶୟ,

ପର୍ଯ୍ୟଟନ ଋତୁରେ ଦେଶର ପ୍ରାୟ ସବୁ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ଅଭୟାରଣ୍ୟ, ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିସହିତ ଶୀତଋତୁର ପ୍ରବଳ ଥଣ୍ଡାର ପ୍ରଭାବ ଏବଂ ପର୍ଯ୍ୟଟକମାନଙ୍କ କୋଳାହଳ ପଶୁପକ୍ଷୀମାନଙ୍କ ବିଶ୍ରାମରେ ବ୍ୟାଘାତ ସୃଷ୍ଟି କରୁଛି। ଅଳ୍ପ କେତେକ ରାଜସ୍ୱ ପ୍ରାପ୍ତି ଆଶାରେ ଜୀବଜନ୍ତୁ ପଶୁପକ୍ଷୀଙ୍କ ଆହାର ବିହାର ଓ ବିଚରଣକୁ ବିପଦଗ୍ରସ୍ତ କରା ନ ଯାଉ। ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ । ଜଳଚର ଜୀବମାନଙ୍କର ଜଳାଶୟଗୁଡ଼ିକରେ ପ୍ରଚୁର ପରିମାଣରେ ଶିଉଳି ନେଳି ରଙ୍ଗରେ ପରିଣତ ହୋଇ ଦୂଷିତ ରହିଛି ଏବଂ ପର୍ଯ୍ୟଟକମାନେ ଫିଙ୍ଗୁଥିବା ପାଣିବୋତଲ ଓ ପଲିଥିନରେ ପରିପୂର୍ଣ୍ଣ ହୋଇ ଯାଉଛି। ସେଇ ଦୂଷିତ ଜଳକୁ ନିଷ୍କାସନ କରି ଜଳାଶୟରେ ସ୍ୱଚ୍ଛ ଜଳ ପୂର୍ଣ୍ଣ କରିବା ଆବଶ୍ୟକ । ପଶୁପକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ ପିଇବାପାଣି ଉପରେ ମଧ୍ୟ ଯତ୍ନବାନ ହେବା ଉଚିତ ଏବଂ ନନ୍ଦନକାନନରେ ପର୍ଯ୍ୟଟକମାନେ ଆଣିଥିବା ଖାଦ୍ୟ ଯେପରି ଦିଆଯାଇ ନ ପାରିବ, ସେଥିପ୍ରତି ଦୃଷ୍ଟିଦେବା ସହ ଏ ସବୁ କାର୍ଯ୍ୟରୁ ବିରତ ହେବା ପାଇଁ ପର୍ଯ୍ୟଟକମାନଙ୍କ ଉପରେ କଟକଣା ଓ ଜରିମାନା ଲଗାଇବା ଆବଶ୍ୟକ। ସମ୍ପୂର୍ଣ୍ଣ ରୂପେ ଅନ୍ୟ ଉପରେ ନିର୍ଭରଶୀଳ ଓ ପାଳିତ ପ୍ରାଣୀ ସମ୍ପଦକୁ ସଂକ୍ରାମକ ରୋଗ ପ୍ରାଦୁର୍ଭାବର ଆଶଙ୍କା ଜନିତ ଅକାଳ ମୃତ୍ୟୁମୁଖରୁ ରକ୍ଷା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାରେ ଅବହେଳା କରିବା ଉଚିତ ନୁହେଁ ।

**- ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

## ମନ୍ଦିରରେ ସିସିଟିଭି ଲଗାଯାଉ

ସବୁ ମନ୍ଦିରଗୁଡ଼ିକରେ ସିସିଟିଭି ଲଗାଇବାର ବ୍ୟବସ୍ଥା କରାଯାଉ। ଯେପରି ଅପରାଧୀମାନେ ଖସି ଯିବାର ପଥରୁଦ୍ଧ ହୋଇଯିବ। କ୍ୟାମେରାରେ ଫଟୋ ରହିଯିବ। ସେହିପରି ରାତ୍ର ପାଟ୍ରୋଲିଂ କଡାକଡ଼ି ପାଳନ କରାଯାଉ। ସାଧାରଣ ଲୋକଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ଏଥିସହିତ ମନ୍ଦିର ପୂଜକମାନେ ସଚେତନ ରହିବା ଆବଶ୍ୟକ। ଧନସମ୍ପତ୍ତିର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବା ଉଚିତ। ସୁନା, ଟଙ୍କା ଓ ଅଳଙ୍କାର କକ୍ଷରେ ସିସିଟିଭି ଲଗାଗଲେ ଅପରାଧୀମାନଙ୍କର ଅପରାଧ ଧରାପଡ଼ିଯିବ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା-ରାଣୀ
ଏକାକୀ ନାଉରି ସଙ୍ଗୀତ-ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟାର-ସରମ ଠାଣି
ତଳେ ଜଳରାଶି-ପୀଡ଼ିତ-ମରମ ବାଣୀ।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆଜି ହିମାଚଳ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ**

ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରବିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଯାଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂ ଏବଂ ବରିଷ୍ଠ ବିଧାୟକ ଧାନିରାମ ଶାଣ୍ଡିଲଙ୍କ ସମେତ ୭ ଜଣ ରବିବାର ପୂର୍ବାହ୍ନ ୧୦ଟାରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହେବା ପରେ ଗତମାସ ୧୧ ତାରିଖରେ ସୁଖୁ ମୁଖ୍ୟମନ୍ତ୍ରୀ ଏବଂ ମୁକେଶ ଅଗ୍ନିହୋତ୍ରୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।



ଶ୍ରୀନଗରଠାରେ ଡେମୋକ୍ରାଟିକ ଆଜାଦ ପାର୍ଟିର ସଭାପତି ଗୁଲାମନବୀ ଆଜାଦ ଶନିବାର ନୂତନ ଭାବେ ଦଳରେ ଯୋଗଦେଇଥିବା ନେତାଙ୍କୁ ସ୍ୱାଗତ କରୁଛନ୍ତି।

# ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା 'ଭାରତ ଯୋଡ଼ୋ ଯାତ୍ରା'ର ଉଦ୍ଦେଶ୍ୟ ନୁହେଁ: କଂଗ୍ରେସ

**କର୍ନଲ(ହରିୟାଣା),୭।୧(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୨୦୨୪ ଲୋକ ସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଭାରତ ଯୋଡ଼ୋ ଯାତ୍ରା ଆୟୋଜନ କରାଯାଇ ନାହିଁ ବୋଲି ଶନିବାର ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାହୁଲ ୩ଟି ବଡ଼ ପ୍ରସଙ୍ଗ ଯଥା ଅର୍ଥନୈତିକ ଅସମାନତା, ସାମାଜିକ ଧ୍ରୁବୀକରଣ ଏବଂ ରାଜନୈତିକ ଅଧିନାୟକବାଦକୁ ପଦାରେ ପକାଇବାରେ ସଫଳ ହୋଇଛନ୍ତି। ଏହା ଏକ ଆଦର୍ଶଗତ ଯାତ୍ରା ଏବଂ ରାହୁଲ ଏହାର ମୁଖ୍ୟ ଚେହେରା। ତେବେ ଏହା ଏକ ବ୍ୟକ୍ତିଗତ ଯାତ୍ରା ନୁହେଁ ବୋଲି କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଖବରଦାତାମାନଙ୍କୁ କହିଛନ୍ତି। କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ଚାଲିଥିବା ପଦଯାତ୍ରା ଏବେ ହରିୟାଣାରେ ପହଞ୍ଚିଛି। ଏହା ଏକ ନିର୍ବାଚନୀ ଯାତ୍ରା ନୁହେଁ। ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀ ଦଳ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବେ କି ବୋଲି ପ୍ରଶ୍ନ କରିବା ଠିକ୍ ନୁହେଁ। ଆର୍‌ଏସ୍‌ଏସ୍ ଏବଂ ଭାଜପା ସହ ଆଦର୍ଶଗତ ଲଢ଼େଇ ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ଜୟରାମ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜୟରାମଙ୍କ ସହ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ଉପସ୍ଥିତ ଥିଲେ।

# ତ୍ରିରଙ୍ଗା ସ୍ଥାନରେ ଗେରୁଆ ପତାକା ଉଡ଼ାଇବ ଭାଜପା: ମେହେବୁବା

**ଶ୍ରୀନଗର,୭।୧**



ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହେବୁବା ମୁଫତି ଶନିବାର କେନ୍ଦ୍ରର ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆଗାମୀ ଦିନରେ ଭାଜପା ଦେଶର ସମ୍ବିଧାନକୁ ଧ୍ୱଂସ କରିବା ସହ ଜାତୀୟ ପତାକା ସ୍ଥାନରେ ଗେରୁଆ ପତାକା ଉଡାଇବ ବୋଲି ମେହେବୁବା କହିଛନ୍ତି। ନିଜ ପିତା ତଥା ପିଡିପି ସଂସ୍ଥାପକ ମୁଫ୍ତି ମହମ୍ମଦ ସୟିଦଙ୍କ ୭ମ ପୁଣ୍ୟତିଥି ସମାରୋହରେ ପାର୍ଟିର କର୍ମୀଙ୍କୁ ସମ୍ବୋଧନ ଦେବା ଅବସରରେ ମେହେବୁବା ଭାଜପା ସରକାରଙ୍କୁ ଟାର୍ଗେଟ କରିବା ସହ କୌଣସି ଦେଶ ଯେତେ ଶକ୍ତିଶାଳୀ ହେଉନା କାହିଁକି ନିଜ ଜନତାଙ୍କ ବିରୋଧରେ ଯୁଦ୍ଧ ଆଦୌ ଜିତି ପାରିବ ନାହିଁ ବୋଲି କହିଛନ୍ତି।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ହରିୟାଣାର କର୍ନଲଠାରେ ଶନିବାର ଆୟୋଜିତ ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଦଳର ବରିଷ୍ଠ ନେତୃବୃନ୍ଦ କ୍ରୀଡ଼ାବିତ୍ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ରାଉରକେଲାକୁ ଉଡ଼ିଲା ବିମାନ

# ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ନେଇ ରାଜନୀତି

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଶନିବାରଠାରୁ ଭୁବନେଶ୍ୱରରୁ ଷ୍ଟିଲ୍ ସିଟି ରାଉରକେଲାକୁ ବିମାନ ଉଡ଼ିଛି। ବିମାନ ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ଦିଆଯାଇଥିବା ବିଜ୍ଞାପନକୁ ନେଇ ରାଜନୀତି ହୋଇଛି। ଏଥିଲାଗି ଦିଆଯାଇଥିବା ବିଜ୍ଞାପନ ଏବଂ ଶୁଭାରମ୍ଭ କାର୍ଯ୍ୟକ୍ରମ ପୋଷ୍ଟରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ନ ଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ରାଜନୈତିକ ଦ୍ୱନ୍ଦ୍ୱ ରହିବ। କିନ୍ତୁ ରାଜ୍ୟ ସ୍ୱାର୍ଥ କଥା ଉଠିଲେ, ଏକାଠି ହେବା। ବାଲିରେ ଥିବା ବେଳେ ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରା କଥା ଉଠାଇଥିଲେ। ଅନ୍ତର୍ଜାତୀୟ ମଞ୍ଚରେ ମୋଦିଜୀ ଓଡ଼ିଶା କଥା ଉଠାଇଥିଲେ ବି ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ମଧ ଦେଲେନି। ବିଜ୍ଞାପନରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିଥିଲେ ଭଲ ହୋଇଥାଆନ୍ତା ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଧ ସମାନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ବୋଲି କହିଛନ୍ତି।

ଧର୍ମେନ୍ଦ୍ରଙ୍କ ଅଭିଯୋଗ ନେଇ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ବିରୋଧୀଙ୍କ କାମ ବିରୋଧ କରିବା। ବିରୋଧୀ ସବୁବେଳେ ବିଭିନ୍ନ ପ୍ରକାର ଅଭିଯୋଗ କରନ୍ତି। ୨୨ ବର୍ଷର ଶାସନରେ ମୁଖ୍ୟମନ୍ତ୍ରୀ ଉନ୍ନତି ପରେ ଉନ୍ନତି କରୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ ଲୋକଙ୍କ ପାଇଁ କାମ କରୁଛନ୍ତି। ଆଜି ଜନସାଧାରଣଙ୍କ ହୃଦୟରେ ସେ ଅଛନ୍ତି। ପଶ୍ଚିମ ଓଡ଼ିଶାର ରାଉରକେଲାକୁ ବିମାନ ଉଡ଼ାଣ ପାଇଁ ବହୁଦିନର ଦାବି ଥିଲା। ଆଜି ତାହା ପୂରଣ ହୋଇଛି। ଜାତୀୟ ସ୍ତରର ହକିକୁ ଓଡ଼ିଶା ଆଣି ବିଶ୍ୱ ଦରବାରରେ ପହଞ୍ଚାଇଛି। ହକି ବିଶ୍ୱକପ୍ ଚାଲିବା ବେଳେ ଖେଳାଳିମାନଙ୍କ ପାଇଁ ଚାର୍ଟାର୍ଡ ବିମାନ ଚାଲିବ। ୧୨ ତାରିଖରୁ ବ୍ୟବସାୟିକ ବିମାନ ନିୟମିତ ଚାଲିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଭାରତ ସରକାରଙ୍କ ସହଯୋଗ ଲାଗି ଧନ୍ୟବାଦ ଦେଉଛି ବୋଲି ଟୁକୁନି କହିଛନ୍ତି।

# ପତିଆରା ପାଇଁ ଲଢ଼େଇ

**ନିଶ୍ଚିନ୍ତକୋଇଲି, ୭।୧(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନକୁ ପ୍ରାୟ ୧୫ ମାସ ବାକି ଥିବାବେଳେ ଏବେଠୁ ବିଜେଡି ଓ ଭାଜପା ନିଜର ପତିଆରା ସୃଷ୍ଟି ପାଇଁ ଲାଗିପଡ଼ିଛନ୍ତି। ରବିବାର ଏହା ଦେଖିବାକୁ ମିଳିବ କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକରେ। କୋଲଣପୁର ପଞ୍ଚାୟତ ଅନ୍ତର୍ଗତ ଆର୍‌ଏମସି ପଡିଆରେ ରବିବାର ବିଜେଡିର ୨୬ ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ସମୟରେ ନିଶିନ୍ତକୋଇଲି ବଜାରରେ ଭାଜପା ପକ୍ଷରୁ ସଂକଳ୍ପ ଯାତ୍ରା ଆୟୋଜନ କରାଯାଇଛି। ବିଜେଡିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଦଳର ବରିଷ୍ଠ ନେତାମାନଙ୍କୁ ଏକାଠି କରି ସମାବେଶ ଆୟୋଜନ କରିଛନ୍ତି। ଏଥିରେ ଦଳର ବରିଷ୍ଠ ନେତ୍ରୀ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ ସାମଲ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସମେତ କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହେବ ବୋଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଉପାଧ୍ୟକ୍ଷ ଅଶୋକ ଓଝା ଓ ଜିଲା ସାଧାରଣ ସମ୍ପାଦକ ଗିରୀଶ ରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି। ଅପରପକ୍ଷେ ଭାଜପା ପକ୍ଷରୁ ହେବାକୁ ଥିବା ସଂକଳ୍ପ ଯାତ୍ରାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବରିଷ୍ଠ ବିଧାୟକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଦୁଇ ଦଳ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ପୋଷ୍ଟର ଓ ବ୍ୟାନର ଲଗାଯାଇଛି। ଏଥିସହ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ଗୋଟିଏ ଦିନରେ ନିଶ୍ଚିନ୍ତକୋଇଲି ବ୍ଲକରେ ଦୁଇ ପ୍ରମୁଖ ରାଜନୈତିକ ଦଳର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

ଏସମ୍ପର୍କରେ ସାଲେପୁର ଏସ୍‌ଡିପିଓ ବିମଳ ପ୍ରସାଦ ବାରିକ କୁହନ୍ତି, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଥିପାଇଁ ୨ ପ୍ଲାଟୁନ ଫୋର୍ସ ସହ ସ୍ଥାନୀୟ ଥାନାର ଆଇଆଇସି, ସମସ୍ତ ଅଫିସର ଓ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥା ମଧ କଡ଼ାକଡ଼ି କରାଯିବ।

# ୨୬ରୁ କଂଗ୍ରେସର 'ହାତ୍ ସେ ହାତ୍ ଯୋଡ଼ୋ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ହାତ୍ ସେ ହାତ୍ ଯୋଡ଼ୋ କାର୍ଯ୍ୟକ୍ରମ ଏକ ଅଂଶବିଶେଷ। ରାଜ୍ୟ କଂଗ୍ରେସର ନେତୃବର୍ଗ ଆସନ୍ତା ଜାନୁୟାରୀ ୨୬ ତାରିଖରୁ ଓଡ଼ିଶାର ପ୍ରତ୍ୟେକ ଗାଁକୁ ଯାଇ ହାତ ସେ ହାତ ଯୋଡ଼ୋ କାର୍ଯ୍ୟକ୍ରମ ଆରମ୍ଭ କରିବେ। ପ୍ରତ୍ୟେକ ଗାଁରେ କଂଗ୍ରେସର ପତାକା ଉତ୍ତୋଳନ କରାଯିବ ଏବଂ କଂଗ୍ରେସ ନେତୃବର୍ଗ ଗାଁର ପ୍ରତ୍ୟେକ ଘରକୁ ଘର ଯାଇ ଜନସମ୍ପର୍କ ସୃଷ୍ଟି କରିବା ସହିତ ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି, ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟା ସହିତ ରାହୁଲ ଗାନ୍ଧୀଙ୍କ ଆଦର୍ଶରେ ଯେଉଁ ଭାରତ ଯୋଡ଼ୋ ଯାତ୍ରା ଚାଲିଛି ସେ କଥାକୁ ଲୋକମାନଙ୍କ ପାଖରେ ଉପସ୍ଥାପନ କରିବେ। ହାତ ସେ ହାତ ଯୋଡ଼ୋ କାର୍ଯ୍ୟକ୍ରମ ଜାନୁୟାରୀ ୨୬ରୁ ଆରମ୍ଭ ହୋଇ ଦୁଇ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

୬ ଓ ୭ ତାରିଖ ଦୁଇଦିନ ଧରି ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଦୁଇଦିନିଆ ବୈଠକରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମକୁ କିପରି ଭାବରେ ସଫଳ କରାଯିବ ସେ ନେଇ ଜମ୍ମୁ-କଶ୍ମୀର ପୂର୍ବତନ ମନ୍ତ୍ରୀ, କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ସଭା ସଦସ୍ୟ ତାରିକ୍ ହମିଦ କାରାର୍ ଗୁରୁମନ୍ତ୍ର ଦେଇଛନ୍ତି। ଦଳରେ କୌଣସି ପ୍ରକାରର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା, ପୂର୍ବତନ ଏମ୍‌ପି, ବିଧାୟକ, ବରିଷ୍ଠ ନେତୃବର୍ଗ, ବର୍ତ୍ତମାନର ଏମ୍‌ପି, ବିଧାୟକ, ଛାତ୍ର, ଯୁବ, ମହିଳା ନେତୃବର୍ଗ, ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ଅଧିକାରୀ ବୃନ୍ଦ ଏବଂ ପଦାଧିକାରୀଙ୍କୁ ସେ କହିଛନ୍ତି। ସାରା ଭାରତବର୍ଷରେ କୋଟି କୋଟି ଲୋକ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେଉଛନ୍ତି। ୩ ହଜାରରୁ ଅଧିକ କିଲୋମିଟର ରାହୁଲ ଗାନ୍ଧୀ ପଦଯାତ୍ରା କରି ସାରିଲେଣି ବୋଲି କାରାର୍ କହିଛନ୍ତି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ।

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4402 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.76/OSIC/MKT Dt.06.01.2023
The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/Manufacturers for supply & installation of Inverter with Batteries and Headphones to 399 Nos. of transformed High School in the district of Mayurbhanj. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC www.osicltd.in. Any corrigendum/changes/modifications will appear in OSIC Ltd. website: **www.osicltd.in** only and all the tenderers are to refer to above website.
By order of MD
Sd/-Manager(Mktg)
OIPR-14073/11/0134/2223

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4403 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.78/OSIC/MKT Dt.06.01.2023
The Odisha Small Industries Corporation Ltd., Cuttack invites sealed bids from experienced Distributors/Dealers/ Manufacturers for supply of Ladies Bicycles with specific branding for use by Mission Shakti Group members for Joda & Barbil Municipalities under Keonjhar District. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC **www.osicltd.in** Any corrigendum/changes/modifications will appear in OSIC Ltd. website: **www.osicltd.in** only and all the tenderers are to refer to above website.
By order of MD
Sd/-Manager(Mktg)
OIPR-14073/11/0135/2223

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India** A Government of India Undertaking | ଆନ୍ଧ୍ରା Andhra | Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତି ଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତି ଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୦୯.୦୨.୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧. | **ନୀଳକଣ୍ଠନଗର ଶାଖା, ଫୋନ୍: ୯୧୨୪୬୭୨୭୧୧/** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/ ୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, **ଗୃହ ସମ୍ପତ୍ତିର ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୧,୨୮,୦୦୦/- / ଟ.୧,୧୩,୦୦୦/- / ଟ.୧୧,୦୦୦/- | ୦୬.୦୪.୨୦୨୦ ସୁଦ୍ଧା ଟ.୧୯,୧୫,୨୯୧.୫୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୯୮୧୯୪୧୦୯୫୧ /** **୧) ଶ୍ରୀ ସୁମନ୍ତ ଦିହୁଡ଼ି,** ପିତା: ଶ୍ରୀ ସନ୍ୟାସୀ ଦିହୁଡ଼ି, **୨) ଶ୍ରୀମତୀ ଚନ୍ଦ୍ରକଳା ଦିହୁଡ଼ି,** ସ୍ୱାମୀ: ଶ୍ରୀ ସନ୍ୟାସୀ ଦିହୁଡ଼ି, **୩) ଶ୍ରୀ ରମେଶ ନାଏକ,** ପିତା: ଶ୍ରୀ ପବନ ନାଏକ, ସମସ୍ତଙ୍କ ଠିକଣା - ସା/ ପୋ: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୧୨୦ | ଶ୍ରୀମତୀ ଚନ୍ଦ୍ରକଳା ଦିହୁଡ଼ି ଏବଂ ଶ୍ରୀ ସୁମନ୍ତ ଦିହୁଡ଼ିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୬୯, ଖାତା ନଂ.: ୩୫୫, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, କ୍ଷେତ୍ର: ଏକର୦.୦୭୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ କୈଳାସ ଦିହୁଡ଼ିଙ୍କ ଗୃହ, ପଶ୍ଚିମ: ଶ୍ରୀ ଭଞ୍ଜ ବଢ଼େଇଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଚନ୍ଦ୍ରକଳା ଦିହୁଡ଼ିଙ୍କ ଜମି | ଟ.୧୩,୧୨,୦୦୦/- / ଟ.୧,୩୨,୦୦୦/- / ଟ.୧୩,୦୦୦/- | ୨୯.୦୮.୨୦୨୨ ସୁଦ୍ଧା ଟ.୬,୮୪,୯୬୪.୨୨ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୦୮.୦୨.୨୦୨୩ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ / ଯାହାଙ୍କ ସପକ୍ଷରେ ଅମାନତ ରାଶି ପୈଠ: କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକାଉଣ୍ଟ ନଂ.: ୦୦୮୫୧୧୧୦୦୦୦୦୪୩୨, IFSC Code : UBIN0800856, ଫୋନ୍ ନଂ.: ୭୫୦୬୮୦୭୨୫୮**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୦୭.୦୨.୨୦୨୩ ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ, ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

**ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ।**

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ (୬)/ରୁଲ୍ ୯(୧) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୦୭.୦୧.୨୦୨୩** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

इंडियन बैंक Indian Bank | इलाहाबाद ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଶାଖା/ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ପଟିଆ ଶାଖା** **(୧) ମେସର୍ସ ବି ଏସ୍ ଇଞ୍ଜିନିୟରିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ (ଋଣଗ୍ରହୀତା-ପାର୍ଟନରସିପ୍ ଫାର୍ମ),** ପ୍ଲଟ ନଂ.୧୨୫, ଜୋନ୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୧୦, **(୨) ଶ୍ରୀ ବିବେକାନନ୍ଦ ଜେନା (ଜାମିନ୍‌ଦାର/ପାର୍ଟନର),** ପିତା: ଯୋଗେଶ ଚନ୍ଦ୍ର ଜେନା, ପ୍ଲଟ ନଂ.୧୨୪, ସହୀଦ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୦୭, **(୩) ଶ୍ରୀ ସୁମିତ୍ କୁମାର ପାଠୀ (ଜାମିନ୍‌ଦାର/ପାର୍ଟନର),** ପିତା: ରାମଚନ୍ଦ୍ର ପାଠୀ, **(୪) ଶ୍ରୀମତୀ ବବିତା ପାଠୀ (ଜାମିନ୍‌ଦାର/ପାର୍ଟନର),** ସ୍ୱା: ଶ୍ରୀ ସୁମିତ୍ କୁମାର ପାଠୀ, ଉଭୟଙ୍କ ଠିକଣା: ଫ୍ଲାଟ ନଂ.୫/ଏ, ଇସ୍କନ ରେସିଡେନ୍ସି (କିଟ୍ କୋଏଲ୍ କ୍ୟାମ୍ପସ୍ ନିକଟ), ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୪। | **ସମ୍ପତ୍ତି-୧:** ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୯୬/ ୬୨୪ (ସବ୍ ପ୍ଲଟ ନଂ.୪୮୫), ଖାତା ନଂ.୭୫/୪୦୧, ମୌଜା: ଦଶବାଟିଆ, ଥାନା: ଖଣ୍ଡଗିରି, ତହସିଲି/ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୫୯.୬୮ ଡିସିମିଲି (୨୬୦୦ ବର୍ଗଫୁଟ), **ସମ୍ପତ୍ତିର ମାଲିକ: ବବିତା ପାଠୀ,** ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ନଂ.୪୪୮, ଦକ୍ଷିଣ- ସବ୍ ପ୍ଲଟ ନଂ.୩୨୮, ପୂର୍ବ- ରେଭିନ୍ୟୁ ପ୍ଲଟ ନଂ.୯୬(ପି), ପଶ୍ଚିମ- ରାସ୍ତା। **ସମ୍ପତ୍ତି-୨:** ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୬୫/୨୬୫୧, ଖାତା ନଂ.୨୭୦/୧୮୧୧, ସବ୍-ପ୍ଲଟ ନଂ.୧୮, ମୌଜା: ବଡରଘୁନାଥପୁର, ଥାନା: ଜଟଣୀ, ଥାନା ନଂ.୬୫, ତହସିଲି/ସବ୍-ରେଜିଷ୍ଟ୍ରାର: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୪୫.୪୫ଡିସିମିଲି (୧୯୮୦ ବର୍ଗଫୁଟ), **ସମ୍ପତ୍ତିର ମାଲିକ: ବବିତା ପାଠୀ,** ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ରେଭିନ୍ୟୁ ପ୍ଲଟ ନଂ.୬୬୦, ଦକ୍ଷିଣ- ରାସ୍ତା, ପୂର୍ବ: ସବ୍-ପ୍ଲଟ ନଂ.୧୭, ପଶ୍ଚିମ- ସବ୍-ପ୍ଲଟ ନଂ.୧୯। | ୨୧.୧୦.୨୦୨୨ | ୦୬.୦୧.୨୦୨୩ | ଟ.୮୨,୮୦,୭୭୭.୩୮ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଭୁବନେଶ୍ୱର ଶାଖା** ଋଣଗ୍ରହୀତା: **ଶ୍ରୀମତୀ ବିଦ୍ୟୁଲତା ସାହୁ,** ସ୍ୱା: ଶ୍ରୀ ତାପସ ରଞ୍ଜନ ସାହୁ, **ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ଶ୍ରୀ ରାମଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା: ମୌଜା- ନିଆଁମୁଆଁ, ପୋଷ୍ଟ-ଡାଳତୋଳା, ପ୍ଲଟ ନଂ.୬୧୩/୯୦୨, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୬। | **ସମ୍ପତ୍ତି-୧: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ ରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ହାଲ ମ୍ୟୁଟେସନ ଖାତା ନଂ.୩୨୫/୧୭୨, ପ୍ଲଟ ନଂ.୬୧୨/୯୫୨, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୩୨୫/୨, ପ୍ଲଟ ନଂ.୬୧୨(ପି), ଏରିଆ: ଏ୦.୨୪୦ ଡିସିମିଲି ଏବଂ ହାଲ ମ୍ୟୁଟେସନ ଖାତା ନଂ.୩୨୫/୧୭୩, ପ୍ଲଟ ନଂ.୬୧୨/୯୫୩, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୩୨୫/୨, ପ୍ଲଟ ନଂ.୬୧୨(ପି), ଏରିଆ: ଏ୦.୦୧୦ ଡିସିମିଲି, ମୌଜା: ନିଆଁମୁଆଁ, ତହସିଲି: ବେଗୁନିଆ, ସବ୍ ରେଜିଷ୍ଟ୍ରାର/ଥାନା: ଖୋର୍ଦ୍ଧା, ଥାନା ନଂ.୯୧, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୬୦୦, ପଶ୍ଚିମ- ପ୍ଲଟ ନଂ.୬୧୩ (କିଶୋର ଚନ୍ଦ୍ର ସାହୁ) ଏବଂ ପ୍ଲଟ ନଂ.୬୧୪, ଉତ୍ତର- ପ୍ଲଟ ନଂ.୬୦୯, ଦକ୍ଷିଣ- ରାସ୍ତା। **ସମ୍ପତ୍ତି-୨: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ ରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ହାଲ ମ୍ୟୁଟେସନ ଖାତା ନଂ. ୩୨୫/୪୮, ପ୍ଲଟ ନଂ.୬୧୦, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୧୪୦, ଏରିଆ: ଏ୦.୦୬୫ ଡିସିମିଲି, ମୌଜା: ନିଆଁମୁଆଁ, ତହସିଲି: ବେଗୁନିଆ, ସବ୍ ରେଜିଷ୍ଟ୍ରାର/ଥାନା: ଖୋର୍ଦ୍ଧା, ଥାନା ନଂ.୯୧, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୬୦୦, ପଶ୍ଚିମ- ପ୍ଲଟ ନଂ.୬୧୧ ଏବଂ ପ୍ଲଟ ନଂ.୬୧୨(ପି), ଉତ୍ତର- ପ୍ଲଟ ନଂ.୬୦୯, ଦକ୍ଷିଣ- ପ୍ଲଟ ନଂ.୬୧୨(ପି) ଏବଂ କିଶୋର ଚନ୍ଦ୍ର ସାହୁ। **ସମ୍ପତ୍ତି-୩: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ ରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ହାଲ ମ୍ୟୁଟେସନ ଖାତା ନଂ.୩୨୫/୧୦୭, ପ୍ଲଟ ନଂ.୬୧୩/୯୦୨, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୧୭୫, ପ୍ଲଟ ନଂ.୬୧୩(ଅଂଶ), ଏରିଆ: ଏ୦.୧୪୬ ଡିସିମିଲି, ମୌଜା: ନିଆଁମୁଆଁ, ତହସିଲି: ବେଗୁନିଆ, ସବ୍ ରେଜିଷ୍ଟ୍ରାର/ଥାନା: ଖୋର୍ଦ୍ଧା, ଥାନା ନଂ.୯୧, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୬୧୪, ଉତ୍ତର- ପ୍ଲଟ ନଂ.୬୧୩(ପି), ଦକ୍ଷିଣ- ରାସ୍ତା। | ୨୮.୧୦.୨୦୨୨ | ୦୪.୦୧.୨୦୨୩ | ତା.୦୩.୦୧.୨୦୨୩ସୁଦ୍ଧା ଟ.୧୬,୮୩,୩୩୮/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ପୁରୀ ଦୋଳମଣ୍ଡପ ସାହି ଶାଖା** (୧)ମେସର୍ସ ଦୁର୍ଗା ମାଧବ ହ୍ୟାଣ୍ଡଲୁମ୍ (ଋଣଗ୍ରହୀତା), (୨)ଶ୍ରୀମତୀ ବିନୋଦିନୀ ପ୍ରଧାନ (ଋଣଗ୍ରହୀତା/ ସତ୍ତ୍ୱାଧିକାରୀ/ବନ୍ଧକଦାତା), (୩)ଶ୍ରୀ ଚିରଞ୍ଜିବି ପ୍ରଧାନ (ଜାମିନ୍‌ଦାର/ବନ୍ଧକଦାତା), (୪)ଶ୍ରୀମତୀ ଇତିଶ୍ରୀ ପ୍ରଧାନ (ଜାମିନ୍‌ଦାର/ବନ୍ଧକଦାତା), ସମସ୍ତଙ୍କ ଠିକଣା: ସରସ୍ୱତୀ ବିହାର, ବାଲିଗଳି, ପୁରୀ-୭୫୨୦୦୨। | ୰ବଟକୃଷ୍ଣ ପ୍ରଧାନ, ପିତା: ନିଳକଣ୍ଠ ପ୍ରଧାନଙ୍କ ନାମରେ ଥିବା ଫ୍ୟାକ୍ଟ୍ରି ସେଡ୍ ଏବଂ ଗୃହ ଯାହାର ପ୍ଲଟ ନଂ.୧୨୮୫/୬୦୯୬, ଖାତା ନଂ.୫୨୧/୨୨୩୯, ଏରିଆ: ଏ୦.୦୧୪ ଡିସିମିଲି, ମୌଜା: ବାଲୁଖଣ୍ଡ, ତହସିଲି/ଜିଲ୍ଲା: ପୁରୀ, ଓଡିଶା, ବିକ୍ରୟ ଦଲିଲ୍ ନଂ.୧୧୪୮୧୨୦୧୩୪୯, ତା.୨୪.୦୨.୨୦୧୨, ଏହାର ଚାରିପାର୍ଶ୍ୱରେ: ଉତ୍ତର- ବସ୍ତି ପ୍ଲଟ ନଂ.୫୨, ଦକ୍ଷିଣ- ରାସ୍ତା, ପୂର୍ବ- ବସ୍ତି ପ୍ଲଟ ନଂ.୬୯, ପଶ୍ଚିମ- ବିନୋଦିନୀ ପ୍ରଧାନ। | ୧୩.୧୦.୨୦୨୨ | ୦୫.୦୧.୨୦୨୩ | ଟ.୮,୧୨,୫୭୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୭.୦୧.୨୦୨୩** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩



## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ମାହାଙ୍ଗା,(ସ୍ୱ.ପ୍ର.)ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଲିଅଠା ପଞ୍ଚାୟତ ବାସନ୍ତୀ ଜୟ ଦୁର୍ଗା ନୋଡାଲ ହାଇସ୍କୁଲରେ ୨ ଦିନ ବ୍ୟାପୀ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ କାମେଶ୍ୱର ନୋଡାଲ ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ନବ କିଶୋର ସାହୁ ଯୋଗଦେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବି ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଏବିଇଓ ସୋମନାଥ ରାମ ଯୋଗଦେଇ କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଂଶ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ସିଆରସିସି ଅଦ୍ୱୈତ ବଲ୍ଲଭ ରାଉତ,ସମ୍ମାନିତ ଅତିଥିଭାବେ ଶିକ୍ଷକ ଅଶୋକ କୁମାର ଖୁଣ୍ଟିଆ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କ୍ରୀଡ଼ାରେ ବିଦ୍ୟାଳୟର ୨୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ ।

# ଅଘଟଣ ପୂର୍ବରୁ ନିଆଯାଉନି କାର୍ଯ୍ୟାନୁଷ୍ଠାନ

**ଅଘଟଣ ଘଟିବା ପରେ ଟିମ୍ ଗଠନ ହୁଏ । ଚଢ଼ାଉ କରି କେତେଜଣ ଲୋକଙ୍କୁ ଗିରଫ ମଧ କରାଯାଏ। ହେଲେ ଅଘଟଣ କିପରି ନ ଘଟିବ ସେଥିପାଇଁ ପ୍ରଶାସନିକସ୍ତରରେ ତତ୍ପରତା ଦେଖିବାକୁ ମିଳି ନ ଥାଏ। କେହି ଲହୁଲୁହାଣ ହେଲେ କି କାହାର ଜୀବନ ଚାଲିଗଲା ପରେ ପ୍ରଶାସନର ଚେତା ଫେରିଥାଏ।**

**କଟକ ଅଫିସ,୭।୧**

କଟକରେ ମାଞ୍ଜାସୂତା ବିକ୍ରି ଓ କାରବାର ଉପରେ ୨୦୧୬ରେ ହାଇକୋର୍ଟ ସମ୍ପୂର୍ଣ୍ଣ କଟକଣା ଲଗାଇଥିଲେ। ଏଥିପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଥିଲା। ପୋଲିସକୁ ବି ଚଢ଼ାଉ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଯେଉଁ ଗୁଡ଼ି ବ୍ୟବସାୟୀଙ୍କୁ ପୋଲିସ ପକ୍ଷରୁ ଲାଇସେନ୍ସ ପ୍ରଦାନ କରାଯାଇଛି, ସେମାନେ ମାଞ୍ଜାସୂତା ବିକ୍ରି କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ଏହାକୁ ଯାଞ୍ଚ କରିବାକୁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁ ନାହିଁ। ଏତେସବୁ କଟକଣା ଥାଇ ମଧ ଗୁଡ଼ି ଉଡ଼ାରେ ମାଞ୍ଜାସୂତାର ବ୍ୟବହାର ବନ୍ଦ ହେଉ ନାହିଁ। ବିଭିନ୍ନ ସମୟରେ ମାଞ୍ଜାସୂତାରେ ଅନେକେ ଆହତ ହେଉଛନ୍ତି। ଏପରି କି ଜୀବନ ମଧ ଯାଉଛି। କୌଣସି ଘଟଣା ଘଟିବା ପୂର୍ବରୁ କାହାରି ଚେତା ପଶୁନି। ଏଭଳିସ୍ଥିତିରେ ଗୁଡ଼ି ଉଡ଼ାଇବାରେ ନାଇଲନ ସୂତା, ପ୍ଲାଷ୍ଟିକ ସୂତା ଓ ମାଞ୍ଜାସୂତାର ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିବାକୁ ଗତ ମଙ୍ଗଳବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି।

ଜାନୁଆରୀ ୧୪ରେ ମକର ସଂକ୍ରାନ୍ତି ପଡୁଥିବାରୁ ଏହି ଅବସରରେ ଗୁଡ଼ି ଉଡ଼ାଇବାର ପରମ୍ପରା ରହିଛି। ପ୍ରତ୍ୟେକ ବର୍ଷ ଏହି ଗୁଡ଼ି ଉଡ଼ାଇବା ଯୋଗୁ ଅନେକ ଲୋକଙ୍କ ଜୀବନ ଯାଉଛି। ବିଶେଷକରି ମାଞ୍ଜାସୂତା ବ୍ୟବହାର କାରଣରୁ ଅନେକ ଲୋକଙ୍କ ବେକ କଟି ପ୍ରାଣ ଚାଲି ଯାଉଛି। ଗତ ୬ବର୍ଷ ଭିତରେ କଟକରେ ୬ ଜଣଙ୍କ ମାଞ୍ଜାସୂତା ଲାଗି ଗୁରୁତର ଆହତ ହୋଇଥିବାବେଳେ ୪ ଜଣଙ୍କ ମୃତ୍ୟୁ ହୋଇଛି। କେବଳ ଜଗତ୍‌ପୁରରେ ୬ଟି ଘଟଣା ଘଟିଛି। ୨୦୧୬ ଜାନୁୟାରୀ ୧୮ ତାରିଖରେ ତେଲେଙ୍ଗାପେଣ୍ଠ ନିକଟ ନୂଆଗଡ଼ ଅଞ୍ଚଳରେ ୬ବର୍ଷୀୟା ନାବାଳିକାଙ୍କ ମାଞ୍ଜାସୂତା ଲାଗି ମୃତ୍ୟୁ ପରେ ତୁରନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜାନୁଆରୀ ୨୦ତାରିଖରେ ମାଞ୍ଜାସୂତାକୁ କଟକ ଜିଲା ପ୍ରଶାସନ ନିଷେଧ କରିଥିଲା। ୨୦୨୧ ଡିସେମ୍ବରରେ ଜଗତ୍‌ପୁରରେ ମାଞ୍ଜାସୂତା ଲାଗି ଜଣେ ବାଇକ୍ ଚାଳକ ଜୟନ୍ତ ସାମଲଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୨୨ ଡିସେମ୍ବର ୨୭ରେ ଟାଙ୍ଗିରୁ ଜଗତପୁର ଆସୁଥିବା ଜଣେ ଯୁବକଙ୍କ ମୁହଁରେ ମାଞ୍ଜାସୂତା ଲାଗିଯିବାରୁ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏତେସବୁ କଟକଣା ଜିଲା ପ୍ରଶାସନ ଓ ପୋଲିସ କରିଥିବାବେଳେ ମାଞ୍ଜାସୂତା କଟକ ସହରରୁ ଆସୁଛି କେଉଁଠୁ? ବିକ୍ରି କିଏ କରୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖୋଲାସାହି, ନନ୍ଦୀସାହି, ଚୌଧୁରୀବଜାର, ପୀଠାପୁର ଅଞ୍ଚଳରୁ ମାଞ୍ଜାସୂତା ପୁରା ସହରକୁ ଚାଲାଣ ହେଉଥିବା କୁହାଯାଉଥିବାବେଳେ ପୋଲିସର ସେଭଳି ଆଖିଦୃଶିଆ ଚଢ଼ାଉ ହେଉ ନ ଥିବା କୁହାଯାଉଛି। ମକର ସଂକ୍ରାନ୍ତିକୁ ଆଉ ଗୋଟିଏ ସପ୍ତାହ ଥିବାବେଳେ ଏବେଠାରୁ ଗୁଡ଼ି ଉଡ଼ା ଆରମ୍ଭ ହୋଇଗଲାଣି। ଉଭୟ ପୋଲିସ ଓ ଜିଲା ପ୍ରଶାସନ ମିଳିତ ଭାବେ ଏବେଠାରୁ ମାଞ୍ଜାସୂତା ବିକ୍ରି ଉପରେ ରୋକ ନ ଲଗାଇଲେ ବିପଦ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏନେଇ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ମତାମତ ମିଳିପାରିନି।

### ଚିହ୍ନଟ ହୋଇଥିଲା ୧୦ ପଡ଼ିଆ

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲାପ୍ରଶାସନ ପକ୍ଷରୁ ବାଲିଯାତ୍ରା ପଡ଼ିଆ, କାଠଯୋଡ଼ି ନଦୀ ପଠା, ସନସାଇନ୍ ପଡ଼ିଆ, ଖାନନଗର ପାର୍କ, ସିଡିଏ ବିଜୁ ପଟ୍ଟନାୟକ ପାର୍କ, ଓଏମ୍‌ପି ଖେଳ ପଡ଼ିଆ, ପୋତାପୋଖରୀ ନିକଟ ପଡ଼ିଆ, ପଞ୍ଚମୁଖୀ ଚିହ୍ନଟ ହୋଇଥିଲା ୧୦ ପଡ଼ିଆ ହନୁମାନ ମନ୍ଦିର ନିକଟ, ବିଡାନାସୀ ଓ ନରାଜ ହେଲିପ୍ୟାଡ୍ ନିକଟରେ ୧୦ଟି ସ୍ଥାନ ଗୁଡ଼ି ଉଡ଼ାଇବା ପାଇଁ ଚିହ୍ନଟ କରାଯାଇଥିଲା । କିନ୍ତୁ ଏହି ସ୍ଥାନରେ କେହି ଗୁଡ଼ି ଉଡ଼ାଉ ନ ଥିବା ବେଳେ ନିଜ ଇଚ୍ଛାରେ ରାସ୍ତା ଓ ଛାତ ଉପରେ ଖାମଖିଆଲି ଜାଗରେ ଗୁଡ଼ି ଉଡ଼ାଯାଉଥିବା ଦେଖିବାକୁ ମିଳୁଛି।

## ଆସୁଛି ମକର, ଜୋର ଧରିଲାଣି ଗୁଡ଼ି ଉଡ଼ା

ପ୍ରଶାସନର କଟକଣା ବାଟବଣା

ମାଞ୍ଜାସୂତା ବିକ୍ରି ବ୍ୟବହାର ଉପରେ କଟକଣା ଜୋରଦାର କରାଯିବ



### ଗୁଡ଼ି ଗୋଦାମରେ ଚଢ଼ାଉ

ମାଞ୍ଜାସୂତା ଜବତ, ବ୍ୟବସାୟୀ ଗିରଫ

ଚୌଧୁରୀବଜାରର ଗୁଡ଼ି ଓ ମାଞ୍ଜାସୂତା ବିକ୍ରି ଗୋଦାମ ଉପରେ ପୁରୀଘାଟ ପୋଲିସ ଶନିବାର ଚଢ଼ାଉ କରିଛି। ଏହି ଚଢ଼ାଉ ସମୟରେ ବିପୁଳ ପରିମାଣର ଗୁଡ଼ି ନଟେଇ, ୫୦୦୦ ବଣ୍ଡଲ ମାଞ୍ଜାସୂତା ଜବତ କରାଯାଇଛି। ସେଥିମଧରେ ମନୋକଟ୍ ୧୦୦୦, ଡବଲ ବ୍ଲେଡ୍ ୫୦୦, ବେଷ୍ଟ କ୍ୱାଲିଟି ମା କାଳୀ କାଇଟ ଫ୍ଲାଇଂ ୧୫୦୦, ମେଟ୍ରୋ କାଇଟ୍ ଫ୍ଲାଇଂ ମାଞ୍ଜା ୧୪୦୦, ଓଲଟ ମାଞ୍ଜା ୬୦୦, ନଟେଇ ୧୦ଟା ରହିଛି। ଏହି ଘଟଣାରେ ବ୍ୟବସାୟୀ ନୀଲେଶ ମଲ୍ଲିକଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୭/୨୦୨୩) ରୁଜୁ ହୋଇଛି।

### ଏମାନେ କୁହନ୍ତି...

ପ୍ରଶାସନ କଟକଣା ସବୁ କାଗଜ କଲମରେ ସୀମିତ ରହି ଯାଉଥିବାରୁ ଅନେକ ବ୍ୟକ୍ତି ଏହି ନିୟମକୁ ଉଲ୍ଲଂଘନ କରି ମାଞ୍ଜାସୂତାରେ ଗୁଡ଼ି ଉଡ଼ାଉଛନ୍ତି। ଦୋକାନ ବଜାରରରେ ଏହି ମାଞ୍ଜା ସୂତାରେ ତିଆରି ଗୁଡି ମଧ ବିକ୍ରୟ ହେଉଛି। ଫଳରେ ଆଗକୁ ଆହୁରି ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

**– ଅନୀଲ ପ୍ରଧାନ, ଜଗତ୍‌ପୁର**

ମାଞ୍ଜାସୂତା ବିକ୍ରି ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ କରାଯିବାର ଆବଶ୍ୟକତା ରହିଛି। ଏପରିକି ଯେଉଁମାନେ ତିଆରି କରିବେ କିମ୍ବା ବିକ୍ରୟ ଏବଂ ବ୍ୟବହାର କରିବେ ସେମାନଙ୍କ ଉପରେ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ।

**– ରଶ୍ମିତା ସାହୁ, ଶଙ୍କରପୁର**

ମାଞ୍ଜା ସୂତା ବିକ୍ରି ଏବଂ ବ୍ୟବହାର ଉପରେ କଟକଣାକୁ ଜୋରଦାର କରାଯିବ। କଟକର କୌଣସି ଦୋକାନରେ ଯେପରି ଏହି ସୂତା ବିକ୍ରି ନ ହେବ ସେନେଇ ସଜାଗ ରହିବାକୁ ସହରର ସମସ୍ତ ଥାନାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି ନିୟମକୁ ଉଲ୍ଲଂଘନ କରି ମାଞ୍ଜାସୂତା ବିକ୍ରି କିମ୍ବା ବ୍ୟବହାର କରନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାଞ୍ଜାସୂତା ବିକ୍ରି ବ୍ୟବହାର ଉପରେ କଟକଣା ଜୋରଦାର କରାଯିବ।

**– ପିନାକ ମିଶ୍ର, ଡିସିପି, କଟକ**

## ସଂକ୍ଷେପରେ

### ୨ ସମବାୟ ସମିତିର ୧୧୫୦ କୁଇଣ୍ଟାଲ ଧାନ ସଂଗ୍ରହ

ନିଶ୍ଚିନ୍ତକୋଇଲି, ୭।୧(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାରେ ଥିବା ନିଶ୍ଚିନ୍ତକୋଇଲି ସେବା ସମବାୟ ପକ୍ଷରୁ ଶନିବାର ଧାନ ମଣ୍ଡିର ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ୧୨ ଜଣ ଚାଷୀ ୫୫୦ କୁଇଣ୍ଟା ଧାନ ବିକ୍ରି କରିଥିବା ସମବାୟ ସମିତିର ସମ୍ପାଦକ ଶରତ ଚନ୍ଦ୍ର ବାରିକ୍ ପ୍ରକାଶ କରିଛନ୍ତି। ଉଦଘାଟନୀ ଉତ୍ସବରେ ସମବାୟ ସମିତି ସଭାପତି ଜିତେନ୍ଦ୍ର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ନିତକାଇ ସରପଞ୍ଚ ଜୟଦେବ ରାଉତ, ମୁଖ୍ୟକ୍ତାଭାବେ ନିଶ୍ଚିନ୍ତକୋଇଲି ସରପଞ୍ଚ ମଧୁସ୍ମିତା ରାଉତ ଯୋଗଦେଇ ଚାଷୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଷ୍ଟାଲିନ ରାଉତ, କେଶବ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ବନ୍ଧକାଟିଆ ସମବାୟ ସମିତିର ଧାନ ମଣ୍ଡି ଖୋଲା ଯାଇଛି। ପ୍ରଥମ ଦିନରେ ୨୫ ଜଣ ଚାଷୀଙ୍କ ଠାରୁ ୬୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସମବାୟ ସମିତିର ସମ୍ପାଦକ ଶିଶିର କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମିତି ସଭାପତି ଦିଲିପ କୁମାର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଅତିଥିଭାବେ ପୂର୍ବତନ ସରପଞ୍ଚ ରବିନ୍ଦ୍ର ତ୍ରିପାଠୀ,ଉପସଭାପତି ମମତା କର,ବୈଷ୍ଣବ ବରାଳ,ଉଦୟନାଥ ବରାଳ,କୈଳାସ ଚନ୍ଦ୍ର ସ୍ୱାଇଁ,ଯଶୋବନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ବଳଦେବଜୀଉ ମନ୍ଦିରରୁ ଚୋରି

ନିଶ୍ଚିନ୍ତକୋଇଲି/ସାଲେପୁର,୭।୧(ସ୍ୱ.ପ୍ର./ଡି.ଏନ.ଏ.): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମନ୍ଦିର ଲୁଟେରା ସକ୍ରିୟ ହୋଇପଡ଼ିଛନ୍ତି। ଫଳରେ ଦେବଦେବୀ ମନ୍ଦିରଗୁଡିକ ଅସୁରକ୍ଷିତ ହୋଇପଡିଛି। ଶୁକ୍ରବାର ରାତିରେ ସାଲେପୁର ଥାନା ତଥା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବ୍ରହ୍ମକ୍ଷେତ୍ର ଜିମ୍ପିପୁରସ୍ଥିତ ପ୍ରସିଦ୍ଧ ଶ୍ରୀଶ୍ରୀବଳଦେବଜୀଉ ମନ୍ଦିରରେ ଲୁଟେରା କଳାକନା ବୁଲାଇ ଦେଇଛନ୍ତି। ସେମାନେ ମନ୍ଦିରର ଷ୍ଟୋର ରୁମରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ଲୁଟେରାମାନେ ମନ୍ଦିରର ଷ୍ଟୋର ରୁମ୍ ତାଲା ଭାଙ୍ଗି ୧୭ ପଟ ପିତଳ ଘଂଟ, ପିତଳ ଥାଳି ୨୨ପଟ, ପିତଳ ତସଲା ୨୦ ପଟ, କଂସାଳ ୩ ହଳ, ଝାଞ୍ଜ ୩ ହଳ, ଗୋଟିଏ ଡାକବାଜି ଯନ୍ତ୍ର ଓ ଗିନି ୧ହଳ ଚୋରି କରି ନେଇ ଯାଇଥିବା ମନ୍ଦିର ପରିଚାଳନା କମିଟି ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ର ବେହେରା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଅଭିଯୋଗ ପରେ ସାଲେପୁର ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଖୁବଶୀଘ୍ର ଚୋରି ସମଗ୍ରୀ ଜବତ କରାଯିବ ଓ ଦୁର୍ବୃତ୍ତ ଧରାପଡ଼ିବେ ବୋଲି ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ପ୍ରକାଶ ପରିଛନ୍ତି। ଏସମ୍ପର୍କରେ ଥାନାରେ ନଂ.୬/୨୩ରେ ଏକ ମାମଲା ରୁଜୁ ହୋଇଛି।

### ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ଅଭ୍ୟର୍ଥନା

ବଡ଼ମ୍ବା,୭।୧(ଡି.ଏନ.ଏ)- ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସଦେବଙ୍କ ୭୨ ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଠାକୁରଙ୍କ ସମ୍ମିଳନୀ ବିଗ୍ରହକୁ ଶନିବାର ବଡ଼ମ୍ବାସ୍ଥିତ ଆସନ ମନ୍ଦିର ନିଗମ ନିକେତନଠାରେ ଅଭ୍ୟର୍ଥନା ଦିଆଯାଇଛି। ଏହି ବିଗ୍ରହ ପୁରୀ ସ୍ମୃତି ମନ୍ଦିରରୁ ବାହାରି ବେଗୁନିଆ, ନରସିଂହପୁର, ବଡ଼ମ୍ବା ଦେଇ ଖୁଣ୍ଟୁଣୀ ଅଭିମୁଖେ ଯାତ୍ରା କରିଥିଲା। ଏହି ଅବସରରେ ନୀଳାଚଳ ସାରସ୍ୱତ ସଂଘ, ପୁରୀ ସଭାପତି ସନ୍ତୋଷ କୁମାର ମହାନ୍ତି, ପରିଚାଳକ ଶରତ ଚନ୍ଦ୍ର ସିଂଦେଓ, ସମ୍ପାଦକ ନରେଶ ଚନ୍ଦ୍ର ପତି ଓ ପରିଚାଳନା ମଣ୍ଡଳୀ ସଦସ୍ୟ ମନ୍ମଥ ଚନ୍ଦ୍ର ଜେନା, ପରିଚାଳନା ମଣ୍ଡଳୀ, ଶାଖା ସଭାପତିଙ୍କ ସମେତ ଭକ୍ତ ବୃନ୍ଦ ସାମିଲ ହୋଇଥିଲେ ମୁଖ୍ୟ ସେବକ ସୁରେଶ ଚନ୍ଦ୍ର ସେନାପତି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବଡ଼ମ୍ବା ଶାଖା ସଂଘର ସଭାପତି ମାଧବ ଚନ୍ଦ୍ର ନନ୍ଦ, ସମ୍ପାଦକ ପ୍ରସନ କୁମାର ପଣ୍ଡା ଓ ପରିଚାଳନା ମଣ୍ଡଳୀ ଉପସ୍ଥିତ ଥିଲେ।



ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର–୧ର ଛାତ୍ରୀଛାତ୍ରମାନେ ଶନିବାର ଓଡ଼ିଶା ହାଇକୋର୍ଟ ପରିଦର୍ଶନରେ ଆସିଥିଲେ।

## ଧରିଣା ଖେଳପଡ଼ିଆ ଜଳସମ୍ପଦ ବିଭାଗର

### ମାଲିକାନାକୁ ନେଇ ଉପୁଜିଥିଲା ବିବାଦ

**କଟକ ସଦର,୭।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ଖେଳପଡିଆର ମାଲିକାନାକୁ ନେଇ ଶନିବାର ଜଳସମ୍ପଦ ବିଭାଗର ଯନ୍ତ୍ରୀମାନେ ତଦନ୍ତ କରିଥିଲେ। ରାଜସ୍ୱ ବିଭାଗ ରେକର୍ଡରେ ଏହି ପତିତ କିସମ ଜମିଟି ଜଳସମ୍ପଦ ବିଭାଗ ଅଧୀନରେ ଥିବା ଜଣାପଡିଲା। ମୌଜା-ଧରିଣା, ଖତିୟାନ(ନୂଆ) ୪୦୬, ପ୍ଲଟ୍ ନଂ. ୪୦୫, ମୋଟ ଜାଗାର ପରିମାଣ ୨ ଏକର ୪୦ ଡିସିମିଲି ବୋଲି ଯଶପଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଥିଲା। ହେଲେ ଏହାକୁ ବ୍ଲକ ପ୍ରଶାସନ ରାଜସ୍ୱ ବିଭାଗର ବୋଲି କହି ଉନ୍ନତୀକରଣ କାମ ଆରମ୍ଭ କରିଥିଲା। ଏବେ ଜଳସମ୍ପଦ ବିଭାଗର ଅନୁମତି ନିଆଯାଇ ଉକ୍ତ ଜମିର ଉନ୍ନତୀକରଣ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତଦନ୍ତ ବେଳେ ଧରିଣା ସରପଞ୍ଚ ରତ୍ନାକର ରାଉତ, ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ନବକିଶୋର ମହାପାତ୍ର, ସହକାରୀ ଯନ୍ତ୍ରୀ ଗୋବର୍ଦ୍ଧନ ପାଣିଗ୍ରାହୀଙ୍କ ସମେତ ସମସ୍ତ କ୍ଷେତ୍ରୀୟ କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଉନ୍ନତୀକରଣ କାର୍ଯ୍ୟ ଆରମ୍ଭବେଳେ ଜାଗାର ମାଲିକାନାକୁ ନେଇ ବିବାଦ ଦେଖାଯାଇଥିଲା।

## ଅଧ୍ୟାପିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗ

- ଅଧ୍ୟକ୍ଷ ଓ ଅନ୍ୟ ୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବି

**ମଙ୍ଗୁଳି–ଜଗତପୁର,୭।୧ (ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅଧୀନ ବିଶିନାହାକାଣୀ ଜୁନିୟର କଲେଜରେ ଜଣେ ଅଧ୍ୟାପିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଗତ ଡିସେମ୍ବର ୧୬ରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ଅଧ୍ୟାପିକାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୫୭/୨୨) ରୁଜୁ କରିଥିଲା। ଇତିମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ସମ୍ପର୍କରେ ଅଧ୍ୟାପିକା ଜଣକ ଶନିବାର ଗଣମାଧ୍ୟମକୁ ଜଣାଇଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କଲେଜ ସମ୍ମୁଖରେ ଆତ୍ମହତ୍ୟା କରିବି ବୋଲି ସେ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ କଲେଜର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପ୍ରଧାନ ସମ୍ପୃକ୍ତା ଅଧ୍ୟାପିକାଙ୍କୁ ବିଭିନ୍ନ ସମୟରେ ଏକାକୀ ଅଫିସକୁ ଡାକି ଅସଦାଚରଣ କରିଛନ୍ତି। ଏପରି କି ରବିବାର ଛୁଟିରେ ବିଭିନ୍ନ କାମର ଆଳ ଦେଖାଇ କଲେଜକୁ ଡାକି ଯୌନ ନିର୍ଯାତନା ଦେଇଛନ୍ତି। ଏଥିରେ ତାଙ୍କୁ କଲେଜର ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଓ ଅନ୍ୟଜଣେ କନିଷ୍ଠ କିରାଣି ଅଶୋକ କୁମାର ମଲ୍ଲିକ ସହଯୋଗ କରିଛନ୍ତି। କଲେଜରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମିଟିଂ କରିବା ଓ ଘରେ ଛାଡିବାକୁ ଯିବା ରାସ୍ତାରେ ବମ୍ଭୁରୀ ପାହାଡ଼ ପାଖରେ ଅସଦାଚରଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ଘଟଣାର ତଦନ୍ତ ପାଇଁ ଜଣେ ଏଏସ୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

## ବିଲ୍ଡରଙ୍କୁ ରାଜଧାନୀରୁ ଉଠାଇ ନେଲା ବାଙ୍କୀ ପୋଲିସ

### ଆଦିବାସୀ ମହିଳାଙ୍କୁ ଆକ୍ରମଣ ଘଟଣା

**ଭୁବନେଶ୍ୱର,୭।୧(ବ୍ୟୁରୋ):**

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ଆଦିବାସୀ ମହିଳାଙ୍କୁ ଆକ୍ରମଣ ଘଟଣାରେ କଟକ ବାଙ୍କୀ ପୋଲିସ ଭୁବନେଶ୍ୱର ଅଞ୍ଚଳର ବିଲ୍‌ଡର ନୀତିଶ ନନ୍ଦଙ୍କୁ ରାଜଧାନୀରୁ ଉଠାଇ ନେଇଛି। ବାଙ୍କୀ ପୋଲିସର ଏକ ଟିମ୍ କ୍ୟାପିଟାଲ ଥାନା ବାପୁଜୀନଗର ଅଞ୍ଚଳରୁ ତାଙ୍କୁ ଗିରଫ କରିଥିଲା। ପରେ ମାମଲା ନଂ. ୩୪୩/୨୦୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ବିଲ୍ଡର ନନ୍ଦ ଭରତପୁର ଥାନା ଘାଟିକିଆ ଅଞ୍ଚଳରେ ରହୁଥିବାବେଳେ ବହୁ ଆଦୀବାସୀ ଜମିକୁ ଆତ୍ମସାତ କରିଥିବା ନେଇ ଭରତପୁର, ଖଣ୍ଡଗିରିଥାନାରେ ମଧ ଅଭିଯୋଗ ହୋଇଛି। ଏହାସହ ଜମି ହରାଇଥିବା ଆଦୀବାସୀ ମହିଳା, ପୁରୁଷ ରାଜଧାନୀରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତହସିଲ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଡିସିପି ଅଫିସ ମଧ ଘେରାଉ କରିଥିଲେ।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀମାନେ ।

**ଆଠଗଡ, ୭।୧(ସ୍ୱ.ପ୍ର.)**

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଆଠଗଡ ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସକୁ ଧୁମ ଧାମରେ ପାଳନ କରିବାକୁ ମତପ୍ରକାଶ ପାଇଥିଲା। ଏହି ଦିବସ ଆଠଗଡ଼ ସହରସ୍ଥିତ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପୋଲିସ, ଅଗ୍ନିଶ୍ରମ ବିଭାଗ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଏନସିସି,ସ୍କାଉଟ,ଗାଇଡ, ରେଡକ୍ରସ ଓ ଜାତୀୟ ସେବା ସଂସ୍ଥାର ଛାତ୍ରୀମାନେ ମିଳିତ ପରେଡରେ ଭାଗନେବେ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ସଂସ୍କୃତ ଓ ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚଳିତ ବର୍ଷ ମିଳିତ ପରେଡରେ ବିଜ୍ଞାପନ ମେଢ ପ୍ରଦର୍ଶିତ ହେବ।ଆଠଗଡ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ତହସିଲଦାର ପ୍ରିୟବ୍ରତ ଦାସଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଜ୍ଞାନ ମେଳାରେ ୨୯୧ ପ୍ରକଳ୍ପ ପ୍ରଦର୍ଶିତ

**ନିଶ୍ଚିନ୍ତକୋଇଲି, ୭।୧(ସ୍ୱ.ପ୍ର)**

ନିଶ୍ଚିନ୍ତକୋଇଲି ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୯୧ ପ୍ରକଳ୍ପ ଓ ମୀନା ବଜାର ସ୍ଥାନ ପାଇଥିଲା। ଏହି ଅବସରରେ ଆୟୋଜିତ ବିଜ୍ଞାନମେଳାକୁ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଖବରଦାତା ବଲ୍ଲଭ ଚରଣ ପେଲଇ, ଆସ୍ଥା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ପ୍ରମିଳା ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ରାଉତ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସ୍ମୃତି ରଞ୍ଜନ ରାଉତରାୟ ଅତିଥି ପରିଚୟ ଓ ଶେଷରେ ଶିକ୍ଷକ ବିରଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟଙ୍କା ପ୍ରିୟ ଦର୍ଶୀନି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶୁଭ୍ରାଂଶୁ ଶେଖର ସାମନ୍ତରାୟ, ସ୍ମୃତିରେଖା ମହାନ୍ତି, ଯୋଗମାୟା ପଣ୍ଡା,ନାରାୟଣ ନାୟକ ପରିଚାଳନା କରିଥିଲେ। ଏଥିରେ ପ୍ରହ୍ଲାଦ ସ୍ୱାଇଁ, ସୁଦାମ ଚରଣ ରାଉତ, ଜିତ ରଞ୍ଜନ ବେହେରା,ଜଗଦିଶ ନାଥ, ସାରଦା ପ୍ରସାଦ ଜେନା,ଶକ୍ତି ପ୍ରସାଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରୁଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩



# 'ମୁଁ ନିଜ ଭିତରେ ପଦ୍ମାବତୀଙ୍କୁ ଦେଖୁଛି'

ଧରିତ୍ରୀ ଆଳାପ



ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ବାଲା ଦେବୀ ଚନ୍ଦ୍ରଶେଖର

*ସେ ନୃତ୍ୟରେ ନିଜକୁ ହଜାଇ ଦିଅନ୍ତି। କଥାବାର୍ତ୍ତା ହେଉ କି ଚାଲିଚଳନ, ପ୍ରତିଟି କାର୍ଯ୍ୟରେ ନିଜକୁ ଜଣେ ନୃତ୍ୟାଙ୍ଗନାର ପରିଚୟ ଦେବାକୁ ଚାହାନ୍ତି। ସବୁକ୍ଷେତ୍ରରେ ନୃତ୍ୟର ଭାବକୁ ଅଜାଡ଼ି ଦିଅନ୍ତି। ୬ବର୍ଷରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ବର୍ତ୍ତମାନ ତାଙ୍କୁ ବିଶ୍ୱବିଦିତ କରିଛି। ସେ ହେଲେ ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଗୁରୁ ବାଲା ଦେବୀ ଚନ୍ଦ୍ରଶେଖର। ଏକାଧାରରେ ଜଣେ ଭାରତନାଟ୍ୟମ୍ ପ୍ରତିପାଦକ, ଗବେଷକ ତଥା ଗୁରୁ ଭାବେ ପରିଚିତା ଆମେରିକା ପ୍ରିନ୍ସଟନ୍‌ର ଏହି ନୃତ୍ୟଶିଳ୍ପୀ ଉଦ୍ଧବ ଗୀତା, କ୍ରିଷ୍ଣାର୍ପଣମ୍, ନନ୍ଦାନାର ଚରିଥ୍ରାମ୍ ଆଦି ଉପରେ ସ୍ୱତନ୍ତ୍ର ଗବେଷଣା କରି ନିଆରା ପରିଚୟ ସୃଷ୍ଟି କରିଛନ୍ତି। ସେ ତାମିଲନାଡୁ ସରକାରଙ୍କ ଦ୍ୱାରା ସମ୍ମାନଜନକ 'କଲାମାମଣି', ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା 'ନାଟ୍ୟ ଚୁଡ଼ାମଣି', ଗୁରୁ ଡ. ପଦ୍ମ ସୁବ୍ରମଣ୍ୟମ୍‌ଙ୍କ ଦ୍ୱାରା 'ନୃତ୍ୟ ସେବା ମଣି', ଥାନାଜାଭୁର ଦ୍ୱାରା 'ନାତି କାଲା ଭାରତୀ', 'ବିଶ୍ୱ କଳା ଭାରତୀ' ଆଦି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ଦେଶରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମରେ ସେ କଳା ପ୍ରଦର୍ଶନ କରି ସାରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକକ ଭାରତନାଟ୍ୟମ୍ ନୃତ୍ୟ କାର୍ଯ୍ୟକ୍ରମ 'ପଦ୍ମାବତୀ–ଏକ ଅବତାର'ରେ ନୃତ୍ୟ ପ୍ରଦର୍ଶନ କରିବାକୁ ଆସିଥିବାବେଳେ 'ଧରିତ୍ରୀ' ସହ ତାଙ୍କର ସ୍ୱତନ୍ତ୍ର ଆଳାପ।*

**●ଭାରତନାଟ୍ୟମ୍‌ର ଯାତ୍ରାରମ୍ଭ କିଭଳି ଥିଲା?**
୬ବର୍ଷ ବୟସରୁ ମୁଁ ନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲି। ପ୍ରଥମେ ହାଇଦ୍ରାବାଦରେ ଗୁରୁ ଜୟଲକ୍ଷ୍ମୀ ନାରାୟଣଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲି। ପରେ ଚେନ୍ନାଇରେ ଗୁରୁ ଡ. ପଦ୍ମା ସୁବ୍ରମଣ୍ୟମ୍‌ଠାରୁ ନୃତ୍ୟ ଶିଖିଥିଲି। ସମୟ ସ୍ରୋତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। କିନ୍ତୁ ଯେତେବେଳେ ଗୋଟିଏ ରାସ୍ତା ବନ୍ଦ ହୁଏ, ୧୦ଟି ରାସ୍ତା ଖୋଲିଥାଏ। ତେଣୁ ମୁଁ ଧୈର୍ଯ୍ୟର ସହ ଜୀବନର ପ୍ରତ୍ୟେକ ସୋପାନକୁ ଅତିକ୍ରାନ୍ତ କରିଛି।

**●ଭାରତନାଟ୍ୟମ୍ ପ୍ରତିପାଦକ, ଗବେଷକ ଓ ଗୁରୁ: କେଉଁ ପରିଚୟ ବେଶି ଆନନ୍ଦ ଦିଏ?**
ଏସବୁ ପରସ୍ପର ଉପରେ ନିର୍ଭରଶୀଳ। ଜଣେ ଭଲ ଗୁରୁ ନ ହୋଇପାରିଲେ ଭଲ ନୃତ୍ୟାଙ୍ଗନାଟିଏ ମଧ୍ୟ ହୋଇପାରିବ ନାହିଁ। ସେହିପରି ପ୍ରତ୍ୟେକ ସେମାନଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର। ଏହି ସବୁ ମୋର ପ୍ରିୟ। କୌଣସି ଗୋଟିଏକୁ ପସନ୍ଦ କରିବା ଅସମ୍ଭବ।

**●କାହାକୁ ଗୁରୁ ବୋଲି ମାନନ୍ତି?**
ଗୁରୁ ଜୟଲକ୍ଷ୍ମୀ ନାରାୟଣ ଓ ଗୁରୁ ପଦ୍ମା ସୁବ୍ରମଣ୍ୟମଙ୍କଠାରୁ ମୁଁ ନୃତ୍ୟ ଶିଖିଛି। ସେମାନଙ୍କ ଛଡ଼ା ମଧ୍ୟ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନେକଙ୍କ ପାଖରୁ ଅନେକ କିଛି ଶିଖିଛି। ଯାହାଙ୍କଠାରୁ ମୋତେ କିଛି ନୂଆ ଶିଖିବାକୁ ମିଳେ ସେମାନଙ୍କୁ ମୁଁ ଗୁରୁ ବୋଲି ଭାବେ।

**●ଓଡ଼ିଶା ସହ ସମ୍ପର୍କ, କେମିତି ଅନୁଭବ କରୁଛନ୍ତି?**
ପ୍ରଥମଥର ଓଡ଼ିଶା ଆସିଛି। ପହଞ୍ଚିବା ପରଠାରୁ ଡ୍ରାଇଭରଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ମିଶିଥିବା ସବୁ ମଣିଷ ଭଲ ଲାଗିଛନ୍ତି। ବୋଧହୁଏ ଓଡ଼ିଶାର ଲୋକମାନେ ବହୁତ କୋମଳ। ସେଥିପାଇଁ ସେମାନଙ୍କ ବ୍ୟବହାର, କଥାରୁ ଏକ ଅଦ୍ଭୁତ ଭଲ ପାଇବାକୁ ମୁଁ ଅନୁଭବ କରିଛି। ପ୍ରଥମଥର ପାଇଁ ଆସିଛି ସତ, କିନ୍ତୁ ଏହା ମୋର ଶେଷଥର ନୁହେଁ। ମୁଁ ବାରମ୍ବାର ଓଡ଼ିଶା ଆସିବାକୁ ଚାହିଁବି। ଓଡ଼ିଶାର କଳା ଓ ସଂସ୍କୃତିକୁ ମୁଁ ଦେଶ ବିଦେଶରେ ମୋ ନୃତ୍ୟ ମାଧ୍ୟମରେ ପ୍ରଚାର ପ୍ରସାର କରିବି।

**●ପଦ୍ମାବତୀ ବିଷୟରେ କ'ଣ କହିବେ?**
କବି ଜୟଦେବଙ୍କ ଗୀତଗୋବିନ୍ଦମ୍ କାବ୍ୟରୁ ଉଦ୍ଧୃତ 'ପଦ୍ମାବତୀ–ଏକ ଅବତାର'ବେଶ୍ ସୁନ୍ଦର ଭାବେ ରଚନା କରାଯାଇଛି। ଏହା ମାଧ୍ୟମରେ ଜୟଦେବ ଓ ପଦ୍ମାବତୀଙ୍କ ପ୍ରେମ ରୋମାନ୍ସ ସାରା ବିଶ୍ୱ ଦେଖୁଛି। ମୋ ମତରେ ସେମାନଙ୍କ ବିବାହ ପୃଥିବୀରେ ଏକମାତ୍ର ମଙ୍ଗଳମୟ ବିବାହ। ବିବାହରେ ନିଜକୁ ବୁଝିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଯାହା ସେମାନେ କରିଛନ୍ତି। ନୃତ୍ୟ, ସଙ୍ଗୀତ, ନାଟକ, ପ୍ରେମ ସହିତ ପଦ୍ମାବତୀ ଜଡ଼ିତ। ମୁଁ ମୋ ନୃତ୍ୟ ମାଧ୍ୟମରେ ସେହି ପ୍ରେମକୁ ଦର୍ଶକଙ୍କ ମନରେ ପହଞ୍ଚାଇବାକୁ ଚେଷ୍ଟା କରିଛି। ମୁଁ ନିଜକୁ ପଦ୍ମାବତୀ ବୋଲି ଅନୁଭବ କରୁଛି। ମୁଁ ପଦ୍ମାବତୀକୁ ନ୍ୟୁୟର୍କରେ ଉପସ୍ଥାପିତ କରିବି। ଏହା ମୋର ଦାୟିତ୍ୱ।

**●ଯୁବପିଢ଼ିଙ୍କୁ କଳା, ସଂସ୍କୃତି ସହ କେମିତି ବାନ୍ଧି ରଖିହେବ?**
ଆମ ସଂସ୍କୃତି ଓ ପରମ୍ପରା ପ୍ରାଚୀନ। ଏହାକୁ କିଏ କିଭଳି ମାନିବ ତାହା ସେମାନଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ସୋସିଆଲ ମିଡିଆ ଯୁଗରେ ସବୁ ପ୍ରକାର ଦର୍ଶକଙ୍କୁ ବାନ୍ଧି ରଖିବାକୁ ହେଲେ ସେମାନଙ୍କ ସହ ଜଡ଼ିତ ଥିବା ଭଳି ପ୍ରସଙ୍ଗକୁ କଳା, ସଂସ୍କୃତି ମାଧ୍ୟମରେ ସେମାନଙ୍କ ଆଗରେ ଉପସ୍ଥାପିତ କରିବାକୁ ପଡ଼ିବ। ଭଲପାଇବା ସହ ସେମାନଙ୍କ ଆଗରେ ଉପସ୍ଥାପନ କଲେ ସେମାନେ ଯାହା ହେଲେ ବି କିଛି ଶିଖିବେ।

–ସାକ୍ଷାତ୍ : ଶର୍ମିଷ୍ଠା ପାଣିଗ୍ରାହୀ

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ପୁରୀ ଅଫିସ ୭।୧: ବର୍ଷ ଆରମ୍ଭରୁ ବ୍ରାଉନ ସୁଗାର କାରବାର ଘଟଣାରେ ତାଳବଣିଆ ଥାନା ପୋଲିସକୁ ସଫଳତା ମିଳିଛି। ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କୁମୁଟି ପାଟଣା ଜଗନ୍ନାଥ କଲୋନୀର ଗୁପ୍ତେଶ୍ୱର ପଣ୍ଡା ଓରଫ ଚନ୍ଦନ (୨୩)। ପୋଲିସ ତାଙ୍କଠାରୁ ଗୋଟିଏ ପଲିଥିନରେ ୨୦. ୮୯୦ଗ୍ରାମ ଓଜନର ବ୍ରାଉନସୁଗାର ସହ ନଗଦ ୧ ହଜାର ଟଙ୍କା ଜବତ କରିଛି। ଏ ନେଇ ଥାନାରେ ନଂ.୪/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସେଣ୍ଟ୍ରାଲ ସ୍କୁଲ ନିକଟ ପଡିଆରେ ଜଣେ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରିବା ପାଇଁ ଆସିଥିଲେ। ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

## ୩ ଦିନରେ ୩ ଅଭିଯୁକ୍ତ ଗିରଫ

**କାକଟପୁର,୭।୧(ଡି.ଏନ୍.ଏ.):** କାକଟପୁର ଥାନା ପୋଲିସ ୩ ଦିନ ମଧ୍ୟରେ ୩ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ନୀଳକଣ୍ଠପୁର ଗ୍ରାମର ରଶ୍ମିରଞ୍ଜନ ରାଉତ ଓରଫ ପାପାଲି, ନୂଆହାଟ ନରସିଂହପୁର ଗ୍ରାମର ସଞ୍ଜୟ ମାଳତୀ ଏବଂ ଆଖୁରିଆ ଗ୍ରାମର ରାଜୁ ମହାନ୍ତି। ପୋଲିସ ସେମାନଙ୍କ ବିରୋଧରେ ମାମଲା (ନଂ. ୨୪୭/୨୨), (ନଂ. ୧/୨୨) ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, କାକଟପୁର ଥାନା ଅଧୀନ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଅଭିଯୁକ୍ତ ପାପାଲି ଏବଂ ତାଙ୍କ ସହଯୋଗୀ ସଞ୍ଜୟଙ୍କୁ ଗିରଫ କରିଛି। ଅନ୍ୟପଟେ ଏକ ପାଣିମୋଟର ଚୋରି ଅଭିଯୋଗରେ ପୋଲିସ ରାଜୁଙ୍କୁ ଗିରଫ କରିଛି। ଗତ ୩ ଦିନ ମଧ୍ୟରେ ପୋଲିସ ଏକ ସ୍କ୍ୱାଡ ଗଠନ କରି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଜଣାପଡିଛି।

## ଶାଢ଼ିରେ ହକି ବିଶ୍ୱକପ୍‌ର ଚିତ୍ର ଆଙ୍କି ଶୁଭେଚ୍ଛା





ଚନ୍ଦନପୁରର ଦିବ୍ୟଜ୍ୟୋତି ମାର୍ଥା ଶାଢ଼ିରେ ହକି ବିଶ୍ୱକପ୍ ଓ ଓଲିମାସ୍କ ଚିତ୍ର ଆଙ୍କିଛନ୍ତି।

**ପୁରୀ ଅଫିସ,୭।୧**

ଚଳିତଥର ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି। ରାଜ୍ୟର ଦୁଇଟି ଭେନୁ ଯଥା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ବିଶ୍ୱକପ୍ ଖେଳାଯିବ। ଚଳିତ ମାସ ୧୩ ତାରିଖରେ ହକିର ମହାକୁମ୍ଭ ଉଦ୍‌ଘାଟିତ ହେବ। ଓଡ଼ିଶାରେ ବିଶ୍ୱକପକୁ ନେଇ ରାଜ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଅବସରରେ ପୁରୀ ଚନ୍ଦନପୁରର ଜଣେ ଶିଳ୍ପୀ ଶାଢି ମାଧ୍ୟମରେ ବିଶ୍ୱକପ୍‌ର ଚିତ୍ର ଓ ଓଲି ମାସ୍କ ଚିତ୍ର ଆଙ୍କି ଶୁଭେଚ୍ଛା ଜଣାଇଛନ୍ତି। ଚନ୍ଦନପୁରର ଦିବ୍ୟଜ୍ୟୋତି ମାର୍ଥା ଶାଢ଼ି ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରିବାକୁ ପ୍ରୟାସ କରିଛନ୍ତି। ଏହି ଶାଢ଼ି ପ୍ରସ୍ତୁତ କରିବାକୁ ତାଙ୍କୁ ୪ ଦିନ ସମୟ ଲାଗିଥିଲା। ହକି ବିଶ୍ୱକପ ଓଡ଼ିଶାରେ ଆୟୋଜନ କରିଥିବାରୁ କଳାକୃତି ମାଧ୍ୟମରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭିଜୁଆଲ୍ ଆର୍ଟରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଦିବ୍ୟଜ୍ୟୋତି ପୂର୍ବରୁ ମଧ୍ୟ ନିଜର କଳାକୃତି ପାଇଁ ଚର୍ଚ୍ଚାରେ ରହିଆସିଛନ୍ତି। ପୂର୍ବରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ ତିର୍କୀଙ୍କ ତୈଳଚିତ୍ର ଆଙ୍କିବା ସହ ସେମାନଙ୍କୁ ସାକ୍ଷାତ କରି ଏହି ତୈଳଚିତ୍ର ପ୍ରଦାନ କରିଛନ୍ତି। ଚିତ୍ର ଆଙ୍କିବା ପ୍ରତି ତାଙ୍କର ଥିବା ନିଶାକୁ ସେ ପେସାରେ ପରିଣତ କରିଛନ୍ତି। ପୂର୍ବରୁ ମଧ୍ୟ ସେ ପାଟ ଶାଢିରେ କୃଷ୍ଣ ଲୀଳା, ଖୁଦୁରୁକୁଣୀ ବ୍ରତର ଉପାଖ୍ୟାନ, ରଜ ମହୋତ୍ସବ ଭଳି ବିଭିନ୍ନ ବିଷୟବସ୍ତୁ ବର୍ଣ୍ଣନା କରିଛନ୍ତି। ହକି ମଇଦାନ ପର୍ଯ୍ୟନ୍ତ ତାଙ୍କର ଏହି ଶାଢ଼ି ପହଞ୍ଚି ପାରିଲେ ତାଙ୍କର ଶ୍ରମ ସାର୍ଥକ ହୋଇପାରନ୍ତା ବୋଲି ଦିବ୍ୟଜ୍ୟୋତି କହିଛନ୍ତି।

## ଜାତୀୟ କଳା ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଭାରତ ସରକାରଙ୍କ ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଆରଟି) ଏବଂ ସ୍କୁଲ ଓ ସାକ୍ଷରତା ବିଭାଗ ପକ୍ଷରୁ ଶନିବାର ଜାତୀୟ କଳା ଉତ୍ସବ ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ୍ ଏଜୁକେଶନ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଏସ୍. ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ଭାରତ ହେଉଛି ବିବିଧତା ମଧ୍ୟରେ ଏକତାର ଏକ ଉଦାହରଣ । ଭାରତ ସମେତ ସମଗ୍ର ବିଶ୍ୱ ମହାମାରୀ ସହ ସଂଗ୍ରାମ କରୁଥିବାବେଳେ ଭାରତ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛି। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷା ମାଧ୍ୟମରେ କଳା ଏବଂ ସଂସ୍କୃତିର ପ୍ରଚାରକୁ ଗୁରୁତ୍ୱ ଦେଇଥାଏ । ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ରାଜକୁମାର ରଞ୍ଜନ ସିଂ କହିଛନ୍ତି, ୨ ବର୍ଷର ପ୍ରତିକୂଳ ପରିସ୍ଥିତି ପରେ ଏନ୍‌ସିଆରଟି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ କଳା ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଛି। ଛାତ୍ରମାନେ କୌଣସି ପ୍ରକାରର କଳା ସହିତ ଜଡ଼ିତ ହେଲେ ସେମାନଙ୍କର କଳ୍ପନାକୁ ବ୍ୟବହାର କରନ୍ତି । ଏନ୍‌ସିଆରଟି ନିର୍ଦ୍ଦେଶକ ପ୍ରଫେସର ଦୀନେଶ ପ୍ରସାଦ ସାକଲାନି କହିଛନ୍ତି, କଳା ଉତ୍ସବ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦେଇଥାଏ ।

## ୨୮ରୁ ଖଣ୍ଡଗିରି କୁମ୍ଭମେଳା

**ଭୁବନେଶ୍ୱର, ୭।୧ (ବ୍ୟୁରୋ)**

- ଯାତ୍ରା ପାର୍ଟି ପାଇଁ ଗାଇଡ୍‌ଲାଇନ୍ ଜାରି କଲା ବିଏମ୍‌ସି
- ଭାବାବେଗକୁ ଆଘାତ ଦେବା ଭଳି ଶବ୍ଦ ପ୍ରୟୋଗ ଉପରେ ରୋକ୍
- ଗାଡ଼ି ପାର୍କିଂ ପାଇଁ ୩ଟି ସ୍ଥାନ ଚିହ୍ନଟ

ସାରା ଓଡ଼ିଶା ଏବେ ହକି ଫିଭର୍‌ରେ ପଡ଼ିଥିବାବେଳେ ଆସନ୍ତା ୨୮ରୁ ଆରମ୍ଭ ହେବାକୁ ଯାଉଛି ପ୍ରସିଦ୍ଧ ଖଣ୍ଡଗିରି ଯାତ୍ରା। ୨୮ରୁ ଫେବୃଆରୀ ୧୦ ପର୍ଯ୍ୟନ୍ତ ଯାତ୍ରା ଚାଲିବାକୁ ଥିବାବେଳେ ୩୦ରୁ ୬ ତାରିଖ ପର୍ଯ୍ୟନ୍ତ କୁମ୍ଭମେଳା ଆୟୋଜନ କରାଯିବ। ଏହାକୁ କିପରି ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଢଙ୍ଗରେ କରାଯିବ ସେ ନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ତେବେ ପ୍ରଥମ କରି ଏଥର ଯାତ୍ରା ପାର୍ଟିଗୁଡିକ ପାଇଁ ବିଏମ୍‌ସି ଗାଇଡ୍‌ଲାଇନ୍ ଜାରି କରିଛି। ଯାତ୍ରା ପୂର୍ବରୁ ଷ୍ଟେଜ୍‌ର ମ୍ୟାପ୍ ସହିତ ବିଦ୍ୟୁତ୍ ବିଭାଗଠାରୁ ଆରମ୍ଭ କରି ଫାୟାରସେଫ୍ଟି ପର୍ଯ୍ୟନ୍ତ ସବୁକିଛିର ଏନ୍‌ଓସି ନେବା ଜରୁରୀ। ଏହା ପରେ ବିଏମ୍‌ସି ପକ୍ଷରୁ ଯାତ୍ରା ପାଇଁ ଅନୁମତି ମିଳିବ। ଖଣ୍ଡଗିରି ଯାତ୍ରାରେ ଯେପରି କିଛି ଅଶ୍ଳୀଳନୃତ୍ୟ ବା କାହାର ଭାବାବେଗକୁ ଆଘାତ ପହଞ୍ଚିବା ଭଳି ଶବ୍ଦର ବ୍ୟବହାର ନ କରାଯିବ ସେ ନେଇ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏଥିସହ ମେଳାରେ ଦୋକାନ ପକାଇବା ପାଇଁ ଷ୍ଟଲ ଆଲଟ୍‌ମେଣ୍ଟ କରାଯିବ। ଏହାପରେ ସମ୍ପୃକ୍ତ ଦୋକାନୀ ବା ସଂସ୍ଥାକୁ ଏଥିପାଇଁ ଏନ୍‌ଓସି ନେବାକୁ ପଡ଼ିବ। ପୂର୍ବଥର ମେଳାରେ ୩୮୫ ଷ୍ଟଲ୍ ପଡିଥିବାବେଳେ ଚଳିତ ବର୍ଷ ଦୋକାନ ସଂଖ୍ୟା କମ୍ ରହିବ। ସେହିପରି ପାର୍କିଂ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି। ରାସ୍ତାପାର୍ଶ୍ୱରେ କୌଣସି ଗାଡ଼ି ପାର୍କିଂ ହେବନାହିଁ। ପାର୍କିଂ ପାଇଁ ବିଏମ୍‌ସି ପକ୍ଷରୁ ୩ଟି ସ୍ଥାନ ଚିହ୍ନଟ କରାଯାଇଛି। ପାର୍କିଂ ଫିଂକୁ ନେଇ ଯେପରି ସାଧାରଣ ଲୋକ ହଇରାଣ ନ ହେବେ ବା ଲୋକଙ୍କ ଠାରୁ ଅଧିକ ଫି' ଆଦାୟ ନ ହେବ ସେ ନେଇ ଦୃଷ୍ଟି ଦିଆଯିବ। ଏଥିପାଇଁ ପାର୍କିଂ ସ୍ଥଳରେ ବିଏମ୍‌ସି ପକ୍ଷରୁ ରେଟ୍ ଚାର୍ଟ ବୋର୍ଡ ମରାଯିବ। ଏହାବାଦ୍ ସେଠାରେ ବିଏମ୍‌ସି କଣ୍ଟ୍ରୋଲ ରୁମ୍ ରହିବ ଏବଂ ଜଣେ ଅଧିକାରୀ ମଧ୍ୟ ନିୟୋଜିତ ହେବ। ପାର୍କିଂ ଫିଂକୁ ନେଇ ଅସୁବିଧା ଥିଲେ ଲୋକମାନେ ସେଠାକୁ ଯାଇ ଅଭିଯୋଗ କରି ପାରିବେ। ମେଳାରେ ପ୍ରବଳ ଗହଳି ହେବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ମୋବାଇଲ୍ ଟଏଲେଟ୍‌ର ବ୍ୟବସ୍ଥା କରାଯିବ।

## ଆୟୁଷ ଡାକ୍ତର, ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ନୋଟିସ

**ଗୋପ, ୭।୧(ଡି.ଏନ୍.ଏ.)**

### ଲୋକପ୍ରତିନିଧିଙ୍କୁ ସ୍ୱାସ୍ଥ୍ୟସେବା ନ ମିଳିବା ଘଟଣା

ଡଗରପଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ତଳି ଗ୍ରାମ ପଞ୍ଚାୟତର ସମିତିସଭ୍ୟାଙ୍କୁ ସ୍ୱାସ୍ଥ୍ୟସେବା ନ ମିଳିବା ଘଟଣାରେ ଆୟୁଷ ଡାକ୍ତର ରାମପ୍ରସାଦ ଷଡ଼ଙ୍ଗୀ ଓ ଫାର୍ମାସିଷ୍ଟ ତ୍ରିଲୋଚନ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜସ୍ମିନ୍ ଆଫ୍ରୋଜ ଏହି କାରଣ ଦର୍ଶାଅ ନୋଟିସ ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ଗୋପ ବ୍ଲକ ଅନ୍ତର୍ଗତ ବନ୍ତଳି ଗ୍ରାମ ପଞ୍ଚାୟତ ସମିତିସଭ୍ୟା ଜୟଶ୍ରୀ ସାମନ୍ତରାୟ ସ୍ୱାସ୍ଥ୍ୟସେବା ଲାଗି ଡଗରପଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଆସିଥିଲେ। ମାତ୍ର ୧୧ଟା ୨୦ ମିନିଟ୍‌ରେ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ସମିତିସଭ୍ୟା ସାମନ୍ତରାୟ ସେଠାରୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଫେରିଥିଲେ। ପରେ ଏନେଇ ସେ ଗୋପ ଡାକ୍ତରଖାନା ସ୍ୱାସ୍ଥ୍ୟ ଅଧିକାରୀ ଡା. ଆଫ୍ରୋଜ୍‌ଙ୍କୁ ଅଭିଯୋଗ କରିଥିଲେ। ଏପରି ଅଭିଯୋଗରେ ଡା. ଆଫ୍ରୋଜ୍ ଏହି ୨ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ମାଗିଛନ୍ତି। ଏଥିରେ ଆୟୁଷ ଡାକ୍ତର ଷଡ଼ଙ୍ଗୀ ନିକଟସ୍ଥ ଚଢ଼େଇଗାଁରେ ସରକାରୀ କାର୍ଯ୍ୟରେ ଥିବା ଲିଖିତ ଭାବେ ଜଣାଇଥିବାବେଳେ ଫାର୍ମାସିଷ୍ଟ ବେହେରା କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେଇ ନ ଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଜଣକ ସବୁବେଳେ ଅନୁପସ୍ଥିତ ରହୁଥିବା ଅଭିଯୋଗ ରହିଥିବାବେଳେ ବିଭିନ୍ନ ସମୟରେ ଅର୍ଥ ଲାଗି ଗାଁ ଗାଁ ବୁଲି ଚିକିତ୍ସା କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରି ଅଭିଯୋଗକୁ ନେଇ ଜିଲା ଚିକିତ୍ସାଧିକାରୀ ଦୃଷ୍ଟି ଦେବା ସହିତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଅନ୍ୟ ୮ ଗୋଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଯେପରି ସରକାରୀ ନିୟମାନୁସାରେ ୨୪ ଘଣ୍ଟା ଖୋଲାଯିବା ଉପରେ ଗୁରୁତ୍ୱାରୋପ କରିବାକୁ ଯୁବନେତା ବିଚିତ୍ରାନନ୍ଦ ପ୍ରଧାନ ଦାବି କରିଛନ୍ତି।



ବରଗଡ଼ ଧନୁଯାତ୍ରା ସରିବା ପରେ କଂସ ଅଭିନୟ କରିଥିବା ହୃଷୀକେଶ ଭୋଇ ଶନିବାର ପୁରୀ ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି କ୍ଷମା ପ୍ରାର୍ଥନା କରୁଛନ୍ତି।

## ରଥ ନିର୍ମାଣ ପାଇଁ ଫାସିକାଠ ଦାନ କରିଥିବା ଦାତାଙ୍କୁ ସମ୍ବର୍ଦ୍ଧନା



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଫାସି କାଠ ଦାନ କରିଥିବା ଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପୁରୀ ଅଫିସ,୭।୧**

ରଥ ନିର୍ମାଣ ପାଇଁ ଫାସି କାଠ ଦାନ କରିଥିବା ଦାତାମାନଙ୍କୁ ଶନିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାତାମାନଙ୍କୁ ସମ୍ବର୍ଦ୍ଧନା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗତ ତିନିବର୍ଷରେ ରଥ ନିର୍ମାଣ ପାଇଁ ଫାସି କାଠ ଯୋଗାଇଥିବା ଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୦, ୨୦୨୧, ୨୦୨୨ ବର୍ଷ ପାଇଁ ସମୁଦାୟ ୮୭ଜଣ ଦାତାଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟବୃନ୍ଦ ଏବଂ ପିସିସିଏଫ, ବନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ଦାତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ଧ୍ୱଜା, ମହାପ୍ରସାଦ ଏବଂ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବନ ବିଭାଗ ଅଧିକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## କ୍ୟାମ୍ପ କୋର୍ଟ ଖୋଲିଲାନି, ପଡ଼ିରହିଛି ରାଜସ୍ୱ ମାମଲା

**ବେଗୁନିଆ,୭।୧(ଡି.ଏନ୍.ଏ.)**

### ବେଗୁନିଆ ତହସିଲ

ରାଜସ୍ୱ ମାମଲା ନେଇ ଆଉ ଲୋକମାନଙ୍କୁ ତହସିଲ କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ିବ ନାହିଁ। ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ ସହ କ୍ରିୟାଶୀଳ କରିବା ପରେ ବି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଏଥିରୁ ବଞ୍ଚିତ ହୋଇଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଧୀନରେ ବାସ କରୁଥିବା ଲୋକେ। ଏପର୍ଯ୍ୟନ୍ତ କ୍ୟାମ୍ପ କୋର୍ଟ ଖୋଲିଲାନି କିମ୍ବା ଗାଁକୁ ଯାଇ ସମୀକ୍ଷା କଲେ ନାହିଁ ବରିଷ୍ଠ ଅଧିକାରୀ। ଫଳରେ ବହୁ ମାମଲା ଫଇସଲା ଅପେକ୍ଷାରେ ପଡ଼ିରହିଛି।

ସୂଚନାଥାଉ କି, ଗତ ସେପ୍ଟେମ୍ବର ୧୫ରୁ ତହସିଲଦାରମାନେ କ୍ୟାମ୍ପ କୋର୍ଟ ଜରିଆରେ ଶୁଣାଣି ଆରମ୍ଭ କରିବେ। ପ୍ରତି ମାସରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ସେମାନଙ୍କ ଅଧୀନରେ ଥିବା ସମସ୍ତ ଗାଁକୁ ଯାଇ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରିବେ। ଜାତିଗତ ପ୍ରମାଣପତ୍ର, ବିବାଦବିହୀନ ଦାଖଲ ଓ ଖାରଜ ମାମଲାରେ ଲୋକଙ୍କୁ ଆଉ ତହସିଲ ଅଫିସ ଯିବାକୁ ପଡିବ ନାହିଁ। ଅନ୍‌ଲାଇନ ମାଧ୍ୟମରେ ସମସ୍ତ ସେବା ଉପଲବ୍ଧ କରାଯାଇଛି। ରାଜସ୍ୱ ରଥ ମାଧ୍ୟମରେ ଲୋକଙ୍କ ଘରେ ପଟ୍ଟା ଓ ବିଭିନ୍ନ ପ୍ରକାର ସାର୍ଟିଫିକେଟ ବଣ୍ଟନ କରାଯିବ। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜିଲାର ନୋଡାଲ ଅଫିସରମାନେ ତହସିଲ ଅଫିସ କ୍ୟାମ୍ପ କୋର୍ଟ ଉପରେ ନିୟମିତ ସ୍ୱତନ୍ତ୍ର ସମୀକ୍ଷା ବୈଠକ କରିବେ। ଯଦି ଏହି ଆଦେଶନାମାକୁ ସ୍ଥାନୀୟ ଜିଲା ଓ ତହସିଲ ପ୍ରଶାସନ ଅବହେଳା କରିବେ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବେଗୁନିଆ ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ବୋର୍ଡ ନିକଟରେ ଝୁଲାଯାଇଥବା ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଆଦେଶନାମା ପତ୍ରରେ ଉଲ୍ଲେଖ ରହିଛି। ତେବେ ଏହା ବେଗୁନିଆ ତହସିଲ ଅଞ୍ଚଳରେ ଫେଲ୍ ମାରିଛି। ତହସିଲଦାର, ଅତିରିକ୍ତ ତହସିଲଦାର ଓ ସବ୍‌ରେଜିଷ୍ଟ୍ରାର ଆଦି ପଦବୀ ଖାଲିପଡ଼ିଥିବାରୁ ବହୁ କାର୍ଯ୍ୟ ହୋଇପାରୁନାହିଁ। ଗତ ଅକ୍ଟୋବରରେ ଉକ୍ତ ସମୟର ତହସିଲଦାରଙ୍କ ପକ୍ଷରୁ ରାଜସ୍ୱ ରଥ ମାଧ୍ୟମରେ କେତେକ ଗାଁକୁ ଯାଇ ୩ ଶହରୁ ଊର୍ଦ୍ଧ୍ୱ ପଟ୍ଟା ବଣ୍ଟନ କରାଯାଇଥିଲା। ପରେ ଏହା କ୍ରିୟାଶୀଳ ନ ହେବାରୁ ୨୧ଟି ପଞ୍ଚାୟତର ୧୬୦ଟି ରାଜସ୍ୱ ଗ୍ରାମରେ ଅନେକ ମାମଲା ଫଇସଲା ନ ହୋଇ ପଡିରହିଛି। ଅନ୍ୟପକ୍ଷରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ଦୁଇରୁ ୩ ଦିନ ସେମାନଙ୍କ ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ଗ୍ରାମର କୌଣସି କୋଠଘର ସମ୍ମୁଖରେ କ୍ୟାମ୍ପ କୋର୍ଟ ଖୋଲିବା ପାଇଁ ନିୟମ ଥିଲେ ମଧ୍ୟ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇନାହିଁ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ରାଜସ୍ୱ ମାମଲାର ଫଇସଲା କରିବା ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଜାରି ରହିଛି। ପ୍ରକାଶ ଯେ, ଗତ ୧୪ରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ ବେଗୁନିଆ ତହସିଲଦାର। ଉକ୍ତ ଦିନଠାରୁ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଦାୟିତ୍ୱରେ ଅଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ନିଖିଳ ଓଡ଼ିଶା ଅବସରପ୍ରାପ୍ତ ଅଧିକାରୀ ସଂଘର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୭।୧ (ବ୍ୟୁରୋ)- ନିଖିଳ ଓଡ଼ିଶା ଅବସରପ୍ରାପ୍ତ ଅଧିକାରୀ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) ସଂଘର ୪ର୍ଥ ସାଧାରଣ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ପ୍ରକଳ୍ପ ପ୍ରଶାସକ, ଜିଲା ମଙ୍ଗଳ ଅଧିକାରୀ, ସ୍ୱତନ୍ତ୍ର ଅଧିକାରୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ପ୍ରାୟ ୯୦ଜଣ ଅବସରପ୍ରାପ୍ତ ଅଧିକାରୀ ଯୋଗଦେଇ ସେମାନଙ୍କ ଚାକିରି ତଦ୍‌ଜନିତ ଅନୁଭୂତି, ସେତେବେଳେ ଏବଂ ଏବେ ସରକାରଙ୍କ ଦ୍ୱାରା ଚାଲିଥିବା ଯୋଜନା ଏବଂ ପେନ୍‌ସନ୍ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ସହରରେ ରହୁଥିବା ବୟସ୍କ, ଏକାକୀ ରହୁଥିବା ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ଅସୁବିଧାରେ ତାଙ୍କ ପାଖରେ ପହଞ୍ଚି ସାହାଯ୍ୟ କରିବା ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏନେଇ ବିଭିନ୍ନ ସହର ପାଇଁ ସ୍ୱେଚ୍ଛାସେବୀ ଦଳ ଗଠନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜନାର୍ଦ୍ଦନ ନନ୍ଦ, ସୁଶୀଲ ଦାସ, ଅକ୍ଷୟ ମଲ୍ଲିକ ପ୍ରମୁଖ ଓଡ଼ିଶା ମଙ୍ଗଳ ସେବା ଅଧିକାରୀମାନେ ପରିଚାଳନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଫନୀ ପ୍ରଭାବିତଙ୍କୁ ବାତ୍ୟା ପ୍ରତିରୋଧକ ଗୃହ ପାଇଁ ୪ ଲକ୍ଷ ଟଙ୍କା ଦିଆଯାଉ

ଭୁବନେଶ୍ୱର,୭।୧(ବ୍ୟୁରୋ)- ଫନୀରେ ପୁରୀ ଜିଲାର ପ୍ରାୟ ୨ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟୟ ଅଟକଳ ୧ଲକ୍ଷ ୫୫ହଜାର ହୋଇଥିବାବେଳେ ଏହା ବାତ୍ୟା ନିରୋଧକ ଗୃହ ନିର୍ମାଣ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଏବଂ ଓଡ଼ିଶା ଜନଶକ୍ତି ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଥିଲା। ପରେ ଏକ ପ୍ରତିନିଧିଦଳ ସଚିବାଳୟରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ସହ ଆଲୋଚନା କରିଥିଲେ। ଫନୀଗ୍ରସ୍ତଙ୍କୁ ନିରାପଦ ଆବାସିକ ଗୃହ ଯୋଗାଣ ପାଇଁ ୪ଲକ୍ଷ ଟଙ୍କା, ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ସହ ଫନୀ କେଲେଙ୍କାରୀରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ପୁରୀ- ଗଞ୍ଜାମ ସଂଯୋଗୀକରଣ ପାଇଁ ଭାରତମାଲା, ଅନ୍ୟ ଯୋଜନାରେ ଜହ୍ନିକୁଦାରୁ ସାତପଡ଼ାଠାରେ ଆଧୁନିକ ଜ୍ଞାନ କୌଶଳ ବିନିଯୋଗ କରାଯାଇ ସ୍ଥାୟୀ ପୋଲ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଥିଲା। କମିଶନର ଜେନା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବାଲିଅନ୍ତା, ୭।୧(ଡି.ଏନ୍.ଏ.)- ବାଲିଅନ୍ତାସ୍ଥିତ ଶ୍ରୀ ଜବାହରଲାଲ୍ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ବାଳିକା ବିଭାଗରେ ଆଶା ନାୟକ ଓ ବାଳକ ବିଭାଗର ସୁଶାନ୍ତ ନାୟକ ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ା ପ୍ରତିଯୋଗିତାକୁ ଭାରପ୍ରାପ୍ତ ଅଧକ୍ଷ ବି.କେ. ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଦୀପ ମଙ୍ଗରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ପ୍ରମୋଦ ଖୁଣ୍ଟିଆ, ଅକ୍ଷୟ ବାରିକ ଓ ବିଶ୍ୱ ଭୂଷଣ ପରିଚାଳନା କରିଥିଲେ।

### ଟ୍ରେନ ଯାତ୍ରୀଙ୍କୁ ଆକ୍ରମଣ କରି ଲୁଟ,୪ ଗିରଫ

ଭୁବନେଶ୍ୱର,୭।୧(ବ୍ୟୁରୋ) : ଟ୍ରେନ ଯାତ୍ରୀଙ୍କୁ ଆକ୍ରମଣ କରି ଲୁଟ କରିବା ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ଶନିବାର ୩ ଜଣ ଲୁଟେରା ଏବଂ ଚୋରା ମୋବାଇଲ କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଷ୍ଟେଶନ ବଜାର ମୋଚି ସାହିର ଏନ ନାଗେଶ , ବି ବାସୁ, ଏଲ ପ୍ରଭାସ ଓ ଚୋରା ମୋବାଇଲ କିଣିଥିବା ଚିନ୍ତାମଣିଶ୍ୱର ଲେନ ୩ର ଶିବ ସାହୁ ।

# ୨୮ରୁ ଖଣ୍ଡଗିରି କୁମ୍ଭମେଳା

- ଯାତ୍ରା ପାର୍ଟି ପାଇଁ ଗାଇଡ୍‌ଲାଇନ୍ ଜାରି କଲା ବିଏମ୍‌ସି
- ଭାବାବେଗକୁ ଆଘାତ ଦେବା ଭଳି ଶବ୍ଦ ପ୍ରୟୋଗ ଉପରେ ରୋକ୍
- ଗାଡ଼ି ପାର୍କିଂ ପାଇଁ ୩ଟି ସ୍ଥାନ ଚିହ୍ନଟ



ବିଏମ୍‌ସି କାର୍ଯ୍ୟାଳୟ ବୈଠକରେ ମେୟର ସୁଲୋଚନା ଦାସ ଖଣ୍ଡଗିରି କୁମ୍ଭମେଳା ସମ୍ପର୍କରେ ସୂଚନା ଦେଉଛନ୍ତି ।

ଭୁବନେଶ୍ୱର, ୭।୧ (ବ୍ୟୁରୋ)

ସାରା ଓଡ଼ିଶା ଏବେ ହକି ଫିଭର୍‌ରେ ପଡ଼ିଥିବାବେଳେ ଆସନ୍ତା ୨୮ରୁ ଆରମ୍ଭ ହେବାକୁ ଯାଉଛି ପ୍ରସିଦ୍ଧ ଖଣ୍ଡଗିରି ଯାତ୍ରା। ୨୮ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ଯାତ୍ରା ଚାଲିବାକୁ ଥିବାବେଳେ ୩୦ରୁ ୬ ତାରିଖ ପର୍ଯ୍ୟନ୍ତ କୁମ୍ଭମେଳା ଆୟୋଜନ କରାଯିବ। ଏହାକୁ କିପରି ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଢଙ୍ଗରେ କରାଯିବ ସେ ନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ପ୍ରଥମ କରି ଏଥର ଯାତ୍ରା ପାର୍ଟିଗୁଡ଼ିକ ପାଇଁ ବିଏମ୍‌ସି ଗାଇଡ୍‌ଲାଇନ୍ ଜାରି କରିଛି। ଯାତ୍ରା ପୂର୍ବରୁ ଷ୍ଟେଜ୍‌ର ମ୍ୟାପ୍ ସହିତ ବିଦ୍ୟୁତ୍ ବିଭାଗଠାରୁ ଆରମ୍ଭ କରି ଫାୟାରସେଫ୍ଟି ପର୍ଯ୍ୟନ୍ତ ସବୁକିଛିର ଏନ୍‌ଓସି ନେବା ଜରୁରୀ। ଏହା ପରେ ବିଏମ୍‌ସି ପକ୍ଷରୁ ଯାତ୍ରା ପାଇଁ ଅନୁମତି ମିଳିବ। ଖଣ୍ଡଗିରି ଯାତ୍ରାରେ ଯେପରି କିଛି ଅଶ୍ଳୀଳନୃତ୍ୟ ବା କାହାର ଭାବାବେଗକୁ ଆଘାତ ପହଞ୍ଚିବା ଭଳି ଶବ୍ଦର ବ୍ୟବହାର ନ କରାଯିବ ସେ ନେଇ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏଥିସହ ମେଳାରେ ଦୋକାନ ପକାଇବା ପାଇଁ ଷ୍ଟଲ ଆଲଟ୍‌ମେଣ୍ଟ କରାଯିବ। ଏହାପରେ ସମ୍ପୃକ୍ତ ଦୋକାନୀ ବା ସଂସ୍ଥାକୁ ଏଥିପାଇଁ ଏନ୍‌ଓସି ନେବାକୁ ପଡ଼ିବ। ପୂର୍ବଥର ମେଳାରେ ୩୮୫ ଷ୍ଟଲ୍ ପଡିଥିବାବେଳେ ଚଳିତ ବର୍ଷ ଦୋକାନ ସଂଖ୍ୟା କମ୍ ରହିବ। ସେହିପରି ପାର୍କିଂ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି। ରାସ୍ତାପାର୍ଶ୍ୱରେ କୌଣସି ଗାଡ଼ି ପାର୍କିଂ ହେବନାହିଁ। ପାର୍କିଂ ପାଇଁ ବିଏମ୍‌ସି ପକ୍ଷରୁ ୩ଟି ସ୍ଥାନ ଚିହ୍ନଟ କରାଯାଇଛି। ପାର୍କିଂ ଫିଁକୁ ନେଇ ଯେପରି ସାଧାରଣ ଲୋକ ହଇରାଣ ନ ହେବେ ବା ଲୋକଙ୍କ ଠାରୁ ଅଧିକ ଫିଁ ଆଦାୟ ନ ହେବ ସେ ନେଇ ଦୃଷ୍ଟି ଦିଆଯିବ। ଏଥିପାଇଁ ପାର୍କିଂ ସ୍ଥଳରେ ବିଏମ୍‌ସି ପକ୍ଷରୁ ରେଟ୍ ଚାର୍ଟ ବୋର୍ଡ ମରାଯିବ। ଏହାବାଦ୍ ସେଠାରେ ବିଏମ୍‌ସି କଣ୍ଟ୍ରୋଲ ରୁମ୍ ରହିବ ଏବଂ ଜଣେ ଅଧିକାରୀ ମଧ୍ୟ ନିୟୋଜିତ ହେବ। ପାର୍କିଂ ଫିଁକୁ ନେଇ ଅସୁବିଧା ଥିଲେ ଲୋକମାନେ ସେଠାକୁ ଯାଇ ଅଭିଯୋଗ କରି ପାରିବେ। ମେଳାରେ ପ୍ରବଳ ଗହଳି ହେବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ମୋବାଇଲ୍ ଟଏଲେଟ୍‌ର ବ୍ୟବସ୍ଥା କରାଯିବ। ଏଥିପାଇଁ ବିଏମ୍‌ସି ୨ଟି ଏବଂ ପୁରୀରୁ ଆଉ ୨ଟି ମୋବାଇଲ୍ ଟଏଲେଟ୍ ମେଳାରେ ରହିବ। ସେହିପରି ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ରୂପେ ବ୍ୟାନ୍ କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି। ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଅତିରିକ୍ତ କମିଶନର, ପୋଲିସ ଅଧିକାରୀ, ଯାତ୍ରାପାର୍ଟିର କର୍ମକର୍ତ୍ତା ଏବଂ କର୍ପୋରେଟରମାନେ ଉପସ୍ଥିତ ଥିଲେ।

## ମୋ ବସ୍ ଧକ୍କାରେ ଦଶମ ଶ୍ରେଣୀ ଛାତ୍ର ଆହତ

ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳଣାରେ ୨ ଯାତ୍ରୀ ଆହତ

ଭୁବନେଶ୍ୱର,୭।୧(ବ୍ୟୁରୋ)

ରାଜଧାନୀରେ ପୁଣି ମୋ' ବସ୍ ଚାଳକଙ୍କ ବେପରୁଆ ଗାଡି ଚାଳଣା ଦେଖିବାକୁ ମିଳିଛି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍ ନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ଶନିବାର ମୋ ବସ୍ ଧକ୍କା ଦେଇଛି। ଫଳରେ ଛାତ୍ରଙ୍କ ଡାହାଣ ଗୋଡରେ ଶକ୍ତ ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ଘଟାଇବା ପରେ ଚାଳକ ବସ୍‌କୁ ଦ୍ରୁତ ଗତିରେ ନେଇ ପଳାଇବାକୁ ଉଦ୍ୟମବେଳେ ବସ୍ ଭିତରେ ୨ଜଣ ଯାତ୍ରୀ ଲୁହା ରେଲିଙ୍ଗରେ ମାଡ୍ ହୋଇ ଆହତ ହୋଇଛନ୍ତି। ଏହାପରେ ଯାତ୍ରୀମାନେ ପାଟିତୁଣ୍ଡ କରିବାରୁ ବସ୍‌ଟି କିଛି ବାଟ ଯିବା ପରେ ଅଟକିଥିଲା। ସ୍ଥାନୀୟ ଲୋକ ଡ୍ରାଇଭରକୁ କାବୁ କରି ପୋଲିସ ଜିମାରେ ଦେବା ସହ ଆହତ ଛାତ୍ରଙ୍କୁ ଭିଏସ୍‌ଏସ୍ ନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

ସୂଚନାନୁସାରେ, ୨୫ ନମ୍ବର ରୁଟ୍‌ର ମୋ ବସ୍ (ନଂ.ଓଡ଼ି ୩୩ ୟୁ ୭୩୪୧) ସକାଳେ ରଙ୍ଗମାଟିଆରୁ ଭିଏସ୍‌ଏସ୍‌ନଗର ଦେଇ ରସୁଲଗଡ଼ ଅଭିମୁଖେ ଆସୁଥିଲା। ଏହି ସମୟରେ ଡିଏଲ୍ କଲୋନୀରେ ରହୁଥିବା ଦଶମ ଶ୍ରେଣୀ ଛାତ୍ର ସ୍ଥାନୀୟ ଏକ ଘରୋଇ ସ୍କୁଲକୁ ସାଇକେଲ ଯୋଗେ ଯାଉଥିଲେ। କଲ୍ୟାଣ ମଣ୍ଡପ ସମ୍ମୁଖରେ ରାସ୍ତା ଅତିକ୍ରମ କରି ଅପରପାର୍ଶ୍ୱ ରାସ୍ତାକୁ ଯିବାବେଳେ ଭିଏସ୍‌ଏସ୍ ନଗର ବଜାର ପଟୁ ଦ୍ରୁତ ବେଗରେ ଆସୁଥିବା ମୋ ବସ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଛାତ୍ର ଜଣକ ଛିଟିକି ତଳେ ପଡ଼ିଯିବାରୁ ଗୋଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ବସ୍ ଡ୍ରାଇଭରକୁ କାବୁ କରି ପୋଲିସ୍ ଜିମାରେ ଦେଇଥିଲେ। ପୋଲିସ ବସ୍‌ଟିକୁ ଜବତ କରି ଥାନାକୁ ନେବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଥିଲା। ତେବେ ରାତିରେ ଛାଡି ଦେଇଥିବା ସୂଚନା ମିଳିଛି।


ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ଶନିବାର ୪ର୍ଥ ସନ୍ଧ୍ୟାରେ ପରିବେଷିତ ନାଟକ 'ନିଃସଙ୍ଗ ନାୟକ' ର ଏକ ଦୃଶ୍ୟ ।

## କାଳୀଚରଣ ପଟ୍ଟନାୟକଙ୍କ ଏକାକୀ ଜୀବନକୁ ନେଇ 'ନିଃସଙ୍ଗ ନାୟକ'

ଭୁବନେଶ୍ୱର,୭।୧(ବ୍ୟୁରୋ)

ନାଟକ ପ୍ରତି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୀବନ ଥିଲା ଉତ୍ସର୍ଗୀକୃତ। କେବଳ ନାଟକ ନୁହେଁ ଓଡ଼ିଶୀ ସଙ୍ଗୀତ, ନୃତ୍ୟରେ ମଧ୍ୟ ରହିଛି ତାଙ୍କର ଅତୁଳନୀୟ ଅବଦାନ। ଅନେକ ନାଟକର ନିର୍ଦ୍ଦେଶନା ସେ ଦେଇଛନ୍ତି। ତାଙ୍କ ହାତରେ ଗଢ଼ି ଉଠିଛନ୍ତି କେତେ କଳାକାର। ଓଡ଼ିଶା ଥିଏଟର୍ସ ନାମକ ଏକ ଅନୁଷ୍ଠାନ କରି କଳାକାରଙ୍କୁ ସେ ଗଢ଼ିବାରେ ସଫଳ ଚେଷ୍ଟା ପରେ ବି କଳାକାରମାନେ ତାଙ୍କ ହାତ ଛାଡ଼ି ଦେଇଥିଲେ। ଜୀବନରେ ସେ ସବୁ ସମୟରେ ଏକା ହୋଇଯାଇଥିଲେ। କାଳୀଚରଣଙ୍କ ଏହି ଏକାକୀ ଜବନକୁ ନେଇ ନାଟକ 'ନିଃସଙ୍ଗ ନାୟକ' ଶନିବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ନାଟକ ଉତ୍ସବର ୪ର୍ଥ ସନ୍ଧ୍ୟାରେ ଅତିଥି ଭାବେ ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ, ଗୁରୁ ଡ. ବିଜୟ ଜେନା, ନାଟ୍ୟକାର ଶଙ୍କର ତ୍ରିପାଠୀ, ଡ. ରମେଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏହି ନାଟକର ନାଟ୍ୟକାର ଥିଲେ ଡ. ଶୈଳେଶ୍ୱର ନନ୍ଦ ଏବଂ ନାରାୟଣ ମିଶ୍ର । ଶ୍ରୀମନ୍ ନାରାୟଣ ମିଶ୍ର ନିର୍ଦ୍ଦେଶନା ଦେଇଛନ୍ତି ।

## କେବୁଲ ତାର ଛିଡ଼ି ନିଆଁ ଲାଗିଲା, ୪୫ମିନିଟ୍ ଅଟକିଲା ୨ ଟ୍ରେନ


ନିଆଁଲାଗିଯିବା ପରେ ଟ୍ରେନ ଅଟକି ରହିଛି ।

ଭୁବନେଶ୍ୱର,୭।୧(ବ୍ୟୁରୋ):

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟ ବାପୁଜୀନଗର-କଳ୍ପନା ଫ୍ଲାଏଓଭର ତଳେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁ ସେହି ବାଟଦେଇ ଆସୁଥିବା ପୁରୀ-ଜଳେଶ୍ୱର ମେମୁ ଓ ଚେନ୍ନାଇ-ହାୱଡ଼ା ମେଲ୍ ଦୀର୍ଘ ସମୟ ଅଟକି ରହିଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡଧରଣର ଅଘଟଣରୁ ଟ୍ରେନଟି ବର୍ତ୍ତି ଯାଇଛି। ପାଖାପାଖି ୪୫ ମିନିଟ ଧରି ଟ୍ରେନ୍ ଅଟକି ରହିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏନେଇ ରେଲୱେ ଥାନା ଅଧିକାରୀ ଜୟଦେବ ବିଶ୍ୱଜିତଙ୍କ ସୂଚନାନୁଯାୟୀ ପୁରୀରୁ ଟ୍ରେନ୍ ଆସୁଥିବାବେଳେ ରାଜମହଲ ଓଭରବ୍ରିଜ୍ ତଳେ ଏକ କେବୁଲ୍ ତାର ଛିଣ୍ଡି ଟ୍ରେନ୍ ଲାଇନ ଉପରେ ଥିବା ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା। ଫଳରେ କିଛି ନିଆଁ ଝୁଲ ତଳକୁ ପଡ଼ିବାରୁ ରେଳ ଧାରଣା ପାର୍ଶ୍ୱରେ ଥିବା ଅଳିଆ ଗଦାରେ ନିଆଁ ଲାଗିଯାଇଥିଲା।

## ଆଜି ଶ୍ରୀଶ୍ରୀଠାକୁରଙ୍କ ଉତ୍କଳ ଆଗମନର ଶତବାର୍ଷିକୀ ଉତ୍ସବ

ପୁରୀ ଅଫିସ,୭।୧

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଉତ୍କଳ ଆଗମନୀର ୧୦୧ତମ ବାର୍ଷିକୀ ଉତ୍ସବ ୮ତାରିଖ ରବିବାର ତାଳବଣିଆସ୍ଥିତ ପଡିଆରେ ପାଳନ କରାଯିବ। ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ନେଇ ପୁରୀ ଠାକୁରବାଡ଼ି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସୁପ୍ରିମକୋର୍ଟର

**ମୁଖ୍ୟମନ୍ତ୍ରୀ ଯୋଗଦେବେ**

ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ପୁରୀରେ ପହଞ୍ଚିବେ। ତେବେ ଉତ୍ସବକୁ ନେଇ ପୁରୀ ଠାକୁରବାଡ଼ି ପକ୍ଷରୁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ହଜାର ଭକ୍ତ ଯୋଗଦେବେ। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ତାଳବଣିଆ ଏବଂ ସ୍ପୋର୍ଟ ହଷ୍ଟେଲରେ ରହିବା ପାଇଁ ଟେଣ୍ଟ କରାଯାଇଛି। ସୂଚନାଯୋଗ୍ୟ, ୧୯୨୩ ଜାନୁୟାରୀ ୨ରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁରୀ ଆଗମନ କରିଥିଲେ। ତେଣୁ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀକ୍ଷେତ୍ର ଆଗମନୀକୁ କରି ପ୍ରତିବର୍ଷ ଜାନୁୟାରୀର ଦ୍ୱିତୀୟ ରବିବାର ପୁରୀରେ ଶ୍ରୀଶ୍ରୀ ଠାକୁରଙ୍କ ଉତ୍କଳ ଆଗମନୀ ଉତ୍ସବ ପାଳନ କରାଯାଏ।

## ଶାଢ଼ିରେ ହକି ବିଶ୍ୱକପ୍‌ର ଚିତ୍ର ଆଙ୍କି ଶୁଭେଚ୍ଛା




ପୁରୀ ଅଫିସ,୭।୧

ଚଳିତଥର ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି। ରାଜ୍ୟର ଦୁଇଟି ଭେନୁ ଯଥା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବିଶ୍ୱକପ୍ ଖେଳାଯିବ। ଚଳିତ ମାସ ୧୩ ତାରିଖରେ ହକିର ମହାକୁମ୍ଭ ଉଦ୍‌ଘାଟିତ ହେବ। ଓଡ଼ିଶାରେ ବିଶ୍ୱକପକୁ ନେଇ ରାଜ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଅବସରରେ ପୁରୀ ଚନ୍ଦନପୁରର ଜଣେ ଶିଳ୍ପୀ ଶାଢି ମାଧ୍ୟମରେ ବିଶ୍ୱକପ୍‌ର ଚିତ୍ର ଓ ଓଲି ମାସ୍କ ଚିତ୍ର ଆଙ୍କି ଶୁଭେଚ୍ଛା ଜଣାଇଛନ୍ତି। ଚନ୍ଦନପୁରର ଦିବ୍ୟଜ୍ୟୋତି ମାର୍ଥା ଶାଢ଼ି ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରିବାକୁ ପ୍ରୟାସ କରିଛନ୍ତି। ଏହି ଶାଢ଼ି ପ୍ରସ୍ତୁତ କରିବାକୁ ତାଙ୍କୁ ୪ ଦିନ ସମୟ ଲାଗିଥିଲା। ହକି ବିଶ୍ୱକପ ଓଡ଼ିଶାରେ ଆୟୋଜନ କରିଥିବାରୁ କଳାକୃତି ମାଧ୍ୟମରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭିଜୁଆଲ୍ ଆର୍ଟରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଦିବ୍ୟଜ୍ୟୋତି ପୂର୍ବରୁ ମଧ୍ୟ ନିଜର କଳାକୃତି ପାଇଁ ଚର୍ଚ୍ଚାରେ ରହିଆସିଛନ୍ତି। ପୂର୍ବରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ ତିର୍କୀଙ୍କ ତୈଳଚିତ୍ର ଆଙ୍କିବା ସହ ସେମାନଙ୍କୁ ସାକ୍ଷାତ କରି ଏହି ତୈଳଚିତ୍ର ପ୍ରଦାନ କରିଛନ୍ତି। ଚିତ୍ର ଆଙ୍କିବା ପ୍ରତି ତାଙ୍କର ଥିବା ନିଶାକୁ ସେ ପେସାରେ ପରିଣତ କରିଛନ୍ତି। ପୂର୍ବରୁ ମଧ୍ୟ ସେ ପାଟ ଶାଢିରେ କୃଷ୍ଣ ଲୀଳା, ଖୁଦୁରୁକୁଣୀ ବ୍ରତର ଉପାଖ୍ୟାନ, ରଜ ମହୋତ୍ସବ ଭଳି ବିଭିନ୍ନ ବିଷୟବସ୍ତୁ ବର୍ଣ୍ଣନା କରିଛନ୍ତି। ହକି ମଇଦାନ ପର୍ଯ୍ୟନ୍ତ ତାଙ୍କର ଏହି ଶାଢ଼ି ପହଞ୍ଚି ପାରିଲେ ତାଙ୍କର ଶ୍ରମ ସାର୍ଥକ ହୋଇପାରନ୍ତା ବୋଲି ଦିବ୍ୟଜ୍ୟୋତି କହିଛନ୍ତି।

## ଏକାମ୍ରରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କଲେ ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର,୭।୧(ଡି.ଏନ୍.ଏ.)



ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୬୦ ଏବଂ ୬୫ରେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବିଭିନ୍ନ ପ୍ରକଳ୍ପକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ୬୦ ନମ୍ବର ୱାର୍ଡର ଲିଙ୍ଗରାଜ ନଗରରେ ୨ଟି ଡ୍ରେନ, ହାଟସାହି ଛକରୁ ବି.ଏମ୍. ହାଇସ୍କୁଲ ପାର୍ଶ୍ୱଦେଇ ପାପନାଶିନୀ ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା, କେଦାରଲେନ ରାସ୍ତା, ଖରାଖିଆ ଅଞ୍ଚଳ ରାସ୍ତା, କପିଳେଶ୍ୱର ଗ୍ରାମରେ ନାଳ ଓ ରାସ୍ତା ସହ ରାଧାରମଣ କଲୋନୀରେ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସହ ବଶିଷ୍ଠ ନଗର ଅଞ୍ଚଳରେ ଏକ ଡ୍ରେନର ଶୁଭ ଉଦ୍‌ଘାଟନ କରିଛନ୍ତି । ସେହିପରି ମନ୍ତ୍ରୀ ୬୫ ନମ୍ବର ୱାର୍ଡର ଡୁମୁଡୁମା ହାଉସିଂ ବୋର୍ଡ ଫେଜ୍-୧ ରାସ୍ତା ପାଇଁ ୩୦ ଲକ୍ଷ, ପାଳ ମଣ୍ଡପ ନିକଟ ରାସ୍ତା ଓ ଡ୍ରେନ ପାଇଁ ୩୭ ଲକ୍ଷ, ସୁବାସ ନଗର ବିଜୁ ଆଦର୍ଶ କଲୋନୀ ରାସ୍ତା ନିର୍ମାଣ ପାଇଁ ୪୫ ଲକ୍ଷ ଏବଂ ଅନ୍ୟ ୬ ଗୋଟି ରାସ୍ତା କାମ ପାଇଁ ଶିଳାନ୍ୟାସ ମଧ୍ୟ କରିଛନ୍ତି । ଏହି ସମସ୍ତ ପ୍ରକଳ୍ପର ମୋଟ ଅଟକଳ ପ୍ରାୟ ୪.୫୦ କୋଟି ଟଙ୍କା ହେବ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଓ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ରଶ୍ମିରଞ୍ଜନ ପାଟଶାଣି ପ୍ରମୁଖ ଉପସ୍ଥିତ ଥିଲେ।

## ମୌଳିକ ରଚନା ସମାଜରେ ପରିବର୍ତ୍ତନ ଆଣିବ

**ବିନ୍ଦୁ ସାହିତ୍ୟ ସମାଜର ସାରସ୍ୱତ ସମାରୋହ**

ଭୁବନେଶ୍ୱର,୭।୧(ବ୍ୟୁରୋ)

ବିନ୍ଦୁ ସାହିତ୍ୟ ସମାଜ ପକ୍ଷରୁ ୮ମ ସାରସ୍ୱତ ସମାରୋହ, ପୁସ୍ତକ ଉନ୍ମୋଚନ ଏବଂ କବିତାପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋହିଆ ଏକାଡେମୀ ସଭାଗୃହରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବେଦପାଠକୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନେହୁର ଯୋଗଦେଇଥିଲେ। ଯୁବପିଢ଼ି ବଳିଷ୍ଠ ମୌଳିକ ରଚନା ବଳରେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ସାହିତ୍ୟିକ ବେନେହୁର କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଦୁର୍ଗାଚରଣ ଷଡ଼ଙ୍ଗୀ ସାମିଲ ଥିଲେ। ଉତ୍ସବରେ କବିୟତ୍ରୀ ସୁନନ୍ଦା ବି. ମହାପାତ୍ରଙ୍କ 'ଝଞ୍ଜାବର୍ତ୍ତ, ସସ୍ମିତା ଚୌଧୁରୀଙ୍କ 'ଶେଫାଳିର ସ୍ୱପ୍ନ', ସୁଷମା ପରିଜାଙ୍କ ଅଭିସାରିକା ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ ହୋଇଥିଲା। କବିୟତ୍ରୀ ଅମ୍ବିକା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବିଜନ ରାୟ ଧନ୍ୟବାଦ ଦେଇଥିଲେ। ଉତ୍ସବରେ କବି ସ୍ୱରଚିତ କବିତା ପାଠ କରିଥିଲେ।



ବିନ୍ଦୁ ସାହିତ୍ୟ ସମାଜର ସାରସ୍ୱତ ସମାରୋହରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ରାଜ୍ୟର ସମସ୍ତ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଓଡ଼ିଆରେ ହେଉ

ଭୁବନେଶ୍ୱର,୭।୧(ବ୍ୟୁରୋ)

ରାଜ୍ୟ କ୍ୟାବିନେଟର ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶା ଲୋକସେବା ଆୟୋଗ ପୁଣି ଥରେ ଓଡ଼ିଆ ଭାଷାକୁ ହତାଦର କରିଛି ବୋଲି ଗତ ଡିସେମ୍ବର ୩୦ତାରିଖରେ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୨ ବିଜ୍ଞପ୍ତିରୁ ସ୍ପଷ୍ଟ ଜଣାପଡୁଛି। ଫଳରେ ଓଡ଼ିଆରେ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କଠାରେ ନୈରାଶ୍ୟ ଦେଖାଦେଇଛି ବୋଲି ଓଡ଼ିଶାର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରସମାଜ ଆଦି ସଂଗଠନର ମିଳିତ ଅନୁଷ୍ଠାନ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ବାଲେଶ୍ୱର ଜିଲା ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଓପିଏସ୍‌ସିର ଏଭଳି ଅଣସାମ୍ବିଧାନିକ କାର୍ଯ୍ୟ ବିଷୟରେ ସୂଚନା ଦେଇ କହିଥିଲେ ଯେ, ଓଡ଼ିଶାର ସାଧାରଣ ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ ଆଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଓଡିଆ ଅଧିକାରୀମାନଙ୍କର ଆବଶ୍ୟକତା ଅଛି। ମାତ୍ର ଓଡ଼ିଶା ସରକାର ନିଜ ଘୋଷଣାକୁ ମାତ୍ର ୨ ମାସ ଭିତରେ ଭୁଲିଯାଇଛନ୍ତି। ଅନ୍ୟତମ ଆବାହକ ଦେବପ୍ରସାଦ ପରିଜା କହିଛନ୍ତି, ଏହି ନିଷ୍ପତ୍ତିକୁ କେଉଁ ଆଧାରରେ ବଦଳାଯାଇଛି ତାହା ଓଡ଼ିଶାବାସୀଙ୍କୁ ଜଣାଇବା ଆବଶ୍ୟକ ବୋଲି ଦାବି କରିଥିଲେ। ଭୁବନେଶ୍ୱର ବିଦ୍ୟାର୍ଥୀ ଆବାହକ ମାନସ ସାହୁ ଓଡ଼ିଆରେ ପ୍ରଶ୍ନପତ୍ର ନ ଆସିଲେ ଓଡ଼ିଆରେ କିପରି ପରୀକ୍ଷା ଦେବା ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହୋଇପାରିବ ତଥା ଓଡିଶା ପ୍ରଶାସନିକସ୍ତରରେ ଓଡିଆ ଜାଣିବା ବାଧ୍ୟତାମୂଳକ ଥିବାବେଳେ ଇଂଲିଶ ଭାଷାକୁ କାହାର ସ୍ୱାର୍ଥରକ୍ଷା ପାଇଁ ବାଧ୍ୟତାମୂଳକ ବିଷୟ ଭାବରେ ରଖାଯାଇଛି, ସେ ବିଷୟରେ ସରକାର ଉତ୍ତର ରଖିବାକୁ ଦାବି କରିଛନ୍ତି। ବୈଠକରେ ବିଦ୍ୟାର୍ଥୀଙ୍କ ପକ୍ଷରୁ ରାଜ୍ୟର ସମସ୍ତ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଓଡ଼ିଆରେ କରିବା ଓ ବାଧ୍ୟତାମୂଳକ ଇଂଲିଶ ପତ୍ର ଉଚ୍ଛେଦ, ରାଜ୍ୟର ଅର୍ଥନୀତି ସୁଦୃଢ ଥିବାରୁ ଠିକା ନିଯୁକ୍ତି ଓ ଅବସର ପରେ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରାଯାଇ ଖାଲି ପଦବୀ ଶୀଘ୍ର ପୂରଣ କରିବା, ରାଜ୍ୟର ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆବେଦନ କରିବା ବୟସ ୧୮ବର୍ଷ ନିର୍ଦ୍ଧାରଣ କରିବା ଆଦି ବିଷୟରେ ଛାତ୍ର ପ୍ରତିନିଧି ଦେବେନ୍ଦ୍ର ଆଚାର୍ଯ୍ୟ, ନିଳୟ ମହାପାତ୍ର, ମାନସ ସାହୁ, ସ୍ମୃତିରଞ୍ଜନ ଦାସ, ସମୀଥ ଅରୁଣାଭ ସ୍ୱାଇଁ, ମନୋଜ ସାହୁ ଓ ଅନ୍ୟମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ୧୫ଦିନ ମଧ୍ୟରେ ଓପିଏସ୍‌ସିର ସଂଶୋଧିତ ବିଜ୍ଞପ୍ତି ପ୍ରକାଶିତ ନ ହେଲେ ଏହାପରେ ସମଗ୍ର ଓଡ଼ିଶାର ବିଦ୍ୟାର୍ଥୀଗଣ ପ୍ରତିବାଦ, ଧାରଣା ଆଦି କରିବାକୁ ବାଧ୍ୟ ହେବେ ବୋଲି ସୂଚନା ଦେଇଛନ୍ତି ।

**୬୫ଷ୍ଠ ବାର୍ଷିକ ଜଗନ୍ନାଥ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ**

ବଳଙ୍ଗା, (ଡି.ଏନ୍.ଏ.): ବଳଙ୍ଗା ଥାନା ନିକଟସ୍ଥ ଛତ୍ର ବାଲିଘାଇ ପତିତପାବନ କମିଟି ଦ୍ୱାରା ମନ୍ଦିର ପ୍ରାଙ୍ଗଣରେ ପାଞ୍ଚଦିନ ଧରି ୬୫ଷ୍ଠ ବାର୍ଷିକ ଜଗନ୍ନାଥ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ୟାସ ରଘୁନାଥ, ଆନନ୍ଦ ଚୈତନ୍ୟ, ଆଚାର୍ଯ୍ୟ ବିଶ୍ୱନାଥ ଦାଶ, ଅଯୋଧ୍ୟା ଦାଶ, ସନ୍ତୋଷ ରଥ, କର୍ତ୍ତା ପ୍ରସନ୍ନ ଶତପଥୀ, ଗୁଣନିଧି ପୁହାଣ, ଶ୍ୟାମସୁନ୍ଦର ପ୍ରଧାନ, କୁମାର ସାହୁଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଘୃତ ଯଜ୍ଞ, ଗୋ ପୂଜା, ପୂଜାର୍ଚ୍ଚନା, ପୁରୁଷୋତ୍ତମ ମାହାତ୍ମ୍ୟ, ଜଗନ୍ନାଥ ପୁରାଣ, ପାରାୟଣ ସମ୍ପନ୍ନ ହୋଇଛି। ପଣ୍ଡିତ ଦାଶରଥି ସାମନ୍ତରାୟ, ନାରାୟଣ ମହାପାତ୍ର, କୁନି ପ୍ରବଚକ କେଶବ ଦାସ, ଦ୍ୱିତୀକୃଷ୍ଣ, ଶୁକଦେବ ମହାରଣା ପ୍ରମୁଖ ପ୍ରବଚନ ଦେଇଥିଲେ।



ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ବାଲା ଦେବୀ ଚନ୍ଦ୍ରଶେଖର

ଧରିତ୍ରୀ ଆଳାପ

# 'ମୁଁ ନିଜ ଭିତରେ ପଦ୍ମାବତୀଙ୍କୁ ଦେଖୁଛି'

**ସେ ନୃତ୍ୟରେ ନିଜକୁ ହଜାଇ ଦିଅନ୍ତି। କଥାବାର୍ତ୍ତା ହେଉ କି ଚାଲିଚଳନ, ପ୍ରତିଟି କାର୍ଯ୍ୟରେ ନିଜକୁ ଜଣେ ନୃତ୍ୟାଙ୍ଗନାର ପରିଚୟ ଦେବାକୁ ଚାହାନ୍ତି। ସବୁକ୍ଷେତ୍ରରେ ନୃତ୍ୟର ଭାବକୁ ଅଜାଡ଼ି ଦିଅନ୍ତି। ୬ବର୍ଷରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ବର୍ତ୍ତମାନ ତାଙ୍କୁ ବିଶ୍ୱବିଦିତ କରିଛି। ସେ ହେଲେ ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଗୁରୁ ବାଲା ଦେବୀ ଚନ୍ଦ୍ରଶେଖର। ଏକାଧାରରେ ଜଣେ ଭାରତନାଟ୍ୟମ୍ ପ୍ରତିପାଦକ, ଗବେଷକ ତଥା ଗୁରୁ ଭାବେ ପରିଚିତ। ଆମେରିକା ପ୍ରିନ୍ସଟନ୍‌ର ଏହି ନୃତ୍ୟଶିଳ୍ପୀ ଉଦ୍ଧବ ଗୀତା, କ୍ରିଷ୍ଣାର୍ପଣମ୍, ନନ୍ଦାନାର ଚରିଥ୍ରାମ୍ ଆଦି ଉପରେ ସ୍ୱତନ୍ତ୍ର ଗବେଷଣା କରି ନିଆରା ପରିଚୟ ସୃଷ୍ଟି କରିଛନ୍ତି। ସେ ତାମିଲନାଡୁ ସରକାରଙ୍କ ଦ୍ୱାରା ସମ୍ମାନଜନକ 'କଲାମାମଣି', ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା 'ନାଟ୍ୟ ଚୂଡ଼ାମଣି', ଗୁରୁ ଡ. ପଦ୍ମ ସୁବ୍ରମଣ୍ୟମ୍‌ଙ୍କ ଦ୍ୱାରା 'ନୃତ୍ୟ ସେବା ମଣି', ଥାନାଜାଭୁର ଦ୍ୱାରା 'ନାଟି କାଲା ଭାରତୀ', 'ବିଶ୍ୱ କଳା ଭାରତୀ' ଆଦି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ଦେଶରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମରେ ସେ କଳା ପ୍ରଦର୍ଶନ କରି ସାରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକକ ଭାରତନାଟ୍ୟମ୍ ନୃତ୍ୟ କାର୍ଯ୍ୟକ୍ରମ 'ପଦ୍ମାବତୀ-ଏକ ଅବତାର'ରେ ନୃତ୍ୟ ପ୍ରଦର୍ଶନ କରିବାକୁ ଆସିଥିବାବେଳେ 'ଧରିତ୍ରୀ' ସହ ତାଙ୍କର ସ୍ୱତନ୍ତ୍ର ଆଳାପ।**

**●ଭାରତନାଟ୍ୟମ୍‌ର ଯାତ୍ରାରମ୍ଭ କିଭଳି ଥିଲା?**
୬ବର୍ଷ ବୟସରୁ ମୁଁ ନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲି। ପ୍ରଥମେ ହାଇଦ୍ରାବାଦରେ ଗୁରୁ ଜୟଲକ୍ଷ୍ମୀ ନାରାୟଣଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲି। ପରେ ଚେନ୍ନାଇରେ ଗୁରୁ ଡ. ପଦ୍ମା ସୁବ୍ରମଣ୍ୟମ୍‌ଠାରୁ ନୃତ୍ୟ ଶିଖିଥିଲି। ସମୟ ସ୍ରୋତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। କିନ୍ତୁ ଯେତେବେଳେ ଗୋଟିଏ ରାସ୍ତା ବନ୍ଦ ହୁଏ, ୧୦ଟି ରାସ୍ତା ଖୋଲିଥାଏ। ତେଣୁ ମୁଁ ଧୈର୍ଯ୍ୟର ସହ ଜୀବନର ପ୍ରତ୍ୟେକ ସୋପାନକୁ ଅତିକ୍ରାନ୍ତ କରିଛି।

**●ଭାରତନାଟ୍ୟମ୍ ପ୍ରତିପାଦକ, ଗବେଷକ ଓ ଗୁରୁ: କେଉଁ ପରିଚୟ ବେଶି ଆନନ୍ଦ ଦିଏ?**
ଏସବୁ ପରସ୍ପର ଉପରେ ନିର୍ଭରଶୀଳ। ଜଣେ ଭଲ ଗୁରୁ ନ ହୋଇପାରିଲେ ଭଲ ନୃତ୍ୟାଙ୍ଗନାଟିଏ ମଧ୍ୟ ହୋଇପାରିବ ନାହିଁ। ସେହିପରି ପ୍ରତ୍ୟେକ ସେମାନଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର। ଏହି ସବୁ ମୋର ପ୍ରିୟ। କୌଣସି ଗୋଟିଏକୁ ପସନ୍ଦ କରିବା ଅସମ୍ଭବ।

**●କାହାକୁ ଗୁରୁ ବୋଲି ମାନନ୍ତି?**
ଗୁରୁ ଜୟଲକ୍ଷ୍ମୀ ନାରାୟଣ ଓ ଗୁରୁ ପଦ୍ମା ସୁବ୍ରମଣ୍ୟମଙ୍କଠାରୁ ମୁଁ ନୃତ୍ୟ ଶିଖିଛି। ସେମାନଙ୍କ ଛଡ଼ା ମଧ୍ୟ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନେକଙ୍କ ପାଖରୁ ଅନେକ କିଛି ଶିଖିଛି। ଯାହାଙ୍କଠାରୁ ମୋତେ କିଛି ନୂଆ ଶିଖିବାକୁ ମିଳେ ସେମାନଙ୍କୁ ମୁଁ ଗୁରୁ ବୋଲି ଭାବେ।

**●ଓଡ଼ିଶା ସହ ସମ୍ପର୍କ, କେମିତି ଅନୁଭବ କରୁଛନ୍ତି?**
ପ୍ରଥମଥର ଓଡ଼ିଶା ଆସିଛି। ପହଞ୍ଚିବା ପରଠାରୁ ଡ୍ରାଇଭରଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ମିଶିଥିବା ସବୁ ମଣିଷ ଭଲ ଲାଗିଛନ୍ତି। ବୋଧହୁଏ ଓଡ଼ିଶାର ଲୋକମାନେ ବହୁତ କୋମଳ। ସେଥିପାଇଁ ସେମାନଙ୍କ ବ୍ୟବହାର, କଥାରୁ ଏକ ଅଦ୍ଭୁତ ଭଲ ପାଇବାକୁ ମୁଁ ଅନୁଭବ କରିଛି। ପ୍ରଥମଥର ପାଇଁ ଆସିଛି ସତ, କିନ୍ତୁ ଏହା ମୋର ଶେଷଥର ନୁହେଁ। ମୁଁ ବାରମ୍ବାର ଓଡ଼ିଶା ଆସିବାକୁ ଚାହିଁବି। ଓଡ଼ିଶାର କଳା ଓ ସଂସ୍କୃତିକୁ ମୁଁ ଦେଶ ବିଦେଶରେ ମୋ ନୃତ୍ୟ ମାଧ୍ୟମରେ ପ୍ରଚାର ପ୍ରସାର କରିବି।

**●ପଦ୍ମାବତୀ ବିଷୟରେ କ'ଣ କହିବେ?**
କବି ଜୟଦେବଙ୍କ ଗୀତଗୋବିନ୍ଦମ୍ କାବ୍ୟରୁ ଉଦ୍ଧୃତ 'ପଦ୍ମାବତୀ-ଏକ ଅବତାର'ବେଶ୍ ସୁନ୍ଦର ଭାବେ ରଚନା କରାଯାଇଛି। ଏହା ମାଧ୍ୟମରେ ଜୟଦେବ ଓ ପଦ୍ମାବତୀଙ୍କ ପ୍ରେମ ରୋମାନ୍ସ ସାରା ବିଶ୍ୱ ଦେଖୁଛି। ମୋ ମତରେ ସେମାନଙ୍କ ବିବାହ ପୃଥିବୀରେ ଏକମାତ୍ର ମଙ୍ଗଳମୟ ବିବାହ। ବିବାହରେ ନିଜକୁ ବୁଝିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଯାହା ସେମାନେ କରିଛନ୍ତି। ନୃତ୍ୟ, ସଙ୍ଗୀତ, ନାଟକ, ପ୍ରେମ ସହିତ ପଦ୍ମାବତୀ ଜଡ଼ିତ। ମୁଁ ମୋ ନୃତ୍ୟ ମାଧ୍ୟମରେ ସେହି ପ୍ରେମକୁ ଦର୍ଶକଙ୍କ ମନରେ ପହଞ୍ଚାଇବାକୁ ଚେଷ୍ଟା କରିଛି। ମୁଁ ନିଜକୁ ପଦ୍ମାବତୀ ବୋଲି ଅନୁଭବ କରୁଛି। ମୁଁ ପଦ୍ମାବତୀକୁ ନ୍ୟୁୟର୍କରେ ଉପସ୍ଥାପିତ କରିବି। ଏହା ମୋର ଦାୟିତ୍ୱ।

**●ଯୁବପିଢ଼ିଙ୍କୁ କଳା, ସଂସ୍କୃତି ସହ କେମିତି ବାନ୍ଧି ରଖିହେବ?**
ଆମ ସଂସ୍କୃତି ଓ ପରମ୍ପରା ପ୍ରାଚୀନ। ଏହାକୁ କିଏ କିଭଳି ମାନିବ ତାହା ସେମାନଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ସୋସିଆଲ ମିଡିଆ ଯୁଗରେ ସବୁ ପ୍ରକାର ଦର୍ଶକଙ୍କୁ ବାନ୍ଧି ରଖିବାକୁ ହେଲେ ସେମାନଙ୍କ ସହ ଜଡ଼ିତ ଥିବା ଭଳି ପ୍ରସଙ୍ଗକୁ କଳା, ସଂସ୍କୃତି ମାଧ୍ୟମରେ ସେମାନଙ୍କ ଆଗରେ ଉପସ୍ଥାପିତ କରିବାକୁ ପଡ଼ିବ। ଭଲପାଇବା ସହ ସେମାନଙ୍କ ଆଗରେ ଉପସ୍ଥାପନ କଲେ ସେମାନେ ଯାହା ହେଲେ ବି କିଛି ଶିଖିବେ।

–ସାକ୍ଷାତ୍ : ଶର୍ମିଷ୍ଠା ପାଣିଗ୍ରାହୀ

## ସଂକ୍ଷେପରେ

### ୩ ଦିନରେ ୩ ଅଭିଯୁକ୍ତ ଗିରଫ

କାକଟପୁର,୭।୧(ଡି.ଏନ୍.ଏ.): କାକଟପୁର ଥାନା ପୋଲିସ ୩ ଦିନ ମଧ୍ୟରେ ୩ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ନୀଳକଣ୍ଠପୁର ଗ୍ରାମର ରଶ୍ମିରଞ୍ଜନ ରାଉତ ଓରଫ ପାପାଲି, ନୂଆହାଟ ନରସିଂହପୁର ଗ୍ରାମର ସଞ୍ଜୟ ମାଲତୀ ଏବଂ ଆଖୁରିଆ ଗ୍ରାମର ରାଜୁ ମହାନ୍ତି। ପୋଲିସ ସେମାନଙ୍କ ବିରୋଧରେ ମାମଲା (ନଂ. ୨୪୭/୨୨), (ନଂ. ୧/୨୨) ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, କାକଟପୁର ଥାନା ଅଧୀନ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଅଭିଯୁକ୍ତ ପାପାଲି ଏବଂ ତାଙ୍କ ସହଯୋଗୀ ସଞ୍ଜୟଙ୍କୁ ଗିରଫ କରିଛି। ଅନ୍ୟପଟେ ଏକ ପାଣିମୋଟର ଚୋରି ଅଭିଯୋଗରେ ପୋଲିସ ରାଜୁଙ୍କୁ ଗିରଫ କରିଛି। ଗତ ୩ ଦିନ ମଧ୍ୟରେ ପୋଲିସ ଏକ ସ୍କ୍ୱାଡ ଗଠନ କରି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଜଣାପଡିଛି।

### ବାର୍ଷିକ କ୍ରୀଡ଼ା ଉତ୍ସବରେ ବୃଦ୍ଧାବୃଦ୍ଧଙ୍କୁ ଆର୍ଥିକ ସହାୟତା

ପିପିଲି, ୭।୧(ଡି.ଏନ୍.ଏ.): ସ୍ଥାନୀୟ ଜୈସପାଟଶାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ୨ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଶନିବାର ସ୍ଥାନୀୟ ଶାନ୍ତି ମୈଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ଚିନ୍ତାମଣି ଓଝା, ମୁଖ୍ୟ ବକ୍ତା ସାମାଜିକ କର୍ମୀ ସୁଦର୍ଶନ ପ୍ରଧାନ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତପନ ଦାଶ, ସାମାଜିକ କର୍ମୀ ଲକ୍ଷ୍ମୀଧର ସାହୁ ଏବଂ ସ୍ଥାନୀୟ ଯୁବନେତୃତ୍ୱ ଅରୁଣ ସାହୁ ପ୍ରମୁଖ ଯୋଗଦେଇ କୁନି କୁନି ପିଲାଙ୍କୁ ଗପ ମାଧ୍ୟମରେ ଉପଦେଶ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ସଞ୍ଜିତ୍ ମହାନ୍ତି ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୁନି କୁନି ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ଗରିବ ବୃଦ୍ଧାବୃଦ୍ଧଙ୍କୁ କିଛି ଅର୍ଥ ସହ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

### ଭାଜପା ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

କାକଟପୁର, ୭।୧(ଡି.ଏନ୍.ଏ.): ପୁରୀ ଜିଲା କାକଟପୁରଠାରେ ଭାଜପାର ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଭାଜପା ରାଜ୍ୟ ଉପ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ଯୁବନେତା ସୁଦର୍ଶନ ସ୍ୱାଇଁ (ସୁଦାମ ଭାଇ)ଙ୍କ ସଂଯୋଜନାରେ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ମଣ୍ଡପରେ ଆୟୋଜିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ପ୍ରତି ଘରେ ପହଞ୍ଚାଇବା ସହିତ ଭାଜପା ସଂଗଠନ ତୃଣମୂଳସ୍ତରରୁ ମଜଭୁତ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ରତିକାନ୍ତ ବେହେରା, ଚିତ୍ତରଞ୍ଜନ ସ୍ୱାଇଁ, କୈଳାସ ନାୟକ, ସରୋଜ ମିଶ୍ର, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ରାକେଶ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆୟୁଷ ଡାକ୍ତର, ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ନୋଟିସ

**ଲୋକପ୍ରତିନିଧିଙ୍କୁ ସ୍ୱାସ୍ଥ୍ୟସେବା ନ ମିଳିବା ଘଟଣା**

ଗୋପ, ୭।୧(ଡି.ଏନ୍.ଏ.)

ଡଗରପଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ତଳି ଗ୍ରାମ ପଞ୍ଚାୟତର ସମିତିସଭ୍ୟାଙ୍କୁ ସ୍ୱାସ୍ଥ୍ୟସେବା ନ ମିଳିବା ଘଟଣାରେ ଆୟୁଷ ଡାକ୍ତର ରାମପ୍ରସାଦ ଷଡ଼ଙ୍ଗୀ ଓ ଫାର୍ମାସିଷ୍ଟ ତ୍ରିଲୋଚନ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜସ୍ମିନ୍ ଆଫ୍ରୋଜ ଏହି କାରଣ ଦର୍ଶାଅ ନୋଟିସ ପ୍ରଦାନ କରିଛନ୍ତି।

ସୂଚନା ମୁତାବକ, ଗୋପ ବ୍ଲକ ଅନ୍ତର୍ଗତ ବନ୍ତଳି ଗ୍ରାମ ପଞ୍ଚାୟତ ସମିତିସଭ୍ୟା ଜୟଶ୍ରୀ ସାମନ୍ତରାୟ ସ୍ୱାସ୍ଥ୍ୟସେବା ଲାଗି ଡଗରପଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଆସିଥିଲେ। ମାତ୍ର ୧୧ଟା ୨୦ ମିନିଟ୍‌ରେ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ସମିତିସଭ୍ୟା ସାମନ୍ତରାୟ ସେଠାରୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଫେରିଥିଲେ। ପରେ ଏନେଇ ସେ ଗୋପ ଡାକ୍ତରଖାନା ସ୍ୱାସ୍ଥ୍ୟ ଅଧିକାରୀ ଡା. ଆଫ୍ରୋଜ୍‌ଙ୍କୁ ଅଭିଯୋଗ କରିଥିଲେ। ଏପରି ଅଭିଯୋଗରେ ଡା. ଆଫ୍ରୋଜ୍ ଏହି ୨ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ମାଗିଛନ୍ତି। ଏଥିରେ ଆୟୁଷ ଡାକ୍ତର ଷଡ଼ଙ୍ଗୀ ନିକଟସ୍ଥ ଚଢ଼େଇଗାଁରେ ସରକାରୀ କାର୍ଯ୍ୟରେ ଥିବା ଲିଖିତ ଭାବେ ଜଣାଇଥିବାବେଳେ ଫାର୍ମାସିଷ୍ଟ ବେହେରା କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେଇ ନ ଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଜଣକ ସବୁବେଳେ ଅନୁପସ୍ଥିତ ରହୁଥିବା ଅଭିଯୋଗ ରହିଥିବାବେଳେ ବିଭିନ୍ନ ସମୟରେ ଅର୍ଥ ଲାଗି ଗାଁ ଗାଁ ବୁଲି ଚିକିତ୍ସା କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରି ଅଭିଯୋଗକୁ ନେଇ ଜିଲା ଚିକିତ୍ସାଧିକାରୀ ଦୃଷ୍ଟି ଦେବା ସହିତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଅନ୍ୟ ୮ ଗୋଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଯେପରି ସରକାରୀ ନିୟମାନୁସାରେ ୨୪ ଘଣ୍ଟା ଖୋଲାଯିବା ଉପରେ ଗୁରୁତ୍ୱାରୋପ କରିବାକୁ ଯୁବନେତା ବିଚିତ୍ରାନନ୍ଦ ପ୍ରଧାନ ଦାବି କରିଛନ୍ତି।

## କ୍ରୀଡ଼ା ଶରୀର ଲାଗି ନିହାତି ଆବଶ୍ୟକ

ଗୋପ, ୭।୧(ଡି.ଏନ୍.ଏ.)

ଶରୀର ଲାଗି ଯେପରି ଖାଦ୍ୟ, ପାଣି, ଯୋଗ, ବ୍ୟାୟାମର ଜରୁରୀ ରହିଛି, ସେହିପରି କ୍ରୀଡ଼ାର ଆବଶ୍ୟକତା ମଧ୍ୟ ରହିଛି। ଗୋପ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ମୁଖ୍ୟ ଅତିଥି ଭାବେ ଶନିବାର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଏହା କହିଥିଲେ। ମହାବିଦ୍ୟାଳୟରେ ଆୟୋଜିତ ୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ +୨ ଓ +୩ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଲଙ୍ଗଜମ୍ପ, ଜାଭଲିନ୍, ଡିସ୍କସ୍, ଦୌଡ଼ ସହିତ ଅନ୍ୟାନ୍ୟ ଖେଳମାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ପ୍ରତିଯୋଗିତାରେ +୩ ବାଳିକା ବାଳକ ବିଭାଗର ତ୍ରିଲୋଚନ ବେହେରା ଓ ସତ୍ୟଜିତା ନାୟକ ଚାମ୍ପିୟନ ହୋଇଥିବାବେଳେ +୨ ବାଳକ ବାଳିକା ବିଭାଗରେ ଶିଶିର ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ଭୋଇ ଚାମ୍ପିୟନ ହୋଇଥିଲେ। ମୁଖ୍ୟ ଅତିଥି ଖଟୋଇ ଚାମ୍ପିୟନ ଓ ଅନ୍ୟାନ୍ୟ ବିଭାଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଖେଳକୁ ମହାବିଦ୍ୟାଳୟ କ୍ରୀଡ଼ା ବିଭାଗ ଭାରପ୍ରାପ୍ତ ଅଧିକାରୀ ମହେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।



ବରଗଡ଼ ଧନୁଯାତ୍ରା ସରିବା ପରେ କଂସ ଅଭିନୟ କରିଥିବା ହୃଷୀକେଶ ଭୋଇ ଶନିବାର ପୁରୀ ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି କ୍ଷମା ପ୍ରାର୍ଥନା କରୁଛନ୍ତି।

## ଧନୁଆଁ ବନ୍ୟାର ସ୍ଥାୟୀ ପ୍ରତିକାର ନେଇ ଆଲୋଚନା




ନିମାପଡ଼ାରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ନିମାପଡ଼ା,୭।୧(ଡି.ଏନ୍.ଏ.)

ଧନୁଆଁ ନଦୀର ବନ୍ୟା ନିମାପଡ଼ା, ଗୋପବାସୀଙ୍କର ଦୀର୍ଘ ବର୍ଷର ଦୁଃଖ। ଇତି ମଧ୍ୟରେ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଧନୁଆଁ ବନ୍ୟାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ନଦୀ ଅବବାହିକା ଅଞ୍ଚଳରେ ବସବାସ କରୁଥିବା ଲୋକେ ଦୁଃଖ ଓ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧନୁଆଁ ବନ୍ୟା ନିୟନ୍ତ୍ରଣ କମିଟି ପକ୍ଷରୁ 'ଧନୁଆଁ ବନ୍ୟାର ସ୍ଥାୟୀ ପ୍ରତିକାର' ଶୀର୍ଷକ ଏକ ଆଲୋଚନା ଚକ୍ର ଶନିବାର ନିମାପଡ଼ା ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଧନୁଆଁ ବନ୍ୟା ନିୟନ୍ତ୍ରଣ କମିଟି ସଭାପତି ନୃସିଂହଚରଣ ଜେନା, ସମ୍ପାଦକ ନରେନ୍ଦ୍ର ଦାଶ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବରିଷ୍ଠ ଯୁବନେତା ବନରଞ୍ଜନ ପଟ୍ଟନାୟକ, ଆଇନଜୀବୀ ସୁଧିର ମହାନ୍ତି, ପଞ୍ଚାନନ ପରିଡ଼ା, ସତ୍ୟ ପୀରନାୟକ, ବିପ୍ରବର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ନିମାପଡ଼ା, ଗୋପ, ବାଲିପାଟଣା, ବାଲିଅନ୍ତା ଆଦି ୪ଟି ବ୍ଲକବାସୀଙ୍କ ପକ୍ଷରୁ ଆଗାମୀ ଦିନରେ ଦୁର୍ବାର ଗଣଆନ୍ଦୋଳନ କରାଯିବ ଓ ମୁଖ୍ୟମନ୍ତ୍ରୀଙ୍କ ଅବଗତ ଉଦ୍ଦେଶ୍ୟରେ ୪ଟି ବ୍ଲକର ପ୍ରତ୍ୟକ ପରିବାରରୁ ଗୋଟିଏ ଗୋଟିଏ ପୋଷ୍ଟକାର୍ଡ ପଠାଯିବା ନିମନ୍ତେ ପୋଷ୍ଟକାର୍ଡ ଅଭିଯାନକୁ ତ୍ୱରାନ୍ୱିତ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବନ୍ୟା ନିୟନ୍ତ୍ରଣ କମିଟିକୁ ଅଧିକ ଶକ୍ତିଶାଳୀ କରିବାକୁ ଗୋପ ବ୍ଲକ ଉପାଧ୍ୟକ୍ଷ ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଭାପତି ଓ ରସାନନ୍ଦ ପରିଡ଼ାଙ୍କୁ ସହ ସମ୍ପାଦକ ଭାବେ ବୈଠକରେ ମନୋନୀତ କରାଯାଇଛି। ଉକ୍ତ କର୍ମଶାଳାରେ ନିମାପଡ଼ା, ଗୋପ, ବାଲିପାଟଣା, ବାଲିଅନ୍ତା ସମେତ ନିମାପଡ଼ା ଓ ଗୋପ ବ୍ଲକର ବହୁ ନିର୍ବାଚିତ ଜନପ୍ରତିନିଧି ଯୋଗଦେଇଥିଲେ। ସୂଚନା ଯେ, ଧନୁଆଁ ନଦୀର ବନ୍ୟାରେ ଉକ୍ତ ୪ ବ୍ଲକର ୩୭ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିଲା।

## 'ନାରୀଙ୍କ ଲେଖନୀ ସମାଜରେ ସଂସ୍କାର ଆଣିବ'

ପୁରୀ ଅଫିସ,୭।୧

ଓଡ଼ିଶା ଲେଖିକା ସଂସଦ ପୁରୀ ଜିଲା ଶାଖାର ଏକ ଆଲୋଚନାଚକ୍ର ଓ କବିତା ଆସର ଶ୍ରୀକ୍ଷେତ୍ର ପୁସ୍ତକ ମେଳା ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହିକା ବିଦ୍ୟାଶ୍ରୀ ସୁବାସିନୀ ଧଳ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ସାହିତ୍ୟ ସାଧନା ଏକ ଅଖଣ୍ଡ ତପସ୍ୟା ଓ ନିରନ୍ତର ପ୍ରୟାସ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ନାରୀମାନେ ଦେଶର ବୃହତ୍ ଶକ୍ତି। ସେମାନେ ଲେଖନୀ ଚାଳନା କଲେ ସମାଜର ଅନେକ ସଂସ୍କାର ଆସିପାରିବ। ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକା ପ୍ରତିଭା ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ କବୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଓ ସୁଶ୍ରୀ ହରପ୍ରିୟା ସାହୁ, ମୁଖ୍ୟବକ୍ତା ଭାବେ ଇଂ ମୀନକେତନ ମିଶ୍ର ଯୋଗଦେଇ ନିଜ ମତ ରଖିଥିଲେ। ଆଜିର ଲେଖିକାମାନେ ଗୃହର କେବଳ ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନ ରହି ସମାଜର ମଙ୍ଗଳ ପାଇଁ ଲେଖନୀ ଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। କବୟିତ୍ରୀ ମଞ୍ଜୁଶ୍ରୀ ମିଶ୍ର ଅତିଥି ପରିଚୟ ଓ ସୁଶ୍ରୀ କ୍ରିଷ୍ଣା ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। ପ୍ରବାସିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଆସରରେ ମିନତି ମିଶ୍ର, ତୃପ୍ତି ପଣ୍ଡା, ଅଞ୍ଜନା ମିଶ୍ର, ସୁଦୀପ୍ତ ମିଶ୍ର, ଊର୍ମିଳା ସାମନ୍ତରାୟ, କାଞ୍ଚନବାଳା ଦଳେଇ, ମମତା ପଟ୍ଟନାୟକ, ଗୋଲାପ ଦାସ, ସୁରେଶ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ଥିଲେ ।

## ଧାନ, କଦଳୀଗଛ ଖାଇଲା ଦନ୍ତା

**ଅଞ୍ଚଳବାସୀ ଭୟଭୀତ**

ଡେଲାଙ୍ଗ,୭।୧(ଡି.ଏନ୍.ଏ.)

ଗତ ୨ଦିନ ପୂର୍ବେ ଜଟଣୀ ପାଣ୍ଡିଆ ବିଲି ଦୟାନଦୀ କୂଳରେ ଥିବା ଜଙ୍ଗଲୀ ଦନ୍ତା ହାତୀ ଡେଲାଙ୍ଗ ମୁହାଁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ପାଣ୍ଡିଆ ବିଲିରୁ ବାହାରି ହାତୀ ଡେଲାଙ୍ଗର ଗଡ଼ ବେଗୁନିଆପଡ଼ା ଗ୍ରାମ ସନ୍ନିକଟ ଦେଇ କୁଜୁକା ଜଙ୍ଗଲରେ ପହଞ୍ଚିଛି। ଫଳରେ ଗଡ଼ ବେଗୁନିଆପଡ଼ା, କୁଆପଦା, କୁମୁଣ୍ଡାଳ, ବାତୋଳ, ମୋଟରୀ, ଜଗଦଳପୁର, ସାଉରିଆ ଆଦି ବିଭିନ୍ନ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଶୁକ୍ରବାର ରାତିରେ ଜଗଦଳପୁର ଗ୍ରାମରେ ଧାନ କଳେଇ, ଅମଳ ହୋଇଥିବା ୧୦ଟି ଧାନବସ୍ତାରୁ ଧାନ ଖାଇବା ସହିତ ୧୨ ଟି ଧାନ ବସ୍ତା ନଷ୍ଟ କରି ଦେଇଥିବା ଜଣାପଡିଛି। ହାତୀଟି ଡେଲାଙ୍ଗ- ଖୋର୍ଦ୍ଧା ରାସ୍ତା ସନ୍ନିକଟ ମାଙ୍ଗୁପଡ଼ା ଜଙ୍ଗଲ ନିକଟ ପାହାଡ଼ି ତଳେ ରହୁଛି। ଦିନରେ ଜଙ୍ଗଲ ଭିତରେ ରହୁଥିବାବେଳେ ସନ୍ଧ୍ୟା ହେଲେ ଗହୀର ବିଲ ଓ ବାଡ଼ିରେ ଗଛିତ ଥିବା ଧାନ ଓ କଦଳୀ ଗଛ ଖାଇ ତୃଷ୍ଣା ମେଣ୍ଟାଉଛି। ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ଉପସ୍ଥିତ ରହି ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ଫନୀ ପ୍ରଭାବିତଙ୍କୁ ବାତ୍ୟା ପ୍ରତିରୋଧକ ଗୃହ ପାଇଁ ୪ ଲକ୍ଷ ଦିଆଯାଉ

ଭୁବନେଶ୍ୱର,୭।୧(ବ୍ୟୁରୋ)

ଫନୀରେ ପୁରୀ ଜିଲାର ପ୍ରାୟ ୨ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟୟ ଅଟକଳ ୧ଲକ୍ଷ ୫୫ହଜାର ହୋଇଥିବାବେଳେ ଏହା ବାତ୍ୟା ନିରୋଧକ ଗୃହ ନିର୍ମାଣ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଏବଂ ଓଡ଼ିଶା ଜନଶକ୍ତି ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଥିଲା। ପରେ ଏକ ପ୍ରତିନିଧିଦଳ ସଚିବାଳୟରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ସହ ଆଲୋଚନା କରିଥିଲେ। ଫନୀଗ୍ରସ୍ତଙ୍କୁ ନିରାପଦ ଆବାସିକ ଗୃହ ଯୋଗାଣ ପାଇଁ ୪ଲକ୍ଷ ଟଙ୍କା, ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ସହ ଫନୀ କେଲେଙ୍କାରୀରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ପୁରୀ- ଗଞ୍ଜାମ ସଂଯୋଗୀକରଣ ପାଇଁ ଭାରତମାଳା, ଅନ୍ୟ ଯୋଜନାରେ ଜହ୍ନିକୁଦାରୁ ସାତପଡ଼ାଠାରେ ଆଧୁନିକ ଜ୍ଞାନ କୌଶଳ ବିନିଯୋଗ କରାଯାଇ ସ୍ଥାୟୀ ପୋଲ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଥିଲା। କମିଶନର ଜେନା ପ୍ରତିଶ୍ରୁତି ଦେବା ପରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଏବଂ ଓଡ଼ିଶା ଜନଶକ୍ତି ମଞ୍ଚର କର୍ମକର୍ତ୍ତାମାନେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜିଲାପାଳଙ୍କ ଲିଖିତ ପ୍ରତିଶ୍ରୁତି ପରେ ହଟିଲା କୃଷକଙ୍କ ଅନଶନ

ଡେଲାଙ୍ଗ,୭।୧(ଡି.ଏନ୍.ଏ.)

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ପୁରୀ ଜିଲା ନୀଳାଚଳ କୃଷକ ମହାସଂଘର ରାଜ୍ୟ ସଭାପତି ଗୋପୀନାଥ ମିଶ୍ରଙ୍କ ନେତୃତ୍ୱରେ କଣାସ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣ ଶନିବାର ଜିଲାପାଳଙ୍କ ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ଜଳ ନିଷ୍କାସନ, ଜଳସେଚନ, ଜଳ ସଂରକ୍ଷଣ, ବନ୍ୟାଜଳ ନିୟନ୍ତ୍ରଣ, ଧାନର ଅଭାବ ବିକ୍ରି ରୋକିବା, ଶୀତଳ ଭଣ୍ଡାର ନିର୍ମାଣ, ଫନି ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ ଆଦି ବିଭିନ୍ନ ସମସ୍ୟା ନେଇ ୯୦ ଦଫା ସମ୍ବଳିତ ଦାବିପତ୍ର ସଂଘ ଜିଲାପାଳଙ୍କୁ ପ୍ରଦାନ କରିଥିଲା। ୨୦୧୯ ମାର୍ଚ୍ଚ ୧୬ ତାରିଖରେ ଦାବି କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ କର୍ମଚାରୀଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ କଣାସ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଦାବି ପୂରଣ ନେଇ ଶତାଧିକ ଚାଷୀ ଅନଶନ କରିଥିଲେ। ଏନେଇ କଣାସ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଶନିବାର ଜିଲାପାଳଙ୍କ ପ୍ରତିନିଧି ଭାବେ କଣାସ ତହସିଲଦାର ଶତପଥୀ ପତ୍ର ସଂଖ୍ୟା ୭୯/୨୩ ଅନଶନକାରୀଙ୍କୁ ପ୍ରଦାନ କରିଥିଲେ। ପତ୍ରରେ ଜିଲାପାଳ ଆସନ୍ତା ୯ ତାରିଖ ଅପରାହ୍ନ ୪ଟା ସମୟରେ ମହାସଂଘ ଦାବି ଉପରେ ସବିଶେଷ ଆଲୋଚନା କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ଉଲ୍ଲେଖ ରହିଛି। ଏହି ପ୍ରତିଶ୍ରୁତି ପରେ ସଂଘ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଉପସଭାପତି ପ୍ରକାଶ ନାୟକ, ସମନ୍ୱୟ କମିଟି ଅଧ୍ୟକ୍ଷ ଗୁଣନିଧି ପାତ୍ର, କଣାସ ବ୍ଲକ ସଭାପତି କେଦାରେଶ୍ୱର ପରିଡ଼ା, ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁ, ସାଙ୍ଗଠାନିକ ସମ୍ପାଦକ ସମରେନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଅରକ୍ଷିତ ଦାସ ପ୍ରମୁଖଙ୍କ ସମେତ ଚାଷୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଲିଖିତ ପ୍ରତିଶ୍ରୁତିକୁ କଣାସ ତହସିଲଦାର କୃଷକ ସଂଘକୁ ପ୍ରଦାନ କରୁଛନ୍ତି।


ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର ରାଜମହଲ ଓଭରବ୍ରିଜକୁ ରଙ୍ଗିନ୍ କରାଯାଇଛି।


ଏକାମ୍ର ହାଟ ମୁଖ୍ୟ ଫାଟକକୁ ନୂଆ ରୂପ ଦିଆଯାଉଛି। (ଫଟୋ: ବିକାଶ)

# ହକି ସଙ୍ଗୀତ କ୍ରେଜ୍‌ରେ ଯୁବପିଢ଼ି




ଭୁବନେଶ୍ୱର, ୭।୧ (ବ୍ୟୁରୋ)

## ଓଡ଼ିଆ ପୁଅଙ୍କ କମ୍ପୋଜିଶନ୍‌ରେ ଝୁମିବ ବିଶ୍ୱ

ହକି ବିଶ୍ୱକପ୍ ପାଖେଇ ଆସୁଥିବାବେଳେ ରାଜ୍ୟବାସୀଙ୍କ ମଧ୍ୟରେ ହକି ଫିଭର ଦେଖିବାକୁ ମିଳୁଛି। ଇତିମଧ୍ୟରେ ରିଲିଜ ହୋଇଛି ବିଶ୍ୱକପ୍ ହକି ଆନ୍ଥେମ୍। ସବୁଠାରୁ ବଡ କଥା ହେଉଛି ଓଡ଼ିଶା ପୁଅଙ୍କ କମ୍ପୋଜିଶନ୍‌ରେ ଝୁମିବ ବିଶ୍ୱ। ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ 'ଜୟ ହୋ ହିନ୍ଦୁସ୍ତାନ କି' ଆନ୍ଥେମର ନିର୍ଦ୍ଦେଶନା ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ। କଟକ ବାରବାଟୀ ଷ୍ଟାଡିୟମ୍‌ରେ ହକି ଉଦ୍‌ଘାଟନୀ ଉତ୍ସବରେ ପ୍ରେମ୍ ଆନନ୍ଦଙ୍କ ସଙ୍ଗୀତରେ କମ୍ପିବ ବାରବାଟୀ ଷ୍ଟାଡିୟମ୍, ଯାହାକୁ ନେଇ ସବୁଆଡେ ଉତ୍କଣ୍ଠାର ମାହୋଲ ଦେଖିବାକୁ ମିଳୁଛି। ଆନ୍ଥେମକୁ ସମୀର ଲେଖିଥିବାବେଳେ ବଲିଉଡ୍ କଣ୍ଠଶିଳ୍ପୀ ସୁଖ୍‌ବିନ୍ଦର୍ ସିଂ ଗାଇଛନ୍ତି। ମୁମ୍ବାଇରେ ଏହାର ରେକର୍ଡିଂ ହୋଇଥିଲା। ଗତଥର ବିଶ୍ୱକପ୍ ଆନ୍ଥେମ୍‌ରେ ଏ.ଆର୍. ରେହମାନ୍ କମ୍ପୋଜିଶନ୍ କରିଥିବାବେଳେ ଏଥର ଓଡ଼ିଆ ପୁଅ ନିଜର କମାଲ୍ ଦେଖାଇଛନ୍ତି। ସେହିପରି ଏହା ମଧ୍ୟରେ ହକି ବିଶ୍ୱକପ ସଙ୍ଗୀତ ମଧ୍ୟ ରିଲିଜ୍ ହୋଇଛି। ଏହାକୁ ପ୍ରସିଦ୍ଧ ବଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ ପ୍ରିତମ୍ କମ୍ପୋଜ କରିଥିବାବେଳେ ବଲିଉଡ୍ କଣ୍ଠଶିଳ୍ପୀ ଅଭିଜିତ ଗାଇଛନ୍ତି। ତାଙ୍କ ସହିତ ଏହି ଗୀତରେ କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ଆଦିବାସୀ ଝିଅ ନମିତା ମେଲେକାଙ୍କ ସ୍ୱର ମଧ୍ୟ ଶୁଣିବାକୁ ମିଳିଛି। ଭୁବନେଶ୍ୱର ଉପରେ ପ୍ରସ୍ତୁତ ହୋଇଥିବା ର୍ୟାପ୍ ସଙ୍ଗ୍ 'ପୁରା ଖେଳ ପୁରା ଖେଳ' ଏବେ ଟ୍ରେଣ୍ଡ୍‌ରେ ରହିଛି। ଗୀତକୁ ରାପର୍ ବିଗ୍ ଡିଲ୍ ଗାଇଛନ୍ତି। ସେହିପରି ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଗୀତ 'ଏକ ନୟୀ କହାନୀ ଲିଖ୍ ହୈ ଓଡ଼ିଶା'ର ପୋଷ୍ଟର ଓ ପ୍ରମୋ ରିଲିଜ୍ ହୋଇଯାଇଛି। ସନ୍ତୋଷ ପଣ୍ଡାଙ୍କ ଲିଖିତ ତଥା ନିର୍ଦ୍ଦେଶିତ ଏହି ଗୀତଟିରେ ବଲିଉଡ୍ ଗାୟକ ଅଭିଜିତ କଣ୍ଠଦାନ କରିଛନ୍ତି। ଏହି ଗୀତରେ ହକିର ଇତିହାସ, ଓଡ଼ିଶା ସରକାରଙ୍କ ହକି ପ୍ରତି ଆଗ୍ରହ ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କିଙ୍କ ହକି ପ୍ରତି ଅବଦାନକୁ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି।

# ଏକାଠି ଗଡ଼ିଲା ନେତା ଅଭିନେତାଙ୍କ ସାଇକେଲ

## ସାଇକ୍ଲୋଥନ୍ 'ପେଡାଲ ଫର୍ ହକି'

### ସାମିଲ ହେଲେ ୯୦୦ରୁ ଅଧିକ ଜନତା

ଭୁବନେଶ୍ୱର,୭।୧(ବ୍ୟୁରୋ)

ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ପାଇଁ 'ଚକଦେ ଭୁବନେଶ୍ୱର' ଅଧୀନରେ ଶନିବାର 'ସାଇକ୍ଲୋଥନ୍ – ପେଡାଲ ଫର୍ ହକି'ରେ ଜନତାଙ୍କଠାରୁ ଆରମ୍ଭ କରି ନେତା, ଅଭିନେତା ସାମିଲ ହୋଇଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ମିଳିତ ଆନୁକୂଲ୍ୟରେ ଆୟୋଜିତ ସାଇକ୍ଲୋଥନ୍‌ରେ ରାଜଧାନୀର ୩ଟି ଷ୍ଟାର୍ଟିଂ ପଏଣ୍ଟରୁ ସହରବାସୀ ସାଇକେଲ ଯାତ୍ରା ଆରମ୍ଭ କରି ମାଷ୍ଟର କ୍ୟାଣ୍ଟିନ୍ ଛକରେ ପହଞ୍ଚିଥିଲେ। ଏୟାରପୋର୍ଟ ଛକରେ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ସ୍ଥାନୀୟ କର୍ପୋରେଟର ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜୁ ପଟ୍ଟନାୟକ ଛକରୁ ବାହାରିଥିବା ସାଇକେଲ ଆରୋହୀମାନେ ଶିଶୁଭବନ ଛକ ଓ ରାଜମହଲ ଛକ ଦେଇ ଏଣ୍ଡ୍ ପଏଣ୍ଟରେ ପହଞ୍ଚିଥିଲେ। ସେହିପରି ଏକ୍ସଆଇଏମ୍‌ବି ଛକରେ ସାଇକ୍ଲୋଥନ୍ କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ରାଉତ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାଇକେଲଲ ଆରୋହୀମାନେ ଜୟଦେବ ବିହାର, କମିଶନରେଟ୍ ପୋଲିସ୍ ଅଫିସ୍ ପାର୍ଶ୍ୱ ଦେଇ ଯାଇଥିବାବେଳେ ରାସ୍ତା ସାରା ଲୋକଙ୍କ ସମର୍ଥନ ଦେଖିବାକୁ ମିଳିଥିଲା। ଏସ୍‌ପ୍ଲାନେଡ୍ ମଲ ଛକରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମସି ଅତିରିକ୍ତ କମିଶନର ବିନୟ କୁମାର ଦାଶ, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ କର୍ପୋରେଟରମାନେ ଉପସ୍ଥିତ ରହି 'ସାଇକ୍ଲୋଥନ୍'ର ଶୁଭାରମ୍ଭ କରିଥିଲେ। ଏଥିରେ ସାମିଲ ହୋଇଥିବା ସାଇକେଲ ଆରୋହୀ ବାଣୀବିହାର ଦେଇ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ବିଭିନ୍ନ ଛକରୁ ବାହାରିଥିବା ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀ ଏକାଠି ହୋଇଥିଲେ। ହକି ଥିମ୍ ସଙ୍ଗ 'ପୁରା ଖେଳ' ରେ ସମସ୍ତ ସାଇକେଲ ଆରୋହୀ ଝୁମିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ୟାଣ୍ଡ୍ ପାର୍ଟି ଦ୍ୱାରା ରକ୍ ବ୍ୟାଣ୍ଡ୍ ପରିବେଷଣ କରାଯାଇଥିଲା। ହକି ବିଶ୍ୱକପ୍‌ର ସଫଳତା ପାଇଁ ସହରବାସୀଙ୍କ ସହଯୋଗ କାମନା କରାଯାଇଥିଲା।


ଜାଭିୟର ଛକରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।


ରାଜଭବନ ନିକଟ ପ୍ରାଚୀରକୁ ଚିତ୍ରିତ କରାଯାଉଛି।

## ଆଜି ପଥ ଉତ୍ସବରେ ଝୁମିବେ

ଗୋଟିଏ ରବିବାରର ବିରତି ପରେ ପୁଣିଥରେ ରାଜଧାନୀରେ ପଥଉତ୍ସବ ଅନୁଷ୍ଠିତ ହେବ। ପୂର୍ବରୁ ରାମ ମନ୍ଦିର ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ମଧ୍ୟରେ ଆୟୋଜିତ ପଥ ଉତ୍ସବ ସଫଳ ହେବା ପରେ ରବିବାର ଶିଖରଚଣ୍ଡୀରୁ ଇନ୍‌ଫୋସିଟି ଛକ ମଧ୍ୟରେ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମର ମଜାନେବେ। ସକାଳ ୬ଟାରୁ ନାଚ, ଗୀତ ସହ ଅନ୍ୟାନ୍ୟ କଳା ପ୍ରଦର୍ଶନର ସୁଯୋଗ ମଧ୍ୟ ପାଇବେ ସହରବାସୀ। ଏଥିପାଇଁ ଶନିବାରଠାରୁ ସମ୍ପୃକ୍ତ ଅଞ୍ଚଳରେ ମୁରୂଜରେ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରାଯାଉଥିବା ଦେଖିବାକୁ ମିଳିଥିଲା। ହକି ବିଶ୍ୱକପ୍ ସହ ମହାନଗର ନିଗମାଞ୍ଚଳର ସବୁ ଜୋନର ଲୋକଙ୍କୁ ସାମିଲ କରିବା ପାଇଁ 'ଚକ୍‌ଦେ ଭୁବନେଶ୍ୱର' କାର୍ଯ୍ୟକ୍ରମ ଅଧୀନରେ ଏହି ଉତ୍ସବର ଆୟୋଜନ କରାଯାଇଛି।


ଏୟାରପୋର୍ଟ ଛକରେ ଥିବା ହକି ବିଶ୍ୱକପ୍ ବିଜ୍ଞାପନ।


ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ବାଲା ଦେବୀ ଚନ୍ଦ୍ରଶେଖର

ଧରିତ୍ରୀ ଆଳାପ

# 'ମୁଁ ନିଜ ଭିତରେ ପଦ୍ମାବତୀଙ୍କୁ ଦେଖୁଛି'

*ସେ ନୃତ୍ୟରେ ନିଜକୁ ହଜାଇ ଦିଅନ୍ତି। କଥାବାର୍ତ୍ତା ହେଉ କି ଚାଲିଚଳନ, ପ୍ରତିଟି କାର୍ଯ୍ୟରେ ନିଜକୁ ଜଣେ ନୃତ୍ୟାଙ୍ଗନାର ପରିଚୟ ଦେବାକୁ ଚାହାନ୍ତି। ସବୁକ୍ଷେତ୍ରରେ ନୃତ୍ୟର ଭାବକୁ ଅଜାଡ଼ି ଦିଅନ୍ତି। ୬ବର୍ଷରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ବର୍ତ୍ତମାନ ତାଙ୍କୁ ବିଶ୍ୱବିଦିତ କରିଛି। ସେ ହେଲେ ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଗୁରୁ ବାଲା ଦେବୀ ଚନ୍ଦ୍ରଶେଖର। ଏକାଧାରରେ ଜଣେ ଭାରତନାଟ୍ୟମ୍ ପ୍ରତିପାଦକ, ଗବେଷକ ତଥା ଗୁରୁ ଭାବେ ପରିଚିତ। ଆମେରିକା ପ୍ରିନ୍ସଟନ୍‌ର ଏହି ନୃତ୍ୟଶିଳ୍ପୀ ଉଦ୍ଧବ ଗୀତା, କ୍ରିଷ୍ଣାର୍ପଣମ୍, ନନ୍ଦାନାର ଚରିଥ୍ରାମ୍ ଆଦି ଉପରେ ସ୍ୱତନ୍ତ୍ର ଗବେଷଣା କରି ନିଆରା ପରିଚୟ ସୃଷ୍ଟି କରିଛନ୍ତି। ସେ ତାମିଲନାଡୁ ସରକାରଙ୍କ ଦ୍ୱାରା ସମ୍ମାନଜନକ 'କଲାମାମଣି', ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା 'ନାଟ୍ୟ ଚୁଡ଼ାମଣି', ଗୁରୁ ଡ. ପଦ୍ମ ସୁବ୍ରମଣ୍ୟମ୍‌ଙ୍କ ଦ୍ୱାରା 'ନୃତ୍ୟ ସେବା ମଣି', ଥାନାଜାଭୁର ଦ୍ୱାରା 'ନାଟି କାଲା ଭାରତୀ', 'ବିଶ୍ୱ କଳା ଭାରତୀ' ଆଦି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ଦେଶରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମରେ ସେ କଳା ପ୍ରଦର୍ଶନ କରି ସାରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକକ ଭାରତନାଟ୍ୟମ୍ ନୃତ୍ୟ କାର୍ଯ୍ୟକ୍ରମ 'ପଦ୍ମାବତୀ–ଏକ ଅବତାର'ରେ ନୃତ୍ୟ ପ୍ରଦର୍ଶନ କରିବାକୁ ଆସିଥିବାବେଳେ 'ଧରିତ୍ରୀ' ସହ ତାଙ୍କର ସ୍ୱତନ୍ତ୍ର ଆଳାପ।*

**●ଭାରତନାଟ୍ୟମ୍‌ର ଯାତ୍ରାରମ୍ଭ କିଭଳି ଥିଲା?**
୬ବର୍ଷ ବୟସରୁ ମୁଁ ନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲି। ପ୍ରଥମେ ହାଇଦ୍ରାବାଦରେ ଗୁରୁ ଜୟଲକ୍ଷ୍ମୀ ନାରାୟଣଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲି। ପରେ ଚେନ୍ନାଇରେ ଗୁରୁ ଡ. ପଦ୍ମା ସୁବ୍ରମଣ୍ୟମ୍‌ଠାରୁ ନୃତ୍ୟ ଶିଖିଥିଲି। ସମୟ ସ୍ରୋତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। କିନ୍ତୁ ଯେତେବେଳେ ଗୋଟିଏ ରାସ୍ତା ବନ୍ଦ ହୁଏ, ୧୦ଟି ରାସ୍ତା ଖୋଲିଥାଏ। ତେଣୁ ମୁଁ ଧୈର୍ଯ୍ୟର ସହ ଜୀବନର ପ୍ରତ୍ୟେକ ସୋପାନକୁ ଅତିକ୍ରାନ୍ତ କରିଛି।

**●ଭାରତନାଟ୍ୟମ୍ ପ୍ରତିପାଦକ, ଗବେଷକ ଓ ଗୁରୁ: କେଉଁ ପରିଚୟ ବେଶି ଆନନ୍ଦ ଦିଏ?**
ଏସବୁ ପରସ୍ପର ଉପରେ ନିର୍ଭରଶୀଳ। ଜଣେ ଭଲ ଗୁରୁ ନ ହୋଇପାରିଲେ ଭଲ ନୃତ୍ୟାଙ୍ଗନାଟିଏ ମଧ୍ୟ ହୋଇପାରିବ ନାହିଁ। ସେହିପରି ପ୍ରତ୍ୟେକ ସେମାନଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର। ଏହି ସବୁ ମୋର ପ୍ରିୟ। କୌଣସି ଗୋଟିଏକୁ ପସନ୍ଦ କରିବା ଅସମ୍ଭବ।

**●କାହାକୁ ଗୁରୁ ବୋଲି ମାନନ୍ତି?**
ଗୁରୁ ଜୟଲକ୍ଷ୍ମୀ ନାରାୟଣ ଓ ଗୁରୁ ପଦ୍ମା ସୁବ୍ରମଣ୍ୟମଙ୍କଠାରୁ ମୁଁ ନୃତ୍ୟ ଶିଖିଛି। ସେମାନଙ୍କ ଛଡ଼ା ମଧ୍ୟ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନେକଙ୍କ ପାଖରୁ ଅନେକ କିଛି ଶିଖିଛି। ଯାହାଙ୍କଠାରୁ ମୋତେ କିଛି ନୂଆ ଶିଖିବାକୁ ମିଳେ ସେମାନଙ୍କୁ ମୁଁ ଗୁରୁ ବୋଲି ଭାବେ।

**●ଓଡ଼ିଶା ସହ ସମ୍ପର୍କ, କେମିତି ଅନୁଭବ କରୁଛନ୍ତି?**
ପ୍ରଥମଥର ଓଡ଼ିଶା ଆସିଛି। ପହଞ୍ଚିବା ପରଠାରୁ ଡ୍ରାଇଭରଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ମିଶିଥିବା ସବୁ ମଣିଷ ଭଲ ଲାଗିଛନ୍ତି। ବୋଧହୁଏ ଓଡ଼ିଶାର ଲୋକମାନେ ବହୁତ କୋମଳ। ସେଥିପାଇଁ ସେମାନଙ୍କ ବ୍ୟବହାର, କଥାରୁ ଏକ ଅଦ୍ଭୁତ ଭଲ ପାଇବାକୁ ମୁଁ ଅନୁଭବ କରିଛି। ପ୍ରଥମଥର ପାଇଁ ଆସିଛି ସତ, କିନ୍ତୁ ଏହା ମୋର ଶେଷଥର ନୁହେଁ। ମୁଁ ବାରମ୍ବାର ଓଡ଼ିଶା ଆସିବାକୁ ଚାହିଁବି। ଓଡ଼ିଶାର କଳା ଓ ସଂସ୍କୃତିକୁ ମୁଁ ଦେଶ ବିଦେଶରେ ମୋ ନୃତ୍ୟ ମାଧ୍ୟମରେ ପ୍ରଚାର ପ୍ରସାର କରିବି।

**●ପଦ୍ମାବତୀ ବିଷୟରେ କ'ଣ କହିବେ?**
କବି ଜୟଦେବଙ୍କ ଗୀତଗୋବିନ୍ଦମ୍ କାବ୍ୟରୁ ଉଦ୍ଧୃତ 'ପଦ୍ମାବତୀ–ଏକ ଅବତାର'ବେଶ୍ ସୁନ୍ଦର ଭାବେ ରଚନା କରାଯାଇଛି। ଏହା ମାଧ୍ୟମରେ ଜୟଦେବ ଓ ପଦ୍ମାବତୀଙ୍କ ପ୍ରେମ ରୋମାନ୍ସ ସାରା ବିଶ୍ୱ ଦେଖୁଛି। ମୋ ମତରେ ସେମାନଙ୍କ ବିବାହ ପୃଥିବୀରେ ଏକମାତ୍ର ମଙ୍ଗଳମୟ ବିବାହ। ବିବାହରେ ନିଜକୁ ବୁଝିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଯାହା ସେମାନେ କରିଛନ୍ତି। ନୃତ୍ୟ, ସଙ୍ଗୀତ, ନାଟକ, ପ୍ରେମ ସହିତ ପଦ୍ମାବତୀ ଜଡ଼ିତ। ମୁଁ ମୋ ନୃତ୍ୟ ମାଧ୍ୟମରେ ସେହି ପ୍ରେମକୁ ଦର୍ଶକଙ୍କ ମନରେ ପହଞ୍ଚାଇବାକୁ ଚେଷ୍ଟା କରିଛି। ମୁଁ ନିଜକୁ ପଦ୍ମାବତୀ ବୋଲି ଅନୁଭବ କରୁଛି। ମୁଁ ପଦ୍ମାବତୀକୁ ନ୍ୟୁୟର୍କରେ ଉପସ୍ଥାପିତ କରିବି। ଏହା ମୋର ଦାୟିତ୍ୱ।

**●ଯୁବପିଢ଼ିଙ୍କୁ କଳା, ସଂସ୍କୃତି ସହ କେମିତି ବାନ୍ଧି ରଖିହେବ?**
ଆମ ସଂସ୍କୃତି ଓ ପରମ୍ପରା ପ୍ରାଚୀନ। ଏହାକୁ କିଏ କିଭଳି ମାନିବ ତାହା ସେମାନଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ସୋସିଆଲ ମିଡିଆ ଯୁଗରେ ସବୁ ପ୍ରକାର ଦର୍ଶକଙ୍କୁ ବାନ୍ଧି ରଖିବାକୁ ହେଲେ ସେମାନଙ୍କ ସହ ଜଡ଼ିତ ଥିବା ଭଳି ପ୍ରସଙ୍ଗକୁ କଳା, ସଂସ୍କୃତି ମାଧ୍ୟମରେ ସେମାନଙ୍କ ଆଗରେ ଉପସ୍ଥାପିତ କରିବାକୁ ପଡ଼ିବ। ଭଲପାଇବା ସହ ସେମାନଙ୍କ ଆଗରେ ଉପସ୍ଥାପନ କଲେ ସେମାନେ ଯାହା ହେଲେ ବି କିଛି ଶିଖିବେ।

–ସାକ୍ଷାତ୍ : ଶର୍ମିଷ୍ଠା ପାଣିଗ୍ରାହୀ

# ମଣ୍ଡିରେ କଟ୍‌ନିଛଟ୍‌ନିକୁ ବିରୋଧ

**ଖୋର୍ଦ୍ଧା ଅଫିସ,୭।୧**

- ୧୩୯ରୁ ଖୋଲିଛି ୭୮ ମଣ୍ଡି
- ୩୦% ପଡିଆ ଜମି, ଘରବାରିରୁ ଧାନ ବିକ୍ରି ଲାଗି ପଞ୍ଜୀକରଣ
- ଆରମ୍ଭରୁ ଚାଷୀ ରାସ୍ତାକୁ ଓହ୍ଲାଇଲେଣି

ଖୋର୍ଦ୍ଧା ଜିଲାରେ ଗତବର୍ଷ ଭଳି ଚଳିତ ବର୍ଷ ମଧ ଆରମ୍ଭରୁ ଧାନମଣ୍ଡିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମିଲ୍ ମାଲିକଙ୍କ ମନମାନିରେ ଚାଲିଛି ମଣ୍ଡି। ଧାନର ମାନ ଏଫ୍ଏକ୍ୟୁ(ଉନ୍ନତ) ସତ୍ତ୍ୱେ ମିଲ୍ ମାଲିକମାନେ ୫ରୁ ୭କେଜି ପର୍ଯ୍ୟନ୍ତ ଧାନ କାଟୁଥିବା ଚାଷୀ କହିଛନ୍ତି। ଏନେଇ ଜିଲା ପ୍ରଶାସନ, ଜିଲା ଯୋଗାଣ ବିଭାଗ ନିକଟରେ ଖବର ଥିବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ରାଜ୍ୟ ସରକାର ଚଳିତବର୍ଷ ଚାଷୀ ଧାନ ଫସଲ କରିଥିବା ଜମିର ସାଟେଲାଇଟ ସର୍ଭେ କରିଥିଲେ। ଏଥିସହ ବିଭାଗ ପକ୍ଷରୁ ମଧ ସର୍ଭେ କରାଯାଇଥିଲା। ଜିଲାର ଅଧିକାଂଶ ସ୍ଥାନରେ ଜମି ପଡିଆ ପଡିଥିବା, ଚାଷଜମିରେ ଘରବାରି, ଆଦୌ ଧାନ ଅମଳ ହୋଇନଥିବା ସତ୍ତ୍ୱେ ଚାଷୀଙ୍କ ନାମ ପଞ୍ଜୀକରଣରେ ରହିଛି। ଏଭଳି ଚାଷୀଙ୍କଠାରୁ ଧାନ ସଂଗ୍ରହ ଲାଗି ସୁଯୋଗ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ସତ୍ତ୍ୱେ ଅଧିକାଂଶ ଚାଷୀଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ ରହିଛି। ଜିଲାରେ ସାଟେଲାଇଟ ସର୍ଭେରେ ପ୍ରାୟ ୩୦% ଜମିରେ ଆଦୌ ଫସଲ ହୋଇ ନ ଥିବା ଜଣାପଡିଛି। କେତେଜଣ ନବନିର୍ବାଚିତ ସମିତି ସଭାପତି ଏବଂ ପାକ୍ସ ସମ୍ପାଦକ, ମିଲର୍ସଙ୍କ ମଧୁଚନ୍ଦ୍ରିକା ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏଭଳି ହେଉଥିବା ଚାଷୀ ସଙ୍ଗଠନ କହିଛି।

ଧାନକିଣାକୁ ନେଇ ମିଲର ଏବଂ ଚାଷୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଧାନର ମାନ ଠିକ୍ ଥିବା ବେଳେ ଚିଲିକା ବ୍ଲକ ସୋରଣ ସମବାୟ ସମିତିରେ କଟନିଛଟନିକୁ ନେଇ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜଟଣୀ ବ୍ଲକ ବେଲପଡା ପ୍ୟାକ୍ସରେ ଧାନ ଏଫଏକ୍ୟୁ(ଉନ୍ନତ) ମାନର ନ ଥିବା ଦର୍ଶାଇ କୁଇଣ୍ଟାଲ ପିଛା ୫କେଜି ଧାନ କାଟିବା ପ୍ରତିବାଦରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ ଲେଣ୍ଡୋ ସେବା ସମବାୟ ସମିତିରେ କୁଇଣ୍ଟାଲ ପିଛା ୫କେଜି କାଟିବାକୁ ବିରୋଧ କରିଛନ୍ତି ଚାଷୀ। ଏନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପୂର୍ବରୁ ମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଚାଷୀ ଜିଲା ପ୍ରଶାସନକୁ ଦାବିପତ୍ର ଦେଇଥିଲେ। ତେବେ ଧାନର ମାନ ଏଫଏକ୍ୟୁ ଥିବା ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ କଟନି ଛଟନି କରାଯିବାକୁ ଚାଷୀ ବିରୋଧ କରିଛନ୍ତି। ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ଡିସେମ୍ବର ୩୦ରେ ବାଲିଅନ୍ତା ଓ ଟାଙ୍ଗୀ ବ୍ଲକର ଦୁଇଟି ସ୍ଥାନରେ ଧାନମଣ୍ଡି ଶୁଭାରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ମଣ୍ଡି ଖୋଲିବାରେ ଲାଗିଛି। ଚଳିତ ବର୍ଷ ୧୩୯ଟି ପ୍ୟାକ୍ସରେ ପଞ୍ଜୀକୃତ ଚାଷୀଙ୍କ ଠାରୁ ପ୍ରାୟ ୧୨ଲକ୍ଷ କୁଇଣ୍ଟାଲ ଧାନ କିଣାଯିବା ଲାଗି ଟାର୍ଗେଟ ରହିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ୭ଲକ୍ଷ ଟାର୍ଗେଟ ଦିଆଯାଇଛି। ଯୋଗାଣ ବିଭାଗ ସୂଚନା ପ୍ରକାରେ, ଶନିବାର ସୁଦ୍ଧା ଜିଲାରେ ୧୨୯୫ଚାଷୀଙ୍କ ଠାରୁ ୪୩,୭୦୯.୧୫ କୁଇଣ୍ଟାଲ ଧାନ କିଣାଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୭୮ଟି ମଣ୍ଡି ଖୋଲିଥିବା ସୂଚନା ଦିଆଯାଇଛି। ୧୭ଜଣ ମିଲରଙ୍କ ମଧ୍ୟରୁ ୧୪ଜଣ ମିଲର ଧାନ କିଣିବା ଲାଗି ପଞ୍ଜୀକରଣ କରିଛନ୍ତି।

### ଏମାନେ ଯାହା କୁହନ୍ତି...

“ ପ୍ରତିବର୍ଷ ଧାନ ବିକ୍ରି ବେଳେ ମଣ୍ଡିରେ ଶୋଷଣର ଶିକାର ହେଉଛି ଚାଷୀ। କେତେଜଣ ମିଲ୍ ମାଲିକ, ଆରଏମସି, ପ୍ୟାକ୍ସ ସମ୍ପାଦକଙ୍କ ମଧୁଚନ୍ଦ୍ରିକାରେ ଚାଲିଛି। ଧାନ ଏଫଏକ୍ୟୁ ନ ଥିବା କହି କୁଇଣ୍ଟାଲ ପିଛା ୫କେଜି କାଟୁଛନ୍ତି। ଫଳରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସଂଘ ଆଗକୁ ରାଜରାସ୍ତାକୁ ଓହ୍ଲାଇବ।

**- ସୁରେଶ ମାନସିଂ, ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ**

“ ପ୍ରତିବର୍ଷ ବିଳମ୍ବରେ ଧାନମଣ୍ଡି ଖୋଲୁଛି। ମଣ୍ଡି ସ୍ୱାଭାବିକ ହେବା ପାଇଁ ମାସେ ବିତିଯାଉଛି। ଟାର୍ଗେଟ ମୁତାବକ ଟୋକନ ଆସୁନାହିଁ। ଟାର୍ଗେଟ ଆସିବା ବେଳକୁ ଟୋକନ ଅବଧି ସରିଯାଉଛି, ଫଳରେ ଧାନ କିଣାଯାଉନାହିଁ। ଭାଜପା ପକ୍ଷରୁ ପୂର୍ବରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ଆଗାମୀ ଦିନରେ ଭାଜପା ପକ୍ଷରୁ ମଣ୍ଡିକୁ ଚାଲ ଅଭିଯାନ କରାଯିବ। ଚାଷୀଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ ପଡିଲେ ରାଜରାସ୍ତାକୁ ଓହ୍ଲାଇବ।

**- ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା କୃଷକ ସେଲ୍ ଉପାଧ୍ୟକ୍ଷ**

“ ଚଳିତବର୍ଷ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚାଷୀ ଧାନ ଅମଳ କରିଛନ୍ତି। ଧାନର ମାନ ଠିକ୍ ରହିଥିବା ବେଳେ ମିଲ୍ ମାଲିକମାନେ କଟନିଛଟନି କରୁଥିବା ନଜରକୁ ଆସିଛି। ଆଗାମୀ ଦିନରେ ଏହାର ତୀବ୍ର ବିରୋଧ କରାଯିବ। ସ୍ଥାନୀୟ ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

**- ପ୍ରଦୀପ ସ୍ୱାଇଁ, କଂଗ୍ରେସ ନେତା**

“ ଧାନର ମାନ ଏଫଏକ୍ୟୁ ନ ଥିଲେ ମିଲ୍ ମାଲିକମାନେ ଉଠାଇବାକୁ ମନା କରୁଛନ୍ତି। ମଣ୍ଡିରେ ସ୍ୱଚ୍ଛତା ଆଣିବା ପାଇଁ ନିୟମିତ ଭାବେ ଯାଞ୍ଚ କରାଯିବ। ମଣ୍ଡିରୁ ଅସାଧୁ ବ୍ୟକ୍ତିଙ୍କୁ ଦୂରେଇ ରଖିବା ପାଇଁ ଗୁରୁତ୍ୱ ଦିଆଯିବ।

**-ସୁଗୁଡ଼ା ମୁର୍ମୁ, ଜିଲା ଯୋଗାଣ ଅଧିକାରୀ**

## ଫେବୃୟାରୀ ୧୫ରୁ ପଲ୍ଲିଶ୍ରୀ, ପୁସ୍ତକ ମେଳା

**ଖୋର୍ଦ୍ଧା ଅଫିସ,୭।୧**

ଖୋର୍ଦ୍ଧା ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୧୫ରୁ ୧୯ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଓରମାସ ଓ ୧୬୦ଟି ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ବ୍ୟବସ୍ଥା କରାଯିବ। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ବିଭିନ୍ନ ଜିଲାର ସାଂସ୍କୃତିକ ଅନୁଷ୍ଠାନକୁ ନିମନ୍ତ୍ରଣ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଦୁଇବର୍ଷ କୋଭିଡ କଟକଣା ପରେ ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଆୟୋଜନ କରାଯାଉଛି। ତେଣୁ ଏହାକୁ ଅଧିକ ଆକର୍ଷଣୀୟ ଲାଗି ସ୍ଥିର କରାଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓରମାସ ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ଗୁଣ୍ଡିଚା ବେହେରା, ଜିଲା ସଂସ୍କୃତି ବିଭାଗ ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୯ରେ ନାଚୁଣୀ ଥାନା ଉଦ୍‌ଘାଟନ

ଗମ୍ଭାରୀମୁଣ୍ଡା,୭।୧(ଡି.ଏନ୍.ଏ.): ଆସନ୍ତା ସୋମବାର ଖୋର୍ଦ୍ଧା ଜିଲା ଅନ୍ତର୍ଗତ ନାଚୁଣୀ ଥାନା ଉଦ୍‌ଘାଟିତ ହେବ। ଏହାକୁ ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ବୋଲି ଏସ୍‌ପି ସିଦ୍ଧାର୍ଥ କଟ୍ଟରିଆ ସୂଚନା ଦେଇଛନ୍ତି। ତେବେ ଉଦ୍‌ଘାଟନ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବର୍ଦ୍ଧିତ ଜନସଂଖ୍ୟା ଓ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ୩୬ଟି ନୂଆ ପୋଲିସ ଥାନା ଖୋଲିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ କିଛି ମାସ ପୂର୍ବେ ଅନୁମୋଦନ କରିଥିଲେ। ଯେଉଁଥିରେ ନାଚୁଣୀ ରହିଛି। ଏବେ ନାଚୁଣୀ ଫାଣ୍ଡି ବାଣପୁର ଥାନା ଅଧୀନରେ ଥିବା ବେଳେ ସୋମବାର ଠାରୁ ଏହା ସ୍ୱତନ୍ତ୍ର ଥାନା ହେବ। ନାଚୁଣୀ ଥାନା ଅଧୀନରେ ଗମ୍ଭାରୀମୁଣ୍ଡା ବିଟ୍ ହାଉସ ରହିବା ସହ ବାଣପୁର ବ୍ଲକର ୬ଟି ପଞ୍ଚାୟତ ନାଚୁଣୀ, ମୋରାମୋରି, ଗମ୍ଭାରୀମୁଣ୍ଡା, ଦେଓଗାଁ, ଆୟତପୁର, କୁଲେଇ ଏବଂ ଚିଲିକା ବ୍ଲକର ୪ଟି ପଞ୍ଚାୟତ କୁମାଣ୍ଡଳ ପାଟଣା, ହରିପୁର, ବଉଳାବନ୍ଧ ଏବଂ ନଈରୀ ରହିବ। ନାଚୁଣୀ ଥାନା ପାଇଁ ଜଣେ ଇନ୍‌ସ୍ପେକ୍ଟର, ଜଣେ ମହିଳା ସବଇନ୍‌ସ୍ପେକ୍ଟରଙ୍କ ସମେତ ଦୁଇଜଣ ସବ ଇନ୍‌ସ୍ପେକ୍ଟର, ୨ଜଣ ଏଏସ୍‌ଆଇ ନିୟୋଜିତ ହୋଇଥିବା ଏସ୍‌ପି କହିଛନ୍ତି। ନାଚୁଣୀ ଥାନାର ମାମଲାଗୁଡ଼ିକ ବାଣପୁର ଓ ଚିଲିକା କୋର୍ଟରେ ବିଚାର ହେବାକୁ ଥିବା ବଳେ ବାଣପୁର ମେଡିକାଲ ଅଧୀନରେ ଏହା ରହିବ। ୯ତାରିଖରୁ ବାଲୁଗାଁ ପୋଲିସ ସବ୍‌ଡିଭିଜନ ଅଧୀନରେ ନାଚୁଣୀକୁ ମିଶାଇ ୫ଟି ଥାନା ରହିବ। ଉଦ୍‌ଘାଟନ ଉତ୍ସବରେ ଏସପି, ବାଲୁଗାଁ ଏସ୍‌ଡିପିଓ, ବାଣପୁର ଆଇଆଇସି ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ନାଚୁଣୀ ଥାନା ବର୍ତ୍ତମାନ ଅସ୍ଥାୟୀଭାବେ ଫାଣ୍ଡି ପରିସରରେ କାର୍ଯ୍ୟକ୍ଷମ ହେବ। ଫାଣ୍ଡି ପଛପାର୍ଶ୍ୱରେ ନାଚୁଣୀ ନୂତନ ଥାନା ଏବଂ ବାଲୁଗାଁ ଏସ୍‌ଡିପିଓଙ୍କ ନୂତନ କାର୍ଯ୍ୟାଳୟ କାର୍ଯ୍ୟ ଜାରି ରହିଥିବା ଏସ୍‌ପି କହିଛନ୍ତି।

### ଏଏସ୍‌ଆଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୭।୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଏଏସ୍‌ଆଇ ଗଙ୍ଗାର ଶାହାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଥାନା ପରିସରରେ ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ, ଅତିଥିଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, କୃଷ୍ଣପ୍ରସାଦ ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବିଶ୍ୱାଳ, ଏଲ୍‌ପିଜି ଗ୍ୟାସ୍ ବିତରକ ଯୁବନେତା ଦୁଷ୍ମନ୍ତ କୁମାର ନାୟକ, ପୂର୍ବତନ ସରପଞ୍ଚ କୁମାର ସିଂହ ପ୍ରମୁଖ ଯୋଗଦେଇ ଶାହାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଥାନା ପକ୍ଷରୁ ଶାହାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସବ୍‌ଇନ୍ସପେକ୍ଟର ନାରାୟଣ ପ୍ରଧାନଙ୍କ ସମେତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କୃଷ୍ଣପ୍ରସାଦ: ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ପାଇଁ ଅନୁଷ୍ଠିତ ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ସଦସ୍ୟ।

## ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ତାଲିମ ଶିବିର

**କୃଷ୍ଣପ୍ରସାଦ,୭।୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଥିବା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ପରିଚାଳନା ସମ୍ପର୍କିତ ଏକ ୭ଦିନିଆ ତାଲିମ ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ଶିବିରରେ ବାତ୍ୟା-ବନ୍ୟା ଆଶ୍ରୟସ୍ଥଳ ପରିଚାଳନା, ସନ୍ଧାନ, ଉଦ୍ଧାରକାରୀ ଏବଂ ପ୍ରାଥମିକ ଆଶୁ ଚିକିତ୍ସା ଦଳର ୭୫ ଜଣ ସଦସ୍ୟାସଦସ୍ୟଙ୍କୁ ସେମାନଙ୍କ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯାଉଛି। ଏହି ଶିବିରରେ ଲକ୍ଷ୍ମୀଧର ସାହୁ, କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ ନାୟକ, କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ପଞ୍ଚାନନ ସିଂହ, ପାରିକୁଦ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ନାୟକ, ସହକାରୀ ଶିକ୍ଷକ ହେମନ୍ତ କୁମାର ଜେନା, ପୂର୍ବତନ ସରପଞ୍ଚ କୁମାର ସିଂହ, ବିଜୟ କୁମାର ଜେନା, କୃଷ୍ଣପ୍ରସାଦଗଡ଼ ପାଞ୍ଚମୌଜା ପରିଚାଳନା କମିଟି ସମ୍ପାଦକ ସୁରଥ ବେହେରା, ବିପର୍ଯ୍ୟୟ ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମୀକାନ୍ତ ସିଂହ, ଯୁବନେତା ଜିତେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସରପଞ୍ଚ ସିଂହଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆୟୋଜନ ହୋଇଥିଲା। ଶିବିରରେ ବାତ୍ୟା ଆଶ୍ରୟସ୍ଥଳରେ ସମସ୍ତ ବିପର୍ଯ୍ୟୟକୁ ପ୍ରଶମିତ କରିବା ପାଇଁ ଉପଲବ୍ଧ ଆନୁଷଙ୍ଗିକ ଯନ୍ତ୍ରାଂଶର ସୁପରିଚାଳନା, ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା ନିମିତ୍ତ ଜ୍ଞାନକୌଶଳ, ଆହତଙ୍କ ଆଶୁ ଚିକିତ୍ସା ସମ୍ପର୍କରେ ତାଲିମ ଦିଆଯାଉଛି। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ପୂର୍ଣ୍ଣଚନ୍ଦ୍ର ସାହୁ, ଗୀତାଞ୍ଜଳି ସାହୁ, ନୋଡାଲ ଏନ୍‌ଜିଓ ପ୍ରକଳ୍ପ ସଂଯୋଜକ ଏନ୍. ସମୀର କୁମାର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି।

## ରୂପାନ୍ତରଣ ହେବ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଟାଙ୍ଗୀ (ଖୋର୍ଦ୍ଧା),୭।୧(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ୫-ଟି ରେ ବିଦ୍ୟାଳୟଗୁଡିକ ରୁପାନ୍ତର କାର୍ଯ୍ୟ ଚାଲିଥିବାବେଳେ ଏବେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ମଧ ରୁପାନ୍ତରଣ କରାଯିବ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଥିରେ ସାମିଲ କରାଯାଇଥିବା ଜଣାପଡ଼ିଛି। ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ସମେତ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜଟଣୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମିଲ କରାଯାଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ, ତହସିଲଦାର ଓ ମୁଖ୍ୟ ଜିଲା ଚିକିତ୍ସାଧିକାରୀ ବୈଠକରେ ଉପସ୍ଥିତ ଥିଲେ।

## ୪ ମଣ୍ଡିରୁ ଉଠିଲା ୯୬୯ କୁଇଣ୍ଟାଲ ଧାନ

**ବାଲିପାଟଣା,୭।୧(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅଞ୍ଚଳର ୪ଟି ଧାନମଣ୍ଡିରେ ୩୨ ଚାଷୀଙ୍କଠାରୁ ୯୬୯ କୁଇଣ୍ଟାଲ ଧାନ କିଣାଯାଇଛି। ସେଥିମଧ୍ୟରୁ ସରାଟ ସମବାୟ ସମିତିରୁ ସର୍ବାଧିକ ୧୯ଜଣ ଚାଷୀଙ୍କଠାରୁ ୬୨୦ କଇଣ୍ଟାଲ ଧାନ କିଣାଯାଇଛି। ସେହିପରି ଗାରେଡିପାଞ୍ଚଣ ସମିତିରେ ୧୨୦ କୁଇଣ୍ଟାଲ, ଗିରିଙ୍ଗ ସମିତିରେ ୧୬୧ କୁଇଣ୍ଟାଲ ଏବଂ ସୋମଣଶାସନ ସମିତିରେ ୬୮ କୁଇଣ୍ଟାଲ ଧାନ କିଣାଯାଇଛି।

## ‘ନିଜର ହକ୍ ପାଇଁ ଲଢ଼େଇ କର’



ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।

### ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଅଧିବେଶନ

**ବୋଲଗଡ଼,୭।୧(ଡି.ଏନ୍.ଏ.)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବୋଲଗଡ଼ ବ୍ଲକ ଆଞ୍ଚଳିକ କମିଟିର ଅଧିବେଶନ ସ୍ଥାନୀୟ ପାର୍ଟିଅଫିସଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କମ୍ୟୁନିଷ୍ଟ ପତାକା ଉତ୍ତୋଳନ କରାଯାଇଥିଲା। ଅଧିବେଶନରେ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ କମ୍ୟୁନିଷ୍ଟ ପାର୍ଟିର ରାଷ୍ଟ୍ରୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇଥିଲେ। ଅତିଥିଭାବେ ଖୋର୍ଦ୍ଧା ଜିଲା କମ୍ୟୁନିଷ୍ଟ ପାର୍ଟି ସମ୍ପାଦକ ଅମୀୟ ପଟ୍ଟନାୟକ, ସହସମ୍ପାଦକ ସତୀଶ ମିଶ୍ର, ସୁମନ୍ତ ଛୋଟରାୟ, ଦିବାକର ପରମଗୁରୁ, ବାଲ୍ମିକ ବଳିୟାରସିଂହ, ବୋଲଗଡ ଆଞ୍ଚଳିକ କମିଟିର ସମ୍ପାଦକ ଲକ୍ଷ୍ମଣ ସେଠୀ, ଆଦିବାସୀ ନେତା ଗଗନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ କନକମଞ୍ଜରୀ ପରମଗୁରୁ କବିତା ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ଅଦିବାସୀଙ୍କ ଜାତି ପ୍ରମାଣପତ୍ର, ଭୂମିହୀନଙ୍କୁ ପଟ୍ଟା, ଆବାସ ଯୋଜନାରେ ଘର, ସମସ୍ତଙ୍କୁ ରାଶନ କାର୍ଡ, ଗ୍ରାମରେ ପାନୀୟ ଜଳଯୋଗାଣରେ ଅବ୍ୟବସ୍ଥା ସହିତ ବିଦ୍ୟାଳୟରେ ଶିକ୍ଷକ ଓ ଚିକିତ୍ସାଳୟରେ ଡାକ୍ତର ପଦବୀ ପୂରଣ ଏବଂ ଥାନାରେ ନିରପେକ୍ଷ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। କର୍ମୀମାନଙ୍କୁ ଏକତ୍ରିତ କରି ନିଜ ହକ୍ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଦଳୀୟ ମହିଳା ପୁରଷ କର୍ମୀ ଯୋଗଦେଇଥିଲେ। ଟିକି ପଟ୍ଟନାୟକ, ବିନୋଦ ବାରାଡ଼, ଧନୁର୍ଜୟ ନାୟକ, ରାଧେଶ୍ୟାମ ବଳିୟାରସିଂହ, ଅର୍ଜୁନ ମହାନ୍ତି, ଅନନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମା’ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ

## ମଞ୍ଚେଶ୍ୱର କ୍ଲବ ବିଜୟୀ



ଅତିଥିଙ୍କଠାରୁ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ବୋଲଗଡ଼, ୭।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ କୋଦୁଅବେରେଣି ଖେଳପଡ଼ିଆରେ ମା’ ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ଖୋର୍ଦ୍ଧା ଜିଲା ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ନାଲ୍‌କୋର ନିର୍ବାହୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସେଠୀ, ସାମାଜିକ କର୍ମୀ ମାଧବ ଚନ୍ଦ୍ର ଦାଶ, ଅଧ୍ୟାପକ ସାରଙ୍ଗଧର କର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ କାଇପଦର ଓ ଢେଙ୍କାନାଳ ଟିମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଢେଙ୍କାନାଳ ୪ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଦିବସ ଶନିବାର ମ୍ୟାଚ୍‌ରେ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ଲବ ଓ ଖୋର୍ଦ୍ଧା କୁମାରବସ୍ତର ସହିଦ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। କୁମାରବସ୍ତ ଟିମ୍ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମଞ୍ଚେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୨୮୨ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଧଳାପଥର ସରପଞ୍ଚ ନାରାୟଣ ସାହୁ ମୁଖ୍ୟ ଅତିଥି, କ୍ରୀଡ଼ାବିତ୍ ନରେଶ ସାହୁ ଓ ସାମାଜିକ କର୍ମୀ କାଜଲ ବଳିୟାରସିଂ ଅତିଥିଭାବେ ଯୋଗଦେଇ ମଞ୍ଚେଶ୍ୱର କ୍ଲବର ଅଧିନାୟକ ବିଶ୍ୱଜିତ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ‘ଓଡ଼ିଆ ସାହିତ୍ୟକୁ ଖୋର୍ଦ୍ଧା କବି, ସାହିତ୍ୟିକ ସମୃଦ୍ଧ କରିଛନ୍ତି’

**ଖୋର୍ଦ୍ଧା ଅଫିସ,୭।୧**



ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଖୋରଧା ସାହିତ୍ୟ ସଂସଦ ଓ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ‘ଓଡ଼ିଆ ସାହିତ୍ୟକୁ ଖୋରଧାର ଅବଦାନ’ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କୁଳପତି ତଥା ସ୍ତମ୍ଭକାର ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ପ୍ରାଣନାଥ ପଟ୍ଟନାୟକଙ୍କ ଲିଖିତ ‘ଆସନ୍ତାକାଲି’ର ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଡ.ଶଶାଙ୍କ ଶେଖର ରଥ ସାରଳା ଯୁଗରୁ ସାମ୍ପ୍ରତିକ ଯୁଗ ଯାଏ ଖୋରଧାର ସାହିତ୍ୟିକମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ.ସୁନିତା ତ୍ରିପାଠୀ ବିଗତ କୋଡିଏ ବର୍ଷ ଧରି ପ୍ରକାଶିତ ଖୋରଧାର ଅନାଲୋଚିତ କବିମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଡ.ମଦନ ମୋହନ ମହଲା ଓ ସମାଲୋଚକ ଡ.ମଦନ ମୋହନ ବେହେରା ଅତିଥିଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଖୋରଧା ସାହିତ୍ୟର ଅବଦାନ ସମ୍ପର୍କରେ କହିଥିଲେ।

ସଭାପତିତ୍ୱ ଭାଷଣରେ ସଂସଦ ସଭାପତି ଗୋପାଳ କୃଷ୍ଣ ଦାସ କହିଥିଲେ, ଖ୍ରୀ.ପୂ.୨୬୧ରେ ଉତ୍କୀର୍ଣ୍ଣ ଧଉଳି ଅନୁଶାସନ, ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ସମ୍ରାଟ ଖାରବେଳଙ୍କ ଶିଳାଲେଖ, ଷଷ୍ଠ ଶତାବ୍ଦୀର ଶୈଳୋଦ୍ଭବ ରାଜବଂଶର ଶିଳାଲିପି, ତାମ୍ର ଶାସନ, ଦଶମ ଶତାବ୍ଦୀରେ ବାଣପୁରରେ ଅବସ୍ଥାନ କରୁଥିବା ଭୁଷୁକୁପାଦଙ୍କ ଚର୍ଯ୍ୟାଗୀତି, ପଞ୍ଚଦଶ ଶତାବ୍ଦୀର ପଞ୍ଚଶଖା ଶିଶୁଅନନ୍ତ ଦାସ, ପୁରୁଷୋତ୍ତମ ଦାସଙ୍କ ପ୍ରଥମ ଐତିହାସିକ କାବ୍ୟ କାଞ୍ଚି କାବେରୀ, ଷୋଡଶ ଶତାବ୍ଦୀର ଖୋରଧା ରାଜବଂଶକାଳୀନ ମାଦଳା ପାଞ୍ଜି, ଛାମୁଚିଟାଉ, ରାଜଦରବାରରେ ଉପେନ୍ଦ୍ର ଭଞ୍ଜ ଦୀନକୃଷ୍ଣ ଦାସଙ୍କ ସାହିତ୍ୟ ଚର୍ଚ୍ଚା, ରୀତିଯୁଗର ଆଦ୍ୟସ୍ରଷ୍ଟା ନରସିଂହ ସେଣଙ୍କ ପରିମଳା, ଶପ୍ତଦଶ ଶତାବ୍ଦୀର କବି ଭକ୍ତଚରଣଙ୍କ ମଥୁରା ମଙ୍ଗଳଠାରୁ ଆରମ୍ଭ କରି ଉନବିଂଶ ଶତାବ୍ଦୀର ଭାଷାବିତ୍ ଗ୍ରିୟରସନ୍‌ଙ୍କ ଖୋରଧାର ମାନକଭାଷା ସମ୍ପର୍କିତ ଚର୍ଚ୍ଚା, ସାରସ୍ୱତ ସାଧକ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ୍, ଖୋରଧା ହାଇ ଇଂଗିଲ୍ସ ସ୍କୁଲର ଛାତ୍ର କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, ଉତ୍କଳପ୍ରାଣ ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଡ. ମାୟାଧର ମାନସିଂହ, ଆଧୁନିକ କବିତାର ସ୍ରଷ୍ଟା ସଚ୍ଚି ରାଉତରାୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅଖିଳମୋହନ ପଟ୍ଟନାୟକ ଓ ଡ.ବଂଶୀଧର ଷଡଙ୍ଗୀ ତଥା ଏକବିଂଶ ଶତାବ୍ଦୀର କବିମାନଙ୍କ ସାହିତ୍ୟ ସମ୍ଭାର ଯୋଗୁ ଓଡ଼ିଆ ସାହିତ୍ୟକୁ ଖୋର୍ଦ୍ଧା ସମୃଦ୍ଧ କରିଛି ବୋଲି କହିଥିଲେ। ସାହିତ୍ୟ ସଂସଦ ସଭାପତି ଦାସଙ୍କ ପୌରୋହିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡ.ଅଜନ୍ତା ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। କବି ଡା.ଯୋଗେଶ ରଥ ଓ ବଂଶୀଧର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ସଙ୍ଗଠନର ସମ୍ପାଦକ ରାମଶଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଆରତୀ ମଞ୍ଜରୀ ଦାଶ ସଂଯୋଜନା କରିଥିଲେ। ଡ.ସନ୍ତୋଷ ମିଶ୍ର, ବିନ୍ଦୁଶ୍ରୀ ମିଶ୍ର, ରଶ୍ମୀ ମିଶ୍ର, ପ୍ରଫୁଲ କୁମାର ସାମନ୍ତରାୟ, ଜ୍ୟୋତିପ୍ରଭା ପଟ୍ଟନାୟକ, ବୃନ୍ଦାବନ ପଣ୍ଡା, ଚପଳା ପଣ୍ଡା, ନାରାୟଣ ଦାସ, ସତ୍ୟଜିତ୍ ରାଉତ, ବିଦ୍ୟାଧର ବେହେରାଙ୍କ ସମେତ ବହୁ ଛାତ୍ରୀଛାତ୍ର କବିତା ପାଠ କରିଥିଲେ।




ହକି ଖେଳର ପ୍ରସାର ପାଇଁ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶନିବାର ବାହାରିଥିବା ଶୋଭାଯାତ୍ରା।



ବାଲିଯାତ୍ରା ପଡ଼ିଆର କଟକ ଇନ୍ କଟକଠାରେ ମିଶନ ଶକ୍ତି ଏସ୍‌ଏଚ୍‌ଜି ମହିଳା ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତା।

# ହକି ବିଶ୍ୱକପ୍ ପାଇଁ କଟକ ଚଳଚଞ୍ଚଳ

■ ବାରବାଟୀ ଷ୍ଟାଡିୟମ ରାସ୍ତାରେ ପ୍ରତିକୃତି ସ୍ଥାପନ
■ ଶେଷ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

**କଟକ ଅଫିସ, ୭।୧**

ଆସନ୍ତା ୧୧ରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସହର ଚଳଚଞ୍ଚଳ ହୋଇପଡିଛି। ଏହି ଉଦ୍‌ଘାଟନୀ ଉତ୍ସବର ସଫଳ ଆୟୋଜନ ନେଇ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ ପକ୍ଷରୁ ଏକାଧିକ ଥର ବୈଠକ ଅନୁଷ୍ଠିତ ହୋଇଛି। ସହରର ଅନେକ ସ୍ଥାନରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନେକ ସ୍ଥାନରେ ଲୋକଙ୍କୁ ଆକୃଷ୍ଟ କଲାଭଳି ଚିତ୍ର ଅଙ୍କନ କରାଯାଇଥିବାବେଳେ ରାସ୍ତାପାର୍ଶ୍ୱ ଫୁଟ୍‌ପାଥ୍‌କୁ ରଙ୍ଗ କରାଯାଇଛି। ରାସ୍ତାପାର୍ଶ୍ୱ ଖୁଣ୍ଟକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି। ରାସ୍ତା ପାର୍ଶ୍ୱ ଗଛରେ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ସିଞ୍ଚନ କରାଯାଇ ପରିଷ୍କାର କରାଯାଇଛି। ବାରବାଟୀ ଷ୍ଟାଡିୟମ ରାସ୍ତାରେ ବିଭିନ୍ନ ପ୍ରକାର ସୁନ୍ଦର ପ୍ରତିକୃତି ସ୍ଥାପନ କରାଯାଇଛି। ହକି ସଫଳତା ପାଇଁ ସହରର ବିଭିନ୍ନ କଲେଜ ଛାତ୍ରୀଛାତ୍ରମାନେ ସାମିଲ ହୋଇଛନ୍ତି। ସେମାନେ ହକି ପ୍ରେମୀଙ୍କ ଉତ୍ସାହ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଓ ଶୋଭାଯାତ୍ରା ମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି।



ବାରବାଟୀ ଷ୍ଟାଡିୟମ ରାସ୍ତାରେ ସ୍ଥାପନ କରାଯାଇଥିବା ପ୍ରତିମୂର୍ତ୍ତି।

## ଶୈଳବାଳା କଲେଜ ଛାତ୍ରୀଙ୍କ ୱାକାଥନ

ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ପ୍ରଚାର ପ୍ରସାର ପାଇଁ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ୱାକାଥନ୍ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ ସହ ଆଇ ଲଭ୍ ୱାର୍ଲ୍ଡ କପ୍ ହକି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏଥିରେ ଡ. ସୁରେନ୍ଦ୍ର ପ୍ରସାଦ ଜେନା, କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବଳ, ଡ. ନରେନ୍ଦ୍ର ନାଥ ନାୟକ, ଯୋଗମାୟା ପଣ୍ଡା, ଡ. ସୂର୍ଯ୍ୟକାନ୍ତ ବରାଳ, ପୁଷ୍ପାଞ୍ଜଳି ମଲ୍ଲିକଙ୍କ ସହ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଖ୍ରୀଷ୍ଟ କଲେଜ ଛାତ୍ରୀଛାତ୍ରଙ୍କ ରଙ୍ଗୋଲି ପ୍ରତିଯୋଗିତା

ହକି ବିଶ୍ୱକପ୍ ଆୟୋଜନର ସଫଳତା ପାଇଁ ଖ୍ରୀଷ୍ଟ କଲେଜ ଛାତ୍ରୀଛାତ୍ରମାନେ ଶନିବାର ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ହକିପ୍ରେମୀଙ୍କ ଉତ୍ସାହ ବୃଦ୍ଧି ନିମନ୍ତେ ହକି ବିଶ୍ୱକପ୍ ସମ୍ପର୍କିତ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଡ. ଜିତା ରାୟ, ସାରଦା ପ୍ରସାଦ କର, ସ୍ୱାତୀ ମହାନ୍ତି ଯୋଗ ଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଯୁକ୍ତ ୩ ଶ୍ରେଣୀର ସ୍ମିତାରାଣୀ ବେହେରା ପ୍ରଥମ, ନିକିତା ମହାନ୍ତି ଦ୍ୱିତୀୟ, ପାରୁଲ୍ ଜେନା ତୃତୀୟ ଓ ଯୁକ୍ତ ୨ ଶ୍ରେଣୀର ଅନ୍ନପୂର୍ଣ୍ଣା ସାହୁ ପ୍ରଥମ, ଶିବାନୀ ସୁଚରିତା ଦ୍ୱିତୀୟ ଏବଂ ତନୁଶ୍ରୀ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ରୀଡା ପରିଷଦର ସଂଯୋଜକ ଅଧ୍ୟାପକ ଶୋଭନ ପଣ୍ଡା ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସ୍ୱାତୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

ସେହିପରି ହକି ଖେଳ ପ୍ରସାର ଓ ସଫଳତା ପାଇଁ ହିନ୍ଦୀ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଛାତ୍ରୀମାନେ ହାତରେ ଚିତ୍ରକଳା ଧରି ଶୋଭାଯାତ୍ରାରେ ବାହାରିଥିଲେ। ରେଭେନ୍‌ଶା କଲିଜିଏଟ୍ ସ୍କୁଲର ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମିଶନ ଶକ୍ତି ଏସ୍‌ଏଚ୍‌ଜି ମହିଳା ଗ୍ରୁପ ପକ୍ଷରୁ ବାଲିଯାତ୍ରା ତଳପଡ଼ିଆର କଟକ ଇନ୍ କଟକଠାରେ ଉଦ୍‌ଘାଟନୀ ସମାରୋହ ପାଇଁ ରଙ୍ଗୋଲି ଶିବିର କରାଯାଇଥିଲା।

## ଚକ୍‌ଖଡ଼ିରେ ହକି ବିଶ୍ୱକପ୍ ଟ୍ରଫି

**କଟକ ଅଫିସ,୭।୧**

କଟକରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ସ୍ୱାଗତ କରିବା ପାଇଁ ବିଦ୍ୟାଧରପୁର ଅନ୍ତର୍ଗତ ଗୌତମନଗରର ସୂର୍ଯ୍ୟ ନାରାୟଣ ନାୟକ ଚକ୍‌ଖଡ଼ିରେ ୩ ସେଣ୍ଟିମିଟର ଉଚ୍ଚତାର ହକି ବିଶ୍ୱକପ୍‌ର ଟ୍ରଫି ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। ସେ ପୂର୍ବରୁ ଚକ୍‌ଖଡ଼ିରେ ନନ୍ଦିଘୋଷ ରଥ, ତାଜମହଲ ଭଳି ଅନେକ କଳାକୃତି ଅଙ୍କନ କରି ଚର୍ଚ୍ଚାରେ ରହିଆସିଛନ୍ତି। ଏଥିପାଇଁ ଗ୍ରେଟ୍ ଇଣ୍ଡିଆନ୍ କ୍ଲବ୍ ଅଫ୍ ରେକର୍ଡ ଏବଂ ଭାରତ ସରକାରଙ୍କ ମ୍ୟାଜିକ ବୁକ୍ ଅଫ ରେକର୍ଡସରେ ସେ ସ୍ଥାନ ପାଇଛନ୍ତି। ସୂର୍ଯ୍ୟ ଏବେ ଷ୍ଟୁଆର୍ଟ କଲେଜରେ ବିଏସ୍‌ସି ପଢୁଛନ୍ତି। କଟକ ମାଲଗୋଦାମ ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ଦୀପକ କୁମାର ନାୟକ ଓ ବକ୍ସିବଜାରସ୍ଥିତ ଆଇଜି ଅଫ୍ ପୋଲିସ ସେଣ୍ଟ୍ରାଲ ରେଞ୍ଜରେ କାର୍ଯ୍ୟରତ ମରାଳ ମାଳିନୀ ସ୍ୱାଇଁଙ୍କ ପୁଅ ହେଉଛନ୍ତି ସୂର୍ଯ୍ୟ।



## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଖୁଣ୍ଟୁଣୀ,୭।୧(ଡି.ଏନ୍.ଏ.)**

ଖୁଣ୍ଟୁଣୀସ୍ଥିତ ରାଧାନାଥ ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ହାଇସ୍କୁଲ ପରିସର ସଭାମଞ୍ଚରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ପଣ୍ଡା ସଭାପତିତ୍ୱ କରଥିଲେ। ଏଥିରେ ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ସମିତିସଭ୍ୟ ଗଗନ ବିହାରୀ ପରିଡା, ସ୍କୁଲ କମିଟି ଚେୟାରମ୍ୟାନ ନିଶାକର ମାଳିଆ, ସଦସ୍ୟ ଅରବିନ୍ଦ ବେହେରା ଓ ସତ୍ୟରଞ୍ଜନ ତରେଇ ଅତିଥିଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରମେଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ରହେମତ ବେଗମ୍, ଶ୍ରଦ୍ଧାଞ୍ଜଳି ସାମଲ, ରଶ୍ମିରାଣୀ ପୃଷ୍ଟି, ଅର୍ଚ୍ଚନା ପ୍ରିୟଦର୍ଶିନୀ ଓ ଲିପ୍‌ସା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବିଭିନ୍ନ ଦାବି ନେଇ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ପକ୍ଷରୁ ଶନିବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

## ଟଙ୍କା ଲୁଟ୍ ଅଭିଯୋଗରେ ଯୁବକ ଗିରଫ

**ଚୌଦ୍ୱାର,୭।୧(ଡି.ଏନ୍.ଏ.):** ଲୁଟ୍ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ସେ ହେଲେ ଯାଜପୁର ଜିଲା ବରୁଣେଇପଦା ଗ୍ରାମର ସୌମ୍ୟଜିତ୍ ବେହେରା। ତାଙ୍କଠାରୁ ପର୍ସ ସହିତ ୨୫୦୦ ଟଙ୍କା ଜବତ କରାଯାଇଛି। ଗତ ନଭେମ୍ବର ମାସରେ ଜଣେ ମହିଳା ବାଇକ୍ ପଛରେ ବସି ବଜାର ଯାଉଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ହାତରୁ ପର୍ସ ଛଡାଇ ନେଇଥିଲେ। ଏ ନେଇ ମହିଳାଙ୍କ ପୁଅ ସାହାନବାଜ ରାଜା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୫୭୯/୨୨) ରୁଜୁ କରିଥିଲା।

## ସାହାଡେଶ୍ୱରୀଙ୍କ ପ୍ରତିଷ୍ଠା ଉତ୍ସବ

**ଫୁଲନଖରା,୭।୧(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ସନ୍ତୋଳଠାରେ ମା' ସାହାଡେଶ୍ୱରୀଙ୍କ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମା' ସାହାଡେଶ୍ୱରୀ ସେବକ ସଂଘ ପକ୍ଷରୁ ୨ ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଭଜନ ପରିବେଷଣ ସହ ଶିଶୁ କଳାକାରଙ୍କୁ ନେଇ ନୃତ୍ୟ ଓ ଭଜନ ପ୍ରତିଯୋଗିତା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ନଗରୀ ସରପଞ୍ଚ ନରୋତ୍ତମ ଦାସ, ପଞ୍ଚାୟତ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ସେବକ ସଂଘ ସଭାପତି ଧରଣୀଧର ଭୋଇ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ରମାକାନ୍ତ ଭୋଇ, ଭୋବନି ଭୋଇ, ଚୈତନ୍ୟ ଭୋଇ, ପୁନାନନ୍ଦ ଭୋଇ, ଲୋକନାଥ ଭୋଇ, ରବୀନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ମୁତୟନ ହେବେ ୫୦ ପ୍ଲାଟୁନ୍ ଫୋର୍ସ

**କଟକ ଅଫିସ,୭।୧**

**ହକି ବିଶ୍ୱକପ୍ ଉଦ୍‌ଘାଟନ ପାଇଁ ପୋଲିସ ପ୍ରସ୍ତୁତ**

■ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିବ ଷ୍ଟାଡିୟମ
■ ଅତିଥି, କଳାକାରଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ

ଆସନ୍ତା ୧୧ରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏହା ଉପରେ ବିଶ୍ୱବାସୀଙ୍କ ନଜର ରହିଛି। ତେବେ ଏହାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ଲାଗି ପୋଲିସ ପାଇଁ ଏକ ବଡ ଆହ୍ୱାନ ହୋଇଛି। ଏହାର ସୁପରିଚାଳନା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିବା କଟକ ଡିସିପି ପିନାକ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ଟ୍ରାଫିକ୍ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବାରବାଟୀ ଷ୍ଟାଡିୟମ ପୋଲିସର ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିବ। ଷ୍ଟାଡିୟମ ସମେତ ପୂରା ସହରରେ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। କଟକ ସହରାଞ୍ଚଳ ପୋଲିସର ୨୦୦ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବରେ ନିୟୋଜିତ ହେବେ। ଦେଶ ତଥା ଦେଶ ବାହାରୁ ବହୁ ଜନସମାଗମ ହେବାକୁ ଥିବାରୁ ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ନିମନ୍ତେ ଆସୁଥିବା ଅତିଥି ଓ କଳାକାରଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି। ଯେପରି କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନ ହୁଏ, ସେଥିଲାଗି ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡିସିପି କହିଛନ୍ତି।

## ନାଟକ 'ସନି-ସୋନିଆ' ମଞ୍ଚସ୍ଥ

**କଟକ ଅଫିସ, ୭।୧**

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ୧୪ତମ କଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶନିବାର କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସାମ୍‌ର କଳାକାରମାନେ 'ସନି-ସୋନିଆ' ନାଟକ ପରିବେଷଣ କରିଥିଲେ। ରମେଶ ଦାସ ନାଟ୍ୟ ରଚନା ଓ ହେରମ୍ବ ଶର୍ମା ନିର୍ଦ୍ଦେଶନା ଦେଇଥିଲେ। ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଉକ୍ତ ନାଟକ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ନାଟକରେ ମୋଟ ୯ ଜଣ ଅଭିନୟ କରିଥିଲେ। ଏଥିରେ ଜଣେ ବିଧବାଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଚିତ୍ରିତ କରାଯାଇଥିଲା। ସେହିଭଳି ଭାବେ ଅନାଥ ଶିଶୁ ସୁନି, ବନିତା ଓ ନିବେଦିତାଙ୍କ ନୈରାଶ୍ୟ ଭାବକୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବେ ଦର୍ଶାଯାଇଛି। ଏହି ଶିଶୁମାନେ ସାବତ ମା' ଦ୍ୱାରା ନିର୍ଯାତିତ ହୋଇଛନ୍ତି। ଉକ୍ତ ନାଟକ ମାଧ୍ୟମରେ ସମାଜକୁ ଏକ ସଚେତନତା ବାର୍ତ୍ତା ଦିଆଯାଇଛି। ଏହାପରେ ପଶ୍ଚିମବଙ୍ଗର କଳାକାର କଥକ ଓ ଆବୃତ୍ତି ଏବଂ ବାଙ୍ଗାଲୋରର କଳାକାର କଥକ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ପ୍ରଭା ପଟ୍ଟନାୟକ, ଡ. ଦ୍ୱୀପାୟନ ପଟ୍ଟନାୟକ, ପ୍ରଫେସର ଡ. କଲିମୁଲ୍ଲା, ଅନୁଷ୍ଠାନର ସାଧାରଣ ସମ୍ପାଦକ ଶୀଳାଦିତ୍ୟ ରଥ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରୂପା ରଥ ଉପସ୍ଥିତ ଥିଲେ।



କଳା ବିକାଶ କେନ୍ଦ୍ରରେ ପରିବେଷିତ ନାଟକ 'ସନି-ସୋନିଆ'ର ଏକ ଦୃଶ୍ୟ।

## ପିଜି କାଉନ୍‌ସିଲ ଅଧ୍ୟକ୍ଷାଙ୍କ ସମ୍ପୃକ୍ତି ଅଭିଯୋଗ

**କଟକ ଅଫିସ,୭।୧**

**ରେଭେନ୍‌ଶା ସ୍ନାତକୋତ୍ତର ନାମଲେଖାରେ ଅନିୟମିତତା ଘଟଣା**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ନାମଲେଖା ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ଘଟଣା ଆଉ ଏକ ନୂଆ ମୋଡ଼ ନେଇଛି। ଏଭଳି ଅନିୟମିତତାରେ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଅସୀମା ସାହୁଙ୍କ ସମ୍ପୃକ୍ତି ଥିବା ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ଓ ନାମଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରୀ ଶୁଭଶ୍ରୀ ପଣ୍ଡା ଅଭିଯୋଗ ଆଣିଛନ୍ତି। ସୋସିଆଲ ମିଡିଆରେ ପିଜି କାଉନସିଲ ଅଧ୍ୟକ୍ଷା ଓ ମେଧା ତାଲିକାର ପଛରେ ଥାଇ ନାମ ଲେଖାଇଥିବା ଛାତ୍ରୀଙ୍କ ମଧ୍ୟରେ ଫୋନ୍‌କଲ୍‌ରେ କଥା ହେଉଥିବାର ଏକ ଅଡିଓ ଶନିବାର ଭାଇରାଲ ହୋଇଥିଲା। ଏଥିରେ ସାହୁ ଛାତ୍ରୀ ଜଣଙ୍କୁ ଟିସି ନେଇଯିବାକୁ ବାଧ୍ୟ କରୁଥିବାବେଳେ ତାଙ୍କ ଦ୍ୱାରା ଏକ ବଡ଼ ଭୁଲ୍ ହୋଇଗଲା ବୋଲି କହୁଥିବା ଜଣାପଡ଼ିଛି। ଏହାକୁ ନେଇ ଶୁଭଶ୍ରୀ କୁଳପତି ଏବଂ କୁଳସଚିବଙ୍କ ନିକଟରେ ଭାଇରାଲ ଅଡିଓ ସହ ଲିଖିତ ଅଭିଯୋଗ କରିଛନ୍ତି। ପିଜି କାଉନ୍‌ସିଲ ଅଧ୍ୟକ୍ଷାଙ୍କ ନାମଲେଖା ପ୍ରକ୍ରିୟାରେ ସମ୍ପୃକ୍ତି ଥିବା ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏ ନେଇ କୁଳସଚିବ କାହ୍ନୁଚରଣ ମଲ୍ଲିକ କହିଛନ୍ତି, ତାଙ୍କୁ କେତେଜଣ ଛାତ୍ରୀଛାତ୍ର ଭେଟିବାକୁ ଆସିଥିଲେ। ସେ ଅନୁପସ୍ଥିତ ଥିବାରୁ ତାଙ୍କ ସହ ଫୋନ୍‌ରେ କଥା ହୋଇ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦେଇଛନ୍ତି। ସୋମବାର ଅଭିଯୋଗପତ୍ରକୁ ତର୍ଜମା କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପିଜି କାଉନସିଲ ଅଧ୍ୟକ୍ଷା ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

ସୂଚନାଯୋଗ୍ୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପିଜି ନାମଲେଖା ପ୍ରକ୍ରିୟାରେ ଅନିୟମିତତା ହୋଇଥିଲା। ବିଭାଗର ସିଟ୍ ପୂରଣ ନିମନ୍ତେ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ମେଧା ତାଲିକା ପ୍ରକାଶ ପାଇଥିଲା। ମେଧା ତାଲିକାର ପ୍ରଥମରୁ ୧୯ତମ ସ୍ଥାନ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ନାମ ଲେଖା ପ୍ରକ୍ରିୟା ହୋଇଥିଲା। ହେଲେ ୨୦ତମ ସ୍ଥାନରେ ଥିବା ଛାତ୍ରୀ ଶୁଭଶ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନାମଲେଖା ପାଇଁ ଡକା ନ ଯାଇ ତାଲିକାର ୩୭ ନମ୍ବରରେ ଥିବା ଛାତ୍ରୀଙ୍କୁ ନାମ ଲେଖାଇବାକୁ ଅନୁମତି ଦିଆଯାଇଥିଲା। ବିଭାଗୀୟ ମୁଖ୍ୟ ନେତାଜୀ ଅଭିନନ୍ଦନ ଏହାକୁ ବିରୋଧ କରିବା ସହ ପିଜି କାଉନସିଲ ଅଧ୍ୟକ୍ଷାଙ୍କୁ ଜଣାଇଥିଲେ। ୩୭ ନମ୍ବର ର୍ୟାଙ୍କର ଛାତ୍ରୀଙ୍କ ଆଡମିସନକୁ ଅବୈଧ କରିବାକୁ କହିଥିଲେ। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ବାଧ୍ୟ ହୋଇ ସେ ବିଭାଗୀୟ ମୁଖ୍ୟ ପଦରୁ ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ନାମ ଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରୀ ଶୁଭଶ୍ରୀ କୁଳପତିଙ୍କୁ ଭେଟିବା ସହ ମାଲଗୋଦାମ ଥାନାରେ ଏତଲା ଦେଇଥିଲେ। କିନ୍ତୁ ଏବେ ସୁଦ୍ଧା କୌଣସି ପଦକ୍ଷେପ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେଇନାହାନ୍ତି।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶାଖା ଉଦ୍‌ଘାଟନ କଲେ ମନ୍ତ୍ରୀ

ଅସ୍ତରଙ୍ଗ/କାକଟପୁର (ଡି.ଏନ୍‌.ଏ.): କାକଟପୁର ମେଡିକାଲ ଛକରେ ଶନିବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବ୍ୟାଙ୍କର କ୍ଲଷ୍ଟର ହେଡ୍ ଅର୍ଜୁନାନନ୍ଦ ବାଘ, ଶାଖା ପରିଚାଳକ ମହମ୍ମଦ ରିୟାଜ ଆଲାମ, ଅପରେଶନ ମୁଖ୍ୟ ପର୍ଶୁରାମ ବାରିକ, ପର୍ସନାଲ ବ୍ୟାଙ୍କର ନିହାର ପଟେଲ, ଗ୍ରାହକ ସେବା ଅଧିକାରୀ ପବିତ୍ର ଦୀକ୍ଷିତ ଏବଂ କେତେକ ଗ୍ରାମ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ବିଭିନ୍ନ କିସମର ଋଣ ଦିଆଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୧।୨୦୨୩

| | |
|---|---|
| ୫,୬୮,୯୬୫ ଟଙ୍କା | |
| ସୁନା | ୪.୯୫୦ ଗ୍ରାମ |
| ରୁପା | ୨୨୯.୫୦୦ ଗ୍ରାମ |

# ମ୍ୟୁନିସିପାଲ ଶ୍ରମିକ ୟୁନିୟନ ପକ୍ଷରୁ ବିକ୍ଷୋଭ

ପୁରୀ ଅଫିସ,୭।୧

ପୁରୀ ପୌରସଂସ୍ଥା କାର୍ଯ୍ୟରତ ପରିମଳ ସଫେଇ କର୍ମଚାରୀମାନଙ୍କ ସମସ୍ୟାକୁ ନେଇ ପୁରୀ ମ୍ୟୁନିସିପାଲ ଶ୍ରମିକ ୟୁନିୟନ ପକ୍ଷରୁ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୟୁନିୟନ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦରଦାମ ବଢୁଥିବା ବେଳେ ରାଜ୍ୟ ସରକାର ସର୍ବନିମ୍ନ ମଜୁରିରେ ମାତ୍ର ୧୧ ଟଙ୍କା ବୃଦ୍ଧି କରିଛନ୍ତି। ଏହା ଶ୍ରମିକଙ୍କ ପ୍ରତି ଚରମ ଉପହାସ। ସର୍ବନିମ୍ନ ମଜୁରି ୨୧ ହଜାର ଟଙ୍କା ପାଇଁ ଦାବି କରାଯାଇଥିଲା। ପୁରୀ ପୌରରସଂସ୍ଥାର ୪୨୪ ପୋଷ୍ଟ ସରକାରୀ ସ୍ୱୀକୃତି ପାଇଥିବା ବେଳେ ୫୦ଜଣ ସ୍ଥାୟୀ ଥିବାବେଳେ ପ୍ରାୟ ୫୦୦ ଶହରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରାଯାଉ। ପିଏଫ, ଇଏସ୍‌ଆଇ ଲାଗୁ କରିବା, ଆବାସ ଯୋଜନାରେ ବାସଗୃହ ଯୋଗାଇଦେବା, ବାଲି ସାହି, ମାର୍କେଣ୍ଡେଶ୍ୱର ସାହି, ନରେନ୍ଦ୍ରକୋଣ, ଗୋରାକବର ଏବଂ ଚାରିନଳା ହରିଜନ ବସ୍ତିର ସମୁହ ଦଳିତ ସଫେଇ କର୍ମଚାରୀଙ୍କୁ ଜାଗା ମିଶନ ଜରିଆରେ ସ୍ଥାୟୀ ପଟା, ସ୍ୱାସ୍ଥବୀମା କାର୍ଡ, ଯୋଗାଇବା ପାଇଁ ୟୁନିୟନ ପକ୍ଷରୁ ଦାବି କରାଯାଇଛି। ବିକ୍ଷୋଭ ପ୍ରଦର୍ଶନରେ ୟୁନିୟନର ସଭାପତି ଜଗନ୍ନାଥ ଦେଓ, ଟୁନା ନାୟକ, ଜ୍ୟୋତି ପ୍ରକାଶ ନାୟକ, ଶିବ ନାୟକ, ପାକୁଲା ନାୟକ, ସବିତା ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ବିଦୁ ନାୟକ ଏବଂ ପ୍ରଫୁଲ୍ଲ ନାୟକଙ୍କ ସମେତ ପରିମଳ କର୍ମଚାରୀମାନେ ଉପସ୍ଥିତ ଥିଲେ।




ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ସଫେଇ କର୍ମଚାରୀମାନେ ବିଭିନ୍ନ ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ନୀତି ବିରୋଧରେ ଶ୍ରୀମନ୍ଦିର ଖୋଲିଥିବା ନେଇ ଏସ୍‌ପିଙ୍କୁ ଅଭିଯୋଗ

ପୁରୀ ଅଫିସ,୭।୧

ଇଂଲିଶ ନବବର୍ଷ ଜାନୁୟାରୀ ୧ ପାଇଁ ଡିସେମ୍ବର ୩୧ ମଧ୍ୟରାତିରେ ଶ୍ରୀମନ୍ଦିର ନୀତି ବିରୋଧରେ ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ନୀତି କରାଯାଇଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ କରାଯାଇଥିବା ବେଳେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଏସ୍‌ପିଙ୍କୁ ପୋଷ୍ଟାଲ ମାଧ୍ୟମରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ନୀତିର ଉଲ୍ଲଂଘନ କରି ଇଂଲିଶ ନବବର୍ଷ ଅବସରରେ ଶ୍ରୀମନ୍ଦିର ଦ୍ୱାର ରାତି ଅଧରୁ ଖୋଲିବା ଘଟଣାକୁ ନେଇ ସେ ଗତ ୨ତାରିଖରେ ସିଂହଦ୍ୱାର ଥାନାକୁ ଯାଇ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ, ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସନ ଏବଂ ନୀତିରେ ବିଭ୍ରାଟ କରିଥିବା ସେବାୟତଙ୍କ ବିରେଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନା ଅଧିକାରୀଙ୍କୁ ମାମଲା ରୁଜୁ କରିବା ପାଇଁ କହିଥିଲେ। କାରଣ ଏପରି ଧର୍ମବିରୋଧୀ କାର୍ଯ୍ୟ କାରଣରୁ ସନତନୀ ହିନ୍ଦୁମାନଙ୍କ ଧର୍ମ ଭାବନାକୁ ଆଘାତ ଲାଗିଛି। ତେଣୁ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିଲେ। ମାତ୍ର ଥାନାଧିକାରୀ ଅଭିଯୋଗପତ୍ର ଗ୍ରହଣ କରି ନ ଥିଲେ। ତେଣୁ ମାନବାଧିକାରୀ କର୍ମୀ ଦାସ ରେଜଷ୍ଟ୍ରି ଚିଠି ମାଧ୍ୟମରେ ତାଙ୍କର ଅଭିଯୋଗ ପତ୍ରକୁ ଥାନାକୁ ପଠାଇଥିଲେ। ଗତ ୩ ତାରିଖରେ ସିଂହଦ୍ୱାର ଥାନା ଚିଠି ଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ତଥ୍ୟ ଥାନା ପକ୍ଷରୁ ତାଙ୍କୁ ପ୍ରଦାନ କରାଗଲା ନାହିଁ। ତେଣୁ ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୋଗକୁ ଗ୍ରହଣ କରି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଓ ଏତଲାର ଏକ କପି ତାଙ୍କୁ ପ୍ରଦାନ କରାଯାଉ ବୋଲି ଦାସ ନିବେଦନ କରିଛନ୍ତି। ଯଦି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ ୭।୧:** ବର୍ଷ ଆରମ୍ଭରୁ ବ୍ରାଉନ ସୁଗାର କାରବାର ଘଟଣାରେ ତାଳବଣିଆ ଥାନା ପୋଲିସକୁ ସଫଳତା ମିଳିଛି। ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କୁମୁଟି ପାଟଣା ଜଗନ୍ନାଥ କଲୋନୀର ଗୁପ୍ତେଶ୍ୱର ପଣ୍ଡା ଓରଫ ଚନ୍ଦନ (୨୩)। ପୋଲିସ ତାଙ୍କଠାରୁ ଗୋଟିଏ ପଲିଥିନରେ ୨୦.୮୯୦ଗ୍ରାମ ଓଜନର ବ୍ରାଉନସୁଗାର ସହ ନଗଦ ୧ ହଜାର ଟଙ୍କା ଜବତ କରିଛି। ଏ ନେଇ ଥାନାରେ ନଂ.୪/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସେଣ୍ଟ୍ରାଲ ସ୍କୁଲ ନିକଟ ପଡିଆରେ ଜଣେ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରିବା ପାଇଁ ଆସିଥିଲେ। ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

### ୮୨ ଗ୍ରାମ ବ୍ରାଉନସୁଗାର ଜବତ, ବେପାରୀ ଗିରଫ

**ନିମାପଡ଼ା,୭।୧(ଡି.ଏନ୍‌.ଏ.):** ନିମାପଡ଼ା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ଚୋରା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଶୁଭକାନ୍ତ ସେନାପତି (୩୨)। ଅବକାରୀ ବିଭାଗ ତାଙ୍କ ପାଖରୁ ୮୨ ଗ୍ରାମ ଚୋରା ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୮ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏନେଇ ଅବକାରୀ ବିଭାଗ ଏକ ମାମଲା (ନଂ. ୯୦/୨୨-୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଦୋଳବେଦୀ ଛକ, ହାଟ ଛକ, ଜୟଶ୍ରୀ ଛକ, ଗୋଲେଇ ଛକ, ଡେଲ୍‌ଟା ଛକ, ନୂଆ ବସ୍‌ଷ୍ଟାଣ୍ଡ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ ଆଦି ଅଞ୍ଚଳ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ କେନାଲ ବ୍ରିଜ୍ ପାଖରୁ ଅବକାରୀ ବିଭାଗ ଶୁଭକାନ୍ତଙ୍କୁ ଗିରଫ କରିଥିଲା। ପୁରୀ ଜିଲା ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଅଧିକାରିଣୀ ମମତା କୁମାରୀ ଦାସ, ଏସ୍‌ଆଇ ରଙ୍କନିଧି ମଲ୍ଲିକ୍, ଆଶିଷ୍ ପ୍ରଧାନ, ଜିତେନ୍ଦ୍ର ବେହେରା, ଶେଖ୍ ୱାରିସ୍ ପ୍ରମୁଖ ସଦଳବଳ ଚଢ଼ାଉରେ ସାମିଲ ହୋଇଥିଲେ। ଚୋରା ମାଦକ କାରବାରକୁ ଦୃଢ ଭାବେ ପ୍ରତିହତ କରିବାକୁ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

# ଶାଢ଼ିରେ ହକି ବିଶ୍ୱକପ୍‌ର ଚିତ୍ର ଆଙ୍କି ଶୁଭେଚ୍ଛା




ଚନ୍ଦନପୁରର ଦିବ୍ୟଜ୍ୟୋତି ମାର୍ଥା ଶାଢ଼ି ମାଧ୍ୟମରେ ହକି ବିଶ୍ୱକପ୍ ଓ ଓଲିମାସ୍କ ଚିତ୍ର ଆଙ୍କିଛନ୍ତି।

ପୁରୀ ଅଫିସ,୭।୧

ଚଳିତଥର ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି। ରାଜ୍ୟର ଦୁଇଟି ଭେନୁ ଯଥା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବିଶ୍ୱକପ୍ ଖେଳାଯିବ। ଚଳିତ ମାସ ୧୩ ତାରିଖରେ ହକିର ମହାକୁମ୍ଭ ଉଦ୍‌ଘାଟିତ ହେବ। ଓଡ଼ିଶାରେ ବିଶ୍ୱକପକୁ ନେଇ ରାଜ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଅବସରରେ ପୁରୀ ଚନ୍ଦନପୁରର ଜଣେ ଶିଳ୍ପୀ ଶାଢି ମାଧ୍ୟମରେ ବିଶ୍ୱକପ୍‌ର ଚିତ୍ର ଓ ଓଲି ମାସ୍କ ଚିତ୍ର ଆଙ୍କି ଶୁଭେଚ୍ଛା ଜଣାଇଛନ୍ତି। ଚନ୍ଦନପୁରର ଦିବ୍ୟଜ୍ୟୋତି ମାର୍ଥା ଶାଢ଼ି ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରିବାକୁ ପ୍ରୟାସ କରିଛନ୍ତି। ଏହି ଶାଢ଼ି ପ୍ରସ୍ତୁତ କରିବାକୁ ତାଙ୍କୁ ୪ ଦିନ ସମୟ ଲାଗିଥିଲା। ହକି ବିଶ୍ୱକପ ଓଡ଼ିଶାରେ ଆୟୋଜନ କରିଥିବାରୁ କଳାକୃତି ମାଧ୍ୟମରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭିଜୁଆଲ୍ ଆର୍ଟରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଦିବ୍ୟଜ୍ୟୋତି ପୂର୍ବରୁ ମଧ୍ୟ ନିଜର କଳାକୃତି ପାଇଁ ଚର୍ଚ୍ଚାରେ ରହିଆସିଛନ୍ତି। ପୂର୍ବରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ ତିର୍କୀଙ୍କ ତୈଳଚିତ୍ର ଆଙ୍କିବା ସହ ସେମାନଙ୍କୁ ସାକ୍ଷାତ କରି ଏହି ତୈଳଚିତ୍ର ପ୍ରଦାନ କରିଛନ୍ତି। ଚିତ୍ର ଆଙ୍କିବା ପ୍ରତି ତାଙ୍କର ଥିବା ନିଶାକୁ ସେ ପେସାରେ ପରିଣତ କରିଛନ୍ତି। ପୂର୍ବରୁ ମଧ୍ୟ ସେ ପାଟ ଶାଢିରେ କୃଷ୍ଣ ଲୀଳା, ଖୁଦୁରୁକୁଣୀ ବ୍ରତର ଉପାଖ୍ୟାନ, ରଜ ମହୋତ୍ସବ ଭଳି ବିଭିନ୍ନ ବିଷୟବସ୍ତୁ ବର୍ଣ୍ଣନା କରିଛନ୍ତି। ହକି ମଇଦାନ ପର୍ଯ୍ୟନ୍ତ ତାଙ୍କର ଏହି ଶାଢ଼ି ପହଞ୍ଚି ପାରିଲେ ତାଙ୍କର ଶ୍ରମ ସାର୍ଥକ ହୋଇପାରନ୍ତା ବୋଲି ଦିବ୍ୟଜ୍ୟୋତି କହିଛନ୍ତି।

## ବୋଧିଚକ୍ର ଆନୁକୂଲ୍ୟରେ ମାସିକ ଅଧିବେଶନ

ପୁରୀ ଅଫିସ, ୭।୧

ପୌଷ ପୂର୍ଣ୍ଣିମା ଅବସରରେ ବୈଦ୍ଧିକ ଅନୁଷ୍ଠାନ ବୋଧିଚକ୍ର ଆନୁକୂଲ୍ୟରେ ମାସିକ ଅଧିବେଶନ ସ୍ଥାନୀୟ ଏକ ହୋଟେଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଇଞ୍ଜିନିୟର ଗିରିଜା ଶଙ୍କରା ପାଢୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବୃଦ୍ଧ ଦେବଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବୁଦ୍ଧ ବନ୍ଦନା, ସମବେତ ଧ୍ୟାନ, ଧର୍ମପଦ ପାଠ ସହ ତଥାଗତଙ୍କ ଅନ୍ତିମ ଉପଦେଶ ଆତ୍ମଦୀପ ଭବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରମାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ବୋଧିଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଜନ୍ମେଜୟ ଦ୍ୱିବେଦୀ ଯୋଗଦେଇ ବୁଦ୍ଧଙ୍କୁ ଗତାନୁଗତିକ ଧର୍ମୀୟ ପରମ୍ପରାର ଊର୍ଦ୍ଧ୍ୱକୁ ଉଠି ଜାତି ବ୍ୟବସ୍ଥାକୁ ଭାଙ୍ଗି ଏକ ନୂତନ ମାନବବାଦୀ ଧର୍ମର ପ୍ରବର୍ତ୍ତନ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଇଞ୍ଜିନିୟର ଗିରିଜା ଶଙ୍କର ପାଢୀ ଗୃହୀ ଉପାସକମାନେ ସଂସାର ମଧ୍ୟରେ ବ୍ରହ୍ମବିହାର ସାଧନା ଅନ୍ତର୍ଗତ ପ୍ରେମ ଅନୁକମ୍ପା, ନିରପେକ୍ଷତା ଆଚରଣ ଦ୍ୱାରା ଜୀବନରେ ଶାନ୍ତି ପାଇପାରିବେ ବୋଲି ମତପୋଷଣ କରିଥିଲେ। ଅଧ୍ୟାପକ ବିଭୂତି ଭୂଷଣ କର, ଡ. ପ୍ରମୋଦ ପଣ୍ଡା, ବାସୁଦେବ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସତ୍ୟ ନାରାୟଣ ମିଶ୍ର, ଜଗନ୍ନାଥ ଦେଓ, ଉପାସକ ଉମେଶଚନ୍ଦ୍ର ଦାସ, ଅଶୋକ ପ୍ରମୁଖ ସାମିଲ ଥିଲେ। ଡ.ବଳାରାମ ଦାଶ ଧନ୍ୟବାଦ ଦେଇଥିଲେ।

## ଅମାନିଆଙ୍କୁ ଧରିବ ରେଳଫାଟକ ସିସି କ୍ୟାମେରା

ସାକ୍ଷୀଗୋପାଳ,୭।୧(ଡି.ଏନ୍‌.ଏ./ସ୍ୱ.ପ୍ର.)

ଦକ୍ଷିଣପୂର୍ବ ରେଲୱେ କର୍ତ୍ତୃପକ୍ଷ ସାକ୍ଷୀଗୋପାଳ ବଜାର ମଧ୍ୟରେ ରହିଥିବା ସାକ୍ଷୀଗୋପାଳ ରେଳଫାଟକ ନିକଟରେ ସିସିଟିଭି କ୍ୟାମେରା ଲଗାଯାଇଛି। ସାକ୍ଷୀଗୋପାଳ ମନ୍ଦିର ମୁଖ୍ୟରାସ୍ତା ଉପରେ ଅବସ୍ଥିତ ବ୍ୟସ୍ତବହୁଳ ରେଳଫାଟକ ବନ୍ଦ ହେଉଥିବା ସମୟରେ ଅମାନିଆ ବାଇକ୍ ଓ ଗାଡି ଚାଳକମାନେ ଦ୍ରୁତ ଗତିରେ ଯାନବାହନ ଭର୍ତ୍ତି କରୁଥିବାରୁ ସେଠାରେ ଦୁର୍ଘଟଣା ଘଟୁଛି। ଏପରିକି ଅମାନିଆ ଗାଡି ଚାଳକଙ୍କ ଯୋଗୁ ପୂର୍ବରୁ ରେଳ ଫାଟକ ଭାଙ୍ଗିଯାଇଥିଲା। ଆସନ୍ନ ଦୁର୍ଘଟଣାକୁ ରୋକିବା ଓ ଅମାନିଆ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଏଠାରେ ସୂଚନାଫଳକ ଲଗାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏଣୁ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା ସାହାଯ୍ୟରେ ଅମାନିଆଙ୍କୁ ଧରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

## ରାଷ୍ଟ୍ରୀୟ ରାମାୟଣ ଉତ୍ସବରେ ରାମ ଜନ୍ମୋତ୍ସବ




ଉତ୍ସବରେ ଯୋଗଦେଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଓ ଅନ୍ୟ ଅତିଥି।

ପୁରୀ ଅଫିସ,୭।୧

ପୁରୀ ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ତଥା ଗୋବିନ୍ଦ ଗୋଧାମ ଗୋଶାଳା ତରଫରୁ ସମୁଦ୍ରକୂଳସ୍ଥିତ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଆୟୋଜିତ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଦ୍ୱିତୀୟ ଦିବସ ଶନିବାର ଅବସରରେ ରାମ ଜନ୍ମୋତ୍ସବ ପାଳନ ହୋଇଯାଇଛି। ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଯୋଗଦେଇ କହିଥିଲେ, ଗୋ ସେବା କଲେ ବିଶ୍ୱର ମଙ୍ଗଳ ହେବା ସହିତ ଶରୀର ସୁସ୍ଥ ରହିଥାଏ। ଉତ୍ସବର ଆରମ୍ଭରୁ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ମୁଖପାତ୍ର ବିଷ୍ଣୁଦତ୍ତ ଦାସଙ୍କ ଦ୍ୱାରା ପରିଚାଳିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, ଅନ୍ତଃରାଷ୍ଟ୍ରୀୟ ରାମଚରିତ ମାନସ ପାଠକ ତେଲେଙ୍ଗାନା ନିଜାମାବାଦର ସୁରେଶ ସାରଡ଼ା, ଶରତ ସାରଡ଼ା, ଶ୍ରୀମନ୍ଦିର ବରିଷ୍ଠ ସେବାୟତ ରଜତ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଗୁଜରାଟ, ମହାରାଷ୍ଟ୍ର, ଜମ୍ମୁ, ତେଲଙ୍ଗାନା, ମଧ୍ୟପ୍ରଦେଶ ତଥା ଭାରତର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।

## ଜାତୀୟ ଶୀତକାଳୀନ ସେବା ଶିବିର

ବ୍ରହ୍ମଗିରି,୭।୧(ଡି.ଏନ୍‌.ଏ.)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ହରିଶ୍ୱର ଦେବ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ଶୀତକାଳୀନ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ସେବା ଶିବିରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛ ଭାରତ, ତମାଖୁ ମୁକ୍ତ ପରିସର ଓ କରୋନା ମହାମାରୀ ସମୟରେ ସଚେତନତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିବ। ଉକ୍ତ କାର୍ଯ୍ୟକ୍ରମକୁ ପଣସପଦା ଗ୍ରାମ ମୁଖ୍ୟ ହରିହର ଦଳାଇ, ଅଞ୍ଜଳି ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଷ୍ଣୁ ନାରାୟଣ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆଜି ଶ୍ରୀଶ୍ରୀଠାକୁରଙ୍କ ଉତ୍କଳ ଆଗମନର ଶତବାର୍ଷିକୀ ଉତ୍ସବ

ପୁରୀ ଅଫିସ,୭।୧

**ମୁଖ୍ୟମନ୍ତ୍ରୀ ଯୋଗଦେବେ**

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଉତ୍କଳ ଆଗମନୀର ୧୦୧ତମ ବାର୍ଷିକୀ ଉତ୍ସବ ୮ତାରିଖ ରବିବାର ତାଳବଣିଆସ୍ଥିତ ପଡିଆରେ ପାଳନ କରାଯିବ। ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ନେଇ ପୁରୀ ଠାକୁରବାଡ଼ି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ପୁରୀରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ତେବେ ଉତ୍ସବକୁ ନେଇ ପୁରୀ ଠାକୁରବାଡ଼ି ପକ୍ଷରୁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ହଜାର ଭକ୍ତ ଯୋଗଦେବେ। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ତାଳବଣିଆ ଏବଂ ସ୍ପୋର୍ଟ୍ସ ହଷ୍ଟେଲରେ ରହିବା ପାଇଁ ଟେଣ୍ଟ କରାଯାଇଛି। ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଆଇନ ଶୃଙ୍ଖଳା, ଯାତାୟାତ ସହ ମୌଳିକ ସୁବିଧା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୧୯୨୩ ଜାନୁୟାରୀ ୨ରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁରୀ ଆଗମନ କରିଥିଲେ। ସେ ପୁରୀରେ କିଛି ସମୟ ଅତିବାହିତ କରିଥିଲେ। ତେଣୁ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀକ୍ଷେତ୍ର ଆଗମନୀକୁ ଆଧାର କରି ପ୍ରତିବର୍ଷ ଜାନୁୟାରୀର ଦ୍ୱିତୀୟ ରବିବାର ପୁରୀରେ ଶ୍ରୀଶ୍ରୀ ଠାକୁରଙ୍କ ଉତ୍କଳ ଆଗମନୀ ଉତ୍ସବ ପାଳନ କରାଯାଏ। ଚଳିତବର୍ଷ ଶତବାର୍ଷିକ ଉତ୍ସବ ପାଳନ କରାଯାଉଥିବାରୁ ଶ୍ରଦ୍ଧାଳୁଙ୍କ ସମାଗମ ଅଧିକ ରହିବ ବୋଲି ଆଶା କରାଯାଉଛି।

# ରଥ ନିର୍ମାଣ ପାଇଁ ଫାସିକାଠ ଦାନ କରିଥିବା ଦାତାଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ,୭।୧

ରଥ ନିର୍ମାଣ ପାଇଁ ଫାସି କାଠ ଦାନ କରିଥିବା ଦାତାମାନଙ୍କୁ ଶନିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାତାମାନଙ୍କୁ ସମ୍ବର୍ଦ୍ଧନା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗତ ତିନିବର୍ଷରେ ରଥ ନିର୍ମାଣ ପାଇଁ ଫାସି କାଠ ଯୋଗାଇଥିବା ଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୦, ୨୦୨୧, ୨୦୨୨ ବର୍ଷ ପାଇଁ ସମୁଦାୟ ୮୭ଜଣ ଦାତାଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟବୃନ୍ଦ ଏବଂ ପିସିସିଏଫ୍, ବନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ଦାତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ଧ୍ୱଜା, ମହାପ୍ରସାଦ ଏବଂ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ରଥ ନିର୍ମାଣ ପାଇଁ ଫାସି କାଠ ଦାନକରି ମହାପ୍ରଭୁଙ୍କ ସେବା ଲାଭ ପାଇଁ ସମସ୍ତ ଦାତାଙ୍କୁ ଶୁଭେଚ୍ଛା ଜଣାଯିବା ସହ ଆଗାମୀ ଦିନରେ ଏହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଗଜପତି ମହାରାଜା ଆଶା ପ୍ରକାଶ କରିଥିଲେ।



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶନିବାର ନୀଳାଦ୍ରି ଭକ୍ତ ନିବାସରେ ରଥ ନିର୍ମାଣ ପାଇଁ ଫାସି କାଠ ଦାନ କରିଥିବା ଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# କବିତା ପାଠ, ସଙ୍ଗୀତ କାର୍ଯ୍ୟକ୍ରମ ଆକର୍ଷଣ ସାଜିଛି

ପୁରୀ ଅଫିସ, ୭।୧




ପୁରୀ ଶରଧାବାଲିରେ ଆୟୋଜିତ ପୁସ୍ତକମେଳା ଅବସରରେ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହେଉଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଏବଂ ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟିର ମିଳିତ ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ୨୭ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ବିଭିନ୍ନ ପୁସ୍ତକ ଷ୍ଟଲରେ ଗ୍ରାହକଙ୍କ ଭିଡ଼ ଜମି ଥିବାବେଳେ ମହିଳା-ବୈଦ୍ୟ ଗୀତା ବିଶ୍ୱାସଙ୍କ ଆୟୁର୍ବେଦ ଔଷଧ, ସହଜ କମ୍ପ୍ୟୁଟର ଶିକ୍ଷା ଓ ବ୍ରତ-ଓଷା ବହି ଦୋକାନରେ ଗହଳି ପରିଲକ୍ଷିତ ହୋଇଥିଲା। ମେଳାରେ ହୋଇଥିବା ପୁସ୍ତକ ଷ୍ଟଲଗୁଡ଼ିକରେ ପ୍ରତିଦିନ କବିତା ଆସର ହେବା ସହ ସଙ୍ଗୀତ କାର୍ଯ୍ୟକ୍ରମ ଯୋଗୁ ଦର୍ଶକଙ୍କ ପାଇଁ ଆକର୍ଷଣ ସାଜିଛି। ସେହିପରି ଚନ୍ଦ୍ରବିଜୟୀଙ୍କ ଚମତ୍କାର କୁଇଜ୍ ପରେ ମେଳାମଞ୍ଚରେ ଗୁରୁ ପ୍ରକାଶ କୁମାର ରଥଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଦୟାନିଧି ସଙ୍ଗୀତ ସୁଧା

**ପଞ୍ଚମଦିନରେ ପୁସ୍ତକ ମେଳା**

ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସସ୍ମିତ ପାତ୍ର, ଶୁଭଶ୍ରୀ ପ୍ରଧାନ, ଶ୍ରୀଜଲ ମହାପାତ୍ର, ପ୍ରୀତମ ବରାଡ, ଟୁଇଙ୍କିଲ ପାତ୍ର, ସ୍ୱାଗତିକା ମହାପାତ୍ର, ଆଦ୍ୟାଶା ଦାସ, ଶ୍ୱେତା ସମର୍ପିତା ପାତ୍ର ଓ ଚିନ୍ମୟୀ ଗଜେନ୍ଦ୍ର କଣ୍ଠଦାନ କରିଥିଲେ। ଗୁରୁ ଜଗନ୍ନାଥ ମିଶ୍ର, ଶାରଦା ପ୍ରସନ୍ନ ମିଶ୍ର ଓ ଦେବାଶିଷ ଦାସ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପରେ ଓଡ଼ିଆ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ କବି ପ୍ରତିମା ମିଶ୍ରଙ୍କ ଅଧ୍ୟକ୍ଷତାରେ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କବି ହରିହର ମିଶ୍ର ଓ ଡ. ବଳରାମ ଦାସ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଡ. ହରପ୍ରସାଦ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସତ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜୟଲକ୍ଷ୍ମୀ ଦାଶ, ମଞ୍ଜୁଶ୍ରୀ ମିଶ୍ର ଏବଂ ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସୁବାସିନୀ ଧଳ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ୯୭ତମ ଜୟନ୍ତୀ, ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ସକାଳ ୮ଟା ୩୦।
- ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଇଂଲିଶ୍ ନୂତନ ବର୍ଷର ବନ୍ଧୁମିଳନ ଓ କ୍ୟାଲେଣ୍ଡର ଉନ୍ମୋଚନ ଉତ୍ସବ, ପ୍ରଭୁଜୀ ଇଂଲିଶ୍ ମାଧ୍ୟମ ବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ନଗର, ପୂର୍ବାହ୍ନ ୧୧ଟା।
- ଫ୍ୟାଶନ ଆଣ୍ଡ ଲାଇଫଷ୍ଟାଇଲ ମେଳାର ଉଦ୍‌ଘାଟନୀ ଉତ୍ସବ, ପାଲ୍‌ଟ୍ରୋନିକ୍ ଗ୍ରାଉଣ୍ଡ, ପଟିଆ, ଅପରାହ୍ନ ୫ଟା।
- 'ଶ୍ୱେତପଦ୍ମ ସଙ୍ଗୀତାଳୟ' ନିବେଦିତ ଶୀତ ସଞ୍ଚର ଗୀତ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣଙ୍କ ୯୭ତମ ଜୟନ୍ତୀ ଅବସରରେ ନୃତ୍ୟ ମହୋତ୍ସବ 'ଅନ୍ତର୍ଦୃଷ୍ଟି', ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୭ଟା।

ଖୋର୍ଦ୍ଧା
- ପୁରୁଷ ହକି ବିଶ୍ୱକପ୍ ଉପଲକ୍ଷେ ମିନି ମାରାଥନ, ଖୋର୍ଦ୍ଧା ଷ୍ଟାଡିୟମ, ସକାଳ ୬ଟା ୩୦।

କଟକ
- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଚେତନା ମଞ୍ଚ ପକ୍ଷରୁ ଶପଥ ପାଠ ଉତ୍ସବ, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୦ଟା।
- ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନାଚକ୍ର, ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର, ଜଗତପୁର, ଅପରାହ୍ନ ୩ଟା ୩୦।
- ଜିଲାସ୍ତରୀୟ କୃଷିମେଳା ଉଦ୍‌ଯାପନୀ ଉତ୍ସବ, ଖ୍ରୀଷ୍ଟିୟାନ ସାହି ଖେଳପଡ଼ିଆ, ତୁଳସୀପୁର, ଅପରାହ୍ନ ୪ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୪ତମ କଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା।

ପୁରୀ
- ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚ, ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର, ୟୁଥ୍ ହଷ୍ଟେଲ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶତବାର୍ଷିକ ଉତ୍ସବ ପାଳନ, ତାଳବଣିଆ ପରିସର, ପୂର୍ବାହ୍ନ ୧୧ଟା।
- ଚଳଚ୍ଚିତ୍ର ପ୍ରତିଭା ସମ୍ମାନ, ପୌରସଦନ ପରିସର, ଅପରାହ୍ନ ୩ ଟା।
- ଭକ୍ତି ସଙ୍ଗୀତ ଓ ଆଲୋଚନାଚକ୍ର, ପୁସ୍ତକମେଳା ପରିସର, ଶରଧାବାଲି, ସନ୍ଧ୍ୟା ୬ଟା।
- ଗଜପତି ମହାରାଜାଙ୍କ ଅଭିଷେକ ଉତ୍ସବ, ଶ୍ରୀନଅର ପରିସର, ସନ୍ଧ୍ୟା ୭ଟା।

## ଈଶ୍ୱର ସେଠୀ ହତ୍ୟା ଘଟଣାରେ ଓଏଚ୍ଆର୍‌ସିରେ ମାମଲା

ଭୁବନେଶ୍ୱର,୭।୧(ବ୍ୟୁରୋ): ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ଫାଣ୍ଡି ହାଜତରେ ମାହାଙ୍ଗା ଥାନା ଅଧୀନ ସିନ୍ଧୁପୁର ଗ୍ରାମର ଈଶ୍ୱର ସେଠୀଙ୍କ ନାମକ ଯୁବକଙ୍କୁ ମୃତ୍ୟୁ ହୋଇଥିଲା। ପୋଲିସ ତାଙ୍କୁ ପିଟିପିଟି ମାରିଦେଇଥିବା ଅଭିଯୋଗ ଥିଲା। ତେଣୁ ସମ୍ପୃକ୍ତ ହତ୍ୟାକାରୀ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଚାକିରୀରୁ ବରଖାସ୍ତ, ମୃତ ଈଶ୍ୱରଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ (ଓଏଚ୍ଆର୍‌ସି) ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ଅଭିଯୋଗକୁ ଭିତ୍ତି କରି ଓଏଚ୍ଆର୍‌ସି ନଂ.୭/ଇନ/୨୦୨୩ରେ କେଶ ଦାଏର କରିଥିବା ସୂଚନା ମିଳିଛି।

# ୯୬ ଶିକ୍ଷକଙ୍କ ଖବର ମିଳୁନି

**ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ**

ଭୁବନେଶ୍ୱର, ୭।୧(ବ୍ୟୁରୋ)

ସରକାରୀ ସ୍କୁଲରେ ଅନୁପସ୍ଥିତ ରହୁଥିବା ଶିକ୍ଷକଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ପୂର୍ବରୁ ୧୫୪ ଜଣ କନିଷ୍ଠ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଶୁକ୍ରବାର ଆଉ ୨୦ ପ୍ରାଥମିକ ଶିକ୍ଷକଙ୍କ ଉପରେ ପଦକ୍ଷେପ ନିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ଏବେ ଆଉ ୯୬ ଶିକ୍ଷକଙ୍କ ଖୋଜଖବର ମିଳୁନାହିଁ। ଦୀର୍ଘଦିନ ଧରି ଏହି ଶିକ୍ଷକମାନେ ସ୍କୁଲ ମାଟି ମାଡ଼ିନାହାନ୍ତି। ଏମାନଙ୍କୁ ନୋଟିସ ପଠାଗଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ତେଣୁ ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶନିବାର ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ସାରା ରାଜ୍ୟରେ ପାଖାପାଖି ୯୬ ଶିକ୍ଷକ ଦୀର୍ଘଦିନ ହେଲା ସ୍କୁଲରେ ଅନୁପସ୍ଥିତ ରହିଛନ୍ତି। ୨ଥର ନୋଟିସ ଦିଆଯିବା ପରେ ବି ସେମାନେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କେବଳ ସେତିକି ନୁହେଁ, ଜିଲାପାଳଙ୍କ ଦ୍ୱାରା ଯେଉଁମାନେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଛନ୍ତି, ଚୁକ୍ତି ସରିଯିବା ପରେ ପୁନଃ ଚୁକ୍ତି କରିବାକୁ ସେମାନେ ଆସୁ ନାହାନ୍ତି। ଏପରି ୯୬ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ ହୋଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗକୁ ମଧ୍ୟ ଏହିଭଳି ଦୀର୍ଘଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

# ଓଡ଼ିଶାରେ ଇରାନୀ ଅପରାଧୀ ଗ୍ୟାଙ୍ଗ

**ରାୟପୁର, ଭୁବନେଶ୍ୱରରୁ ୪ ଗିରଫ**
- ୧୭ ସୁନା ଚେନ, ୫ ବାଇକ, ୩ ମୋବାଇଲ ଜବତ
- ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚଳାଇଥିଲେ ରାକେଟ
- ବେପାର କରିବାକୁ ଆସି ଲୁଟ୍, ଚୋରି କରୁଥିଲେ




ଗିରଫ ୪ ଅଭିଯୁକ୍ତ, ଜବତ ସୁନାଚେନ ଓ ବାଇକ୍।

ଭୁବନେଶ୍ୱର,୭।୧(ବ୍ୟୁରୋ)

ଓଡ଼ିଶାକୁ ବେପାର କରିବାକୁ ଆସି ଚଳାଇଥିଲେ ଚୋରି, ଲୁଟ୍, ଛିନ୍‌ତାଇ ରାକେଟ। କେତେବେଳେ ଦୋକାନୀଙ୍କୁ ଅନ୍ୟମନସ୍କ କରି କ୍ୟାଶ୍ ବାକ୍ସରୁ ଟଙ୍କା ଲୁଟି ନେଉଥିଲେ ତ ଆଉ କେତେବେଳେ ରାସ୍ତାରେ ମହିଳାଙ୍କଠାରୁ ସୁନା ଚେନ ଝାମ୍ପିନେଇ ଚମ୍ପଟ ମାରୁଥିଲେ। ଏପରକି ବିବାହ ଭୋଜିକୁ ଅତିଥି ବେଶରେ ଯାଇ ଦାମୀ ଗିଫ୍ଟ ଚୋରି କରୁଥିଲେ। ଏଭଳି ଭିନ୍ନ ଭିନ୍ନ ତରିକାରେ ଲୁଟ୍ ଓ ଚୋରି କରୁଥିବା ଆନ୍ତଃ ରାଜ୍ୟ ଇରାନୀ ଗ୍ୟାଙ୍ଗକୁ ଶେଷରେ କମିଶନରେଟ ପୋଲିସ ଧରିବାରେ ସଫଳ ହୋଇଛି। କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ଶହୀଦନଗର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରିଛି। ରାୟପୁରରୁ ୨ଜଣ ଓ ଭୁବନେଶ୍ୱରରୁ ଆଉ ୨ଜଣ ଧରାପଡିଛନ୍ତି। ଏମାନେ ହେଲେ ନୂଆପଡା ଜିଲା ଜୋଙ୍କୋ ଥାନା ଅନ୍ତର୍ଗତ ଖରିଆରରେ ରହୁଥିବା ଇରାନର ମୂଳ ବାସିନ୍ଦା ଜାହିର ହୁସେନ ଓରଫ ଆବୁ ତାଲିବ (୨୧), ସାନୋଜ କୁମ୍ଭାର (୨୦), କିସ୍‌ମତ ଅଲ୍ଲି (୩୨) ଓ ସିକନ୍ଦର ଅଲ୍ଲି (୨୯)। ଏମାନଙ୍କଠାରୁ ୫ ବାଇକ, ୨ଶହ ଗ୍ରାମ୍‌ର ୧୭ ସୁନା ଚେନ୍ ଓ ୩ ମୋବାଇଲ ଫୋନ୍ ଜବତ ହୋଇଛି ବୋଲି ଶନିବାର ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଇରାନୀ ଗ୍ୟାଙ୍ଗ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୦ରୁ ଅଧିକ ମାମଲା ରହିଛି। ଏହାଛଡ଼ା କଟକ, ପୁରୀ, ଅନୁଗୋଳ, ଯାଜପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ହୋଇଥିବା ଛିନ୍‌ତାଇ ମାମଲାରେ ଏମାନଙ୍କର ସମ୍ପୃକ୍ତି ଥିବା ନେଇ ଅଭିଯୋଗ ତାଲିକା ରହିଛି। ସେହିପରି କର୍ନାଟକ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ରେ ମଧ୍ୟ ସକ୍ରିୟ ଥିବା ଜଣାପଡିଛି। ଗ୍ୟାଙ୍ଗରେ ଏକାଧିକ ବ୍ୟକ୍ତି ରହିଥିବାରୁ ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ଡିସିପି ସିଂ କହିଛନ୍ତି।

### ରେଳ ଷ୍ଟେଶନରେ ଲୁଚୁଥିଲେ, ରତ୍ନପଥର ବେପାର କରୁଥିଲେ

ଇରାନୀ ଗ୍ୟାଙ୍ଗ୍ ସଦସ୍ୟମାନେ ଘଟଣା ଘଟାଇବା ପରେ କିପରି ପୋଲିସ ହାତରେ ଧରା ନ ପଡିବେ ସେଥିପାଇଁ ଯୋଜନା କରନ୍ତି। ହୋଟେଲରେ ନ ରହି ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ୍, ପରିତ୍ୟକ୍ତ ଘର, ରାସ୍ତା କଡ଼ରେ ଶୋଇଯାଉଥିଲେ। ଏହାସହ ଦିନରେ ରତ୍ନ ପଥର କିମ୍ବା ଚଷମା ବିକ୍ରି କରିବା ସହ ରେକି କରୁଥିଲେ। ପୋଲିସ ସନ୍ଦେହରେ ପଚରାଉଚରା କଲେ, ବେପାର ବାହାନା କରୁଥିଲେ। ପରେ ସୁବିଧା ସୁଯୋଗ ଦେଖି ଉକ୍ତ ଚୋରା ଜିନିଷକୁ ଅନ୍ୟ ଅଞ୍ଚଳରେ ଥିବା ଗ୍ୟାଙ୍ଗ୍ ସଦସ୍ୟମାନେ ବିକ୍ରି କରୁଥିଲେ।

### ଗ୍ୟାଙ୍ଗକୁ ଧରିବା ଚାଲେଞ୍ଜ ଥିଲା: ଡିସିପି

ଗ୍ୟାଙ୍ଗକୁ ଧରିବା ଚାଲେଞ୍ଜ ଥିଲା। ଏମାନେ ବାଇକରେ ବୁଲିବୁଲି ଜାତୀୟ ରାଜପଥରେ ଯାଉଥିବା ମହିଳା ଓ ଏକାକୀ ଯାଉଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରୁଥିଲେ। ଏନେଇ ବିଭିନ୍ନ ଥାନାରେ ଏକାଧିକ ଅଭିଯୋଗ ଆସିବା ପରେ ସେମାନଙ୍କୁ ଧରିବା ପାଇଁ ଟିମ୍ ଗଠନ କରାଯିବା ସହ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଯେଉଁଠି ଚୋରି କିମ୍ବା ଛିନତାଇ ହୋଇଛି ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଥିଲା। ତାହାପରେ ଏମାନେ କେଉଁ କେଉଁ ସ୍ଥାନରେ ରୁହନ୍ତି ତାହାର ଖୋଳତାଡ କରାଯାଇ ତଥ୍ୟ ସଂଗ୍ରହ ପରେ ଚଢ଼ାଉ କରାଯାଇ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଲୁ।

# ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର,, ୭।୧(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଡିଭିଜନର ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍ଏସ୍) ଅଧୀକ୍ଷଣ ଯନ୍ତ୍ରୀ ବିଜୟାନନ୍ଦ ସାହୁଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି। ଶନିବାର ଭୁବନେଶ୍ୱରସ୍ଥିତ ବାସଭବନ ସମେତ ଅନୁଗୋଳ ଓ ଢେଙ୍କାନାଳର ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍। ଭୁବନେଶ୍ୱର ଆଇଗିଣିଆସ୍ଥିତ ମୋହନା ଦାସ ଏନ୍‌କ୍ଲେଭର ଫ୍ଲାଟ୍ ନଂ.ଏମ୍ଇ-୧୯ସ୍ଥିତ ତିନିମହଲା ଘର, ଖଣ୍ଡଗିରିସ୍ଥିତ ତାଙ୍କ ଅଫିସ୍ ଚାମ୍ବର, ଢେଙ୍କାନାଳ ପର୍ଜଙ୍ଗ ଡିହଡୋଳସ୍ଥିତ ଦୁଇମହଲା ଘର, ପଙ୍ଗତିରାସ୍ଥିତ ଶ୍ୱଶୁର ଘର, ଅନୁଗୋଳ ସହର ଶୁଶୁଡ଼ାରେ ଥିବା ତିନିମହଲା ଘର ଓ ଅନୁଗୋଳ ନାଲ୍‌କୋ କ୍ୟାମ୍ପସ୍ ଘରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରିଥିଲେ। ତେବେ ଭିଜିଲାନ୍ସର ସୂଚନା ଅନୁସାରେ, ବିଜୟାନନ୍ଦଙ୍କ ୩ଟି କୋଠା (୨ଟି ୩ ମହଲା ଓ ଗୋଟିଏ ୨ ମହଲା), ୧୪ ଫ୍ଲାଟ୍ ସହ ନଗଦ ୧.୮୧ ଲକ୍ଷ ଟଙ୍କା, ୪୪ ଲକ୍ଷ ୮୪ ହଜାର ୪୮୫ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ ଓ ଇନ୍‌ସ୍ୟୁରାନ୍ସ ଜମା, ୨୩୭ ଗ୍ରାମ୍ ସୁନା(ମୂଲ୍ୟ ୧୦ ଲକ୍ଷ ଟଙ୍କା), ଗୋଟିଏ କାର ଠାବ ହୋଇଛି। ସେହିପରି ଏସବୁ ଘରକୁ ବିଦ୍ୟୁତ୍ ସଂଯୋଗ ତାଙ୍କ ସ୍ତ୍ରୀଙ୍କ ନାଁରେ ରହିଛି। ଭୁବନେଶ୍ୱର, ଅନୁଗୋଳ ଓ ଢେଙ୍କାନାଳରେ ଥିବା ୧୪ ଫ୍ଲାଟ୍‌ରୁ ୬ଟି ଶାଳୀ ଓ ୫ଟି ଶଶୁ ନାଁରେ ରହିଛି। ଏହି ୧୧ ଫ୍ଲାଟ୍ ବେନାମୀ ଭାବେ କରାଯାଇଛି କି ନାହିଁ ତାହାର ତଦନ୍ତ ଚାଲିଛି। ସେହିଭଳି ୧୪ଟି ଫ୍ଲାଟ୍‌ର ମୂଲ୍ୟ ୨୭.୨୫ ଲକ୍ଷ ହେବ ବୋଲି ଯନ୍ତ୍ରୀ ସାହୁ ଦର୍ଶାଇଥିବାବେଳେ ଏହାର ପ୍ରକୃତ ମୂଲ୍ୟ ଜାଣିବା ଲାଗି ଭିଜିଲାନ୍ସ ଟିମ୍ ଅଧିକ ଛାନ୍‌ଭିନ ଚଳାଇଛି। ଏହାସହ ଘରର ଆସବାବପତ୍ରର ମୂଲ୍ୟ ୮.୫୩ ଲକ୍ଷ ଟଙ୍କା ବୋଲି ହିସାବ କରିଛି ଭିଜିଲାନ୍ସ। ଅନୁଗୋଳ ସହର ଶୁଶୁଡ଼ାରେ ଥିବା କୋଠାକୁ ୭.୫ ଲକ୍ଷ ଟଙ୍କାରେ ଯନ୍ତ୍ରୀ ସାହୁ ତାଙ୍କ ଶାଳୀଙ୍କୁ ବିକ୍ରି କରିଥିବା ଭିଜିଲାନ୍ସ ଆଗରେ କହିଥିଲେ ମଧ୍ୟ ତାହାର ପ୍ରମାଣ ଦେଖାଇପାରି ନ ଥିଲେ। ଚଢ଼ାଉ ଜାରି ରହିଥିବାରୁ ଆହୁରି ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ଏହି ଚଢ଼ାଉ, ଯାଞ୍ଚ ଚାଲିଥିବାବେଳେ ଏଥିରେ ୫ ଡିଏସ୍‌ପି, ୧୪ ଇନ୍‌ସପେକ୍ଟର ଓ ୨୮ ଜଣ କର୍ମଚାରୀ ସାମିଲ ଅଛନ୍ତି। ସୂଚନାଯୋଗ୍ୟ, ଯନ୍ତ୍ରୀ ସାହୁ ପର୍ଜଙ୍ଗ ବିଧାୟକଙ୍କ ସମ୍ପର୍କୀୟ ପୁତୁରା ବୋଲି ଜଣାପଡ଼ିଛି।



- ଏକକାଳୀନ ୬ ସ୍ଥାନରେ ଚଢ଼ାଉ
- ୩ କୋଠା, ୧୪ ଫ୍ଲାଟ୍ ଠାବ
- ଘରୁ ମିଳିଲା ନଗଦ ୧.୮୧ ଲକ୍ଷ ଟଙ୍କା

## ବାଘୁଣୀ ରୂପାର ପ୍ରଥମ ଶାବକ ମୃତ

ବାରଙ୍ଗ, ୭।୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଧଳା ବାଘୁଣୀ ରୂପା ଜନ୍ମ ଦେଇଥିବା ୩ ଶାବକ ମଧ୍ୟରୁ ଗୋଟିକର ଶନିବାର ସକାଳେ ମୃତ୍ୟୁ ଘଟିଛି। ଶୁକ୍ରବାର ରୂପା ଜନ୍ମଦେଇଥିବା ସାଧାରଣ ରଙ୍ଗର ପ୍ରଥମ ଶାବକଟି ମରିପଡ଼ିଥିବା ଶନିବାର ସକାଳେ ଜଣାପଡ଼ିଛି। ରୂପା ଦିନତମାମ୍ ମଲା ଛୁଆଟି ପାଖରେ ରଖିଥିଲା। ଫଳରେ ତା' ପାଖରୁ ମଲାଛୁଆକୁ ଅଲଗା କରିବା ପାଇଁ ପ୍ରାଣୀ ବିଭାଗ କର୍ମଚାରୀ ଚେଷ୍ଟା କରି ବିଫଳ ହୋଇଛନ୍ତି। ଅନ୍ୟ ୨ ଛୁଆକୁ ରୂପା ପାଖରେ ରଖିବା ସହ ଖାଇବାକୁ କ୍ଷୀର ଦେଉଥିବାର ଦେଖିବାକୁ ମିଳିଛି। ତେବେ ରୂପା ତା' ଛୁଆକୁ ପାଦରେ କୁଦି ଦେଇଥିବାରୁ ଛୁଆଟିର ମୃତ୍ୟୁ ହୋଇଥିବା ଜଣାପଡିଛି। ରୂପା ପ୍ରଥମ ଗର୍ଭଧାରଣ କରିବା ସହ ତା'ର ଦ୍ୱିତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମଦେଇଥିବା ଜଣାପଡ଼ିବା ପରେ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାରଙ୍କ ନିର୍ଦ୍ଦେଶ ମୁତାବକ ୨୧ନଂ. ଏନ୍‌କ୍ଲୋଜରରେ ରୂପାକୁ ଅଲଗା କରି ରଖାଯାଇଥିଲା। ଏନ୍‌କ୍ଲୋଜରରେ ସିସି କ୍ୟାମେରା ଲଗାଯାଇ ରୂପାର ଗତିବିଧିକୁ ଲକ୍ଷ୍ୟ କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ୨ଟା ଓ ସନ୍ଧ୍ୟାରେ ଆଉ ଗୋଟିଏ ଶାବକକୁ ରୂପା ଜନ୍ମ ଦେଇଥିଲା। ରୂପା ଜନ୍ମ ଦେଇଥିବା ପ୍ରଥମ ଶାବକର ମୃତ୍ୟୁ ପରେ ନନ୍ଦନକାନନରେ ବାଘସଂଖ୍ୟା ହ୍ରାସ ପାଇ ୨୭ରେ ପହଞ୍ଚିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ବିଜୟଲକ୍ଷ୍ମୀ


@ ସୁଦାମ


@ ଚନ୍ଦନ


@ ପ୍ରତୀକ


@ ଗୀତାଞ୍ଜଳି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ନାଭି ଫାଉଣ୍ଡେଶନ ଓଡ଼ିଶା ଚାପ୍ଟର ପକ୍ଷରୁ ଭାଇସ୍ ଆଡ୍‌ମିରାଲ ଏସ୍ଏଚ୍ ଶର୍ମାଙ୍କ ସମ୍ମାନାର୍ଥେ ଶନିବାର ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ ସ୍ମାରକୀ ଆଲୋଚନାଚକ୍ରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ବେଷ୍ଟ କ୍ୟାଡେଟ୍ ଟ୍ରଫି ପ୍ରଦାନ କରୁଛନ୍ତି।



ଉତ୍କଳ ମହିଳା ସମିତି ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଭଗବତୀ ଭବନରେ ସାବିତ୍ରୀ ବାଈ ଫୁଲେଙ୍କ ଜନ୍ମବାର୍ଷିକୀ ପାଳନ କରାଯାଉଛି।

## ମାଙ୍କଡ଼ ନେଇଗଲା ଚପଲ: ଆଣିବାକୁ ଟ୍ରେନ୍ ଉପରେ ଚଢ଼ି ଜଳିଗଲେ ଯୁବକ

ଆଗ୍ରା : ଉତ୍ତରପ୍ରଦେଶର କସଗଞ୍ଜ ରେଳଷ୍ଟେଶନରେ ଗୁରୁବାର ଅପରାହ୍ନରେ ଜଣେ ମହିଳାଙ୍କ ଚପଲକୁ ମାଙ୍କଡ଼ ନେଇଯାଇ ସେଠାରେ ଛିଡ଼ାହୋଇଥିବା କସଗଞ୍ଜ-ଫାରୁକାବାଦ ଏକ୍ସପ୍ରେସ୍ ଉପରକୁ ଚଢ଼ିଯାଇଥିଲା। ପ୍ଲାଟଫର୍ମରେ ଦୋକାନ କରିଥିବା ଅଶୋକ ନାମକ ଜଣେ ୨୬ ବର୍ଷୀୟ ଯୁବକ ଚପଲ ଆଣିବା ପାଇଁ ଟ୍ରେନ୍ ଉପରେ ଚଢ଼ିଥିଲେ। ସେ ଅସାବଧାନତାବଶତଃ ଉପରେ ଯାଇଥିବା ୨୫ ହଜାର ଭୋଲ୍ଟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ନିମିଷକ ମଧ୍ୟରେ ଜଳିଯାଇଥିଲେ। କସଗଞ୍ଜ ଷ୍ଟେଶନରେ ମାଙ୍କଡ଼ ଅନେକ ସମୟରେ ଯାତ୍ରୀଙ୍କୁ ହଇରାଣ କରିବା ସହ ବେଳେବେଳେ ଆକ୍ରମଣ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି।



# ରାହା ମାନେ ଖୁସି: ଆଲିଆ

ମୁମ୍ବାଇ

ଝିଅ ରାହାଙ୍କୁ ନେଇ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଖୁବ୍ ରକ୍ଷଣଶୀଳ। ଶନିବାର ଆଲିଆ, ରଣବୀର ଏବଂ ନୀତୁ କପୁର ଗଣମାଧ୍ୟମକୁ ନିଜର ଏକ ସାକ୍ଷାତ୍କାର ଦେଇଥିଲେ। ଏ ଅବସରରେ ଖବରଦାତାଙ୍କୁ ଝିଅ ରାହାଙ୍କ ଫଟୋ ନ ଉଠାଇବାକୁ କହିଥିଲେ ଆଲିଆ। ସ୍ୱାମୀ ରଣବୀର ମଧ୍ୟ ସମାନ ଅନୁରୋଧ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ରଖିଥିଲେ। ଝିଅ ରାହାଙ୍କ ନାଁର ମାନେକୁ ନେଇ ଆଲିଆ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ବଙ୍ଗଳା, ସଂସ୍କୃତ ଏବଂ ଆରବିକ୍‌ରେ ରାହାର ଅର୍ଥ କ'ଣ ତାହା ସେ ନିଜ କ୍ୟାପ୍ସନରେ ଲେଖିଛନ୍ତି। ଫଟୋରେ ରଣବୀରଙ୍କ ସହ ଆଲିଆ ଓ ଝିଅ ରାହା ଥିବାବେଳେ ତିନିଜଣଯାକଙ୍କ ମୁହଁ ବ୍ଲୁର ହୋଇଯାଇଛି। ଏହାଛଡ଼ା ରାହାଙ୍କୁ ଦୁଇ ବର୍ଷ ହେବା ପରେ ତାଙ୍କ ଫଟୋ ପବ୍ଲିକ୍ କରାଯିବ ବୋଲି ଆଲିଆ କହିଛନ୍ତି। ଗତବର୍ଷ ନଭେମ୍ବର ୬ରେ ଆଲିଆ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ।

# ପ୍ରଥମ ଉଡ଼ନ୍ତା କାର୍

## ଆମେରିକୀୟ କମ୍ପାନୀ ଅନାବରଣ କଲା 'ଅସ୍କା ଏ୫'

ୱାଶିଂଟନ୍

ଖାଲି ଉଡ଼ାଜାହାଜ କି ହେଲିକପ୍ଟର ନୁହେଁ, ଏଣିକି କାର୍‌ରେ ବସି ମଧ୍ୟ ଆକାଶମାର୍ଗରେ ଯାତ୍ରା କରିହେବ। ଆମେରିକୀୟ କମ୍ପାନୀ ଅସ୍କା (ଏଏସ୍‌କେଏ) 'ଅସ୍କା ଏ୫' ନାମରେ ଉଡ଼ନ୍ତା କାର୍ ନିର୍ମାଣ କରିଛି। ଚଳିତବର୍ଷ କଞ୍ଜୁମର ଇଲେକ୍ଟ୍ରୋନିକ୍ ଶୋ' (ସିଇଏସ୍)ରେ ଅସ୍କା ଏହି ଇଲେକ୍ଟ୍ରିକ୍ ଡ୍ରାଇଭ୍ ଆଣ୍ଡ ଫ୍ଲାଏ ଭର୍ଟିକାଲ୍ ଟେକ୍‌ଅଫ୍ ଆଣ୍ଡ ଲ୍ୟାଣ୍ଡିଂ (ଇଭିଟିଓଏଲ୍)ର ଅନାବରଣ କରିଛି। ତେବେ ଏହା ବିଶ୍ୱର ପ୍ରଥମ ୪ ଆସନ ବିଶିଷ୍ଟ ଉଡ଼ନ୍ତା କାର୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

୨୦୨୬ରେ ଅସ୍କା ନିଜର ଅନ୍-ଡିମାଣ୍ଡ ଟ୍ରାଭେଲ୍ ସର୍ଭିସ୍ ଆରମ୍ଭ କରିବା ସହ ବିକ୍ରି ପାଇଁ ମଧ୍ୟ ଉପଲବ୍ଧ କରାଇବ। ଲୋକେ ଉଡ଼ାନ୍ତା କାର୍‌ରେ ବସି ମଜାଉଠାଇ ପାରିବେ। ତେବେ ଏହାର ମୂଲ୍ୟ ବାବଦରେ କମ୍ପାନୀ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏହାର ଚାହିଦା ଅନୁସାରେ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକରେ ଉଡ଼ନ୍ତା କାରରେ ଯାତ୍ରା କରିବାର ସୁବିଧା କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯିବ। ଉଭୟ ସଡ଼କ ଏବଂ ଆକାଶ ପଥରେ ଏହି କାର୍ ଚଳାଇବା ସମ୍ଭବ। କମ୍ପାନୀର ତଥ୍ୟ ମୁତାବକ ଏହା ଆକାଶ ମାର୍ଗରେ ଏକକାଳୀନ ଘଣ୍ଟାପ୍ରତି ୨୫୦ ମାଇଲ୍ ଦୂର ଅତିକ୍ରମ କରିପାରିବ। ଉଡ଼ନ୍ତା କାର୍‌ରେ ଯାତ୍ରା କରିବାର ଲୋକଙ୍କ ସ୍ୱପ୍ନକୁ ଅସ୍କା ପୂରଣ କରିବାକୁ ଯାଉଛି ବୋଲି କମ୍ପାନୀର ସହପ୍ରତିଷ୍ଠାତା ଏବଂ ସିଇଓ ଗୁଇ କପଲିନ୍‌ସ୍କି କହିଛନ୍ତି। ଚାଳକ ଓ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅତି ନିପୁଣତାର ସହ 'ଅସ୍କା ଏ୫' ନିର୍ମାଣ କରାଯାଇଥିବାବେଳେ କମ୍ ଜାଗାରେ ମଧ୍ୟ ଏହାକୁ ପାର୍କିଂ କରିହେବ। କାର୍‌ରେ ଥିବା ୱିଙ୍ଗସ୍ ଏହାକୁ ଜରୁରିକାଳୀନ ଅବତରଣରେ ସହାୟକ ହେବ। ଏହି ୱିଙ୍ଗସ୍ ସାଧାରଣ ଭାବେ ବ୍ୟାଟେରି ଓ ଇଞ୍ଜିନ୍ ଦ୍ୱାରା ପରିଚାଳିତ ହୋଇଥାଏ। ଉଡ଼ନ୍ତା କାର୍‌ରେ ବାଲିଷ୍ଟିକ୍ ପାରାଚ୍ୟୁଟ ଖଞ୍ଜାଯାଇଛି। ତେବେ କାର୍ କିଣିବାକୁ ଆଗ୍ରହୀ ବ୍ୟକ୍ତି ଏବେଠୁ ଅସ୍କାର ୱେବ୍‌ସାଇଟ୍‌କୁ ଯାଇ ଆଗୁଆ -ଅର୍ଡର୍ ବୁକ୍ କରିପାରିବେ।



# ଆଗ ଚକ ନ ଥାଇ ଚାଲୁଛି ଟ୍ରକ୍



ଲକ୍ଷ୍ନୌ

ଚକବିହୀନ ଟ୍ରକ୍‌କୁ ନେଇ ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ବହୁଳ ପ୍ରସାରିତ ହେବାରେ ଲାଗିଛି। ଆଗ ଚକ ନ ଥିବା ଏକ ଟ୍ରକ୍ ଜଣେ ଡ୍ରାଇଭର ଖୁବ୍ ଜୋର୍‌ରେ ହାଇୱେରେ ଗଲାଉଥିବା ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଆଗ ଚକ ନ ଥିବା ଗାଡ଼ି ଚଲାଇବା ଏକ ପ୍ରକାର ଅସମ୍ଭବ ହୋଇଥିବାବେଳେ ଭିଡିଓକୁ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି ନିଶ୍ଚୟ। ଭାଇରାଲ ହୋଇଥିବା ଭିଡିଓକୁ ଦେଖି ଲୋକେ ଏଣ୍ଟରଟେନ୍ ହେବା ସହ ବହୁ ମଜାଳିଆ କମେଣ୍ଟ ମଧ୍ୟ ଦେଇଛନ୍ତି। ଜଣେ ୟୁଜର ଡ୍ରାଇଭରଙ୍କ ଏ ପ୍ରକାର ଟ୍ୟାଲେଣ୍ଟକୁ ପ୍ରଶଂସା କରିଥିବାବେଳେ ଆଉଜଣେ ଲେଖିଛନ୍ତି ଏ ପ୍ରକାର ଘଟଣା କେବଳ ଭାରତରେ ହିଁ ସମ୍ଭବ। ଭିଡିଓଟିକୁ ୫ ନିୟୁତ ଲୋକ ଦେଖିସାରିବା ସହ ୫ ଲକ୍ଷ ଲୋକ ଲାଇକ୍ କରିଛନ୍ତି। ନିକଟରେ ଆଉ ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା, ଯେଉଁଥିରେ ଜଣେ ବସ୍ ଡ୍ରାଇଭର୍ ରାସ୍ତା ମଝିରେ ଗାଡ଼ି ରଖି ଚା' ଆଣିବାକୁ ଯାଇଥିଲେ। ଫଳରେ ରାସ୍ତାରେ କିଛି ସମୟ ଟ୍ରାଫିକ୍ ଜାମ୍ ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥିଲା।

# ଯାଆଁଳା ଭଉଣୀ: ଜନ୍ମ ବର୍ଷ, ତାରିଖ ଭିନ୍ନ



ୱାଶିଂଟନ

ଯାଆଁଳା ଭଉଣୀ କିନ୍ତୁ ବିଭିନ୍ନ ଦିନ ଏବଂ ବର୍ଷରେ ଜନ୍ମଦିନ, ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଏହା ସତ୍ୟ। ବାସ୍ତବରେ, ଆମେରିକାର ଟେକ୍ସାସରେ କାଲୀ ଜୋ ଫ୍ଲାଭଲେନ ନାମକ ଜଣେ ମହିଳା ଗତବର୍ଷ ଡିସେମ୍ବର ୩୧ ରାତି ୧୧ଟା ୫୫ ରେ ପ୍ରଥମ କନ୍ୟା ସନ୍ତାନ ଆନି ଜୋଙ୍କୁ ଜନ୍ମ ଦେଇଥିଲେ ଏବଂ ପରେ ୨୦୨୩ ଜାନୁଆରୀ ୧ ମଧ୍ୟରାତ୍ର ୧୨ ଟା ୧ରେ ଦ୍ୱିତୀୟ ଝିଅ ଇଫି ରୋଜଙ୍କୁ ଜନ୍ମ ଦେଇଥିଲେ। ତେବେ ପିଲାମାନେ ଗୋଟିଏ ବର୍ଷରେ ଜନ୍ମ ହେବେ ବୋଲି ଦମ୍ପତି ଭାବିଥିଲେ। ମହିଳା ଜଣକ ଏହି ଖୁସି ଖବର ସହିତ ଫଟୋ ସୋସିଆଲ ମିଡ଼ିଆରେ ଶେୟାର କରିଛନ୍ତି। ଟେକ୍ସାସ ହସ୍ପିଟାଲର ଡାକ୍ତରଙ୍କ କହିବାନୁସାରେ, ଏହା ଏକ ଅନନ୍ୟ ଘଟଣା। ପ୍ରାୟ ୨୦ ଲକ୍ଷ ଯାଆଁଳା ଶିଶୁଙ୍କ କ୍ଷେତ୍ରରେ ଏଭଳି ପରିସ୍ଥିତି ଦେଖାଯାଇଥାଏ।

# ୱାର୍‌ଗେମ୍ସରେ ମହିଳା ପାଇଲଟ ଅବନୀ

**ନୂଆଦିଲ୍ଲୀ:** ଜାପାନରେ ଆରମ୍ଭ ହେବାକୁ ଥିବା ଏରିଅଲ୍ ୱାର୍‌ଗେମ୍ସରେ ପ୍ରଥମ କରି ମହିଳା ଆଇଏଏଫ୍ ଫାଇଟର ପାଇଲଟ ଅବନୀ ଚତୁର୍ବେଦୀ ସାମିଲ ହେବାକୁ ଯାଉଛନ୍ତି। ଭାରତର ପ୍ରଥମ ତିନି ମହିଳା ଫାଇଟର ପାଇଲଟ୍‌ଙ୍କ ମଧ୍ୟରେ ଥିବା ଅବନୀ ଶନିବାର ଜାପାନ ଅଭିମୁଖେ ବାହାରିଛନ୍ତି। ସ୍କ୍ୱାଡ୍ରୋନ୍ ଲିଡର୍ ଅବନୀ ସୁ-୩୦ ଏମ୍‌କେଆଇ ପାଇଲଟ୍। ବିଦେଶର ବହୁ ପାଇଲଟ ଏଥିରେ



ଯୋଗଦେବାକୁ ଥିବାବେଳେ ଫ୍ରାନ୍ସର ଦୁଇ ମହିଳା ଫାଇଟର ପାଇଲଟ୍ ମଧ୍ୟ ଏହି ୱାର୍‌ଗେମ୍ସରେ ଅଂଶଗ୍ରହଣ କରିବେ। ବୀର ଗାର୍ଡିଆନ୍ ୨୦୨୩ ୱାର୍‌ଗେମ୍ସ ଆସନ୍ତା ୧୬ରୁ ୨୬ ପର୍ଯ୍ୟନ୍ତ ଜାପାନର ହାଇଆକୁରି ଏୟାରବେସ୍, ଓମିତମା ଏୟାରସ୍ପେସ୍ ଏବଂ ଇରୁମା ଏୟାରବେସ୍‌ରେ କରାଯିବ।

# ୧୦୦ ଦିନ ପୂରଣ କଲା 'କାନ୍ତାରା'

ମୁମ୍ବାଇ

୨୦୨୨ରେ ଫିଲ୍ମ 'କାନ୍ତାରା' ଦର୍ଶକଙ୍କ ହୃଦୟକୁ ଛୁଇଁଯାଇଛି। ଫିଲ୍ମଟି ବ୍ଲକବଷ୍ଟର ତାଲିକାରେ ଆଉ ଏକ ଗୌରବ ଯୋଡ଼ିଛି, ଯାହା ଭାରତର ହୃଦୟରୁ 'କାନ୍ତାରା' ଆକର୍ଷଣୀୟ ହୋଇଛି। ଏହି ଫିଲ୍ମଟି ପ୍ରଥମ ଦିନରୁ ହିଁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ୨୦ ସେପ୍ଟେମ୍ବରରେ ରିଲିଜ ହୋଇଥିବା ଏହି ଫିଲ୍ମ ଆଜି ୧୦୦ ଦିନ ପୂରଣ କରିଛି। ହୋମ୍ବେଲ ଫିଲ୍ମସ ପକ୍ଷରୁ ଇତିହାସରେ ଏହି ବିଶେଷ ଦିନ ପାଳନ କରି ସୋସିଆଲ ମିଡିଆରେ ଫିଲ୍ମର ୧୦୦ ଦିନର ପୋଷ୍ଟର ସହିତ ଏକ ନୋଟ ଶେୟାର କରି କ୍ୟାପଶନ ଲେଖାଯାଇଛି, 'ଡିଭାଇନ ବ୍ଲକ୍‌ବଷ୍ଟର 'କାନ୍ତାରା'ର ୧୦୦ ଦିନ ପାଳନ କରିବା, ଏହା ଏମିତି ଏକ ଫିଲ୍ମ ;ଯାହାକୁ ଆମେ ସବୁବେଳେ ମନେ ରଖିବୁ, ଯାହା ଆମକୁ ପୁନର୍ବାର ଆମ ମୂଳକୁ ନେଇଗଲା ଏବଂ ଆମ ପରମ୍ପରା ବିଷୟରେ ଆମକୁ ଆଶ୍ଚର୍ଯ୍ୟ କଲା। 'କାନ୍ତାରା' ୨୦୨୨ରେ ଖାଲି ଯେ, ସାଧାରଣ ଦର୍ଶକଙ୍କ ମନୋରଞ୍ଜନ କରିଥିଲା ତାହା ନୁହେଁ, ଏହି ଫିଲ୍ମ କ୍ରିକେଟରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରଣାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଛୁଇଁ ଯାଇଥିଲା। ଫିଲ୍ମକୁ ସମସ୍ତଙ୍କର ସମର୍ଥନ ଥିଲା। ଫିଲ୍ମଟି ଓଟିଟିରେ ରିଲିଜ ହେବା ପରେ ଏବେ ପ୍ରେକ୍ଷାଳୟରେ ଚାଲିଛି।


## TENDER NOTICE

No. MM-402: Sealed tenders are invited from intending purchasers for sale of confiscated vehicles of the following description on "as is where is basis". The vehicles are presently available at the place noted against each. The sealed tenders in prescribed proforma should be submitted in O/o. the D.F.O., Cuttack Forest Division on or before 20.01.2023 upto 05.00 P.M. and will be opened on the same day at 06.00 P.M. in presence of the tenderers or their authorized representatives.
The tender papers alongwith the terms and conditions can be obtained on payment of Rs.50/- (Rupees fifty) only from the O/o. the D.F.O., Cuttack Forest Division on any working day during the office hours (10.00 A.M. to 5.30 P.M.) from the date of publication of the tender notice.
The undersigned reserves all the rights to accept or reject any or all tender papers without assigning any reason thereof.

| Sl. No. | O.R. Case No. & Year | Type of Vehicle | Vehicle Bearing Regd. No. | Campus where the Vehicle is available |
|---|---|---|---|---|
| 1 | 2 | 3 | 4 | 5 |
| 1 | O.R. Case No. 149JR of 2005-06 | TATA 207 DI | Chassis No. 374463 | Forest Rest House Campus, Jajpur Road |
| 2 | O.R. Case No. 209JR of 2009-10 | Mahindra Savari | OR-22C-5743 | Forest Rest House Campus, Jajpur Road |
| 3 | O.R. Case No. 56JR of 2010-11 | TATA Sumo | Chassis No. 385003ASQ400325 | Forest Rest House Campus, Jajpur Road |
| 4 | O.R. Case No. 85JR of 2010-11 | Truck | OR-09H-1081 | Forest Rest House Campus, Jajpur Road |
| 5 | O.R. Case No. 21JR of 2010-11 | Mahindra Pick up | OR-09H-1081 | Forest Rest House Campus, Jajpur Road |
| 6 | O.R. Case No. 38JR of 2012-13 | Truck | OR-09C-6793 | Forest Rest House Campus, Jajpur Road |
| 7 | O.R. Case No. 13JR of 2017-18 | Mahindra Bolero | OD-04F-6764 | Forest Rest House Campus, Jajpur Road |
| 8 | U.D. Case No. 6JR of 2007-08 | Bolero DI Turbo | OR-02AH-2807 | Forest Rest House Campus, Jajpur Road |
| 9 | O.R. Case No. 87JR of 2007-08 | TATA 207 DI | OR-09-E-0924 (Fake Regd. No.) Chassis No. 478011JSZ936131 | Forest Rest House Campus, Jajpur Road |
| 10 | O.R. Case No. 399JR of 2007-08 | Kawasaki Boxer | OR-04C-5681 | Forest Rest House Campus, Jajpur Road |
| 11 | O.R. Case No. 240JR of 2007-08 | TATA ACE | OR-05W-8734 | Forest Rest House Campus, Jajpur Road |
| 12 | O.R. Case No. 24JR of 2009-10 | Bolero | OR-02-AV-0453 (Fake Regd. No.) Engine No. GA74K83584 | Forest Rest House Campus, Jajpur Road |
| 13 | O.R. Case No. 35JR of 2009-10 | Ambassador Car | ORX-7492 | Forest Rest House Campus, Jajpur Road |
| 14 | O.R. Case No. 29JR of 2011-12 | TATA 407 Mini Truck | OR-04-9328 | Forest Rest House Campus, Jajpur Road |
| 15 | O.R. Case No. 59JR of 2011-12 | TATA 407 Turbo | ORY-4742 | Forest Rest House Campus, Jajpur Road |
| 16 | O.R. Case No. 61JR of 2011-12 | TATA 407 Mini Truck | OR-09B-2143 | Forest Rest House Campus, Jajpur Road |
| 17 | O.R. Case No. 63JR of 2011-12 | Ambassador Car | OSX-5605 | Forest Rest House Campus, Jajpur Road |
| 18 | O.R. Case No. 26JR of 2013-14 | Mahindra Maximo | OD-04-3894 | Forest Rest House Campus, Jajpur Road |

Sd./- Conservator of Forests
I/c Cuttack Forest Division
OIPR-08025/11/0011/2223



GOVERNMENT OF ODISHA No. A-987
## DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
DEO HEAD WORKS DIVISION, KARANJIA
At/P.O.: Karanjia, Dist.: Mayurbhanj - 757037, e-mail: eedhwd@gmail.com
"e" Procurement Notice No. 04/SEDHWD of 2022-23
Bid Identification No. 04/SEDHWD of 2022-23

| | | |
|---|---|---|
| Type of Work | : | Building, Drain and CC Road |
| Total No. of Packages | : | 03 (Three) Nos. of Individual Work |
| Estimated Cost of Package | : | Rs.61.46 lakh, 71.66 lakh, 60.91 lakh |
| Period of Completion | : | 03 (Three) Calendar Months |
| Class of Contractor | : | "B" Class |
| Other Details | : | |

| Procurement Officer | Bid-Identification No. | Availability of Tender Online for Bidding | | Date & Time of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Deo Head Works Division, Karanjia | 04/SEDHWD of 2022-23 (Online) | 10.01.2023 at 10.00 A.M. | 24.01.2023 upto 05.00 P.M. | 25.01.2023 at 11.30 A.M. |

Further details can be seen from the Govt. website www.tendersorissa.gov.in.
Any addendum/corrigendum/cancellation of tender can also be seen in the said website.
Sd./- Superintending Engineer
Deo Head Works Division, Karanjia
OIPR-32248/11/0005/2223



## ଜୱାହର ନବୋଦୟ ବିଦ୍ୟାଳୟ, ରାୟଗଡ଼ା
### ପ୍ରବେଶ ପରୀକ୍ଷା ବିଜ୍ଞାପନ

୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶ ପରୀକ୍ଷା ୨୯।୦୪।୨୦୨୩ ତାରିଖରେ ବ୍ଲକ ସ୍ତରରେ ଅନୁଷ୍ଠିତ ହେବ। ୫ମ ଶ୍ରେଣୀରେ ପଢୁଥିବା ପ୍ରାର୍ଥୀମାନେ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହାୟତାରେ ଆବେଦନ ପତ୍ର ପୂରଣ କରିପାରିବେ। ଆବେଦନ କରିବାର ଶେଷ ତାରିଖ: ୩୧।୦୧।୨୦୨୩। ଏହି ଲିଙ୍କ **https://cbseitms.rcil.gov.in/nvs/Index/Registration** ମାଧ୍ୟମରେ ଆବେଦନ କରନ୍ତୁ।

ସ୍ୱା./- ଅଧ୍ୟକ୍ଷ
ଜୱାହର ନବୋଦୟ ବିଦ୍ୟାଳୟ, ରାୟଗଡ଼ା



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୪୩୩ ତା:୩୧।୧୨।୨୨

### ବିଜ୍ଞାପନ

No. CAD-4397: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପର୍ଯ୍ୟାୟ-୬ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଭି.ଆଇ.ଏମ୍-୬୨୩ (VIM-623) ଟିକୁ ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ, ପିତା: ୰ଲକ୍ଷ୍ମୀଧର ଷଡ଼ଙ୍ଗୀ, ସା: ଯୋହଳ, ପୋ.: ପାହାଳ, ଥା.: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ କ୍ଷିତିଶ୍ ରଞ୍ଜନ ଷଡ଼ଙ୍ଗୀ, ପିତା: ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ, ସା: ଯୋହଳ, ପୋ: ପାହାଳ, ଥା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0520/2223



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(ZILLA SWASTHYA SAMITI, KEONJHAR)
Advt. Lt. No.: 142 Date: 06.01.2023

### OBJECTIONS INVITED

No. E-808: With reference to this office Advt. Letter No. 12112 Dt.13.10.2022 which was published in Odia daily Newspaper i.e. "Dharitri" & "Sambad" on Dtd.15.10.2022, the details list of candidates applied for the post of Accountant-cum-DEO, Data Assistant-cum-Accountant, Social Worker-DEIC & Clinical Psychologist under NHM of Keonjhar district is available in the district NIC website i.e. **www.kendujhar.nic.in** in Recruitment page. Candidates are requested to verify the database of their candidature relating to the database only and requested to submit objections relating to the database if any for the above post and the objection must be reached in the Office of CDM & PHO-cum-DMD, Keonjhar - 758001 by Dtd. 17.01.2023 till 5.00 P.M. The objections shall be sent through Speed Post/Regd. Post/Courier only in a closed envelope (superscribing top of the envelope **"Objection for the post of .......................... under NHM, Keonjhar"**). No further objections shall not be entertained after the due date.

Sd./- Chief District Medical &
Public Health Officer, Keonjhar
OIPR-10033/11/0030/2223



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୪୩୧ ତା:୩୦।୧୨।୨୨

### ବିଜ୍ଞାପନ

No. CAD-4393: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ସତ୍ୟସାଇ ଏନକ୍ଲେଭ, ଆଇଗିଣିଆ ଗୃହ ନିର୍ମାଣ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏଚ୍.ଆଇ.ଜି.-୧-୧୭ (HIG-1-17) ଟିକୁ ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତରାୟ, ପିତା: ମୃତ୍ୟୁଞ୍ଜୟ ସାମନ୍ତରାୟ, ସା: ଗୁଡ଼ିଆପଲ୍ଲୀ, ପୋ.: ବୁଧମ୍ବା, ଥା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତରାୟ ଉକ୍ତ ଫ୍ଲାଟ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଜେନା ବ୍ରଦର୍ସ ଇନ୍‌ଫ୍ରାଷ୍ଟ୍ରକଚର ପ୍ରା.ଲି଼.ଙ୍କ ତରଫରୁ ପ୍ରତିନିଧି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ଜେନା, ପିତା: ଭଜନି ଜେନା, ସା: ଏମ୍.ଆଇ.ଜି.-୨-୩୨୦, ଶ୍ରୀ ସତ୍ୟସାଇ ଏନ୍‌କ୍ଲେଭ, ଆଇଗିଣିଆ, ପୋ: ଆଇଗିଣିଆ, ଥା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0516/2223



No.i-320

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶପଲ୍ଲା
### ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ:-

| କ୍ର. ନଂ. | ଗ୍ରା.ପ.ର ନାମ | PMAY - G (9 Days) | | MGNREGS (7 Days) | | ଗ୍ରାମସଭା ତାରିଖ | ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଆରମ୍ଭ ତାରିଖ | ଶେଷ ତାରିଖ | | |
| ୦୧ | ବାଣିଗୋଛା | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୨ | ଡିହଗାଁ | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୩ | ମଧ୍ୟଖଣ୍ଡ | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୪ | ଖମାରସାହି | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୫ | ସରିଗଣ୍ଡା | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୬ | ନୂଆଗାଁ | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୭ | କୁଜାମେଣ୍ଡି | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୮ | କଳସାଖମଣ | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୯ | ଟାକରା | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୧୦ | କୁଲୁରୁକୁମ୍ପା | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୧୧ | ନଛିପୁର | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୨ | ଚଢ଼େୟାପଲ୍ଲୀ | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୩ | ତେଣ୍ଡାବାଡ଼ି | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୪ | ଘୁଗୁଡ଼ିପଡ଼ା | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୫ | ପୋଖରୀଗୋଛା | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୬ | ଡୁମାଣ୍ଡି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୭ | ଶିମିଳିସାହି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୮ | ଦୁଡ଼ା | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୯ | ଘୋଳାହାଣ୍ଡି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୨୦ | ଭୋଗବାଡ଼ି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |

OIPR-19119/11/0004/2223
ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶପଲ୍ଲା

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩



## ଆବର୍ଜନା ଗାତରେ ପଡ଼ି ଶିଶୁ ମୃତ

**ବଡ଼ବିଲ,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ନାଳଦାରେ ରହୁଥିବା ରାଜକୁମାର ରବାନୀଙ୍କ ୩ ବର୍ଷର ପୁଅ ଶନିବାର ଆବର୍ଜନା ଗାତରେ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ରାଜକୁମାର ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ ଚନ୍ଦା ଦେବୀ ତାଙ୍କ ପୁଅକୁ ବାଡ଼ିପଟ ଅଗଣାକୁ ଶୌଚ କରାଇବାକୁ ବସାଇ ଘର ଭିତରକୁ ଯାଇଥିଲେ। କିଛି ସମୟ ପରେ ଆସି ପୁଅକୁ ସେହି ସ୍ଥାନରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ଶିଶୁଟି ପିନ୍ଧିଥିବା ଚପଲ ଘରପାଖ ଆବର୍ଜନା ଗାତରେ ପଡ଼ିଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକେ ଖାଲରେ ପଶି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ. ୨/୨୩) ରୁଜୁ କରିଛି।


### ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାର୍‌ହା ଶିକାର ପାଇଁ ରଖାଯାଇଥିବା ବୋମା ବିସ୍ଫୋରଣ

## ଗଣମାଧ୍ୟମ ପ୍ରତିନିଧି ଗୁରୁତର

**ପରଜଙ୍ଗ, ୭।୧(ଡି.ଏନ୍.ଏ.):** ବାର୍‌ହା ଶିକାର ପାଇଁ ଶିକାରୀ ଖଞ୍ଜିଥିଲେ ବୋମା। ହେଲେ ଦୁର୍ଭାଗ୍ୟବଶତଃ ଏହାର ସଂସ୍ପର୍ଶରେ ଆସିଗଲେ ୱେବ୍‌ମିଡିଆର ଜଣେ ପ୍ରତିନିଧି। ବୋମା ବିସ୍ଫୋରଣରେ ତାଙ୍କ ଡାହାଣ ଗୋଡ଼ରେ ସୃଷ୍ଟି ହୋଇଛି ସାଂଘାତିକ କ୍ଷତ। ଢେଙ୍କାନାଳ ଜିଲା ମହାବିରୋଡ୍ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ସାଆନ୍ଦା ବିଟ୍ ରିଆ ଗ୍ରାମ ନିକଟରେ ଶନିବାର ସକାଳେ ଘଟିଛି ଏଭଳି ଅଭାବନୀୟ ଘଟଣା। ସଙ୍କଟାପନ୍ନ ଅବସ୍ଥାରେ ଖବରଦାତା ସୁବ୍ରତ କୁମାର ବିଶ୍ୱାଳଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


ଗୁରୁତର ସୁବ୍ରତ କୁମାର ବିଶ୍ୱାଳ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଡିହଡୋଳ ଫରେଷ୍ଟ ସେକ୍ସନରେ ବାର୍‌ହା ଶିକାରୀ ସକ୍ରିୟ ହୋଇଉଠିଛନ୍ତି। ବାର୍‌ହା ଚଳପ୍ରଚଳ କରୁଥିବା ସ୍ଥାନରେ ସେମାନେ ଶକ୍ତିଶାଳୀ ହାତ ଭିଡ଼ା ବୋମା ଖଞ୍ଜୁଛନ୍ତି। ଏହାକୁ ବାର୍‌ହା ଖାଇଲେ ବିସ୍ଫୋରଣ ଘଟୁଛି ଏବଂ ସେମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଶିକାରୀମାନେ ବାର୍‌ହା ମାଂସ ବିକ୍ରି କରି ବେଶ୍ ଦୁଇପଇସା କମାଉଛନ୍ତି। ତେବେ ଏହି ବିପଜ୍ଜନକ ବୋମା ପାଇଁ ଅନେକ ସମୟରେ ଗୃହପାଳିତ ପ୍ରାଣୀ ମଧ୍ୟ ମୃତାହତ ହେଉଛନ୍ତି। ଏଥିରୁ ମଣିଷ ମଧ୍ୟ ବାଦ୍ ପଡୁନାହାନ୍ତି। ଶନିବାର ସକାଳେ ଅଁଳାକଟା ଗ୍ରାମର ୱେବ୍ ଗଣମାଧ୍ୟମ ପ୍ରତିନିଧି ସୁବ୍ରତ ଖବର ସଂଗ୍ରହ କରିବାକୁ ଯାଉଥିଲେ। ରାସ୍ତାରେ ଗାଡ଼ି ରଖି ପରିସ୍ରା କରିବାକୁ ଯାଇଥିବାବେଳେ ବୋମା ଉପରେ ଗୋଡ଼ ପଡ଼ିଯିବାରୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଡାହାଣ ଗୋଡ଼ରୁ ମାଂସ ଉଡ଼ି ଯାଇଥିଲା। ଚେତାଶୂନ୍ୟ ଅବସ୍ଥାରେ ସହକର୍ମୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ରଘୁବୀର ଫାଉଣ୍ଡେଶନ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ବହ୍ଳର ଛକସ୍ଥିତ ଏକ ଘରୋଇ ନର୍ସିଂ ହୋମ୍‌ରେ ଭର୍ତ୍ତି କରାଯାଇଥିଲା। ବନ୍ୟପ୍ରାଣୀ ଶିକାରୀଙ୍କ ପ୍ରତି ବନ ବିଭାଗର କୋହଳ ମନୋଭାବ ଯୋଗୁ ଏଭଳି ଅଘଟଣ ଘଟିଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଡିହଡୋଳ ଫରେଷ୍ଟର ଅଜିତ କୁମାର ଦଳେଇ କୁହନ୍ତି, ଏଭଳି ଏକ ସ୍ପର୍ଶକାତର ଘଟଣା ସମ୍ପର୍କରେ ସେ ସୂଚନା ପାଇଛନ୍ତି। ଘଟଣାସ୍ଥଳରେ ତଦନ୍ତ କରାଯିବ। ଯେଉଁମାନେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିଷ୍ଣୁପ୍ରିୟା ସିଂହ**

ସ୍ୱାମୀ: ରଣଜିତ୍ ସିଂହ
ଶାସନ ପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୭।୦୪।୧୯୫୨
ତିରୋଧାନ: ୨୯।୧୨।୨୦୨୨

ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ଆମର ଚିର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା।

**ଶୋକସନ୍ତପ୍ତ:** ସ୍ୱାମୀ, ପୁଅ, ବୋହୂ, ପରିବାରବର୍ଗ।

ଧ-୪୬୫୬୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଅର୍ଜୁନ ପୃଷ୍ଟି**

ଭୁଷଣ୍ଡପୁର, ଖୋର୍ଦ୍ଧା
ଆବିର୍ଭାବ-ତା୧୮।୦୭।୧୯୩୩
ତିରୋଧାନ- ତା୧୯।୦୧।୨୦୨୨

ଚାହୁଁ ଚାହୁଁ ବର୍ଷେ ବିତିଗଲା। ବାପା, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଧର୍ମ, କର୍ମ ଓ ସେବା ସର୍ବଦା ମନେ ରହିବ। ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।

**ଶୋକସନ୍ତପ୍ତ:** ପତ୍ନୀ: ଲକ୍ଷ୍ମୀ, କନ୍ୟା: ମମତା, ଜ୍ୱାଇଁ: ରାମେଶ୍ୱର, ପୁତ୍ର: ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ: କନ୍ୟାକୁମାରୀ, ମାମୁନି, ମୁନକୀରାଣୀ, ରୂପାସିକ୍ତା, ନାତି: ଓମ୍, ଗୋପାଳ, ସ୍ୱାଧୀନ, କାହ୍ନା, ନାତୁଣୀ: ମାମା, ସୋମା, ଶୁଭ, ଦିପି, ଲିପି, ଲିଙ୍କି, ପିଙ୍କି, ରଣପୁର ଓ ଚାନ୍ଦପୁର କୋଣାର୍କ ଜୁଏଲାରୀ ପରିବାର ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

ଧ-୨୪୨୬

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ନୟନ ନାୟକ**

ଚନ୍ଦନ ବଜାର, ଜୟଗୋପାଳ ସାହି, ଢେଙ୍କାନାଳ ଟାଉନ୍
ତିରୋଧାନ: ୨୯।୧୨।୨୦୨୨

ତୁମର ଅନାବିଳ ସ୍ନେହ, ପରୋପକାରିତା ଓ ସ୍ମୃତି ଆମ ହୃଦୟରେ ସର୍ବଦା ସ୍ମରଣୀୟ ହୋଇରହୁ ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ:** ସ୍ୱାମୀ: ଅମର ନାୟକ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ଜ୍ଞାତି କୁଟୁମ୍ବ ଓ ପରିବାରବର୍ଗ।

ଧ-୨୪୩୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଲକ୍ଷ୍ମଣ ସାହୁ**

ଉପରସାହି, ଗାଡ଼କଣ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୯।୧୯୪୬
ତିରୋଧାନ: ୧୯।୦୧।୨୦୨୨

ଆକସ୍ମିକ ଭାବେ ତୁମର ଚାଲିଯିବା ଏକ ବର୍ଷ ହୋଇଗଲା। ତୁମର ଶୂନ୍ୟସ୍ଥାନ ଅପୂରଣୀୟ ହୋଇ ରହିବ। ଯେଉଁ ସ୍ନେହ, ମମତା, ତ୍ୟାଗ, ସ୍ୱାଭିମାନ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ତୁମ ପାଖରେ ଥିଲା, ତାହା ଆମକୁ ଦିଗ୍‌ଦର୍ଶନ ଦେଉଅଛି। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ସ୍ତ୍ରୀ: ହେମଲତା ସାହୁ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୪୩୧

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୯ ଡିଗ୍ରୀ କଲେଜକୁ କାରଣ ଦର୍ଶାଅ ନୋଟିସ

**ଭୁବନେଶ୍ୱର, ୭।୧(ବ୍ୟୁରୋ):** ନାମଲେଖାର ତଥ୍ୟ ସାମ୍ସ ପୋର୍ଟାଲରେ ଦେଇ ନ ଥିବାରୁ ରାଜ୍ୟର ୧୯ଟି ଡିଗ୍ରୀ କଲେଜକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଶନିବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ଯେଉଁ ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲ ଜରିଆରେ ନାମ ଲେଖାଇ ନାହାନ୍ତି, ସେମାନଙ୍କ ତାଲିକା ପଠାଇବା ପାଇଁ ବିଭାଗ ପକ୍ଷରୁ କୁହାଯାଇଥିଲା। ଏହା ଇ-ଆଡମିଶନ ନିୟମର ବିରୁଦ୍ଧାଚରଣ କରୁଛି। ଏପରି ନାମଲେଖା ଦ୍ୱାରା ପିଲାଙ୍କ କ୍ୟାରିୟର ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ କଲେଜର ନାମଲେଖା ଟିମ୍ ବରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛ ତା'ର ରିପୋର୍ଟ ଆସନ୍ତା ୧୧ ତାରିଖ ସୁଦ୍ଧା ପଠାଇବା ପାଇଁ ସମ୍ପୃକ୍ତ କଲେଜର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ୧୯ ଡିଗ୍ରୀ କଲେଜ ମଧ୍ୟରେ ଅନୁଗୋଳ ୨, ବାଲେଶ୍ୱର ୨, ଭଦ୍ରକ୧, କଟକ ୩, ଢେଙ୍କାନାଳ ୧, ଗଞ୍ଜାମ ୧, ଯାଜପୁର ୧, ଖୋର୍ଦ୍ଧା ୩, ମାଲକାନଗିରି ୧, ନୟାଗଡ଼ ୧ ଏବଂ ପୁରୀର ୩ଟି ଡିଗ୍ରୀ କଲେଜ ରହିଛି।


# Classified Everyday
0674-2580101, 2549949


MATRIMONIAL

**BRIDE WANTED**

Wanted Brahmin Bride for Groom B.Tech Cuttack, 9338505375. D-2429

Wanted Fresh, Divorce, Widow Bride for Businessman 37, Handsome, 5'8" (Caste-no-Bar)-7008468672. D-2436

**GROOM WANTED**

61ବୟସ୍କା Govt. ଚାକିରି କରିଥିବା Retd. ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9040183420. D-2433

Gopal Bride B.Tech, 5'2", Fair, 34, (Caste-no-Bar) Early Marriage-9861047000. D-2437

ଏକାକୀ ରହୁଥିବା 46 ବୟସ୍କା ବିଧବା ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଖଣ୍ଡାୟତ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8658185147. D-2435


REAL ESTATE

**SALE**

Apartment, Duplex, Plot for sale. Mob: 9556521654, Puri Bypass, Jagamara, Kalinga Vihar. D-2441

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେଡଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ-(ଗୁଣ୍ଠ- 5,25,000/-). 9938016295. D-74180

ଭୁବନେଶ୍ୱର ରଙ୍ଗବଜାର ପାଖରୁ 3 K.M. ଦୂରରେ ଘରବାରି ପ୍ଲଟ୍ Bank finance ସହିତ ମିଳୁଛି। 8093465134. D-74181

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-74626

**5BHK new construction individual house sale at Gita Engg. College Madanpur, BBSR, cost @ 1 corer 10lakh. (Land area 2750sqft., built-up area 2800sqft.), 7978090773.** D-2427

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ଜଟଣୀଗେଟ୍ **NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760.** D-74166

Land for sale 18000sqft. gharabari plot with boundary at Similipatna in Chandaka area, Bhubaneswar. Contact: 8249501772. D-2432

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-2265

**3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440.** D-2385

190sqft. super builtup commercial Shop for sale in Forest Park, Unit-6. 9937928349. D-2410

କଟକ-ଭୁବନେଶ୍ୱର ରୋଡ୍‌ରୁ **2.5.K.M.,** ନଖରା ଓ ପାହାଳରୁ **2.5.K.M.** ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। **9348152874, 9337317665.** D-74179

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

**30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862.** D-74177

Plot for Sale Bhubaneswar Tankapani Sai Temple Main Road Side. Phone: 9937450545. D-2443

**Baliantaରେ ପ୍ଲଟ୍ ପାଇଁ ଗ୍ରାହକ ଏବଂ commission agent ଯୋଗାଯୋଗ କରନ୍ତୁ। Mob: 7653882633.** D-2409

**4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** 2421

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ **Madanpur,** Gita/Gandhi College ପାଖରେ Sqft. **650/-ରେ ମିଳୁଛି - 9348767829.** D-74173

ପୁରୀ ବଳିଆପଣ୍ଡା U.P. School ପଛ ଗୋବିନ୍ଦ ନଗରରେ ସ୍ଥିତିବାନ୍ ଘରବାଡ଼ି ପ୍ଲଟ୍ ବିକ୍ରିହେବ। ସମୁଦ୍ର 1/2 କି.ମି., ମନ୍ଦିର 2 କି.ମି. Contact: 9040622080. D-74507

Gharabari Yellowzone Plot for Sale Bhubaneswar Hanspal. Immediately house construction Land. Call: 9937450545. D-2442


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




**Full body massage by smart I expert therapist @999 only. 9078484455.** D-73670

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74623

Newly open Spa positively health benefit with expert. Contact: 7749976301. D-74505

Relax, Refresh your body, Mind at Saikrupa Spa with best therapies. 8984068077. D-2374

Fullbody massage relax body mind by traind lady therapist. 7008773793. D-73671

Newly open SPA positively health benefits with expert therapist. 7849011931. D-73674




Two stored building 3000 sqft. each available for rent at Dandamukundapur bypass NH side for Godown/office. Interested parties may contact- 9437171609/ 8917459256. D-2434

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ଛାତ୍ରୀଙ୍କ କୃତିତ୍ୱ



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମୁଗୋଳାର ଛାତ୍ରୀ ସ୍ୱାରକୀ ସ୍ମରଣିକା ଗଡ଼ନାୟକ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କଣିହାଁ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ପୂର୍ବରୁ ସ୍ୱାରକୀ ନବୋଦୟ ପ୍ରବେଶିକା ପରୀକ୍ଷାରେ ମଧ୍ୟ ସଫଳତା ହାସଲ କରିଥିଲେ। ସ୍ୱାରକୀ ଇଞ୍ଜିନିୟର ହେମନ୍ତ କୁମାର ଗଡ଼ନାୟକ ଓ ଶିକ୍ଷୟିତ୍ରୀ ଧର୍ମପ୍ରିୟା ସାହୁଙ୍କ ଏକ ମାତ୍ର କନ୍ୟା ଅଟନ୍ତି। ଧ-୨୪୧୮

### ପିଏଚ୍.ଡି. ଲାଭ



ମିସ୍ ପୂନମ୍ ମଙ୍ଗରାଜ, ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟରୁ ପରିବେଶ ବିଜ୍ଞାନରେ ପିଏଚ୍.ଡ଼ି. ଡ଼ିଗ୍ରୀ (୨୦୨୨) ପାଇବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କର ଥେସିସ "ଭାରତୀୟ ମେଗାସିଟି ଉପରେ ଗୁରୁତର ବାୟୁ ପ୍ରଦୂଷଣକାରୀଙ୍କ ପାଇଁ ଏକ ଟେକ୍ନୋଲୋଜିକାଲ ନିର୍ଗମନ ତାଲିକା ଏବଂ ଏହାର ପ୍ରୟୋଗ" ଉପରେ ଆଧାରିତ। ଡକ୍ଟର ପୂନମ୍, ତାଙ୍କର ଅନୁସନ୍ଧାନ ଡକ୍ଟର ସରୋଜ କୁମାର ସାହୁ (ୟୁ.ଜି.ସି- ସହକାରୀ ପ୍ରଫେସର, ପରିବେଶ ବିଜ୍ଞାନ, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା)ଙ୍କ ନେତୃତ୍ୱରେ କରିଥିଲେ। ପ୍ରଫେସର ସୋମ କୁମାର ଶର୍ମା, ପି.ଆର୍.ଏଲ୍. ଅହମ୍ମଦାବାଦ ଏବଂ ପ୍ରଫେସର ଏଚ୍.କେ ପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ତାଙ୍କର ଏହି ଗବେଷଣାକୁ ଉଚ୍ଚ ପ୍ରଶଂସା କରାଯାଇଛି। ସେ ଗର୍ବିତ ପିତାମାତା ଶ୍ରୀମତୀ ମୀନାକ୍ଷୀ ମଙ୍ଗରାଜ (ଗୃହିଣୀ) ଏବଂ ଶ୍ରୀ ବିମ୍ବାଧର ମଙ୍ଗରାଜ (ସିନିୟର କାର୍ଯ୍ୟନିର୍ବାହୀ ସହକାରୀ, ଓଡ଼ିଶା ଖଣି ନିଗମ)ଙ୍କ ବଡ଼ ଝିଅ ଓ ମିସ୍ ପ୍ରିୟଙ୍କା ମଙ୍ଗରାଜ (ଇଞ୍ଜିନିୟର) ଙ୍କ ବଡ଼ ଭଉଣୀ। ଏହି ସଫଳତା ପାଇଁ ସେ ତାଙ୍କ ସୁପରଭାଇଜର ଡ଼କ୍ଟର ସାହୁ, ପ୍ରଫେସର ବେଗ୍, ଭୂ ବିଜ୍ଞାନ ମନ୍ତ୍ରଣାଳୟ, ତାଙ୍କ ପରିବାର ଏବଂ ଈଶ୍ୱର ଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ଧ-୨୪୪୦

### LEGAL NOTICE

ମୁଁ ମିଳନ କୁମାର ଶିଶୁଗୋସ୍ୱାମୀ, ବୟସ-୪୪ ବର୍ଷ, ମାତା: ୰ପ୍ରଭାତୀ ଦାସ, ସା- ଶିଶୁମଠ, ପୋ/ଥା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା ପ୍ରକାଶ କରୁଛି କି ମୋର ମୃତ ଅଜାଙ୍କର ବାହାରିଥିବା ଲିଗାଲ ହେୟାର ସାର୍ଟିଫିକେଟ୍‌ରେ ଚଞ୍ଚକତା କରାଯାଇ ମୋର ମାତା ପ୍ରଭାତୀ ଦାସଙ୍କ ମୃତ୍ୟୁ ପରେ ମୋର ନାମ ବାଦ୍ ପଡ଼ିଛି ; ଯାହାକି ତହସିଲଦାର ବାଲିଅନ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ତହିଁରେ ବୃନ୍ଦାବନ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସଙ୍କ ନାମ ଉଲ୍ଲେଖ ଅଛି। ଚଞ୍ଚକତା ପୂର୍ବକ ଦୁଇ ଭାଇଙ୍କ ନାମ ମୌଜା-ପ୍ରତାପଶାସନ, ଖାତା ନଂ.-୨୭୧ରେ ଥିବା ଦଶଟି ପ୍ଲଟ୍ ଏରିଆ ଏ୭.୧୯୯ଡି. ତହସିଲ ଅଫିସରେ ୩ ଖାନ ସଂଶୋଧନ ପୂର୍ବକ ୰ଗଗନ ବିହାରୀ ଦାସଙ୍କ ନାମ ବାଦ କରି ସେମାନଙ୍କ ନାମ ଦରଜ କରି ବିକ୍ରି କରିବାକୁ ମସୁଧା କରିଛନ୍ତି। କୌଣସି କ୍ରେତା ଉକ୍ତ ସମ୍ପତ୍ତିକୁ କ୍ରୟ ନ କରିବାକୁ ମୁଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଜଣାଇ ଦେଉଛି।

Milan Kumar Shishugoswami. D-2423

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରୁଷୀୟ ଯନ୍ତ୍ରୀଙ୍କ ମୃତଦେହ ସ୍ୱଦେଶକୁ ଫେରିବ

**ପାରାଦୀପ, ୭।୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଆଙ୍କରେଜରେ ଥିବା ଏମ୍‌ଭି ଅଲଦନାହ ଜାହାଜରୁ ଏହାର ମୁଖ୍ୟ ଯନ୍ତ୍ରୀ ତଥା ରୁଷୀୟ ନାଗରିକ ମିଲିୟାକୁଭ ସର୍ଗେଙ୍କ ମୃତଦେହ ୩ ଜାନୁୟାରୀରେ ମିଳିଥିଲା। ତାଙ୍କ ମୃତ୍ୟୁ ହୃଦ୍‌ଘାତରେ ହୋଇଥିବା ସ୍ପଷ୍ଟ ହେବା ପରେ ମୃତଦେହକୁ ଶନିବାର ରାତିରେ ରୁଷର ମସ୍କୋକୁ ପଠାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଜାହାଜର ଏଜେଣ୍ଟ କମ୍ପାନୀ କାହ୍ନୁ ଶିପିଙ୍ଗ ବୈଦେଶିକସ୍ତରରେ ସମସ୍ତ କ୍ଲିୟରାନ୍ସ ଆଣିବା ପରେ ମେରାଇନ ପୋଲିସକୁ ଦେଇଛି। ପୋଲିସ ଓ ଇମିଗ୍ରେଶନ ବିଭାଗ କାଗଜପତ୍ର ଯାଞ୍ଚ ପରେ ମୃତଦେହ ହସ୍ତାନ୍ତର କରିଛି। ସମ୍ପୃକ୍ତ କମ୍ପାନୀ ଆମ୍ବୁଲାନ୍ସ ଯୋଗେ ସର୍ଗେଙ୍କ ମରଶରୀରକୁ କଲିକତା ନେବ। ସେଠାରୁ ବିମାନଯୋଗେ ମୃତଦେହ ରବିବାର ମସ୍କୋ ଯିବ ବୋଲି ସୂଚନା ମିଳିଛି।

## ୯ ଆଦିବାସୀ ନାବାଳିକା ଉଦ୍ଧାର

### ମହାରାଷ୍ଟ୍ର ନେଉଥିଲେ ଦଲାଲ

**ଖଇରା, ୭।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ଅଞ୍ଚଳରୁ ୯ ଆଦିବାସୀ ନାବାଳିକାଙ୍କୁ ନେଇ ମହାରାଷ୍ଟ୍ର ଯାଉଥିବା ୩ ଦଲାଲଙ୍କୁ ଗ୍ରାମବାସୀ ଓ ମହିଳା ଗୋଷ୍ଠୀ ଧରି ଖଇରା ପୋଲିସ ଜିମା ଦେଇଛନ୍ତି। ଏଥିସହ ଉକ୍ତ ଆଦିବାସୀ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଦଲାଲଙ୍କ ମଧ୍ୟରୁ ୨ଜଣ ମହାରାଷ୍ଟ୍ରରୁ ହୋଇଥିବା ବେଳେ ଅନ୍ୟ ଜଣେ ଖଇରା ବ୍ଲକ କାକୁଡିଆ ଗ୍ରାମର। ଖଇରା ପୋଲିସ ଦଲାଲମାନଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ଆଳୁଚପ୍‌ରେ ନିଶା ଦେଇ ମହିଳାଙ୍କୁ ଅପହରଣ

**ନୟାଗଡ଼ ଅଫିସ,୭।୧**

ନୟାଗଡ଼ ଜିଲା ସଦର ଥାନା ଦୁର୍ଦ୍ଧୁରା ପଞ୍ଚାୟତ କିରିଆଲାଞ୍ଜି ଗାଁର ରୀନା ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କୁ ନିଶା ଔଷଧ ମିଶା ଆଳୁଚପ୍ ଖାଇବାକୁ ଦେଇ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଆଳୁଚପ୍ ଖାଇବା ପରେ ସେ ଅଚେତ ହୋଇପଡିବାରୁ ତାଙ୍କୁ ଅପହରଣ କରାଯାଇଥିଲା। ସେ ନିଖୋଜ ହୋଇଯାଇଥିବା ଖବର ପ୍ରଚାରିତ ହେବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପ୍ରାୟ ୧୩ ଘଣ୍ଟା ପରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ବାକି ଟଙ୍କା ମାଗିଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଛି।

# ‘ଟୟୋଟା ଇନୋଭା ହାଇକ୍ରସ୍’ର ବଜାର ପ୍ରବେଶ




ଭୁବନେଶ୍ୱର, ୭।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ଟୟୋଟା ଇନୋଭା ହାଇକ୍ରସ୍’ ଗାଡ଼ିକୁ ଟୟୋଟାର ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗଙ୍କ ଉପସ୍ଥିତିରେ ଶନିବାର ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱରଠାରେ ଥିବା ଟୟୋଟା ଶୋ’ରୁମ୍‌ରେ ବିଧିବଦ୍ଧ ଭାବେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଗର୍ଗ କହିଲେ, ପଞ୍ଚମ ପିଢ଼ିର ଏହି ହାଇବ୍ରିଡ୍ ଇଞ୍ଜିନ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହୋଇଥିବା ଗାଡ଼ି ଯାତାୟାତରେ ସମ୍ପୂର୍ଣ୍ଣ ନିରାପଦ ।

ଉଲ୍ଲେଖଯୋଗ୍ୟ, ଉକ୍ତ ଯାନଟି ୨ଟି ଭିନ୍ନ ଜ୍ଞାନକୌଶଳରେ ଗ୍ରାହକଙ୍କୁ ସୁହାଇଲା ଭଳି ନିର୍ମାଣ କରାଯାଇଛି। ଗୋଟିଏ ପେଟ୍ରୋଲଜନିତ ଇଞ୍ଜିନ୍ ହୋଇଥିବା ବେଳେ ଅନ୍ୟଟି ହାଇବ୍ରିଡ୍ ଯୁକ୍ତ ଇଞ୍ଜିନ୍। ପେଟ୍ରୋଲ ଇଞ୍ଜିନଯୁକ୍ତ ଗାଡ଼ି ଏକ୍ସ ଶୋ’ରୁମ୍ ମୂଲ୍ୟ ପ୍ରାୟ ୧୮ ଲକ୍ଷ ୩୦ ହଜାର ଟଙ୍କା ହୋଇଥିବା ବେଳେ ହାଇବ୍ରିଡ୍ ଇଞ୍ଜିନଯୁକ୍ତ ଗାଡ଼ିର ମୂଲ୍ୟ ୨୮ ଲକ୍ଷ ୯୭ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏପରିକି ହାଇବ୍ରିଡ୍ ଇଞ୍ଜିନ୍ ଗାଡ଼ିରେ ୧ ଲିଟର ତେଲ ପ୍ରତି ୨୪ କି.ମି. ରାସ୍ତା ଅତିକ୍ରମ ହୋଇପାରିବ। ଏହା ବିଶ୍ୱର ପଞ୍ଚମ ପିଢ଼ି ଜ୍ଞାନକୌଶଳରେ ପ୍ରଥମ ଅତ୍ୟାଧୁନିକ ଗାଡ଼ି ହୋଇଥିବାରୁ ଗ୍ରାହକମାନଙ୍କର ଅଧିକ ପସନ୍ଦ ରହିଛି। ଟୟୋଟା ନ୍ୟୁ ଗ୍ଲୋବାଲ ଆର୍କିଟେକ୍‌ଚର(ଟିଏନ୍‌ଜିଏ) ଦ୍ୱାରା ଏହାର ବଡି ନିର୍ମାଣ ହୋଇଥିବାରୁ ଏଥିରେ ଯାତାୟାତ ସମ୍ପୂର୍ଣ୍ଣ ନିରାପଦ। ତେବେ ଗାଡିର ଡିଜାଇନ, ଏହାର ଭିତରେ ଜାଗାର ଅଭାବ ନ ଥିବାରୁ ସିଟ୍ ଗୁଡ଼ିକ ଚଉଡ଼ା ରହିଛି। ତେଣୁ ୬ ସିଟ୍ ବିଶିଷ୍ଟ ଉକ୍ତ ଗାଡ଼ିରେ ଯାତ୍ରା କରୁଥିବା ଯାତ୍ରୀମାନେ ଆରାମ ଅନୁଭବ କରିବେ।

ବିଶେଷକରି ଟୟୋଟା ସେଫ୍ଟିସେନ୍ସ(ଏଡିଏଏସ୍)ର ୬ଟି ଫିଚର ଯୋଗୁ ଗାଡ଼ି ଚଳାଇଲା ବେଳେ ଚାଳକଙ୍କୁ କୌଣସି ଅସୁବିଧା ହୁଏ ନାହିଁ। ଗାଡ଼ିର ଡାଇନାମିକ୍ ରାଡାର କ୍ରୁଜ୍ କଣ୍ଟ୍ରୋଲ ସୁଇଚ୍ ଅନ୍ କଲେ ସାମ୍ନାରେ ଯାଉଥିବା ଗାଡ଼ି ହଠାତ୍ ବ୍ରେକ୍ ମାରିଲେ ମଧ୍ୟ ଇନୋଭା ହାଇକ୍ରସ୍ ଗାଡିଟି ଅଟୋମେଟିକ୍ ସ୍ଥିର ହୋଇଯାଏ। ସେହିପରି ଗାଡ଼ି ଚାଳକ ଯଦି କୌଣସି କାରଣବଶତଃ ଯାଉଥିବା ଲେନ୍‌ରୁ ଦିଗହରା ହୋଇପଡ଼ନ୍ତି, ତେବେ ସେଥିରେ ଲାଗିଥିବା ଲେନ୍‌ଟ୍ରେସ୍ ଚାଳକଙ୍କୁ ଜାଗ୍ରତ କରାଇଦିଏ। ଫଳରେ ହଠାତ୍ ଦୁର୍ଘଟଣାକୁ ଏଡ଼ାଇ ଦେଇହୁଏ। ସେହିପରି ଗାଡ଼ିଟି ପଛକୁ ଗତିକଲା ବେଳେ ରିୟଲ କ୍ରସ୍ ଟ୍ରାଫିକ୍ ଆଲର୍ଟ ଯୋଗୁ ଏହା ପଛରେ କେଉଁ ଯାନ ରହିଛି, ତାହା ଡ୍ରାଇଭର ଖୁବ୍ ସହଜରେ ଜାଣିପାରିଥାନ୍ତି। ଏହା ସହ ଗାଡ଼ିରେ ବ୍ଲାଇଣ୍ଡ ସ୍ପଟ୍ ମନିଟର କାର୍ଯ୍ୟକ୍ଷମ ଥିବାରୁ ଚାଳକଙ୍କ ଡାହାଣ ଓ ବାମପାର୍ଶ୍ୱରେ ନିକଟତର ହୋଇଥିବା ଗାଡ଼ିଗୁଡ଼ିକର ଗତିବିଧି ସହଜରେ ଜାଣିହୁଏ ଏବଂ ବ୍ରେକ୍ ସିଷ୍ଟମ୍‌ରେ ଏଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଗାଡ଼ିରେ ବ୍ୟବହାର କରାଯାଇଛି, ବ୍ରେକ୍ ମାରିଲେ ମଧ୍ୟ ଗାଡ଼ିଟି ଭାରସାମ୍ୟ ହରାଇ ନ ଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ୬ ସିଟ୍ ବିଶିଷ୍ଟ ଉକ୍ତ ଗାଡ଼ିରେ ୬ଟି ପୃଥକ୍ ଭାବେ ଏୟାରବ୍ୟାଗ୍ ଏବଂ ଆଡଭାନ୍ସ ବ୍ରେକ୍ ସିଷ୍ଟମ ରଖାଯାଇଛି। ଏପରିକି ଚାହିଦା ଥିବା ଯୋଗୁ ଇନୋଭା ହାଇକ୍ରସ୍ ଗାଡ଼ି ବର୍ତ୍ତମାନ ସୁଦ୍ଧା ୧୭୦ଟି ବିକ୍ରି ହୋଇଥିବା କହିଛନ୍ତି ଶୋ’ରୁମ୍ ଏଜିଏମ୍ ଚମ୍ପକ କୁମାର ଦାସ। କାର୍ଯ୍ୟକ୍ରମରେ କମ୍ପାନୀର ବହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ରହିଥିଲେ।

# ‘ଜୀବନ ଶାନ୍ତି’ରେ ସଂଶୋଧନକଲା ଏଲ୍‌ଆଇସି




ଭୁବନେଶ୍ୱର,୭।୧

## କର୍ମଜୀବୀ, ସ୍ୱରୋଜଗାର ବୃତ୍ତିଧାରୀଙ୍କ ପାଇଁ ବେଶି ଉପଯୋଗୀ

ଜୀବନ ଶାନ୍ତି ପ୍ଲାନ୍‌ରେ ସଂଶୋଧନ କରିଛି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)। ଏହି ସଂଶୋଧନ ୫ ଜାନୁୟାରୀଠାରୁ ଲାଗୁହେବ ବୋଲି ଏଲ୍‌ଆଇସି ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ,ଜୀବନ ଶାନ୍ତି ପ୍ଲାନ୍‌ରେ ଆନ୍ୟୁଇଟି ହାର ଓ ହାଇ ପର୍‌ଚେଜ୍ ପ୍ରାଇସ୍ ବାବଦକୁ ପ୍ରୋତ୍ସାହନ ବୃଦ୍ଧି କରାଯାଇଛି। ଏହି ସ୍କିମ୍‌ରେ ୧ ହଜାର ଟଙ୍କା ପିଛା ୩ ଟଙ୍କାରୁ ୯.୭୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏପରିକି ସିଙ୍ଗଲ୍ ପ୍ରିମିୟମ ପ୍ଲାନ୍‌ରେ ପଲିସିଧାରୀ ସିଙ୍ଗଲ ଲାଇଫ୍ କିମ୍ବା ଜଏଣ୍ଟ ଲାଇଫ୍ ଡେଫର୍ଡ ଆନ୍ୟୁଇଟି ଚୟନର ବିକଳ୍ପ ପାଇପାରିବେ। ତେବେ ପଲିସିଧାରୀ ନିର୍ଦ୍ଦିଷ୍ଟ ଅବଧି ପରେ ଭବିଷ୍ୟତରେ ନିୟମିତ ଆୟ ପ୍ରଦାନରେ ଏହା ସହାୟକ ହେବ ଭାରତୀୟ ଜୀବନ ବୀମା ନିଗମ ପକ୍ଷରୁ କୁହାଯାଇଛି।

# ପ୍ରତିଷ୍ଠା ଦିବସ ପାଳିଲା ନାଲ୍‌କୋ




## ‘ସୁଦୃଢ଼ କର୍ପୋରେଟ ଗଭର୍ନାନ୍ସ ପାଇଁ ପ୍ରଭାବୀ ନେତୃତ୍ୱ ଉପରେ ଗୁରୁତ୍ୱ’

ଭୁବନେଶ୍ୱର,୭।୧

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)ର ୪୩ ତମ ପ୍ରତିଷ୍ଠା ଦିବସ ଶନିବାର କମ୍ପାନୀର ବିଭିନ୍ନ ଉତ୍ପାଦନ କ୍ଷେତ୍ର, ଆଞ୍ଚଳିକ କାର୍ଯ୍ୟାଳୟ ଏବଂ କର୍ପୋରେଟ୍ ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନାଲ୍‌କୋର ଉତ୍କର୍ଷ ଯାତ୍ରାକୁ ମନେପକାଇ ନାଲ୍‌କୋ ଏକବିଂଶତମ ବକ୍ତୃତା ଶୃଙ୍ଖଳ ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଯୋଗଦେଇ କହିଲେ, ନାଲ୍‌କୋ ଆଗାମୀ ଦିନରେ ଏହି ଉତ୍କର୍ଷପୂର୍ଣ୍ଣ ଯାତ୍ରାକୁ ବଜାୟ ରଖିବା ସହ ଭବିଷ୍ୟତରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ। ସେହିପରି ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ନାଲ୍‌କୋର ଉତ୍କର୍ଷ ହାସଲରେ କର୍ମଚାରୀମାନଙ୍କ ସାମୂହିକ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ, କମ୍ପାନୀର ବହୁ ପୂର୍ବତନ ସିଏମ୍‌ଡି, ପୂର୍ବତନ କର୍ମଚାରୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ନାଲ୍‌କୋର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଏସିସି ଇକୋମ୍ୟାକ୍ସର ଶୁଭାରମ୍ଭ




ନୂଆଦିଲ୍ଲୀ,୭।୧

ଦେଶର ୩ଟି ରାଜ୍ୟରେ ଆଦାନୀ ଗ୍ରୁପ୍ ତା’ର ‘ଏସିସି ଇକୋମ୍ୟାକ୍ସ’ ସିମେଣ୍ଟକୁ ଶୁଭାରମ୍ଭ କରିଛି। ସେହି ରାଜ୍ୟଗୁଡ଼ିକ ହେଉଛି ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାର। ଏ ନେଇ କମ୍ପାନୀ ସିଇଓ ଅଜୟ କପୁର କହିଲେ, ଆମ ପରିଚାଳନାର ମୂଳରେ ରହିଛି ନିରନ୍ତରତା ଓ ନବସୃଜନ। ଇଏସ୍‌ଜି ଉପରେ ଗୁରୁତ୍ୱରୋପ କରି ଏସିସି ଇକୋମ୍ୟାକ୍ସ ଏକ ନିରନ୍ତର ଭବିଷ୍ୟତ ଲାଗି ନିର୍ମାଣର ପୁନଃ ସମୀକ୍ଷା ନିମନ୍ତେ ଆମ ଦକ୍ଷତାକୁ ପ୍ରଦର୍ଶିତ କରୁଛି। ଆମର ଏହି ଗ୍ରୀନ୍ କଂକ୍ରିଟ୍ ପ୍ରଯୁକ୍ତି ଆମ ଗ୍ରାହକଙ୍କୁ କାର୍ବନ କମ୍ କରିବାରେ ସହାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ,ବଜାରରେ ଏସିସି ଇକୋମ୍ୟାକ୍ସ, ଏସିସି ଇକୋମ୍ୟାକ୍ସ ପ୍ଲସ୍, ଏସିସି ଇକୋମ୍ୟାକ୍ସ ପ୍ରୋ ଏବଂ ଏସିସି ଇକୋମ୍ୟାକ୍ସ ଜିରୋ ଭଳି ବିଭିନ୍ନ ପ୍ରକାର ଉତ୍ପାଦ ରହିଛି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ୧୫,୮୨୨ ୟୁନିଟ୍ କାର୍ ବିକିଲା ମର୍ସିଡିଜ୍ ବେଞ୍ଜ୍

## ବିକ୍ରିରେ ପୂର୍ବାପେକ୍ଷା ୪୧% ବୃଦ୍ଧି

**ନୂଆଦିଲ୍ଲୀ,୭।୧:** ଗତବର୍ଷ ଦେଶର ବିଳାସପୂର୍ଣ୍ଣ କାର୍ ନିର୍ମାତା ମର୍ସିଡିଜ୍ ବେଞ୍ଜ୍ ଇଣ୍ଡିଆ ୧୫,୮୨୨ ୟୁନିଟ୍ କାର୍ ବିକ୍ରି ହୋଇଛି ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ରେ ୧୫,୮୨୨ ୟୁନିଟ୍ ଗାଡ଼ି ବିକ୍ରି କରିଥିବା ବେଳେ ସେହିପରି ୨୦୨୧-୨୨ରେ ୧୧,୨୪୨ ୟୁନିଟ୍ ବିକ୍ରି ହୋଇଛି। ପୂର୍ବବର୍ଷ ତୁଳନାରେ ୪୧% ଗାଡ଼ି ବିକ୍ରି ବୃଦ୍ଧି ପାଇଛି। ତେବେ ୨୦୨୨ରେ ମର୍ସିଡିଜ୍ ବେଞ୍ଜ୍‌ର ସି-କ୍ଲାସ୍, ଇ-କ୍ଲାସ୍, ଏସ୍-କ୍ଲାସ୍ ଲିମୋଜାଇନ୍ ଏବଂ ଜିଏଲ୍‌ଏ, ଜିଏଲ୍‌ସି, ଜିଏଲ୍‌ଇ ଏବଂ ଜିଏଲ୍‌ସି କ୍ରୀଡା ଗାଡ଼ି ମଡେଲଗୁଡ଼ିକ ଅଧିକ ବିକ୍ରି ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଟିଏଫ୍‌ଏଲ୍ ଅଗ୍ରଗତିର ସମୀକ୍ଷା



ସମୀକ୍ଷା ପାଇଁ ଆସିଥିବା ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀମାନେ।

## ୨୦୨୪ ଅକ୍ଟୋବର ପୂର୍ବରୁ କାର୍ଯ୍ୟକ୍ଷମ

ତାଳଚେର, ୭।୧ (ନି.ପ୍ର.)

କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଅନୁଗୋଳ ଜିଲା ଗସ୍ତରେ ଆସି ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍‌ଏଲ୍) ପରିଦର୍ଶନ କରିବା ସହ ପ୍ଲାଣ୍ଟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ୨୦୨୪ ଅକ୍ଟୋବର ପୂର୍ବରୁ ଏହି ପ୍ଲାଣ୍ଟ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ସେହିପରି ଭାରତର ସବୁଠାରୁ ବୃହତ ଏବଂ ପ୍ରଥମ କୋଇଲା ଗ୍ୟାସିଫିକେଶନ ଆଧାରିତ ଏହି ସାର କାରଖାନା ୟୁରିଆ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ନିରନ୍ତର ସମୀକ୍ଷା କରାଯାଉଛି। ୧୭ ହଜାର କୋଟି ଟଙ୍କା ବିନିଯୋଗରେ ନିର୍ମାଣାଧୀନ ଦେଶର ଏହି ପ୍ରଥମ କୋଲ ଗ୍ୟାସିଫିକେଶନ ଟେକ୍ନୋଲୋଜି ଆଧାରିତ ସାର କାରଖାନା ୟୁରିଆ ଉତ୍ପାଦନ କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବ। ଏହି ପ୍ରକଳ୍ପ ଖୁବ୍‌ଶୀଘ୍ର ଶେଷ ହେବା ନେଇ ଅପେକ୍ଷା ରଖାଯାଇଛି। କେନ୍ଦ୍ରମନ୍ତ୍ରୀ ମାଣ୍ଡବ୍ୟ କହିଛନ୍ତି, ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଥିବା ୫ଟି ୟୁରିଆ ପ୍ଲାଣ୍ଟ ମଧ୍ୟରୁ ୪ଟି ଉତ୍ପାଦନକ୍ଷମ ହୋଇଗଲାଣି। ତାଳଚେର ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ମଧ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ଏହି ଅବସରରେ ଦୁଇ କେନ୍ଦ୍ରମନ୍ତ୍ରୀ ତାଳଚେର ସାର କାରଖାନା ପରିସରରେ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏଫ୍‌ଏଲ୍ ଚେୟାରମ୍ୟାନ ଦେବାଶିଷ ନନ୍ଦ, ଆର୍‌ସିଏଫ୍‌ଏଲ୍ ଜିଏମ୍ ଜି. ଶେଷାଦ୍ରୀ, ଏମ୍‌ସିଏଲ୍ ଡାଇରେକ୍ଟର ଜି.କେ. ବୋରା, ପ୍ଲାଣ୍ଟ ମ୍ୟାନେଜର ସଞ୍ଜୟ ଆରୋରା, ଏସ୍. ମିଶ୍ରଙ୍କ ସମେତ ପ୍ଲାଣ୍ଟର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, CUTTACK**
**MAHANADIBIHAR, CUTTACK-753004**
**Govt. of Odisha e-procurement Notice**
**Bid Identification No. RWSSCTC 12/2022-23**

**No. O-1583:-** The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement double cover system according to norm of e-procurement.

1. Nature of work: **RPWS to Chahapada and Raghabpur under Salpur Block.**
2. No. of tenders: 01 No.
3. Tender Paper Cost: **₹10,000/-**
4. Value of Work: **₹274.42 Lakh**
5. Class of Contractor: “B” & “A” Class
6. Date and time of availability of bid document in portal: 11 hour of 12.01.2023 to 27.01.2023 upto 17 hours.
7. Date and time of seeking tender clarification: 25.01.2023 upto 17 hours.
8. Date & time of opening of tender: 30.01.2023 at 11.30 Hours in the Office of the Superintending Engineer, RWS&S Division, Cuttack
9. Time of completion: 11 months.
10. The bidder have to participate in online bidding only. Further details can be seen from the website **https://www.tendersorissa.gov.in**

**Sd./- Superintending Engineer**
OIPR-25022/11/0019/2223 **RWS&S Division, Cuttack**

No.C-2246

**BHUBANESWAR MUNICIPAL CORPORATION**
**e-Procurement Notice**
**e-Mail: ee1@bmc.gov.in**
**XI-D-I-2265/2022**
**No. 774 DT: 06.01.2023**

| | | | |
|---|---|---|---|
| 1. | Bid Reference No. | : | BMC-DIV-1-23/2022-23 Dt.06.01.2023 |
| 2. | Tender Call Notice No. | : | dtd.06.01.2023 |
| 3. | Name of Work | : | 2 Nos. (Two) |
| 4. | Bid Value | : | ₹ 3,21,50,285 to ₹ 3,24,37,777.00 |
| 5. | Period of Completion | : | 120 days |

**Critical Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders on-line for bidding | From Dt.09.01.2023 from 11.00 AM to Dt.30.01.2023 upto 5.00 PM |
| (ii) | Last date & time of seeking clarifications (if any) | Dt.25.01.2023 upto 5.00 PM |
| (iii) | Pre Bid Meeting | At 11.30 A.M. of Date-20.01.2023 |
| (iv) | Uploading of Pre Bid Meeting Proceedings | At 12.00 hrs of Date 21.01.2023 |
| (v) | Last date & time of bidding on-line | Dt.30.01.2023 up to 5.00 PM |
| (vi) | Date & time of opening of the Technical Bids received online | Dt.31.01.2023 (11.00 AM onwards) |
| (vii) | Date & time of opening of Price Bid/Financial Bid/DTCN Part-II | To be intimated later to the bidder(s) found qualified after checking and evaluation of Technical Bids received online. |

6. Tender details can be seen from the e-Procurement portal https://www.tendersodisha.gov.in & BMC website https://www.bmc.gov.in.

**Sd./- City Engineer**
OIPR-13002/11/0210/2223 **Bhubaneswar Municipal Corporation**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**NIT No. 02/OMC/CIVIL/2023**

No. CAD-4407:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work (in month) | Class of Contractor | EMD (Rs.) online | Cost of Bid document (Rs.) Online |
|---|---|---|---|---|---|---|
| 1. | Street lighting and illumination of Road from KIOM Main Gate to View Point including new parallel road and Quarry-1 Haul road of Kurmitar Iron Ore Mines in the district of Sundargarh. | 119.45 | 06 (Six) | Electrical Contractor having MV/HT licence issued by ELBO. | 1,20,000/- | 10,000/- +18% GST |
| 2. | Power supply to MMM, SMMO & SPMO Workshops of Govt. ITI, Koira in the district of Sundargarh.(Under PD Scheme). | 18.97 | 04 (Four) | Electrical Contractor having MV/HT licence issued by ELBO. | 19,000/- | 6,000/- +18% GST |

1. Available of Bid document in Govt. portal from dt.11.01.2023 to 25.01.2023 up to 5.00 PM.
2. Last date of on-line submission of tender in the portal is dt. 25.01.2023 up to 5.00 PM.
3. Date of opening of Technical Bid is dt 27.01.2023 at 11.00 AM.

All other details can be seen from DTCN available at Govt. website www.tendersorissa.gov.in. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0191/2223 **CGM (Civil)**

**DIRECTORATE OF AYUSH**
**(Ayurveda, Yoga & Naturopathy, Unani, Siddha & Homoeopathy)**
**Department of Health & Family Welfare, Govt. of Odisha**
**Heads of Department Building, 3rd Floor (Annex), Unit - 5, Bhubaneswar - 751001**
**Tel.: 0674-2394577, FAX: 0674-2391180**
**Email: directorayushodisha@gmail.com, Web: www.ayushodisha.nic.in**

**CORRIGENDUM TO ADVERTISEMENT**

**No. IV-E-AT-02/2014 (Pt.II)-205/DAYUSH** **Dated: 07 Jan. 2023**

**Sub.: Admission into Post Graduate M.D. (Hom.) Course at Dr. Abhin Chandra Homoeopathic Medical College & Hospital, Bhubaneswar for the Session 2022-23**

No. E-810: With reference to the Advertisement bearing No. IV-E-AT-02/2014(Pt.II)-10148/DAYUSH, Dt.28.12.2022 published on the Odia dailies namely “The Samaj” and “Dharitri” and English daily “New Indian Express” on 03.01.2023 on the above subject, the details of seats along with its category for reservation for admission into Post Graduate M.D. (Hom.) Course at Dr. A.C. Homoeopathic Medical College & Hospital, Bhubaneswar for the Session 2022-23 mentioned in the first paragraph of the above advertisement is substituted and may be read as under.

**Dr. Abhin Chandra Homoeopathic Medical College & Hospital, Bhubaneswar**

| Sl. No. | Name of the Subject | No. of Seats | State Quota | | | All India Quota (AIQ) |
|---|---|---|---|---|---|---|
| | | | General | In Service Candidate (General) | EWS | General |
| 01 | Materia Medica | 04 (Four) | 01 | 01 | 01 | 01 |

(The counseling for the AIQ seat shall be done by the AACCC, Ministry of AYUSH)
The other terms and conditions published in the Advertisement bearing No. IV-E-AT-02/2014 (Pt.II)-10148/DAYUSH, Dt.28.12.2022 remain unaltered.
The revised prospectus containing the above modification has been floated in the website **https://drachmch.nic** of Dr. Abhin Chandra Homoeopathic Medical College & Hospital, Bhubaneswar which can be downloaded for the purpose.

**Sd./- Director, AYUSH-cum-Chairman**
**P.G. Selection Committee**
**OIPR-10056/11/0010/2223**

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA SAMANTAPUR, BHUBANESWAR - 13**
**TENDER CALL NOTICE**
**No. PPS-55/22/88/CHSE**
**Bhubaneswar dated the 6th January, 2023**

No.n-85: Sealed tenders are hereby invited from the intending paper mills/waste paper dealers, registered under the GST Act to carry out waste paper business and having, Income Tax Permanent Account Number to purchase the stock of used anser books and waste papers of the Council only for the purpose of pulp making paper recycling. The approximate quantity of stock as well as up-set price of the respective items is given below:

| Sl. No. | Items to be Disposed-off | Approximate Quantity of Stock | Up-set Price per M.T. |
|---|---|---|---|
| 1. | Used Answer Books | 90 MT | Rs.26,565/- |
| 2. | Waste Paper | 05 MT | Rs.20,460/- |

The last date and time of submission of tenders is 27.01.2023 at 02.00 P.M. which shall be opened on the same day (27.01.2023) at 04.00 P.M. in presence of the tenderer present, if any. The detail tender documents along with the terms and conditions, tender format, etc., can be donwloaded from the Council website i.e. **www.chseodisha.nic.in**. Council reserves the right to reject any or all tenders without assigning any reason thereof.

By Order of the Chairman
**Sd./- Secretary**
**OIPR-11003/11/0013/2223**



# ନବଦିଗନ୍ତ

ଅଭିଲାଷ


ରାକେଶ

**ନୂଆବର୍ଷ ଆରମ୍ଭ ସହିତ ମନରେ ବି ଅସୁମାରି ସ୍ୱପ୍ନ। ସଫଳ କ୍ୟାରିୟର ଗଢ଼ି ନିଜକୁ ରୋଜଗାରକ୍ଷମ କରିବାକୁ ଏକ ନୂଆ ସଂକଳ୍ପ। ଆଉ ଏହା ସେହିମାନଙ୍କ କ୍ଷେତ୍ରରେ ସାକାର ହୁଏ ଯାହା ପାଖରେ ଥାଏ ଗଭୀର ନିଷ୍ଠା, ଦୃଢ଼ ମନୋବଳ ଓ ଅବିରତ ପ୍ରଚେଷ୍ଟା। ତେବେ ନିଜ ଉଦ୍ୟମ ବଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଯୁବସମାଜ ପାଇଁ ପ୍ରେରଣା ସାଜିଥିବା କେତେଜଣ ଯୁବ ଉଦ୍ୟୋଗୀଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...**

ରୋଜଗାରକ୍ଷମ ହେବାକୁ କିଏବା ନ ଚାହେଁ! ହେଲେ ଅଧିକ ପାଠ ପଢ଼ି ଭଲ ଚାକିରି କରିବା ହିଁ ଯୁବପିଢ଼ିଙ୍କ ପାଇଁ ରୋଜଗାର କରିବାର ଏକମାତ୍ର ବଳିଷ୍ଠ ମାଧ୍ୟମ ; ଏହାକୁ ନେଇ ଅନେକଙ୍କ ମନରେ ଥିବା ଭାବନାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି ସେମାନେ। ଆଉ ନିଜ ଉଦ୍ୟମ ବଳରେ ରୁଚି ରଖୁଥିବା ବିଭିନ୍ନ ଦିଗରେ ସଫଳତା ସାଉଁଟି ସେମାନେ ସାଜିଛନ୍ତି ଯୁବସମାଜ ପାଇଁ ପ୍ରେରଣା। ଖାଲି ଏତିକି ନୁହେଁ, ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରକ୍ଷମ ହେବାର ଦେଇଛନ୍ତି ସୁଯୋଗ। ସେହିଭଳି କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କ ସମ୍ପର୍କରେ...

## ଉଦ୍ୟମ ହିଁ ସଫଳତାର ଚାବିକାଠି

ସୁନ୍ଦର ତଥା ଆକର୍ଷଣୀୟ ହୋମ୍ ଡିଜାଇନ୍ କରିବାରେ ରହିଛି ତାଙ୍କର ବିଶେଷ ଦକ୍ଷତା। ଯେଉଁଥିପାଇଁ ସେ ଖୁବ୍ କମ୍ ବୟସରୁ ଏ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ହୋଇପାରିଛନ୍ତି ସକ୍ଷମ। ସେ ହେଉଛନ୍ତି କଟକ ବାସିନ୍ଦା ରଞ୍ଜିତା ମହାପାତ୍ର ଏବଂ ବରୁଣ କୁମାର ପତିଙ୍କ ପୁଅ ଅଭିଲାଷ। ମାତ୍ର ୧୫ ବର୍ଷ ବୟସରୁ ସେ ନିଜ ଫ୍ୟାମିଲି ବିଜ୍‌ନେସ୍‌ରେ ଯୋଗଦେବାକୁ ମନ ବଳାଇଥିଲେ। ଗ୍ରାଜୁଏଶନ୍ ପଢ଼ା ପରେ ସେ ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ହେଲେ ନିଜର ନୂଆ ଘର ତିଆରି ହେବା ବେଳେ ସେ ଏହାର ଉଭୟ ଆଉଟର ଏବଂ ଇଣ୍ଟେରିଅର ଡିଜାଇନ୍ ପ୍ରସ୍ତୁତ କରିଥିଲେ, ଯାହାକି ସମ୍ପୂର୍ଣ୍ଣ ହେବା ପରେ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସଭିଙ୍କ ପ୍ରଶଂସା ତାଙ୍କୁ ଏକ ନୂଆ ଦିଗ ଆଡ଼କୁ ମୁହାଁଇଥିଲା। ଦୃଢ଼ ଇଚ୍ଛା ଓ ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି ବିଶ୍ୱାସ ରଖୁଥିବା ଅଭିଲାଷ କାହା ଅଧୀନରେ କାର୍ଯ୍ୟ ନ କରି ନିଜସ୍ୱ ଏକ ସଂସ୍ଥା ଆରମ୍ଭ କରିବାକୁ ମନସ୍ଥ କଲେ। ଆଉ ୨୦୧୭ରେ ପ୍ରତିଷ୍ଠା କଲେ ଇଣ୍ଟେରୋ ହବ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ। ମାତ୍ର ୧୨ ହଜାର ଟଙ୍କା ରେଜିଷ୍ଟ୍ରେଶନ୍ ଫି ଦେଇ ଆରମ୍ଭ କରିଥିବା ତାଙ୍କର ଏହି ସଂସ୍ଥାରେ ବର୍ତ୍ତମାନ ବାର୍ଷିକ ଆୟ ପ୍ରାୟ ୨.୫ କୋଟିରେ ପହଞ୍ଚିପାରିଛି। ନିଜ ସଂସ୍ଥା ମାଧ୍ୟମରେ ସେ ବର୍ତ୍ତମାନ ସୁଦ୍ଧା ୬ ଜଣ ସହଯୋଗୀଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତ କରିପାରିଛନ୍ତି। ଆଗକୁ ସେ ନିଜ ସଂସ୍ଥାରେ ଆହୁରି ଅନେକ କର୍ମଚାରୀଙ୍କୁ ରୋଜଗାରର ମାଧ୍ୟମ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ କଟକ ଏବଂ ଭୁବନେଶ୍ୱରରେ ତାଙ୍କର ଅଫିସ ଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ଲାଟେଷ୍ଟ ଇଣ୍ଟେରିଅର ଡିଜାଇନ୍, ହୋମ୍ ପ୍ଲାନ୍ ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ତେବେ ନିଜ ସମସ୍ତ ସଫଳତା ପଛରେ ଅଭିଭାବକଙ୍କ ପ୍ରୋତ୍ସାହନ ସହ ପତ୍ନୀ ତଥା ନିଜ କମ୍ପାନୀର କୋ-ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିବା ଇଶାନୀ ପତିଙ୍କ ସହଯୋଗ ରହିଥିବା ପ୍ରକାଶ କରନ୍ତି।

## ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ଲକ୍ଷ୍ୟ

ନୂଆ ନୂଆ ସ୍ଥାନ ବୁଲିବା ତାଙ୍କର ରୁଚି। କୌଣସି ଭଲ ସ୍ଥାନ ଦେଖିଲେ, କ'ଣ ସବୁ ସୁବିଧା ଉପଲବ୍ଧ ରହିଲେ ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବାକୁ ଆକୃଷ୍ଟ ହେବେ ସେ ଯୋଜନା ତାଙ୍କ ମନକୁ ବାରମ୍ବାର ଆସେ। ବାସ୍ ଏହି ଭାବନାକୁ ସେ ନିଜସ୍ୱ ଉଦ୍ୟମରେ ଜୀବନ୍ତ ରୂପ ଦେଇ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ସେ ହେଉଛନ୍ତି ଓ୍ୱଣ୍ଡର ଲଷ୍ଟର ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଓଡ଼ିଶାଭିତ୍ତିକ ପର୍ଯ୍ୟଟନ କମ୍ପାନୀର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ସୌରଭ ସ୍ୱପ୍ନିଲ ଦତ୍ତ। ପାଠପଢ଼ା ସମୟରୁ ପାହାଡ଼ ଚଢ଼ିବା, ନଈରେ ପହଁରିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରିବାରେ ତାଙ୍କୁ ମିଳେ ଆନନ୍ଦ। ବୟସ ବଢ଼ିବା ସହ ଧୀରେ ଧୀରେ ଏହା ତାଙ୍କର ନିଶା ପାଲଟିଗଲା ଏବଂ ମାତ୍ର ୧୮ ବର୍ଷ ବୟସରେ ହିଁ ସେ ଏକ ସଂସ୍ଥା ଆରମ୍ଭ କଲେ। ଆଉ ଏହା ସାହାଯ୍ୟରେ କେବଳ ନିଜେ ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ଏଭଳି ରୋମାଞ୍ଚକର ଅନୁଭୂତି ସାଉଁଟିବାର ସୁଯୋଗ ଦେବାକୁ ଅଣ୍ଟା ଭିଡ଼ିଲେ। ନିଜର ନିଆରା ରୁଚିକୁ ପୂରଣ କରିବା ସହ ନିଜ ସଂସ୍ଥାର ଅଧିକ ଉନ୍ନତି ଲାଗି ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜ୍‌ମେଣ୍ଟରେ ଟୁରିଜମ୍ ମ୍ୟାନେଜମେଣ୍ଟ ସମାପ୍ତ କଲେ। ଏହାପରେ ୨୦୨୦ରେ ନିଜସ୍ୱ କମ୍ପାନୀ ପ୍ରତିଷ୍ଠା କଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଓଡ଼ିଶାର ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀକୁ ଲୋକଲୋଚନକୁ ଆଣିବା ଏବଂ ସେଠାରେ ପର୍ଯ୍ୟଟକ ଓ ଯୁବଗୋଷ୍ଠୀଙ୍କ ବଜେଟକୁ ସୁହାଇଲା ଭଳି ସମସ୍ତ ସେବା ଉପଲବ୍ଧ କରାଇବା। ସେଥିପାଇଁ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଓ ପୁରୀ ଜିଲାର ରାମଚଣ୍ଡୀଠାରେ ସେ ୨ଟି କ୍ୟାମ୍ପସ୍ ସାଇଟ୍ ପରିଚାଳନା କରୁଛନ୍ତି। ଜନଗହଳିଠାରୁ ଦୂରରେ ଏହି ୨ଟି କ୍ୟାମ୍ପସ୍ ସାଇଟ୍ ପର୍ଯ୍ୟଟକଙ୍କୁ ପ୍ରକୃତିର ନିକଟତର କରିବା ସଙ୍ଗେ ସଙ୍ଗେ ଟେଣ୍ଟରେ ରହିବା, ବର୍ନ ଫାୟାରର ମଜା ନେବା ଏବଂ ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ପ୍ରକୃତିକୁ ଉପଭୋଗ କରିବାରେ ଏକ ନିଆରା ଅନୁଭୂତି ପ୍ରଦାନ କରୁଛି। ନିଜ ମା'ବାପା (ସୌଭାଗ୍ୟଲକ୍ଷ୍ମୀ ଏବଂ ସରୋଜ କୁମାର ଦତ୍ତ)ଙ୍କୁ ପ୍ରେରଣାର ଉତ୍ସ ମାନୁଥିବା ସୌରଭ ଭୋକାଲ୍ ଫର୍ ଲୋକାଲ୍ ସ୍ଲୋଗାନ୍‌କୁ ଯଥାର୍ଥ କରି ଆମେ ଆମର କ୍ୟାମ୍ପସ୍ ସାଇଟ୍‌ରେ ସ୍ଥାନୀୟ ଶିକ୍ଷିତ ଏବଂ କୁଶଳୀ ଯୁବତୀ ଯୁବକମାନଙ୍କୁ ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିଛନ୍ତି। ସ୍ଥାୟୀ ରୂପେ ୬ଜଣ ଯୁବକ ଏବଂ ଚୁକ୍ତିଭିତ୍ତିରେ ୬ଜଣ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ ଅନୁସୂଚିତ ଜନଜାତିର ଅଟନ୍ତି। ଏହାଛଡ଼ା ସେ ସ୍ଥାନୀୟ କ୍ଷୁଦ୍ରଚାଷୀମାନଙ୍କୁ ନେଇ ଜୈବିକ ପ୍ରଣାଳୀରେ ପ୍ରସିଦ୍ଧ କନ୍ଧମାଳ ହଳଦୀ ଓ ଅନ୍ୟାନ୍ୟ ଋତୁଭିତ୍ତିକ ପନିପରିବା ଚାଷ କରାଉଛନ୍ତି। ଏହାଦ୍ୱାରା କ୍ଷୁଦ୍ର ଚାଷୀମାନେ ଉପକୃତ ହେବା ସହ ଜୈବ ଉତ୍ପାଦମାନଙ୍କର ଚାହିଦା ବୃଦ୍ଧି ହେଉଛି। ସ୍ଥାନୀୟ ନୃତ୍ୟ, ସଙ୍ଗୀତ ଏବଂ କଳାକୁ ମଧ୍ୟ ସେ ପ୍ରୋତ୍ସାହିତ କରିଆସୁଛନ୍ତି ; ଯାହାକି ଏହି କଳାକୁ ଉଜ୍ଜୀବିତ ରଖିବା ସହ କଳାକାରମାନଙ୍କୁ କିଛି ମାତ୍ରାରେ ଜୀବିକା ନିର୍ବାହରେ ସହାୟକ ହୋଇପାରୁଛି।




ସୌରଭ

## ଅନ୍ୟକୁ ରୋଜଗାର ଯୋଗାଇବାର ଆନନ୍ଦ ନିଆରା

ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ ରୋଜଗାର ଯୋଗାଇ ଦେବାକୁ ସର୍ବଦା ପ୍ରଚେଷ୍ଟା କରି ଆସିଛନ୍ତି ସେ। ଆଉ ଅହରହ ଉଦ୍ୟମ ବଳରେ ଆଜି ନିଜର ଏହି ସ୍ୱପ୍ନକୁ ସଫଳ କରାଇ ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି କଟକ ଚୌଦ୍ୱାର ଅଞ୍ଚଳରେ ରହୁଥିବା ଶାନ୍ତିଲତା ଏବଂ ନନ୍ଦକିଶୋର ସାହୁଙ୍କ ପୁଅ ରାକେଶ କୁମାର। ଆଜିର ବ୍ୟସ୍ତବହୁଳ ସମୟରେ ସୁସ୍ଥ ରହିବା ଲାଗି ଏକ୍ସରସାଇଜ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିପାଇଁ ଅନେକେ ଜିମ୍ ଉପରେ ନିର୍ଭର କରୁଛନ୍ତି। ତେଣୁ ଦିନକୁ ଦିନ ପ୍ରତିଟି ଛୋଟ ବଡ଼ ସହରରେ ଜିମ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଆଖିଆଗରେ ରଖି ୨୦୧୨ରେ ରାକେଶ ପ୍ରତିଷ୍ଠା କଲେ ମହାବୀର ଜିମ୍ ଇଣ୍ଡଷ୍ଟ୍ରୀ ; ଯେଉଁଥିରେ ସେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଜିମ୍‌ରେ ବ୍ୟବହୃତ ଉପକରଣ ନିର୍ମାଣ କରୁଛନ୍ତି। ବର୍ତ୍ତମାନ ତାଙ୍କ ଉପକରଣଗୁଡ଼ିକ କେବଳ କଟକ, ଭୁବନେଶ୍ୱର କିମ୍ବା ଓଡ଼ିଶାର ବିଭିନ୍ନ ସ୍ଥାନ ବ୍ୟତୀତ ପଞ୍ଜାବ, ଛତିଶଗଡ଼, ରାଞ୍ଚି ଏବଂ ବାଂଲାଦେଶରେ ମଧ୍ୟ ବିକ୍ରି ହେବାକୁ ଯାଉଛି। ତେବେ ମାତ୍ର ୧ ଲକ୍ଷ ଟଙ୍କା ବ୍ୟୟ କରି ଆରମ୍ଭ କରିଥିବା ତାଙ୍କର ଏହି ଇଣ୍ଡଷ୍ଟ୍ରୀ ବର୍ତ୍ତମାନ ୩୦ କୋଟିରେ ପହଞ୍ଚିପାରିଛି। ନିଜ ଇଣ୍ଡଷ୍ଟ୍ରୀରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ରୋଜଗାରର ପନ୍ଥା ଯୋଗାଇ ପାରିଥିବାରୁ ବେଶ୍ ଆତ୍ମସନ୍ତୋଷ ଲାଭ କରିଥିବା ପ୍ରକାଶ କରନ୍ତି ରାକେଶ।

– ପୌର୍ଣ୍ଣମାସୀ

ୟୁଥ୍ କ୍ଲବ୍

# ସମାଜଧର୍ମୀ କାର୍ଯ୍ୟ ଦେଉଛି ଆତ୍ମସନ୍ତୋଷ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍‌ର ୨୦ ଜଣ ଯୁବକ ସ୍ଥାନୀୟ ଅଞ୍ଚଳର ସାମାଜିକ ବିକାଶ ସହ ଉନ୍ନତି ଲକ୍ଷ୍ୟରେ ୨୦୧୭ ମସିହାରେ ଗଠନ କରିଥିଲେ 'ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ'। ସେବେଠୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବିଭିନ୍ନ ଅଞ୍ଚଳକୁ ସଫାସୁତୁରା କରିବା, ସେଠାରେ ଅନୁଷ୍ଠିତ ଅନେକ ଯାନିଯାତ୍ରାରେ ଜନଗହଳିକୁ ଦୃଷ୍ଟି ଦେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବ୍ୟାପକ ବୃକ୍ଷରୋପଣ, ଜଳ ସଂରକ୍ଷଣ ଉପରେ ସେମିନାର, ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିଆସୁଛି। ସଦସ୍ୟମାନଙ୍କ ଏଭଳି ସମାଜଧର୍ମୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅନେକ ଯୁବତୀଯୁବକ ଏଥିରେ ଯୋଗଦେବାକୁ ଆଗେଇ ଆସିଛନ୍ତି। ତେବେ ୧୦ଜଣ ସଦସ୍ୟଙ୍କୁ ନେଇ ଅନୁଷ୍ଠାନର ପରିଚାଳନା କମିଟି ଗଠନ ହୋଇଥିବା ବେଳେ ବର୍ତ୍ତମାନ ସଦସ୍ୟ ସଂଖ୍ୟା ୩୫ରେ ପହଞ୍ଚିଛି। ଇତିମଧ୍ୟରେ ଅନୁଷ୍ଠାନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡ଼ା, ରାଣୀପଡ଼ା, ଢୋଲମରା ପଞ୍ଚାୟତର ବରପଲ୍ଲୀ, ବାଣପୁର ପଞ୍ଚାୟତର ଚୈତନ୍ୟପୁର, ବାଇଗୁଣିଆ ଆଦି ଅଞ୍ଚଳରେ ୧୬ଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇସାରିଛି। ଗତ ବିଶ୍ୱ ମହିଳା ଦିବସ ଅବସରରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜବ୍ ଆଶାୟୀ ପ୍ରାର୍ଥୀଙ୍କୁ ବିଭିନ୍ନ ସହଯୋଗ ଯୋଗାଇ ଦିଆଯାଇଥିଲା। ଏହା ବ୍ୟତୀତ ଅନେକ ସମୟରେ କୁଇଜ୍ ପ୍ରତିଯୋଗିତା, ଫୁଟ୍‌ବଲ ଓ ଭଲି ଟୁର୍ନାମେଣ୍ଟ ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଉଛି। ଗତ ୧୬ ତାରିଖରେ ପଠାଣି ସାମନ୍ତ ଜୟନ୍ତୀ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସହର ପରିକ୍ରମା କରାଯାଇ ବିଭିନ୍ନ କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରିବା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସଭାପତି ଜୟରାମ ଦାସ କୁହନ୍ତି, "ଆରମ୍ଭରୁ କୌଣସି ସରକାରୀ ଅନୁଦାନ ନ ମିଳିଥିଲେ ହେଁ ସଦସ୍ୟମାନେ ନିଜ ନିଜ ମଧ୍ୟରେ ଚାନ୍ଦା ସଂଗ୍ରହ କରି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଆସୁଛୁ। ଆମ ଦ୍ୱାରା ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ମଙ୍ଗଳ ହୋଇ ପାରୁଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।" ତେବେ ପ୍ରଥମଥର ପାଇଁ ଅନୁଷ୍ଠାନକୁ ସ୍ପୋର୍ଟ୍ସ ଆକ୍ଟିଭିଟି ଏବଂ କ୍ୟାରିୟର ମେଳା ପାଇଁ ଗତ ବର୍ଷ ୧୮ ହଜାର ଓ ୧୫ ହଜାର ଟଙ୍କା ମିଳିଥିବାରୁ ଆମେ ବେଶ୍ ଖୁସୀ ଏବଂ ଏହା ଆମକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇବ ବୋଲି ସମ୍ପାଦକ ମହେନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ଭବିଷ୍ୟତରେ ଅନୁଷ୍ଠାନକୁ ବୃଦ୍ଧି କରାଇବା ସହ ଅଧିକରୁ ଅଧିକ ସମାଜଧର୍ମୀ କାର୍ଯ୍ୟ କରି ଜନସାଧାରଣଙ୍କ ସହାୟତା କରିବା ଅନୁଷ୍ଠାନର ଲକ୍ଷ୍ୟ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।


'ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ'ର ସଦସ୍ୟମାନେ।

– ଅଜୟ କୁମାର ମହାରଣା

## ଏ ସପ୍ତାହର ପ୍ରଶ୍ନ

୧– ଭାରତ-ଆମେରିକା ଜଏଣ୍ଟ ମିଲିଟାରୀ ଏକ୍ସରସାଇଜ୍ 'ଯୁଦ୍ଧ ଅଭ୍ୟାସ-୨୦୨୨' .......... ରାଜ୍ୟରେ ଅନୁଷ୍ଠିତ ହେବ?
୨– ସେଣ୍ଟର ଫର୍ ପଲିସି ଆନାଲିସିସ୍ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଗ୍ଲୋବାଲ୍ ମାଇନରିଟି ଇଣ୍ଡେକ୍ସରେ ପ୍ରଥମ ସ୍ଥାନରେ ଥିବା ଦେଶ .......... ?
୩– ସେଣ୍ଟ୍ରାଲ୍ ଆଡପ୍‌ସନ ରିସୋର୍ସ ଅଥରିଟି ଦ୍ୱାରା ................ ମାସକୁ ଆଡପ୍‌ସନ ଆୱାରନେସ୍ ମନ୍ଥ ଭାବେ ପାଳନ କରାଯାଉଛି ?
୪– ମନିଷା ରାମଦାସ ଜଣେ ଜଣାଶୁଣା .......... ଖେଳାଳି ?
୫– ଏ ପ୍ଲେସ୍ କଲ୍‌ଡ ହୋମ୍ ପୁସ୍ତକ .......... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ୟୁନାଇଟେଡ୍ ନେଶନ୍ସ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍
୨ ମାଡ୍ରାସ୍
୩ କ୍ରିକେଟ
୪ ନାସା
୫ ଅତୁଲ କୁମାର ଗୁପ୍ତା

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ଭୁବନାନନ୍ଦ ରାଉତ, କଟକ

## ଟପ୍ ୧୦

### ସର୍ବାଧିକ ପ୍ଲାଷ୍ଟିକ୍ ରପ୍ତାନି କରୁଥିବା ଦେଶ




| | | |
|---|---|---|
| ୧– | ଚାଇନା | ୧୯.୫ ବିଲିଅନ୍ ଡଲାର |
| ୨– | ଜର୍ମାନୀ | ୯.୯ ବିଲିଅନ୍ ଡଲାର |
| ୩– | ଆମେରିକା | ୭.୨ ବିଲିଅନ୍ ଡଲାର |
| ୪– | ଇଟାଲୀ | ୩.୩ ବିଲିଅନ୍ ଡଲାର |
| ୫– | ଫ୍ରାନ୍ସ | ୩ ବିଲିଅନ୍ ଡଲାର |
| ୬– | ପୋଲାଣ୍ଡ | ୨.୩ ବିଲିଅନ୍ ଡଲାର |
| ୭– | ନେଦରଲାଣ୍ଡ | ୨.୨ ବିଲିଅନ୍ ଡଲାର |
| ୮– | ଜାପାନ | ୨.୨ ବିଲିଅନ୍ ଡଲାର |
| ୯– | ଜେକ୍ ରିପବ୍ଲିକ୍ | ୨ ବିଲିଅନ୍ ଡଲାର |
| ୧୦– | ମେକ୍ସିକୋ | ୨ ବିଲିଅନ୍ ଡଲାର |

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ୟୁଥ୍ ଆଲର୍ଟ

# ଓଜନ କମାଉଥିଲେ

**ମୋଟା ଫିଗର ଯେମିତି ପର୍ସନାଲିଟିରେ ଆଞ୍ଚ ଆଣିଥାଏ। ଯେଉଁଥିପାଇଁ ଓଜନ କମାଇବା ଲାଗି ଅନେକେ ବିଭିନ୍ନ ଉପାୟ ଆପଣାଉଛନ୍ତି। ହେଲେ କେହିକେହି ସୁଫଳ ପାଇବା ବଦଳରେ ଏହାର ନକାରାତ୍ମକ ପ୍ରଭାବର ଶିକାର ମଧ୍ୟ ହେଉଛନ୍ତି। ତେଣୁ ଓଜନ କମାଉଥିଲେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବେ, ଜାଣିରଖନ୍ତୁ ସେ ସମ୍ପର୍କରେ ...**



➤ଅନେକେ ଭାବନ୍ତି ଅଧିକ ମୋଟା ଲାଗୁଥିବା ଶରୀରର କୌଣସି ନିର୍ଦ୍ଦିଷ୍ଟ ଭାଗ ଯେମିତିକି ପେଟ, ଅଣ୍ଟା, ଜଙ୍ଘ ଆଦି ପତଳା ହୋଇଗଲେ ଓଜନ ହ୍ରାସ ହୋଇଯିବ। ଆଉ ଏଥିପାଇଁ ସେମାନେ କେବଳ ସେହି ନିର୍ଦ୍ଦିଷ୍ଟ ଭାଗ ଲାଗି ଏକ୍ସରସାଇଜ୍ କରିଥାଆନ୍ତି। ହେଲେ ସ୍ଲିମ୍ ଫିଟ୍ ରଖିବା ଲାଗି ଏକ୍ସପର୍ଟଙ୍କ ପରାମର୍ଶ କ୍ରମେ ସମ୍ପୂର୍ଣ୍ଣ ଶରୀର ଲାଗି ବ୍ୟାୟାମ ଆବଶ୍ୟକ।

➤ବର୍ତ୍ତମାନ ଓଜନ କମାଇବା ଲାଗି ଅଧିକାଂଶ ବ୍ରେକ୍‌ଫାଷ୍ଟ ବଦଳରେ ବିଭିନ୍ନ ଫୁଡ୍ ସପ୍ଲିମେଣ୍ଟ କିମ୍ବା ଡ୍ରିଙ୍କ୍ସ ଉପରେ ନିର୍ଭର କରୁଛନ୍ତି, ଯାହାକି ଇନ୍‌ଷ୍ଟାଣ୍ଟ ରେଜଲ୍ଟ ମଧ୍ୟ ଦେଉଛି। ହେଲେ ପରବର୍ତ୍ତୀ ସମୟରେ ଏହାଦ୍ୱାରା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ତା'ଛଡ଼ା ଫ୍ୟାଟ୍ କଟର ଭାବେ ବିକ୍ରି ହେଉଥିବା ଏହି ପ୍ରୋଟିନ୍ ପାଉଡର ବି କେବେ କେବେ ଓଜନ ବୃଦ୍ଧି କରିଥାଏ। ତେଣୁ ଏସବୁ ବଦଳରେ ଖାଦ୍ୟପେୟରେ ନିୟନ୍ତ୍ରଣ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ମନେରଖନ୍ତୁ, ଓଜନ କମାଇବା ଲାଗି ମନଇଚ୍ଛା କୌଣସି ଖାଦ୍ୟ କମାଇବା ପରିବର୍ତ୍ତେ ଡାଏଟିଂ କରୁଥିଲେ କୌଣସି ଏକ୍ସପର୍ଟ, ଡାଏଟିସିଆନ୍ କିମ୍ବା ନ୍ୟୁଟ୍ରେସନିଷ୍ଟଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ।

➤ଖାଲି ପେଟରେ ଅଧିକ ସମୟ ରହିଲେ ଓଜନ କମିଥାଏ ବୋଲି ଅନେକେ ଭାବନ୍ତି। ହେଲେ ଏହାଦ୍ୱାରା ଓଜନ ହ୍ରାସ ହେବା ପରିବର୍ତ୍ତେ ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଉପୁଜିଥାଏ। ତା'ଛଡ଼ା ମେଟାବଲିଜମ୍ ସ୍ତର କମିବା ସହ କ୍ୟାଲୋରି ବର୍ନ ଲାଗି ଶରୀରକୁ ଆବଶ୍ୟକ ଶକ୍ତି ମଧ୍ୟ ମିଳିପାରେ ନାହିଁ। ଫଳରେ ଦୁର୍ବଳ ଲାଗିଥାଏ। ତେବେ ଏହାର ଆଉ ଏକ ଅସୁବିଧା ହେଉଛି ଗୋଟିଏ ସମୟର ଖାଦ୍ୟ ନ ଖାଇବା ଦ୍ୱାରା ପରବର୍ତ୍ତୀ ସମୟରେ ଅଧିକ ଭୋକ ଲାଗିବାରୁ ଆବଶ୍ୟକତାଠାରୁ ଅଧିକ ଖାଇ ହୋଇଯାଏ, ଯାହାକି ଓଜନ ବୃଦ୍ଧିର କାରଣ ସାଜିଥାଏ।

➤ଓଜନ କମାଇବା ଲାଗି ସଠିକ ଖାଦ୍ୟ ଖାଇବା ସହ ପ୍ରତିଦିନ ଏକ୍ସରସାଇଜ୍ କରନ୍ତୁ। ଅର୍ଥାତ୍ ଖାଦ୍ୟରେ ଯେତିକି ପରିମାଣରେ କ୍ୟାଲୋରି ଶରୀରକୁ ଯାଉଛି, ତା'ଠାରୁ ଅଧିକ କ୍ୟାଲୋରି ବର୍ନ ପାଇଁ ଏକ୍ସରସାଇଜ୍ କରନ୍ତୁ। ଜିମ୍‌ରେ ହେଉ ଅବା ଘରେ ଏକ୍ସରସାଇଜ୍ କରିବା ପୂର୍ବରୁ ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।



ହକି ବିଶ୍ୱକପ୍ ଖେଳିବା ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ଜର୍ମାନୀ ଦଳ।

# ଓଡ଼ିଶା ଦଳ ପାଇଁ ଚୟନ ଶିବିର ୧୧ରେ

**ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ**

ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଦ୍ୱାଦଶ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍-୨୦୨୩ ଜାନୁୟାରୀ ୨୭ରୁ ୨୯ ପର୍ଯ୍ୟନ୍ତ ଗୁଜରାଟର ନାଡ଼ିଆଡରେ ଅନୁଷ୍ଠିତ ହେବ। ୧୯ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ଶିବିର ଜାନୁୟାରୀ ୧୧ରେ ଅନୁଷ୍ଠିତ ହେବ। ପୁରୀ ଜିଲା ସାକ୍ଷୀଗୋପାଳର ୟୁଜିସିଏମ୍ ଗ୍ରାଉଣ୍ଡରେ ଜୁନିୟର ଓ ସବ୍‌ଜୁନିୟର ବୟସ ବର୍ଗର ଖେଳାଳିଙ୍କ ଚୟନ ପ୍ରକ୍ରିୟା କରାଯିବ। ଚୟନ ଶିବିର ପ୍ରଦର୍ଶନ ଆଧାରରେ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଚୟନ କରାଯିବ। ଏଥିରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି ଯଥା (ଚକ୍ଷୁର ଭିନ୍ନକ୍ଷମ, ମାନସିକ ଭିନ୍ନକ୍ଷମ, ଗୋଡ ଭିନ୍ନକ୍ଷମ, ହାତ ଭିନ୍ନକ୍ଷମ ଓ କମ୍ ଉଚ୍ଚତା ବିଶିଷ୍ଟ ଭିନ୍ନକ୍ଷମ) ଖେଳାଳି ଭାଗନେଇ ପାରିବେ।

# ହକି ବିଶ୍ୱକପ୍ ପାଇଁ ସାଇକେଲ ରାଲି, ପଦଯାତ୍ରା



ହକି ବିଶ୍ୱକପ୍ ପାଇଁ ପଦଯାତ୍ରା।

ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ ଏକାମ୍ର ମହାବିଦ୍ୟାଳୟର ଛାତ୍ରୀ ଓ ଛାତ୍ରମାନଙ୍କ ଦ୍ୱାରା ସାଇକେଲ ରାଲି ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ସାଇକେଲ ରାଲିରେ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ରାଲି ପୁନାମାଗେଟ୍‌ଠାରୁ ଆରମ୍ଭ ହୋଇ ଓଭରବ୍ରିଜ ପର୍ଯ୍ୟନ୍ତ ଯାଇଥିଲା। ଶନିବାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ମହାବିଦ୍ୟାଳୟ ପରିସରରୁ ବାହାରି ପୋଖରୀପୁଟ୍ ବିଡିଏ କଲୋନୀ ପର୍ଯ୍ୟନ୍ତ ଯାଇ ଫେରିଥିଲା। ଏଥିରେ ବିଶ୍ୱକପ୍ ହକିରେ ଭାରତର ବିଜୟ ପାଇଁ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇଥିଲେ। ପଦଯାତ୍ରାର ନେତୃତ୍ୱ ନେଇଥିଲେ ଅଧ୍ୟକ୍ଷା ତଥା ପ୍ରଫେସନର କ୍ରିଷ୍ଣା ମହାନ୍ତି।

# ତୃତୀୟ ଟାଇଟଲ ଲକ୍ଷ୍ୟରେ ଜର୍ମାନୀ

ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର-ରାଉରକେଲାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ୨୦୨୩ରେ ଅଂଶଗ୍ରହଣ କରିବା ପାଇଁ ଶନିବାର ଭୁବନେଶ୍ୱରରେ ପହଞ୍ଚିଛି ଦୁଇ ଦୁଇ ଥର ବିଶ୍ୱ ଚାମ୍ପିୟନ ଜର୍ମାନୀ। ଓଡ଼ିଶାରେ ଖେଳାଯାଇଥିବା ପୂର୍ବ ସଂସ୍କରଣରେ ଜର୍ମାନୀ ୫ମ ସ୍ଥାନରେ ରହିଥିଲା। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଜର୍ମାନୀ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପୁଲ୍ ବି'ରେ ଜାପାନ, ବେଲଜିୟମ ଏବଂ କୋରିଆ ସହିତ ଜର୍ମାନୀ ସ୍ଥାନ ପାଇଛି। ଜାନୁୟାରୀ ୧୪ ତାରିଖରେ ଜାପାନ ବିପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଦଳ ନିଜର ଅଭିଯାନ ଆରମ୍ଭ କରିବ। ଦଳ ୨୦୦୨ ଓ ୨୦୦୬ରେ କ୍ରମାଗତ ଦୁଇଥର ଚାମ୍ପିୟନ ହୋଇଥିବା ବେଳେ ପୁନର୍ବାର ଏହି ସଫଳତା ଦୋହରାଇବାକୁ ପ୍ରୟାସ କରିବ।





## ଓଡ଼ିଶାରେ ଖେଳିବା ପାଇଁ ଉତ୍ସାହୀ

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍‌କୁ ନେଇ ଖେଳାଳିମାନେ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ଜର୍ମାନୀ ଦଳର ଅଧିନାୟକ ମ୍ୟାଟ୍ସ ଗ୍ରାମ୍ବଶ୍। ୨୦୨୦ ପରେ ଦଳ ନୂତନ କୋଚ ଆଣ୍ଡ୍ରେ ହେନିଙ୍ଗ୍ସଙ୍କ ଅଧୀନରେ କଡା ପରିଶ୍ରମ କରିଛି। ବିଗତ ୮ ମାସ ମଧ୍ୟରେ ନୂଆ କୋଚଙ୍କ ଅଧୀନରେ ଦଳ ୧୮ ମ୍ୟାଚ ଖେଳିଥିବା ବେଳେ ଏଥିରୁ ୧୩ଟିରେ ବିଜୟୀ ହୋଇଛି। ବିଶ୍ୱକପ୍‌ରେ ମଧ୍ୟ ଦଳ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି। ୨୦୧୮ ସଂସ୍କରଣରେ ଦଳ ପଞ୍ଚମ ସ୍ଥାନରେ ଟୁର୍ନାମେଣ୍ଟ ଶେଷ କରିଥିବା ବେଳେ ଚଳିତ ବର୍ଷ ନିଜର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି। ଓଡ଼ିଶାରେ ହକି ଖେଳିବା ସର୍ବଦା ଚ୍ୟାଲେଞ୍ଜପୂର୍ଣ୍ଣ ରହିଥାଏ। ବିଶ୍ୱକପ୍ ପାଇଁ ଦଳର ପ୍ରସ୍ତୁତି ଚମତ୍କାର ରହିଛି। ନିକଟରେ ସ୍ପେନ୍‌ରେ ଅନୁଷ୍ଠିତ ଷଡ଼ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା ବୋଲି କହିଛନ୍ତି ଗ୍ରାମ୍ବଶ୍। ଦଳ ନିଜ ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆଣିବା ସହିତ ତୃତୀୟ ବିଶ୍ୱକପ୍ ହାସଲ କରିବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

## ଡିଫେନ୍ସ ଅଧିକ ସଶକ୍ତ

ଏହି ବୃହତ୍ ଟୁର୍ନାମେଣ୍ଟ ପୂର୍ବରୁ ଜର୍ମାନୀ ଦଳ ଏହାର ପ୍ରସ୍ତୁତି ଜୋରଦାର କରିଛି ବୋଲି କହିଛନ୍ତି କୋଚ୍ ଆଣ୍ଡ୍ରେ ହେନିଙ୍ଗ୍ସ। ପ୍ରସ୍ତୁତି ଶିବିରରେ ରକ୍ଷଣଭାଗ ଖେଳାଳି ସର୍ବାଧିକ ପରିଶ୍ରମ କରିଥିବା ବେଳେ ଦଳ ଉପରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ଟେକ୍‌ନିକ୍ ଦୃଷ୍ଟିରୁ ସମସ୍ତ ଖେଳାଳି ମଧ୍ୟ ବେଶ୍ ସଶକ୍ତ ବୋଲି ହେନିଙ୍ଗ୍ସ କହିଛନ୍ତି। ଦଳର ଖେଳାଳିଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରହିଥିବା ବେଳେ ଆମେ ପ୍ରାରମ୍ଭିକ ଭାବରେ ସେମିଫାଇନାଲ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।

# ଅଷ୍ଟ୍ରେଲିଆର ଆଶା ଉଜ୍ଜୀବିତ



କ୍ଲାସେନଙ୍କ ଉଇକେଟ ନେବାପରେ ପ୍ୟାଟ୍ କୁମିନ୍ସ।

ସିଡ୍‌ନୀ, ୭।୧ (ଏପି)

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ କ୍ରିକେଟ ସିରିଜରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ ଆଶା ଉଜ୍ଜୀବିତ ହୋଇଛି। ଶନିବାର ଥିଲା ଦୁଇ ଦେଶ ମଧ୍ୟରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟର ଚତୁର୍ଥ ଦିବସ। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସ୍ ୪୭୫/୪ ସ୍କୋରରେ ଘୋଷଣା କରିଛି। ଜବାବରେ ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ୬ ଉଇକେଟ ବିନିମୟରେ ୧୪୯ ରନ୍ କରିଛି। ଦଳ ଅଷ୍ଟ୍ରେଲିଆଠାରୁ ଆହୁରି ୩୨୭ ରନ୍ ପଛରେ ରହିଛି। ଏହି ମ୍ୟାଚ୍‌ରେ ଜିତିବାକୁ ହେଲେ ରବିବାର ଅନ୍ତିମ ଦିବସର ତିନୋଟିଯାକ ସେସନରେ ଅଷ୍ଟ୍ରେଲିଆକୁ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସର ଅବଶିଷ୍ଟ ୪ ଉଇକେଟ ଶୀଘ୍ର ଦଖଲ କରିବା ସହ ଫଲୋଅନ ଦେଇ ଦ୍ୱିତୀୟଥର ଅଲ୍‌ଆଉଟ କରିବାକୁ ହେବ। ଏଠାରେ ତୃତୀୟ ଟେଷ୍ଟରେ ବିଜୟ ହାସଲ କରିପାରିଲେ ଇଂଲଣ୍ଡର ଲର୍ଡ୍ସଠାରେ ହେବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରିବ। ବର୍ଷା ଯୋଗୁ ଶୁକ୍ରବାର ଆଦୌ ଖେଳ ସମ୍ଭବ ହୋଇ ନ ଥିଲା। ଶନିବାର ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ମଧ ଖେଳ ହୋଇପାରି ନ ଥିଲା। ଫଳରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଇନିଂସ ଘୋଷଣା କରିବାକୁ ବାଧ ହୋଇଥିଲେ। ଫଳରେ ଉସ୍‌ମାନ ଖ୍ୱାଜା ୧୯୫ ରନ୍ କରି ଅପରାଜିତ ରହିଥିଲେ ଏବଂ ସେ ଅଳ୍ପକେ ଦ୍ୱିଶତକ ହାସଲରୁ ବଞ୍ଚିତ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୫/୪ରେ ଘୋଷଣା (ଉସ୍‌ମାନ ଖ୍ୱାଜା-୧୯୫*, ଷ୍ଟିଭେନ ସ୍ମିଥ୍-୧୦୪, ମାର୍ନସ ଲାବୁସେନ୍- ୭୯, ଟ୍ରାଭିସ୍ ହେଡ୍-୭୦ ; ଏନ୍‌ରିଚ୍ ନୋର୍ଜେ-୨/୫୫, କେଶବ ମହାରାଜ-୧/୧୦୮, କାଗିସୋ ରାବାଡା-୧/୧୧୯)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୫୯ ଓଭରରେ ୧୪୯/୬ (ଖାୟା ଜୋଣ୍ଡୋ-୩୯, ଟେମ୍ବା ବଭୁମା-୩୫ ; ପ୍ୟାଟ କୁମିନ୍ସ-୩/୨୯, ଜୋସ୍ ହାଜ୍‌ଲେଉଡ୍-୨/୨୯)।

# କେନ୍ଦ୍ରାଞ୍ଚଳରୁ ସ୍ଥାନ ପାଇଲେ ଶିବସୁନ୍ଦର

## ଚେତନ ଶର୍ମାଙ୍କ ନେତୃତ୍ୱରେ ଚୟନ କମିଟି



ଚେତନ ଶର୍ମା, ସିଦ୍ଧାର୍ଥ ଶରଥ, ଶିବସୁନ୍ଦର ଦାସ ଓ ସଲିଲ ଅଙ୍କୋଲା।

ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଶନିବାର ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି ନୂତନ ଚୟନ କମିଟି। ଚେତନ ଶର୍ମାଙ୍କୁ ଦ୍ୱିତୀୟ ଥର ପାଇଁ ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ବେଳେ ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ଶିବସୁନ୍ଦର ଦାସଙ୍କୁ କେନ୍ଦ୍ରାଞ୍ଚଳରୁ ଏହି କମିଟିରେ ସାମିଲ କରାଯାଇଛି। ବିଦର୍ଭ ପକ୍ଷରୁ କ୍ୟାରିୟରର ଅନ୍ତିମ ସିଜନ ଖେଳିଥିବା କାରଣରୁ ଶିବସୁନ୍ଦର କେନ୍ଦ୍ରାଞ୍ଚଳର ପ୍ରତିନିଧିତ୍ୱ କରିଛନ୍ତି। ଏହା ପୂର୍ବରୁ ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ମଧ୍ୟ ଚୟନ କମିଟିର ସଦସ୍ୟ ରହିଥିଲେ। ଟି୨୦ ବିଶ୍ୱକପ୍ ବିଫଳତା ପରେ ଚୟନ କମିଟିକୁ ବରଖାସ୍ତ କରାଯିବା ସହିତ ନୂତନ ଚୟନ କମିଟି ପାଇଁ ଆବେଦନ ଗ୍ରହଣ କରାଯାଇଥିଲା। ୬୦୦ରୁ ଅଧିକ ଆବେଦନ ଆସିଥିବା ବେଳେ ବିସିସିଆଇର କ୍ରିକେଟ୍ ଉପଦେଷ୍ଟା କମିଟି ପକ୍ଷରୁ ଏହି ୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ସୁଲକ୍ଷଣା ନାଏକ, ଅଶୋକ ମାଲହୋତ୍ରା ଓ ଯତୀନ ପରାଞ୍ଜପେ ଏହି କମିଟିର ସଦସ୍ୟ ରହିଛନ୍ତି। ୧୧ ଜଣ ଖେଳାଳିଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ମନୋନୀତ କରାଯାଇଥିବା ବେଳେ ଏହି ଖେଳାଳିଙ୍କୁ ଚୟନ କରାଯାଇଛି। ପୂର୍ବତନ ଚୟନ କମିଟି ମୁଖ୍ୟ ରହିଥିବା ଚେତନ ଶର୍ମାଙ୍କୁ ଚୟନ କମିଟି ମୁଖ୍ୟର ଗୁରୁଦାୟିତ୍ୱ ପୁନର୍ବାର ପ୍ରଦାନ କରାଯାଇଥିବା ବେଳେ ପୂର୍ବାଞ୍ଚଳରୁ ସୁବ୍ରତୋ ବାନାର୍ଜୀ, ପଶ୍ଚିମାଞ୍ଚଳରୁ ସଲିଲ ଅଙ୍କୋଲା ଓ ଦକ୍ଷିଣାଞ୍ଚଳରୁ ସିଦ୍ଧାର୍ଥ ଶରଥଙ୍କୁ ମନୋନୀତ କରାଯାଇଛି। ବର୍ତ୍ତମାନର ଚୟନ କମିଟି ନିକଟରେ ୪୮ ଟେଷ୍ଟ ଓ ୯୫ ଦିନିକିଆ ଖେଳିବାର ଅଭିଜ୍ଞତା ରହିଛି। ଚେତନ ଶର୍ମା ଓ ଶିବସୁନ୍ଦର ଦାସ ୨୩ଟି ଲେଖାଏ ଟେଷ୍ଟ ମ୍ୟାଚ ଖେଳିଥିବା ବେଳେ ସଲିଲ ଅଙ୍କୋଲା ଓ ସୁବ୍ରତୋ ବାନାର୍ଜୀ ଗୋଟିଏ ଲେଖାଏ ଟେଷ୍ଟ ଖେଳିଛନ୍ତି। ଚେତନ ଶର୍ମା ୬୫ ଦିନିକିଆରେ ଜାତୀୟ ଦଳର ପ୍ରତିନିଧିତ୍ୱ କରିଥିବା ବେଳେ ସଲିଲ ଅଙ୍କୋଲା, ସୁବ୍ରତୋ ବାନାର୍ଜୀ ଓ ଶିବସୁନ୍ଦର ଦାସ ଯଥାକ୍ରମେ ୨୦, ୬ ଓ ୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ସିଦ୍ଧାର୍ଥ ଶରଥ ୧୩୯ ପ୍ରଥମ ଶ୍ରେଣୀ ମ୍ୟାଚରୁ ୫୧ ଆଭରେଜ ସହିତ ୮୭୦୦ ରନ୍ କରିଥିବା ବେଳେ ଗୋଟିଏ ବି ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରୁ ଏକମାତ୍ର ଖେଳାଳି ଭାବରେ ଶିବସୁନ୍ଦର ଦାସ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଛନ୍ତି। ଶିବସୁନ୍ଦର ଭାରତ ପାଇଁ ୨୩ଟି ଟେଷ୍ଟ ଓ ୪ଟି ଦିନିକିଆ ମ୍ୟାଚ ଖେଳିଥିବା ବେଳେ ୧୮୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଓ ୮୧ଟି ଲିଷ୍ଟ ଏ' ମ୍ୟାଚ ଖେଳିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେସେ ୩୦୦*ର ସର୍ବୋଚ୍ଚ ସ୍କୋର ସହିତ ୧୦୯୦୮ ରନ୍ ଓ ଲିଷ୍ଟ ଏ'ରେ ୨୪୨୧ ରନ୍ କରିଛନ୍ତି।

**ସଂକ୍ଷେପରେ ଶିବସୁନ୍ଦରଙ୍କ କ୍ୟାରିୟର**

| ଫର୍ମାଟ | ମ୍ୟାଚ୍ | ରନ୍ | ଶତକ | ଅର୍ଦ୍ଧଶତକ | ସର୍ବୋଚ୍ଚ ସ୍କୋର |
|---|---|---|---|---|---|
| ଟେଷ୍ଟ | ୨୩ | ୧୩୨୬ | ୨ | ୯ | ୧୧୦ |
| ଦିନିକିଆ | ୪ | ୩୯ | ୦ | ୦ | ୩୦ |
| ପ୍ରଥମ ଶ୍ରେଣୀ | ୧୮୦ | ୧୦୯୦୮ | ୨୪ | ୫୨ | ୩୦୦* |
| ଲିଷ୍ଟ ଏ | ୮୧ | ୨୪୨୧ | ୪ | ୧୩ | ୧୩୩ |



ହକି ବିଶ୍ୱକପ୍ ୨୦୨୩ ଉଦ୍‌ଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତ ବାରବାଟୀ ଷ୍ଟାଡିୟମ।



ହକି ବିଶ୍ୱକପ୍ ୨୦୨୩ ପାଇଁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ଦଳ।

## ରାଉରକେଲାରେ ପହଞ୍ଚିଲା ନ୍ୟୁଜିଲାଣ୍ଡ, ମାଲେସିଆ ହକି ଦଳ

**ରାଉରକେଲା ଅଫିସ,୭।୧**

ପୁରୁଷ ହକି ବିଶ୍ୱକପ୍‌କୁ ଆଉ ୫ଦିନ ବାକି ଥିବାବେଳେ ରାଉରକେଲାରେ କେବଳ ଭାରତୀୟ ହକି ଦଳର ଖେଳାଳିମାନେ ପହଞ୍ଚି ବିର୍ସାମୁଣ୍ଡା ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଛନ୍ତି। ଶନିବାର ଦୁଇଟି ଚାର୍ଟାଡ୍ ପ୍ଲେନ ଯୋଗେ ନ୍ୟୁଜିଲାଣ୍ଡ ଓ ମ୍ୟାଲେସିଆ ଦଳର ଖେଳାଳିମାନେ ରାଉରକେଲାରେ ପହଞ୍ଚିଥିଲେ। ପ୍ରଥମେ ଅପରାହ୍ନ ୧ଟା ୧୦ରେ ନ୍ୟୁଜିଲାଣ୍ଡ ଦଳ ପହଞ୍ଚିଥିଲା। କୋଚ୍ ଗ୍ରେଗ୍ ନିକୋଲ ଓ ଅଧିନାୟକ କେୟାର ଟରାଣ୍ଟୋଙ୍କ ସହ ଦଳର ଅନ୍ୟ ଖେଳାଳିମାନେ ପହଞ୍ଚିବା ପରେ ନିବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ମିଳିଥିଲା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଏଠାରେ ଖେଳିବାକୁ ନେଇ ଉଭୟ ବେଶ୍ ଉତ୍କଣ୍ଠା ପ୍ରକାଶ କରିଥିଲେ। ଜିଲାରେ ହକିପ୍ରେମୀଙ୍କ ସମର୍ଥନ ଓ ପାଗ ଅନୁକୂଳ ଥିବାରୁ ଏଠାରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ନିକୋଲ ମତପ୍ରକାଶ କରିଥିଲେ। ପରେ ଦଳର ସମସ୍ତ ଖେଳାଳି ଭଲ୍‌ଭୋ ବସ୍ ଯୋଗେ ବିର୍ସାମୁଣ୍ଡା ଷ୍ଟାଡିୟମର ହକି ଭିଲେଜରେ ଥିବା 'ଏ' ବ୍ଲକ ହୋଟେଲ ପରିସରକୁ ଯାଇଥିଲେ। ସେହିପରି ମ୍ୟାଲେସିଆ ଦଳ ଅପରାହ୍ନ ୩ଟା ୩୦ରେ ବିମାନବନ୍ଦରରେ ପହଞ୍ଚିଥିଲା। ଦଳର ସମସ୍ତ ଖେଳାଳିଙ୍କୁ ଜିଲା ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବଳୟରେ ଷ୍ଟାଡିୟମ ପରିସରକୁ ନିଆଯାଇଥିଲା।

## ଟି୨୦ ସିରିଜ୍ ଜିତିଲା ଭାରତ

**ରାଜକୋଟ,୭।୧ (ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ଶତକ ବଳରେ ଶ୍ରୀଲଙ୍କା ବିପକ୍ଷ ୩ୟ ଟି ୨୦ କ୍ରିକେଟ ମ୍ୟାଚ୍‌କୁ ଭାରତ ୯୧ରେ ଜିତି ୨-୧ରେ ସିରଜ୍ ବିଜୟୀ ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ଶତକ ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ

### ସୂର୍ଯ୍ୟକୁମାରଙ୍କ ଶତକ

୨୨୯ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ଭାରତୀୟ ବୋଲରଙ୍କ ମୁକାବିଲା କରି ନ ପାରି ୧୬.୪ ଓଭରରେ ୧୩୭ ରନରେ ଅଲଆଉଟ ହୋଇଥିଲା। ଟି୨୦ରେ ନମ୍ବରୱାନ୍ ସୂର୍ଯ୍ୟକୁମାର ନିଜ କ୍ୟାରିୟରର ୪୫ତମ ଟି୨୦ ମ୍ୟାଚରେ ତୃତୀୟ ଅନ୍ତର୍ଜାତୀୟ ଶତକ ହାସଲ କରିବା ସହ ଖେଳିଥିଲେ ୧୧୨ ରନର ଇନିଂସ। ରାଜକୋଟରେ ଖେଳାଯାଇଥିବା ଏହି ମ୍ୟାଚରେ ଇଶାନ କିଶନ୍(୨) ପ୍ରଥମ ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ରାହୁଲ୍ ତ୍ରିପାଠୀ(୩୫) ଓ ଶୁବମନ୍ ଗିଲ୍(୪୬) ଦ୍ୱିତୀୟ ଉଇକେଟରେ



ଶତକୀୟ ଇନିଂସ ଅବସରରେ ସ୍କୁପ୍ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

୪୯ ରନ୍ ଯୋଡିଥିଲେ। କ୍ୟାରିୟରର ଦ୍ୱିତୀୟ ଟି୨୦ ଖେଳୁଥିବା ତ୍ରିପାଠୀ ୧୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିବା ବେଳେ ଗିଲ୍ ୩୬ ବଲ୍ ଖେଳି ୨ଚୌକା ଓ ୩ ଛକା ମାରିଥିଲେ। ଗିଲ୍‌ଙ୍କ ସହିତ ତୃତୀୟ ଉଇକେଟରେ ୧୧୧ ରନ୍ ଯୋଡି ସୂର୍ଯ୍ୟକୁମାର ଭାରତକୁ ବୃହତ୍ ସ୍କୋର ଆଡ଼କୁ ଅଗ୍ରସର କରାଇଥିଲେ। ଦୀପକ ହୁଡା ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ୪ ରନ୍ ଲେଖାଏ କରି ପ୍ୟାଭିଲିୟନ୍ ଫେରିଥିଲେ। ଅକ୍ଷର ପଟେଲ କିନ୍ତୁ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ମାତ୍ର ୯ ବଲ ଖେଳି ୨୧ ରନ୍ କରିବା ସହିତ ସୂର୍ଯ୍ୟକୁମାରଙ୍କ ସହିତ ଯୋଡିଥିଲେ ଅବିଭାଜିତ ୪୦ ରନ୍। ଶେଷ ଯାଏ ଅପରାଜିତ ରହିଥିବା ସୂର୍ଯ୍ୟକୁମାର ୫୧ ବଲ୍‌ରୁ ୧୧୨ ରନ୍ ସଂଗ୍ରହ କରିଥିଲେ। ଏହି ଇନିଂସରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଦୁଶଙ୍କା ୨ ଉଇକେଟ ନେଇଥିବା ବେଳେ କସୁନ୍ ରଜିଥା, ଚାମିକା କରୁଣରତ୍ନେ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ମିଳିଥିଲା ଗୋଟିଏ ଲେଖାଏ ଉଇକେଟ। ୨୩୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ୧୩୭ ରନରେ ସୀମିତ ରହିଥିଲା। ଦୁଇ ଓପନର ପାଥୁମ୍ ନିଶଙ୍କା(୧୫) ଓ କୁଶାଲ ମେଣ୍ଡିସ୍(୨୩) ପ୍ରଥମ ଉଇକେଟରେ ୪୪ ରନ୍ ଯୋଡିଥିଲେ। ତେବେ ୪ ବଲ ବ୍ୟବଧାନରେ ଉଭୟ ଖେଳାଳି ଆଉଟ ହୋଇଥିଲେ। ମଧ୍ୟକ୍ରମରେ ଧନଞ୍ଜୟ ଡି ସିଲ୍‌ଭା(୨୨), ଚରିଥ୍ ଅସଲଙ୍କା(୧୯) ଓ ଦଶୁନ୍ ସନକା(୨୩) ଭଲ ଆରମ୍ଭ କରିଥିଲେ ହେଁ ଲମ୍ବା ଇନିଂସ୍ ଖେଳିପାରି ନ ଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ୩, ୟୁଜବେନ୍ଦ୍ର ଚହଲ, ଉମ୍ରାନ୍ ମଲିକ୍ ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିବା ବେଳେ ଅକ୍ଷର ପଟେଲଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୨୯/୫ (ସୂର୍ଯ୍ୟକୁମାର ଯାଦବ-୧୧୨*, ଶୁବମାନ ଗିଲ୍-୪୬, ରାହୁଲ ତ୍ରିପାଠୀ-୩୫, ଅକ୍ଷର ପଟେଲ-୨୧*, ଦିଲଶାନ ମଦୁଶଙ୍କା-୨/୫୫, କସୁନ୍ ରଜିଥା-୧/୩୫, ୱାନିନ୍ଦୁ ହସରଙ୍ଗା-୧/୩୬)। ଶ୍ରୀଲଙ୍କା ୧୬.୪ ଓଭରରେ ୧୩୭/୧୦ ( ଦାସୁନ ଶନକା-୨୩, କୁଶାଲ ମେଣ୍ଡିସ୍-୨୩, ଅଭିଷ୍କା ଫର୍ନାଣ୍ଡୋ-୨୨, ଅର୍ଶଦୀପ ସିଂ-୩/୨୦, ୟୁଜବେନ୍ଦ୍ର ଚହଲ -୨/୩୦, ହାର୍ଦ୍ଦିକ୍ ପାଣ୍ଡ୍ୟା-୨/୩୦)।

## ୨୦୨୬ ଯାଏ ବଢ଼ିଲା ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ



**ପ୍ୟାରିସ୍,୭।୧(ପି.ଟି.)**

ଫ୍ରାନ୍ସ ଜାତୀୟ ଫୁଟବଲ ଦଳର ମୁଖ୍ୟ କୋଚ ରହିଥିବା ଡିଡିଏର ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ ଶନିବାର ବୃଦ୍ଧି କରାଯାଇଛି। ଆସନ୍ତା ବିଶ୍ୱକପ୍ ଯାଏ ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିବା ନେଇ ଫ୍ରେଞ୍ଚ ଫୁଟବଲ ଫେଡେରେଶନ ପକ୍ଷରୁ କୁହାଯାଇଛି। ୧୯୯୮ରେ ବିଶ୍ୱକପ୍ ବିଜୟୀ ଫ୍ରାନ୍ସ ଦଳର ସେ ଅଧିନାୟକ ରହିଥିବା ବେଳେ ୨୦୧୨ ପରଠାରୁ ସେ ଫ୍ରାନ୍ସ ଜାତୀୟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୮ରେ ଫ୍ରାନ୍ସ ଦଳ କ୍ରୋଏସିଆକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଚଳିତ ସଂସ୍କରଣରେ ଆର୍ଜେଣ୍ଟିନା ନିକଟରୁ ହାରି ଦଳ ରନର୍ସଅପ୍ ରହିଥିଲା। ବିଶ୍ୱକପ୍ ଫାଇନାଲରେ ପରାଜୟ ପରେ ଡେଶ୍ଚାମ୍ପଙ୍କ ବିଦା ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୩-୩ରେ ରହିବା ପରେ ପେନାଲ୍ଟି ଶୁଟଆଉଟରେ ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।

## ପନ୍ତଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର



**ନୂଆଦିଲ୍ଲୀ, ୭।୧(ପି.ଟି.)**

ଲିଗାମେଣ୍ଟ ଇଞ୍ଜୁରୀ ପାଇଁ ମୁମ୍ବାଇସ୍ଥିତ ଏକ ହସ୍ପିଟାଲରେ ଭାରତୀୟ ଉଇକେଟକିପର ବ୍ୟାଟର ରିଷଭ ପନ୍ତଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଏହା ଜଣାପଡ଼ିଛି। ଗତ ସପ୍ତାହରେ ଏକ ଭୟଙ୍କର କାର୍ ଦୁର୍ଘଟଣାରେ ପନ୍ତ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେ କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ। ବର୍ତ୍ତମାନ ସେ ପର୍ଯ୍ୟବେକ୍ଷଣରେ ରହିବେ। ଡାକ୍ତର ଦିନ୍‌ଶ ପାର୍ଡିୱାଲାଙ୍କ ପରାମର୍ଶ କ୍ରମେ ରିଷଭଙ୍କ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଖବର ଅନୁସାରେ ଅନ୍ଧେରୀ ୱେଷ୍ଟସ୍ଥିତ କୋକିଳବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଡାକ୍ତର ପାର୍ଡିୱାଲାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ପନ୍ତଙ୍କ ପକ୍ଷେ କମର୍ସିଆଲ ଏୟାରଲାଇନ୍‌ରେ ଯାତ୍ରା ସମ୍ଭବ ନ ଥିବାରୁ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଡେରାଡୁନ୍‌ରୁ ମୁମ୍ବାଇ ଅଣାଯାଇଥିଲା। ସୂଚନାଯୋଗ୍ୟ, ୨୫ ବର୍ଷୀୟ ପନ୍ତ ତାଙ୍କ ପରିବାରକୁ ସରପ୍ରାଇଜ୍ ଦେବା ଲାଗି ଡିସେମ୍ବର ୩୦ ପ୍ରତ୍ୟୁଷରେ ନିଜ କାର୍‌ରେ ଦିଲ୍ଲୀରୁ ରୁର୍କି ଯାତ୍ରା କରୁଥିଲେ। ଦ୍ରୁତ ଗତିରେ ଯାଉଥିବା ତାଙ୍କ କାର୍‌ଟି ଡିଭାଇଡ଼ରରେ ବାଜି ସେଥିରେ ନିଆଁ ଲାଗିଯାଇଥିଲା। ପନ୍ତଙ୍କ ଶରୀରରେ ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା।






## ଅବସର ନେବେ ସାନିଆ ମିର୍ଜା



**ନୂଆଦିଲ୍ଲୀ, ୭।୧ (ପି.ଟି.)**

ଭାରତର ଭେଟେରାନ୍ ଟେନିସ୍ ଖେଳାଳି ସାନିଆ ମିର୍ଜା ଅବସର ନେବେ। ଆସନ୍ତା ମାସରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ତାଙ୍କର ଶେଷ ଟୁର୍ନାମେଣ୍ଟ ହେବ। ପୂର୍ବତନ ଡବଲ୍ସ ନମ୍ବର ୱାନ୍ ଖେଳାଳି ଡବ୍ଲ୍ୟୁଟିଏ (ଓମେନ୍ସ ଟେନିସ୍ ଆସୋସିଏଶନ)କୁ ତାଙ୍କର ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ସାନିଆ ଗତ ସିଜନରେ ଟେନିସ୍ ଛାଡ଼ିବେ ବୋଲି ମନସ୍ଥ କରିଥିଲେ। କିନ୍ତୁ କହୁଣିରେ ଆଘାତ ଲାଗିବାରୁ ସେ ୟୁଏସ୍ ଓପନ ଖେଳିପାରି ନ ଥିଲେ। ଡବ୍ଲ୍ୟୁଟିଏ ଫାଇନାଲ୍ସ ଖେଳିସାରିବା ପରେ ଅବସର ନେବା ତାଙ୍କ ପାଇଁ ପ୍ରକୃଷ୍ଟ ସମୟ ହେବ ବୋଲି ସେ ବିଚାର କରିଥିଲେ। ମାତ୍ର ତାହା ମଧ୍ୟ ହୋଇପାରି ନ ଥିଲା। ଫଳରେ ସେ ୨୦୨୩ରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ପରେ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ୩୬ ବର୍ଷୀୟା ସାନିଆ ପାକିସ୍ତାନ କ୍ରିକେଟର ଶୋଏବ ମଲିକଙ୍କୁ ବିବାହ କରିବା ପରେ ଦଶନ୍ଧି ହେବ ଦୁବାଇରେ ଅବସ୍ଥାନ କରି ଆସୁଛନ୍ତି। ସାନିଆ ତାଙ୍କ କ୍ୟାରିୟରରେ ୬ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତନ୍ମଧ୍ୟରେ ୩ଟି ଡବଲ୍ସ ଓ ୩ଟି ମିକ୍ସଡ ଡବଲ୍ସ ଟାଇଟଲ ରହିଛି। ଚଳିତ ମାସରେ ସେ କାଜାଖସ୍ତାନର ଆନ୍ନା ଡାନିଲିନାଙ୍କୁ ସାଥି କରି ଅଷ୍ଟ୍ରେଲିଆନ ଓପନ୍ ଖେଳିବେ। ସାନିଆ କହିଛନ୍ତି, ବହୁ ଦିନ ହେଲା ତାଙ୍କ ପେଣ୍ଡା ମାଂସପେଶୀରେ ସମସ୍ୟା ରହିଛି। ତାଙ୍କ ଫେୟାରୱେଲ ଯୋଜନାରେ ଏହା ବାଧା ସୃଷ୍ଟି କରିବ ନାହିଁ ବୋଲି ଆଶା ପ୍ରକାଶ କରିଛନ୍ତି। ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ହେଉଛି ଏକ ଡବ୍ଲ୍ୟୁଟିଏ ୧୦୦୦ ଇଭେଣ୍ଟ। ଏହା ଫେବୃୟାରୀ ୧୯ରେ ଆରମ୍ଭ ହେବ।

### ସଂକ୍ଷେପରେ ସାନିଆଙ୍କ କ୍ୟାରିୟର

- ସିଙ୍ଗଲ୍ସ ଟାଇଟଲ -୧
- ଡବଲ୍ସ/ମିକ୍ସଡ ଡବଲ୍ସ-୪୩
- ସିଙ୍ଗଲ୍ସ ବିଜୟ ପରାଜୟ- ୨୭୧-୧୬୧(୬୨.୭%)
- ଡବଲ୍ସ/ମିକ୍ସଡ ଡବଲ୍ସ ବିଜୟ ପରାଜୟ-୫୪୩- ୨୪୨(୬୮.୭%)
- ଶ୍ରେଷ୍ଠ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ-୨୭
- ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ-୧
- କ୍ୟାରିୟର ଗ୍ରାଣ୍ଡସ୍ଲାମ-୬
- ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୱିମ୍ବଲଡନ (୨୦୧୫), ୟୁଏସ୍ ଓପନ୍ (୨୦୧୫), ଅଷ୍ଟ୍ରେଲିଆନ ଓପନ (୨୦୧୬)
- ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୟୁଏସ୍ ଓପନ୍ (୨୦୧୪), ଅଷ୍ଟ୍ରେଲିଆନ ଓପନ (୨୦୦୯), ଫ୍ରେଞ୍ଚ ଓପନ (୨୦୧୨)
- କ୍ୟାରିୟର ପୁରସ୍କାର ରାଶି- ୭୨,୧୫,୯୮୪ ଡଲାର

## ୨୬ ଜଣିଆ ଭାରତୀୟ ଦଳ ମନୋନୀତ

**ନୂଆଦିଲ୍ଲୀ, ୭।୧(ପି.ଟି.)**

ଫେବୃୟାରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ୧୦ମ ଏସିଆନ୍ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ କାଜାଖସ୍ତାନର ଅଷ୍ଟାନାରେ ହେବ। ଏଥିପାଇଁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଶନିବାର ୨୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ୧୩ ପୁରୁଷ ଏବଂ ସମାନ ସଂଖ୍ୟକ ମହିଳା ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦୨୦ ଟୋକିଓ ଅଲିମ୍ପିଆନ ତେଜିନ୍ଦରପାଲ୍ ସିଂ ତୁର୍ ଓ ମହିଳା ୧୦୦ମିଟର ହର୍ଡଲ୍ସ ଜାତୀୟ ରେକର୍ଡ ଅଧିକାରିଣୀ ଜ୍ୟୋତି ୟାରାଜୀ ଅଛନ୍ତି। ୩୬ତମ ନ୍ୟାଶନାଲ ଗେମ୍ସ ଓ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ରେ ପ୍ରଦର୍ଶନକୁ ଭିତ୍ତି କରି ଏହି ଆଥଲେଟ୍‌ମାନଙ୍କୁ ମନୋନୀତ କରାଯାଇଥିବା ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲ ପ୍ରକାଶ କରିଛନ୍ତି। ଗତ ସଂସ୍କରଣରେ ଭାରତ ୪ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସମେତ ୬ ପଦକ ଜିତିପାରିଥିଲା।

### ଏସିଆନ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

**ଭାରତୀୟ ଦଳ ( ପୁରୁଷ):** ଏଲାକିୟା ଦସନ (୬୦ମିଟର), ଅମ୍ଲାନ ବର୍ଗୋହେନ୍ (୬୦ମିଟର), ତେଜାସ ଶୀର୍ଷେ (୬୦ମିଟର ହର୍ଡଲ୍ସ), ସର୍ବେଶ ଅନିଲ କୁଶାରେ (ହାଇଜମ୍ପ), ଅରୋମାଲ ଟି' (ହାଇଜମ୍ପ), ଶିବ ସୁବ୍ରମଣ୍ୟମ (ପୋଲ୍‌ଭଲ୍ଟ), ପ୍ରଶାନ୍ତ ସିଂ କହ୍ନେୟା (ପୋଲ୍ ଭଲ୍ଟ), ଜେସ୍ୱିନ ଆଲ୍‌ଡ୍ରିନ୍ (ଲଙ୍ଗଜମ୍ପ), ମହମ୍ମଦ ଆନିସ ୟାହିୟା (ଲଙ୍ଗ୍‌ଜମ୍ପ), ପ୍ରବୀଣ ଚିତ୍ରାଭେଲ୍ (ଟ୍ରିପଲ ଜମ୍ପ), ଅରୁଣ ଏବି (ଟ୍ରିପଲ ଜମ୍ପ), ତେଜିନ୍ଦର ପାଲ୍ ସିଂ ତୁର୍ (ଶଟ୍‌ପୁଟ୍), କର୍ଣ୍ଣବୀର ସିଂ (ଶଟ୍‌ପୁଟ୍)।

**ମହିଳା ଦଳ:** ଜ୍ୟୋତି ୟାରାଜୀ (୬୦ମିଟର ଓ ୬୦ ମିଟର ହର୍ଡଲ୍ସ), ଅର୍ଚ୍ଚନା ସୁସିନ୍ଦ୍ରାନ୍ (୬୦ମିଟର), ସପ୍ନା କୁମାରୀ (୬୦ମିଟର ହର୍ଡଲ୍ସ), ଅଭିନୟା ଶେଟ୍ଟି (ହାଇଜମ୍ପ), ରୋଜି ମୀନା ପଲ୍‌ରାଜ (ପୋଲ୍‌ଭଲ୍ଟ), ପବିତ୍ରା ଭେଙ୍କଟେଶ (ପୋଲ୍‌ଭଲ୍ଟ), ଶୈଳୀ ସିଂ (ଲଙ୍ଗଜମ୍ପ), ନୟନା ଜେମ୍ସ (ଲଙ୍ଗଜମ୍ପ), ଶିନା ଏନ୍‌ଭି (ଟ୍ରିପଲ ଜମ୍ପ), ପୂର୍ବା ହିତେଶ ସାୱନ୍ତ (ଟ୍ରିପଲ ଜମ୍ପ), ଆଭା ଖଟୁଆ (ଶଟ୍‌ପୁଟ୍), ସ୍ୱପ୍ନା ବର୍ମନ (ପେଣ୍ଟାଥଲନ), ସୌମ୍ୟା ମୁରୁଗାନ୍ (ପେଣ୍ଟାଥଲନ)।

## ଇଷ୍ଟବେଙ୍ଗଲକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୩-୧ ଗୋଲ୍‌ରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ହରାଇ ଦେଇଛି। ଦଳ ପକ୍ଷରୁ ଡିଏଗୋ ମରିସିଓ ଦୁଇଟି ଗୋଲ୍ ୨୨ତମ ଓ ୫୩ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ନନ୍ଦ କୁମାର (୪୫+୨) ଗୋଟିଏ ଗୋଲ୍ ଦେଇଥିଲେ। ଇଷ୍ଟ ବେଙ୍ଗଲ ତରଫରୁ କ୍ଲିଟନ ସିଲ୍‌ଭା ୧୦ମ ମିନିଟରେ ଏକମାତ୍ର ସ୍କୋର କରିଥିଲେ। ଏହି ବିଜୟ ପରେ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୧୩ଟି ମ୍ୟାଚ୍‌ରୁ ୭ ବିଜୟ, ୫ ପରାଜୟ ଏବଂ ଗୋଟିଏ ଡ୍ର ସହ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଷ୍ଟ ବେଙ୍ଗଲ ଖେଳିସାରିଥିବା ୧୨ଟି ମ୍ୟାଚରୁ ୪ ବିଜୟ ଓ ୮ ପରାଜୟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ଅଛି। ଶନିବାର ଜାମ୍‌ସେଦ୍‌ପୁରଠାରେ ଚେନ୍ନାଇନ୍ ଏଫ୍‌ସି ଓ ଜାମ୍‌ସେଦ୍‌ପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି।



ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ମାଲେସିଆ ହକି ଦଳ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ